
ସୃଷ୍ଟି ଶ୍ରେଷ୍ଠ ମହିଳା ସାଇକ୍ଲିଷ୍ଟ
▶ପୃଷ୍ଠା ୧୨ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-51 •FRIDAY •14 AUGUST 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୪ •ସଂଖ୍ୟା-୫୧ •ଶୁକ୍ରବାର •୧୪ ଅଗଷ୍ଟ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# ବର୍ଷା ବିପ୍ଳବ

## ଦିନକରେ ନାକେଦମ୍

■ ଭୁବନେଶ୍ୱର, ୧୩।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇଛି। ଏହାର ପ୍ରଭାବରେଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହୋଇଛି। ସେହିପରି କେନ୍ଦୁଝର ଓ ଭଦ୍ରକରେ ମଧ୍ୟ କିଛିକାଂଶରେ ବର୍ଷା ପ୍ରଭାବ ପକାଇଛି। ଫଳରେ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ଏବେ ପୁଣି ଥରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ସନ୍ଧ୍ୟା ସୁଦ୍ଧା ବୈତରଣୀ ନଦୀ ଆଖୁଆପଦାଠାରେ ସତର୍କ ସଙ୍କେତ ପାର୍ କରିଛି, ସେହିପରି ବୁଢ଼ାବଳଙ୍ଗ ମଧ୍ୟ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି ଓ ଜଳକା ଏବେ ବିପଦ ସଙ୍କେତ ଟପିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ଭୋଗରାଇରେ ସର୍ବାଧିକ ୨୩୬ ମିମି ବର୍ଷା ହୋଇଥିବା ବେଳେ ସମାଖୁଣ୍ଟାରେ ୨୩୦ ମିମି, ବାରିପଦାରେ ୨୧୫.୨ ମିମି ଏବଂ ରାଜଘାଟରେ ୨୦୪.୮ ମିମି ବର୍ଷା ରେକର୍ଡ ହୋଇଛି।୍ ୪ଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ, ୧୫ଟି ସ୍ଥାନରେ ଅତି ପ୍ରବଳ ଏବଂ ୧୬ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି।

ଏହି ବର୍ଷା ଯୋଗୁଁ ବଡ଼ ବନ୍ୟା ଆଶଙ୍କା ନ ଥିଲେ ବି ତଳିଆ ଅଞ୍ଚଳରେ ପାଣି ଜମିବା ଆଶଙ୍କା ଦେଖା ଦେଇଛି ବୋଲି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ କହିଛନ୍ତି। ଜଳକା, ସାଳନ୍ଦୀ ଓ ବୈତରଣୀ ନଦୀ ଉପରେ ଏବେ ସତର୍କ ନଜର ରହିଛି। ବିଶେଷ କରି ତିହିଡ଼ି, ଚାନ୍ଦବାଲି, ବାଲେଶ୍ୱର ସଦର, ବସ୍ତା ▶ପୃଷ୍ଠା-୭


କେନ୍ଦୁଝର: ଭୀମକୁଣ୍ଡରେ ବୈତରଣୀର ଭୀମ ଗର୍ଜନ


ବାରିପଦା: ଘରେ ପଶିଲା ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା; ଗଛ ଉପରେ ବିପନ୍ନ

### ବଢୁଛି ବୈତରଣୀ, ବୁଢ଼ାବଳଙ୍ଗ, ଜଳକା

### ପୁଣି ଉତ୍ତର ଓଡ଼ିଶାରେ ବନ୍ୟା ଭୟ

### ୧୯ ବେଳକୁ ଆଉ ଏକ ଲଘୁଚାପ

## ବନ୍ୟାରେ ଭାସିଯାଇ ଯୁବକ ମୃତ

■ ରାଉରକେଲା, ୧୩।୮ (ସମିସ): ସ୍ଥାନୀୟ ପାନପୋଷ ବସ୍ତି ଅନ୍ତର୍ଗତ ପୁରୁଣା ହାଟ ନିକଟରେ ବନ୍ୟା ଜଳରେ ଭାସିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କ୍ରିଷ୍ଣା ଚିକ୍ ବେଡେକ(୪୦)। ଗୁରୁବାର ସକାଳୁ ଅବିଶ୍ରାନ୍ତ ବର୍ଷା ଯୋଗୁଁ ପାନପୋଷ ବସ୍ତିର ପୁରୁଣା ହାଟ ପାଖରୁ ଛେଣ୍ଡ ରେଳ ଫାଟକ ପର୍ଯ୍ୟନ୍ତ ଅଞ୍ଚଳ ଜଳାର୍ଣ୍ଣବ ହୋଇ ଯାଇଥିଲା। ଉକ୍ତ ସ୍ଥାନରେ ୪ ଫୁଟର ପାଣି ଲହଡ଼ି ଭାଙ୍ଗୁଥିଲା। କୌଣସି କାମରେ କ୍ରିଷ୍ଣା ଚାଲି ଚାଲି ରାସ୍ତା ପାର ହେଉଥିବା ବେଳେ ବର୍ଷା ଜଳରେ ଭାସି ନିଖୋଜ ହୋଇ ▶ପୃଷ୍ଠା-୭

### ସଂସଦର ଉଭୟ ଗୃହରେ ଏମ୍‌ଏମ୍‌ଡିଆର୍ ସଂଶୋଧନ ବିଲ୍ ଧ୍ୱନି ମତରେ ଗୃହୀତ

# ଓଡ଼ିଶାର ଆର୍ଥିକ ସ୍ୱାତନ୍ତ୍ର୍ୟତା ଉପରେ ଅଙ୍କୁଶ

■ ଭୁବନେଶ୍ୱର/ ନୂଆଦିଲ୍ଲୀ, ୧୩।୮ (ସମିସ): ଖଣିଜ ସମ୍ପଦ ଉପରେ ରାଜ୍ୟଗୁଡ଼ିକର ଟିକସ ଆଦାୟ କ୍ଷମତାକୁ ସଂକୁଚିତ କରାଯିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଏମ୍‌ଏମ୍‌ଡ଼ିଆର୍ ସଂଶୋଧନ ବିଲ୍ ୨୦୨୬ ସଂସଦର ଉଭୟ ଗୃହରେ ଧ୍ୱନୀମତରେ ଗୃହୀତ ହୋଇଛି। ବିରୋଧୀଙ୍କ ତୀବ୍ର ବିରୋଧ ଓ ହଟ୍ଟଗୋଳ ମଧ୍ୟରେ ବୁଧବାର ଲୋକସଭାରେ ବିଲ୍ ପାରିତ ହୋଇଥିବାବେଳେ ଗୁରୁବାର ରାଜ୍ୟସଭାରେ ମଧ୍ୟ ବିଲ୍‌କୁ ପାରିତ କରିବାରେ ସରକାର ସକ୍ଷମ ହୋଇଛନ୍ତି। ଯାହାକୁ ନେଇ ଓଡ଼ିଶା ସମେତ ସାରା ଦେଶର ଖଣି ସମୃଦ୍ଧ ରାଜ୍ୟଗୁଡ଼ିକରେ ପ୍ରତିବାଦର ସ୍ୱର ତୀବ୍ର ହୋଇଛି। ବିଲ୍‌ରେ ଥିବା ନୂଆ ବ୍ୟବସ୍ଥା ୨୦୨୪ରେ ସୁପ୍ରିମକୋର୍ଟଙ୍କ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠଙ୍କ ରାୟର ଖୋଲା ଉଲ୍ଲଂଘନ କରିଥିବା ବିରୋଧୀ ଅଭିଯୋଗ କରିଛନ୍ତି । ଏହା ସହ ଏହି ବିଲ୍ ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାତନ୍ତ୍ର୍ୟତା ଓ କ୍ଷମତା ଉପରେ ଅଙ୍କୁଶ ଲଗାଇବା ପାଇଁ ଉଦ୍ଦିଷ୍ଟ ବୋଲି ମଧ୍ୟ କୁହାଯାଉଛି।

### କେନ୍ଦ୍ର ନିୟନ୍ତ୍ରଣରେ ରହିବ ରାଜ୍ୟର ଖଣି ସମୃଦ୍ଧ ଅଞ୍ଚଳ

### କୌଣସି ସେସ୍, ଟିକସ ଆଦାୟ କରିପାରିବନି ରାଜ୍ୟ

### ଓଡ଼ିଶାକୁ ମିଳିବ ନାହିଁ ପୂର୍ବ ବକେୟା ଲକ୍ଷାଧିକ କୋଟି

### ପ୍ରତିବର୍ଷ ରାଜ୍ୟ ହରାଇବ ହଜାର ହଜାର କୋଟି ରାଜସ୍ୱ

ଏମ୍‌ଏମ୍‌ଡ଼ିଆର୍ ଆକ୍ଟ ୧୯୫୭ରେ ରାଜ୍ୟ ସରକାର ଖଣି ଓ ଖଣି ପରିଚାଳନା କରୁଥିବା ସଂସ୍ଥାଠାରୁ ରାଜଭାଗ ଆଦାୟ କରିବା ସହ ଖଣିଜ ଅଧିକାର ଓ ଖଣିଜ ଜମି ଉପରେ କର, ସେସ୍ ଓ ଅନ୍ୟାନ୍ୟ ଲେଭି ଲଗାଇବାର କ୍ଷମତା ପାଇଥିଲେ। ମାତ୍ର କେନ୍ଦ୍ର ▶ପୃଷ୍ଠା-୭

### ବିଲ୍‌କୁ ବିଜେଡିର ତୀବ୍ର ବିରୋଧ

## ଓଡ଼ିଶାର ସ୍ୱାର୍ଥ ବିରୋଧୀ: ମାନସ

■ ନୂଆଦିଲ୍ଲୀ, ୧୩।୮ (ସମିସ): ଏମ୍‌ଏମ୍‌ଡ଼ିଆର୍ ସଂଶୋଧନ ବିଲ୍‌କୁ ରାଜ୍ୟସଭାରେ ତୀବ୍ର ବିରୋଧ କରିଛି ବିଜେଡି। ବିଲ୍ ଆଲୋଚନା ସମୟରେ ସାଂସଦ ମାନସ ମଙ୍ଗରାଜ ବିଲ୍‌କୁ ବିରୋଧ କରିବା ସହ ଏହା ଓଡ଼ିଶା ଓ ଅନ୍ୟ ଖଣିଜ ସମ୍ପଦପୂର୍ଣ୍ଣ ରାଜ୍ୟଗୁଡ଼ିକର ସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରିଛନ୍ତି। ଏହା ସହ ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବାକୁ ମଧ୍ୟ ସେ ଦାବି କରିଛନ୍ତି ।

ଆଲୋଚନାରେ ଭାଗ ନେଇ ସେ କହିଛନ୍ତି ଯେ ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ ଖଣିଜ ଉତ୍ପାଦନକାରୀ ରାଜ୍ୟ। ଲୁହାପଥର, ବକ୍ସାଇଟ୍, ମାଙ୍ଗାନିଜ୍ ସମେତ ବିଭିନ୍ନ ଖଣିଜ ସମ୍ପଦ ଦେଶର ଶିଳ୍ପ ବିକାଶରେ ବଡ଼ ଅବଦାନ ରଖୁଛି। କିନ୍ତୁ ଖଣି ଅଞ୍ଚଳର ଲୋକମାନେ



ଦୀର୍ଘଦିନ ଧରି ପରିବେଶୀୟ ଓ ସାମାଜିକ କ୍ଷତିର ବହୁମୂଲ୍ୟ ଦେଇ ଆସୁଛନ୍ତି । ▶ପୃଷ୍ଠା-୭

## ଏହା ଏକ କଳା ବିଲ୍: ଜୟଦେବ

■ ଭୁବନେଶ୍ୱର, ୧୩।୮ (ସମିସ): ସଂସଦରେ ପାରିତ ହୋଇଥିବା ସଂଶୋଧିତ ଏମ୍‌ଏମ୍‌ଡିଆର୍ ବିଲ୍ ଦ୍ୱାରା ଓଡ଼ିଶା ଭଳି ଖଣିଜ ପ୍ରବଣ ରାଜ୍ୟ ଗୁରୁତର ଭାବେ ପ୍ରଭାବିତ ହେବେ। ଏହାକୁ ନେଇ ଦଳମତ ନିର୍ବିଶେଷରେ ଓଡ଼ିଶାରେ ବିରୋଧ ତୀବ୍ର ହେବାରେ ଲାଗିଛି। ଏହି କ୍ରମରେ ପ୍ରସଙ୍ଗକୁ ନେଇ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଏହି ବିଲ୍‌କୁ କଡ଼ା ବିରୋଧ କରିଛନ୍ତି। ଶ୍ରୀ ଜେନା କହିଛନ୍ତି, ଏହି ବିଲ୍ ଓଡ଼ିଶାବାସୀଙ୍କ ସ୍ୱାର୍ଥ ବିରୋଧୀ। ▶ପୃଷ୍ଠା-୭

### ଛାତ୍ରଙ୍କୁ ପୁଲିସ ବର୍ବରତା, ଦାନ ଚୋରି

# ଧୋଇଗଲା ମୌସୁମୀ ଅଧିବେଶନ

■ ନୂଆଦିଲ୍ଲୀ, ୧୩।୮(ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟର ପ୍ରତିବାଦ କରୁଥିବା ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ଦିଲ୍ଲୀ ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନ ଏବଂ ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ପ୍ରସଙ୍ଗକୁ କେନ୍ଦ୍ର କରି ସଂସଦର ମୌସୁମୀ ଅଧିବଶେନ ବରବାଦ ହୋଇଯାଇଛି। ବନ୍ଦେ ମାତରମ୍‌ର ଗାନ ଏବଂ ମାତ୍ର ୩ ମିନିଟ୍ ୧୦ ସେକେଣ୍ଡର ଶାନ୍ତ ପରିବେଶ ମଧ୍ୟରେ ସମାପ୍ତ ହୋଇଛି ଲୋକସଭାର ମୌସୁମୀ ଅଧିବେଶନ। ନିରବତାର ଏହି ସଂକ୍ଷିପ୍ତ ସମୟ ପରେ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ଉପରୋକ୍ତ ପ୍ରସଙ୍ଗରେ ସମଗ୍ର ଅଧିବେଶନ ବିରୋଧୀଙ୍କ ପ୍ରବଳ ହଙ୍ଗାମା, ସ୍ଲୋଗାନବାଜି, ଅଭିଯୋଗ-ପ୍ରତ୍ୟାଭିଯୋଗ ମଧ୍ୟରେ ଅଚଳ ରହିଥିବା ବେଳେ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ବିନା କୌଣସି ଆଲୋଚନାରେ ପାସ୍ କରାଇ ନେଇଛନ୍ତି।

ମୌସୁମୀ ଅଧିବେଶନର ଶେଷ ଦିବସରେ ଆଜି ସକାଳେ ଗୃହ କାର୍ଯ୍ୟ



### ୩ ମିନିଟର 'ବନ୍ଦେ ମାତରମ୍' ନିରବତା

### ସଂସଦ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ

### ବିନା ଆଲୋଚନାରେ ୧୧ଟି ବିଲ୍ ପାରିତ

ଆରମ୍ଭ ହେବା ମାତ୍ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଲୋକସଭାରେ ଉପସ୍ଥିତ ହୋଇଥିଲେ। ବିରୋଧୀ ସାଂସଦମାନେ 'କ୍ଷମା ପ୍ରାର୍ଥନା କର' ଏବଂ 'ଲାଠିଚାଳନା ନିର୍ଦ୍ଦେଶ କିଏ ଦେଲା' ବୋଲି ▶ପୃଷ୍ଠା-୭

### ଶକ୍ତି ବିଭାଗର ବିଜ୍ଞପ୍ତିକୁ ନେଇ ବିବାଦ

# ପଛ ଦ୍ୱାରରେ ଓଇଆର୍‌ସି ଅଧ୍ୟକ୍ଷ ନିଯୁକ୍ତି ଯୋଜନା !

■ ଭୁବନେଶ୍ୱର, ୧୩।୮ (ସମିସ): ଡିଜି ନିଯୁକ୍ତି ବିବାଦ ଯୋଗୁଁ ଓଡ଼ିଶା ସାରା ଦେଶରେ ଚର୍ଚ୍ଚାର ପରିଧିରେ ରହିଛି। ଏତିକିବେଳେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ରେ ଅଧ୍ୟକ୍ଷ ପଦରେ ନିଯୁକ୍ତି ପାଇଁ ଚାଲିଥିବା ପ୍ରକ୍ରିୟାରେ ଶକ୍ତି ବିଭାଗର ବିଜ୍ଞପ୍ତିକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ନିଜ ପସନ୍ଦର ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ ପଦରେ ବସାଇବା ପାଇଁ ଶାସକ ବିଜେପିର ଗୋଟିଏ ଗୋଷ୍ଠୀ ଉଦ୍ୟମ ଆରମ୍ଭ କରିଛନ୍ତି ଯେଉଁଥିପାଇଁ ଅଧ୍ୟକ୍ଷ ପଦ ପାଇଁ ଆବେଦନ ଅବଧିକୁ ଆଉ ୭ ଦିନ ବୃଦ୍ଧି କରାଯାଇଥିବା ଚର୍ଚ୍ଚା ହେଉଛି।

### କାହା ସ୍ୱାର୍ଥ ପାଇଁ ୭ ଦିନ ବଢ଼ିଲା ଆବେଦନ ଅବଧି

### ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଶକ୍ତି ବିଶେଷଜ୍ଞ

ଗତ ଜୁନ୍ ୨୫ ତାରିଖରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ଅଧ୍ୟକ୍ଷ ପଦରୁ ପ୍ରଦୀପ ଜେନା ଇସ୍ତଫା ଦେଇଥିଲେ। ଓଇଆରସି ଅଧ୍ୟକ୍ଷ ପଦବୀ ପରି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବାରୁ ରାଜ୍ୟରେ ବିଦ୍ୟୁତ୍ କ୍ଷେତ୍ରରେ ଆବଶ୍ୟକୀୟ ସୁଧାର ଏବେ ଅଟକି ରହିଛି। ତେଣୁ ପ୍ରାଥମିକତାର ସହ ପଦ ପୂରଣ ପାଇଁ ସାଧାରଣରେ ଦାବି ହେଉଥିବା ବେଳେ ଶକ୍ତି ବିଭାଗର ଏକ ବିଜ୍ଞପ୍ତି ବିଶେଷଜ୍ଞ ମହଲରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଅଧ୍ୟକ୍ଷ ପଦରେ ନିଯୁକ୍ତି ପାଇଁ ଶକ୍ତି ବିଭାଗ ପକ୍ଷରୁ ଗତ ଜୁଲାଇ ମାସ ୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆଶାୟୀନେ ଅଗଷ୍ଟ ୧୦ ତାରିଖ ମଧ୍ୟରେ ଆଶାୟୀ ନିର୍ଦ୍ଧାରିତ ଫର୍ମାଟରେ ଆବେଦନ କରିବାକୁ ଏଥିରେ କୁହାଯାଇଥିଲା। ଇଚ୍ଛୁକ ପ୍ରାର୍ଥୀଙ୍କର ଇଞ୍ଜିନିୟରିଂ, ଅର୍ଥ, ବାଣିଜ୍ୟ, ଅର୍ଥଶାସ୍ତ୍ର, ଆଇନ ଆଦି ବିଷୟରେ ଅଭିଜ୍ଞତା ଥିବା ନେଇ ବିଜ୍ଞପ୍ତିରେ ଉଲ୍ଲେଖ ରହିଥିଲା। ମିଳିଥିବା ସୂଚନା ଅନୁଯାୟୀ ଏହି ଧାର୍ଯ୍ୟ ୧ ମାସ ମଧ୍ୟରେ ଅନେକ ପ୍ରାର୍ଥୀ ବିଧିବଦ୍ଧ ଭାବରେ ଆବେଦନ କରିଛନ୍ତି। ଏହା ସତ୍ତ୍ୱେ ଶକ୍ତି ବିଭାଗ ଗତ ୧୦ ତାରିଖରେ ଅକସ୍ମାତ ଆଉ ଏକ ବିଜ୍ଞପ୍ତି ପ୍ରକାଶ କରି ଆବେଦନ ଅବଧିକୁ ଆଉ ୭ ଦିନ ଅର୍ଥାତ୍ ଆସନ୍ତା ୧୭ ତାରିଖ ଯାଏଁ ଘୁଞ୍ଚାଇ ଦେଇଛି। ଯାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ୭ ଦିନିଆ ଆବେଦନ ଅବଧ ବୃଦ୍ଧି କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶକ୍ତି ବିଶେଷଜ୍ଞ ଓ ସମୀକ୍ଷକମହଲରେ ହେଉଥିବା ଆଲୋଚନା ଅନୁଯାୟୀ ଏକ ପ୍ରଭାବଶାଳୀ ଗୋଷ୍ଠୀ ନିଜ କୋଟେରୀର ବ୍ୟକ୍ତିବିଶେଷଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥଇଥାନ କରିବାକୁ ଜୋରସୋରରେ ଲାଗି ପଡ଼ିଛନ୍ତି। ଏଥିପାଇଁ ଆବେଦନ ପାଇଁ ସମୟସୀମା ଶେଷ ହୋଇଯାଇଥିବାରୁ ଏହାକୁ ଆଉ ୭ ଦିନ ବୃଦ୍ଧି କରାଯାଇଛି। ▶ପୃଷ୍ଠା-୭

### ଶକ୍ତି ବିଭାଗର ପ୍ରସ୍ତାବିତ ପ୍ରକଳ୍ପ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ


# ୨୦୩୦ ସୁଦ୍ଧା ସବୁଠି ଗୁଣାତ୍ମକ ବିଦ୍ୟୁତ୍ ସେବା

■ ଭୁବନେଶ୍ୱର, ୧୩।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରବାର ଲୋକସେବା ଭବନରେ ଶକ୍ତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ ଦିନରେ ହେବାକୁ ଥିବା ଶକ୍ତି ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ୨୧୦ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ କାର୍ଯ୍ୟକ୍ଷମ ଅଛି। ସେଥିମଧ୍ୟରୁ ଗତ ୨ ବର୍ଷ ମଧ୍ୟରେ ୧୫ଟି ନୂଆ ଗ୍ରୀଡ୍ ସବ୍‌ଷ୍ଟେସନ୍ ସ୍ଥାପନ କରାଯାଇଛି। ସେହିଭଳି ୨ ବର୍ଷ ମଧ୍ୟରେ ୭୮୮.୯୯ ସର୍କିଟ୍ କିଲୋମିଟର ଟ୍ରାନ୍ସମିସନ୍ ଲାଇନ୍ ମଧ୍ୟ ବିଛାଯାଇଛି। ବୈଠକରେ ୨୦୩୦ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଅଞ୍ଚଳକୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଅନୁଗୋଳ ଓ ସୁନ୍ଦରଗଡରେ ୨ଟି ୭୬୫/୪୦୦ କେଭି ଗ୍ରୀଡ୍ ▶ପୃଷ୍ଠା-୭

### ୨ ବର୍ଷ ମଧ୍ୟରେ ହୋଇଛି ୧୫ଟି ନୂଆ ଗ୍ରୀଡ୍ ସବ୍‌ଷ୍ଟେସନ୍ ପ୍ରତିଷ୍ଠା

### ୯ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ





### ଥମୁନାହିଁ ରାଜ୍ୟ ପୁଲିସ ମୁଖିଆ ଚୟନ ବିବାଦ

# ଡିଜିପି ନିଯୁକ୍ତି ଉପରେ 'ସୁପ୍ରିମ' ଅଙ୍କୁଶ

■ ଭୁବନେଶ୍ୱର, ୧୩।୮ (ସମିସ): ରାଜ୍ୟରେ ଡିଜିପି ଚୟନ ଚାଲିଥିବା ବିବାଦ ଧୀରେ ଧୀରେ ରୋମାଞ୍ଚକର ହେବାରେ ଲାଗିଛି। ଆଇନଗତ ଲଢେଇ ଯୋଗୁଁ ପୁରୁଣା ଡିଜିପି ଯିବା ପୂର୍ବରୁ ରାଜ୍ୟରେ ଆଉ ନୂଆ ସ୍ଥାୟୀ ଡିଜିପି ନିଯୁକ୍ତି ହେବାର ସମ୍ଭାବନା ନାହିଁ। ଆସନ୍ତା ଅଗଷ୍ଟ ୧୮ ପର୍ଯ୍ୟନ୍ତ ରାଜ୍ୟର ଡିଜିପି ଚୟନ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇଛନ୍ତି ଓ ୟୁପିଏସ୍‌ସିକୁ କୌଣସି ସୁପାରିସ ନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଆସନ୍ତା ୧୬ ତାରିଖରେ ବର୍ତ୍ତମାନର ଡିଜି ଅବସର ନେଉଥିବାରୁ ସରକାର କାମଚଳା ଡ଼ିଜି ନିଯୁକ୍ତି କରିପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି ।

### କୌଣସି ସୁପାରିସ ନ କରିବାକୁ ୟୁପିଏସ୍‌ସିକୁ ନିର୍ଦ୍ଦେଶ

### ମାର୍ଗଦର୍ଶିକା ଉଲ୍ଲଂଘନ ହୋଇଥିବା ଆମିକସ୍ କ୍ୟୁରିଙ୍କ ସନ୍ଦେହ

### ଜନସ୍ୱାର୍ଥ ମାମଲା ରୁଜୁକୁ ବିରୋଧ କଲେ ରାଜ୍ୟ ସରକାର

### ରାଜ୍ୟରେ କାମଚଳା ଡିଜି ନିଯୁକ୍ତି ନିମନ୍ତେ ପ୍ରକ୍ରିୟା ଆରମ୍ଭ

ରାଜ୍ୟ ପୁଲିସ ମୁଖିଆ ନିଯୁକ୍ତିରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଉଲ୍ଲଂଘନ ହୋଇଥିବା ଅଭିଯୋଗ କରି ଜନସ୍ୱାର୍ଥ ମାମଲା ରୁଜୁ ପରେ ପୁଲିସ ଡିଜି ନିଯୁକ୍ତି ପ୍ରକ୍ରିୟା ବିବାଦ ଘେରକୁ ଆସିଛି । ସୁପ୍ରିମକୋର୍ଟରେ ଏହି ମାମଲା ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଡିଜିପି ଚୟନ ପ୍ରକ୍ରିୟାରେ କୌଣସି ନିୟମର ଉଲଘଂନ ହୋଇ ନ ଥିବା ଯୁକ୍ତି ବାଢ଼ିଛନ୍ତି। ଏହା ସହ ସେବା କ୍ଷେତ୍ରରେ ଜନସ୍ୱାର୍ଥ ମାମଲା ଗ୍ରହଣୀୟତାକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ତେବେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କ ଯୁକ୍ତିକୁ ଗ୍ରହଣ କରିନାହାନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ୩ଜଣିଆ ଖଣ୍ଡପୀଠ ଏହି ମାମଲାରେ ବରିଷ୍ଠ ଆଇନ୍‌ଜୀବୀ ତଥା ପ୍ରକାଶ ସିଂ ମାମଲାର ତତ୍‌କାଳୀନ ଆମିକସ କ୍ୟୁରୋ ରାଜୁ ରାମଚନ୍ଦ୍ରନ୍‌ଙ୍କ ମତାମତ ଲୋଡିଛନ୍ତି। ଶ୍ରୀ ରାମଚନ୍ଦ୍ରନ ଓଡ଼ିଶାରେ ଡିଜିପି ନିଯୁକ୍ତି ପ୍ରକ୍ରିୟାରେ ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ପ୍ରଦାନ କରିଥିବା ମାର୍ଗଦର୍ଶିକା ଉଲ୍ଲଂଘନ ହୋଇଥିବା ମତାମତ ▶ପୃଷ୍ଠା-୭

## ନେତାଜୀଙ୍କୁ ଅପମାନ

# ବିଜେପି ସାଂସଦଙ୍କଠାରୁ ପ୍ରତ୍ୟାହୃତ ହେଲା 'ବଙ୍ଗ ବିଭୂଷଣ' ସମ୍ମାନ



ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଆଜାଦ ହିନ୍ଦ୍ ଫୌଜ୍ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ବିଜେପି ରାଜ୍ୟସଭା ସାଂସଦ ନଗେନ୍ଦ୍ର ରାୟ (ଅନନ୍ତ ମହାରାଜ)ଙ୍କଠାରୁ 'ବଙ୍ଗ ବିଭୂଷଣ' ସମ୍ମାନ ପ୍ରତ୍ୟାହାର କରିଛନ୍ତି ପଶ୍ଚିମବଙ୍ଗ ସରକାର। ଗତ ଫେବ୍ରୁଆରୀ ୨୧, ୨୦୨୬ରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କୁ ଏହି ରାଜ୍ୟର ସର୍ବୋଚ୍ଚ ବେସାମରିକ ସମ୍ମାନ ପ୍ରଦାନ କରିଥିଲେ। ଜୁଲାଇ ୧୯ ରେ ଦିନହାଟାରେ ଆୟୋଜିତ ଏକ ସଭାରେ ଅନନ୍ତ ମହାରାଜ କହିଥିଲେ ଯେ, 'ନେତାଜୀଙ୍କର ଆଜାଦ ହିନ୍ଦ୍ ଫୌଜ ଗଠନ କରିବାର ଦକ୍ଷତା ଥିଲା କି' ସେ ଦାବି କରିଥିଲେ ଯେ ଆଇଏନ୍ଏ'ରେ ଥିବା ସୈନିକମାନେ ବ୍ରିଟିଶ୍-ଭାରତୀୟ ସୈନ୍ୟ ଥିଲେ ଏବଂ ଏହାର ଅପବ୍ୟବହାର କରାଯାଇଥିଲା। ଏହି ମନ୍ତବ୍ୟ ପରେ ରାଜବଂଶୀ ସଂଗଠନ, ଫରୱାର୍ଡ ବ୍ଲକ ଏବଂ ଶାସକ ଟିଏମ୍ସି ସମେତ ବିଜେପିର ବରିଷ୍ଠ ନେତା ତଥାଗତ ରାୟ ମଧ୍ୟ ଏହାକୁ ନିନ୍ଦା କରିଥିଲେ। ଫରୱାର୍ଡ ବ୍ଲକ ପୁଲିସରେ ଏତଲା ଦେବା ସହ ତାଙ୍କ ସାଂସଦ ପଦ ରଦ୍ଦ ଦାବି କରିଛି।



## ଓଡ଼ିଶାରୁ ପୂର୍ବତନ ତୃଣମୂଳ କଂଗ୍ରେସ ବିଧାୟକ ନିର୍ମଳ ଘୋଷ ଗିରଫ

କୋଲକାତା, ୧୩।୮ (ଏଜେନ୍ସି): କୋଲକାତାର ଆର୍‌ଜି କର୍ ମେଡିକାଲ କଲେଜର ଜୁନିୟର ଡାକ୍ତରଙ୍କ ବଳାତ୍କାର ଓ ହତ୍ୟା ମାମଲାରେ ପୀଡ଼ିତାଙ୍କ ଶବକୁ ସନ୍ଦେହଜନକ ଭାବେ ତରବରିଆ ଭାବେ ଦାହ କରିବା ଅଭିଯୋଗରେ ତୃଣମୂଳ କଂଗ୍ରେସର ପୂର୍ବତନ ବିଧାୟକ ନିର୍ମଳ ଘୋଷଙ୍କୁ ଓଡ଼ିଶାରୁ ଗିରଫ କରାଯାଇଛି। ପ୍ରମାଣ ନଷ୍ଟ କରିବା, ଅପରାଧିକ ଷଡ଼ଯନ୍ତ୍ର ଏବଂ ପରିବାର ଲୋକଙ୍କ ସମ୍ମତି ବିନା ଜବରଦସ୍ତ ଶବ ଦାହ କରାଇବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ୨୦୨୪ ଅଗଷ୍ଟରେ ଜୁନିୟର ମହିଳା ଡାକ୍ତରଙ୍କ ମୃତଦେହ ସେମିନାର ହଲ୍‌ରୁ ମିଳିଥିଲା।

# ସୁଖବୀର ସିଂହ ବାଦଲଙ୍କୁ ହତ୍ୟା ଉଦ୍ୟମ



ନାନ୍ଦେଡ, ୧୩।୮ (ଏଜେନ୍ସି): ଶିରୋମଣି ଅକାଳୀ ଦଳର ମୁଖ୍ୟ ତଥା ପଞ୍ଜାବର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କୁ ମହାରାଷ୍ଟ୍ରର ନାନ୍ଦେଡ୍‌ସ୍ଥିତ ଏକ ଗୁରୁଦ୍ୱାର ପରିସରରେ ଜଣେ ନିହଙ୍ଗ ଧାରୁଆ କୃପାଣ ଦ୍ୱାରା ଆକ୍ରମଣ କରିଛନ୍ତି। ଗୁରୁବାର ସକାଳ ପ୍ରାୟ ୧୧ଟା ସମୟରେ ମାତା ସାହିବ କୌର ଅଞ୍ଚଳରେ ଥିବା ଗୁରୁଦ୍ୱାରରେ ଏହି ଅଭାବନୀୟ ଘଟଣା ଘଟିଛି। ଆକ୍ରମଣରେ ବାଦଲଙ୍କ ଡାହାଣ ହାତରେ ସାମାନ୍ୟ ଆଘାତ ଲାଗିଥିବା ବେଳେ ସେ ବର୍ତ୍ତମାନ ବିପଦମୁକ୍ତ ଅଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ବାଦଲ ନିଜର ଏକ ବ୍ୟକ୍ତିଗତ ଗସ୍ତରେ ପଞ୍ଜାବରୁ ନାନ୍ଦେଡ୍ ଆସିଥିଲେ। ଗୁରୁଦ୍ୱାର ଭିତରେ ପ୍ରାର୍ଥନା କରୁଥିବା ସମୟରେ ଜଣେ ନିହଙ୍ଗ ହଠାତ୍ କୃପାଣ ସାହାଯ୍ୟରେ ତାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଇନ୍ସପେକ୍ଟର ସନ୍ତୋଷ କେନ୍ଦ୍ରେ ତୁରନ୍ତ ବାଦଲଙ୍କୁ ବଞ୍ଚାଇବାକୁ ଯାଇ ନିଜେ ମଧ୍ୟ ଆହାତ ହୋଇଛନ୍ତି। ଘଟଣା ପରେ ବାଦଲଙ୍କୁ ସ୍ଥାନୀୟ ଯଶୋସାଇ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଛି। ସୁରକ୍ଷାକର୍ମୀ ଓ ପୁଲିସ ଅଭିଯୁକ୍ତ ଆକ୍ରମଣକାରୀଙ୍କୁ ତୁରନ୍ତ କାବୁ କରି ଅଟକ ରଖିଛନ୍ତି। ଆକ୍ରମଣର କାରଣ ଜାଣିବା ପାଇଁ ପୁଲିସ ଉକ୍ତ ବ୍ୟକ୍ତିଙ୍କୁ ପଚରାଉଚୁରା ଚଳାଇବା ସହ ଅଧିକ ତଦନ୍ତ ଜାରି ରଖିଛି। ପ୍ରକାଶଥାଉ କି, ଏହା ପୂର୍ବରୁ ୨୦୨୪ ଡିସେମ୍ବର ମାସରେ ଅମୃତସରର ସ୍ୱର୍ଣ୍ଣ ମନ୍ଦିର ପରିସରରେ ଧାର୍ମିକ ଦଣ୍ଡ ବିଧାନର ଅଂଶସ୍ୱରୂପ ସେବା କରୁଥିବା ସମୟରେ ମଧ୍ୟ ବାଦଲଙ୍କୁ ଗୁଳିଚାଳନା ଦ୍ୱାରା ଆକ୍ରମଣ ଉଦ୍ୟମ କରାଯାଇଥିଲା।

# ଦୁର୍ଘଟଣାସ୍ଥଳରେ ୧୦ ମିନିଟ୍‌ରେ ନ ପହଞ୍ଚିଲେ ଆମ୍ବୁଲାନ୍ସକୁ ୧୦ ହଜାର ଜରିମାନା



ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଜାତୀୟ ରାଜପଥରେ ଦୁର୍ଘଟଣା ସମୟରେ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ) ନିୟମକୁ ଅଧିକ କଡ଼ାକଡ଼ି କରିଛି। ନୂଆ ନିୟମାନୁସାରେ, ଦୁର୍ଘଟଣା ସୂଚନା ପାଇବାର ୧୦ ମିନିଟ୍ ମଧ୍ୟରେ ଆମ୍ବୁଲାନ୍ସ ଦୁର୍ଘଟଣା ସ୍ଥଳରେ ନପହଞ୍ଚିଲେ କିମ୍ବା ଆହତଙ୍କୁ ଗୁରୁତ୍ୱପୂର୍ଣ୍ଣ 'ଗୋଲ୍‌ଡେନ୍ ଆୱାର' ମଧ୍ୟରେ ହସ୍ପିଟାଲରେ ନ ପହଞ୍ଚାଇଲେ ୧୦, ୦୦୦ ଟଙ୍କାର ଜରିମାନା ଦେବାକୁ ପଡ଼ିବ। ଜରୁରୀକାଳୀନ ହେଲ୍ପଲାଇନ୍ ନମ୍ବର '୧୦୩୩' ମାଧ୍ୟମରେ ଆସୁଥିବା ଆବେଦନ/ଟିକେଟ୍‌କୁ ୧ ମିନିଟ୍ ମଧ୍ୟରେ ଗ୍ରହଣ ନକଲେ ୫, ୦୦୦ ଟଙ୍କା ଏବଂ ପ୍ରତ୍ୟାଖ୍ୟାନ କଲେ ୧୦, ୦୦୦ ଟଙ୍କା ଜରିମାନା ଲାଗିବ। ଆମ୍ବୁଲାନ୍ସରେ 'ଏନ୍ଏଚ୍ଏଆଇ କେୟାର' ଆପ୍ କିମ୍ବା ଜିପିଏସ୍ ସେବା ଦିନକରେ ୧% ରୁ ଅଧିକ ସମୟ ଅକାମୀ ରହିଲେ ୨, ୫୦୦ ଟଙ୍କା ଜରିମାନା ଦେବାକୁ ହେବ। ପ୍ରତ୍ୟେକ ଆମ୍ବୁଲାନ୍ସକୁ ଦୈନିକ ୫ କିଲୋମିଟର 'ଡ୍ରାଇ ରନ୍' କରିବା ବାଧ୍ୟତାମୂଳକ କରାଯାଇଛି। ସଡ଼କ ଦୁର୍ଘଟଣାରେ ସମୟସୀମା ମଧ୍ୟରେ ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦେଇପାରିଲେ ପ୍ରାୟ ୫୦ ପ୍ରତିଶତ ଜୀବନ ବଞ୍ଚାଯାଇପାରିବ। ଏହାକୁ ଦୃଷ୍ଟିରେ ରଖି ଏନ୍ଏଚ୍ଏଆଇ ନିଜର ଆମ୍ବୁଲାନ୍ସ ଓ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ ଏହି କଠୋର ପଦକ୍ଷେପ ଗ୍ରହଣ କରିଛି।

# ଏୟାର ଇଣ୍ଡିଆର ସମସ୍ତ ପାଇଲଟଙ୍କର ନିଶା ପରୀକ୍ଷା

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଫୁକେଟ-ଦିଲ୍ଲୀ ବିମାନର ମୁଖ୍ୟ ପାଇଲଟ ଗଞ୍ଜେଇ/ମାଦକ ଦ୍ରବ୍ୟ ସେବନ କରିଥିବା ଜଣାପଡ଼ିବା ପରେ ଏୟାର ଇଣ୍ଡିଆ ଗ୍ରୁପ୍ ପକ୍ଷରୁ ଗୁରୁବାରଠାରୁ ନିଜର ସମସ୍ତ ପାଇଲଟଙ୍କ ପାଇଁ ବାଧ୍ୟତାମୂଳକ 'ସବଷ୍ଟାନ୍ସ ସ୍କ୍ରିନିଂ' (ନିଶା ଦ୍ରବ୍ୟ ପରୀକ୍ଷା) ଆରମ୍ଭ କରାଯାଇଛି।



ବିମାନ ସେବାର ସୁରକ୍ଷା ଓ ଯାତ୍ରୀଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ କମ୍ପାନୀ ଏହି ପଦକ୍ଷେପ ନେଇଛି। ଫୁକେଟ-ଦିଲ୍ଲୀ ବିମାନ ଘଟଣା ପରେ ବେସାମରିକ ବିମାନ ଚଳାଚଳ ସଚିବ ସମୀର ସିହ୍ନା ଏୟାର ଇଣ୍ଡିଆକୁ ସୁରକ୍ଷା ସୁନିଶ୍ଚିତ କରିବାକୁ କଠୋର ନିର୍ଦ୍ଦେଶ ଦେଇଥିଲେ। ଏୟାର ଇଣ୍ଡିଆର ବରିଷ୍ଠ ଭାଇସ୍ ପ୍ରେସିଡେଣ୍ଟ (ଫ୍ଲାଇଟ୍ ଅପରେସନ୍ସ) କ୍ୟାପ୍‌ଟେନ୍ ମନୀଷ ଉପଲ ପାଇଲଟମାନଙ୍କୁ ଚିଠି ଲେଖି ଜଣାଇଛନ୍ତି ଯେ, ସାଧାରଣ ନିୟମଠାରୁ ଆଗକୁ ଯାଇ ଅଗଷ୍ଟ ୧୩, ୨୦୨୬ ରୁ ସମସ୍ତ ପାଇଲଟଙ୍କର ଏହି ନିଶା ପରୀକ୍ଷା କରାଯିବ। ଗୁରୁଗ୍ରାମ ଏକାଡେମୀରେ ତାଲିମ ସମୟରେ, ବିମାନ ଉଡ଼ାଣ ପରେ ଫ୍ଲାଇଟ୍ ବ୍ରିଫିଂ ସେଣ୍ଟର କିମ୍ବା ନିଜ ନିଜ ବେସ୍‌ରେ ଏହି ପରୀକ୍ଷା କରାଯିବ। ବିମାନ ଚଳାଚଳ କ୍ଷେତ୍ରରେ ଉଚ୍ଚମାନର ସୁରକ୍ଷା ଓ ବ୍ୟବସାୟିକ ନୈତିକତା ବଜାୟ ରଖିବା ସହ ଯାତ୍ରୀଙ୍କ ଆସ୍ଥା ଫେରାଇ ଆଣିବା ପାଇଁ ଏୟାର ଇଣ୍ଡିଆ ଏହି କଡ଼ା ପଦକ୍ଷେପ ଗ୍ରହଣ କରିଛି।

## ଜାତିସଂଘ ନିରାପତ୍ତା ପରିଷଦର ରିପୋର୍ଟ

# ଲାଲ୍‌କିଲ୍ଲା ବିସ୍ଫୋରଣ ପଛରେ ଅଲ୍-କାଏଦା




ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ୨୦୨୫ ନଭେମ୍ବର ମାସରେ ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲା ନିକଟରେ ହୋଇଥିବା ମାରାତ୍ମକ କାର୍ ବିସ୍ଫୋରଣ ପଛରେ ଆତଙ୍କବାଦୀ ସଂଗଠନ 'ଅଲ୍-କାଏଦା ଇନ୍ ଦି ଇଣ୍ଡିଆନ୍ ସବ୍‌କଣ୍ଟିନେଣ୍ଟ' (ଏକ୍ୟୁଆଇଏସ୍)ର ସମ୍ପୃକ୍ତି ଥିବା ନେଇ ଜାତିସଂଘ ନିରାପତ୍ତା ପରିଷଦ (ୟୁଏନ୍ଏସ୍‌ସି) ସ୍ପଷ୍ଟ କରିଛି। ଜାତିସଂଘର ଆନାଲିଟିକାଲ୍ ସପୋର୍ଟ ଆଣ୍ଡ ସାଙ୍କସନ୍ସ ମନିଟରିଂ ଟିମ୍‌ର ୩୮ତମ ରିପୋର୍ଟରେ ଏହି ସୂଚନା ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ, ଏକ୍ୟୁଆଇଏସ୍ ଭାରତୀୟ ଉପମହାଦ୍ୱୀପରେ ନିଜର ଆଞ୍ଚଳିକ ନେଟୱାର୍କ ସୁଦୃଢ଼ କରିବା ସହ ଛୋଟ ଛୋଟ ଗୁପ୍ତ ଦଳ ମାଧ୍ୟମରେ ଆର୍ଥିକ ଓ ଯୋଗାଯୋଗ ବ୍ୟବସ୍ଥା ଗଢ଼ି ତୋଳିଛି। ପୂର୍ବରୁ ପ୍ରକାଶିତ ୩୭ତମ ରିପୋର୍ଟରେ ଏହି ଆକ୍ରମଣରେ 'ଜୈଶ୍-ଏ-ମହମ୍ମଦ'ର ହାତ ଥିବା ନେଇ ସନ୍ଦେହ କରାଯାଉଥିବା ବେଳେ, ନୂତନ ରିପୋର୍ଟରେ ଏହା ଅଲ୍-କାଏଦାର ସଂଗଠିତ କାର୍ଯ୍ୟ ବୋଲି ଆନୁଷ୍ଠାନିକ ଭାବେ ଦର୍ଶାଯାଇଛି। ୨୦୨୫ ନଭେମ୍ବର ସନ୍ଧ୍ୟାରେ ଲାଲ୍‌କିଲ୍ଲା ନିକଟରେ ଚାଲିଥିବା ଏକ କାର୍‌ରେ ବିସ୍ଫୋରଣ ଘଟି ୧୧ ଜଣ ପ୍ରାଣ ହରାଇଥିଲେ ଏବଂ ୨୫ରୁ ଊର୍ଦ୍ଧ୍ୱ ଗୁରୁତର ଆହାତ ହୋଇଥିଲେ। ଆତ୍ମଘାତୀ ବିସ୍ଫୋରଣକାରୀ ଉମର ଉନ୍ ନବୀ ଏହି ଗାଡ଼ି ଚଳାଉଥିବା ସନ୍ଦେହ କରାଯାଉଛି। ଅପରପକ୍ଷରେ ଭାରତର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଏହି ଘଟଣାରେ ୧୧ ଜଣ ଅଭିଯୁକ୍ତଙ୍କ ବିରୋଧରେ ୭, ୫୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛି, ଯାହା ଅଗଷ୍ଟ ୨୭ ତାରିଖରେ ନୂଆଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟରେ ବିଚାର ପାଇଁ ଗ୍ରହଣ କରାଯିବ।

# ବିଜୁଳି ସଙ୍କଟ ବାଂଲାଦେଶ ଅନ୍ଧାର

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ସମ୍ପ୍ରତି ଗମ୍ଭୀର ଶକ୍ତି ସଙ୍କଟ ଦେଇ ଗତି କରୁଛି ପଡ଼ୋଶୀ ଦେଶ ବାଂଲାଦେଶ। ଗ୍ରାମାଞ୍ଚଳଗୁଡ଼ିକରେ ଦୈନିକ ୯ ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ବିଜୁଳି କାଟ୍ ହେଉଥିବା ବେଳେ ତାରିକ୍ ରହମାନ୍ ସରକାର ଦେଶରେ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଜୁଳି ସଞ୍ଚୟ ପାଇଁ ରାତି ୮ଟା ସୁଦ୍ଧା ସମସ୍ତ ଶପିଂ ମଲ୍, ବଜାର ଓ ଦୋକାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାକୃତିକ ଗ୍ୟାସ୍ ଏବଂ ଏଲ୍ଏନ୍‌ଜି ଟର୍ମିନାଲ୍‌ରେ ନିଆଁ ଲାଗିବା ଏବଂ ଖରାପ ପାଣିପାଗ ଯୋଗୁଁ ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହୋଇଛି। ବାଂଲାଦେଶରେ ବିଦ୍ୟୁତ୍ ଚାହିଦା ୧୮, ୦୦୦ ମେଗାୱାଟ୍ ଥିବା ବେଳେ ଯୋଗାଣ ମାତ୍ର ୧୩, ୦୦୦ ମେଗାୱାଟ୍ ପହଞ୍ଚିପାରୁଛି। କ୍ରମାଗତ ବିଜୁଳି କାଟ୍ ଯୋଗୁଁ ଉତ୍ତ୍ୟକ୍ତ ଲୋକେ ବିଦ୍ୟୁତ୍ କାର୍ଯ୍ୟାଳୟ ଓ ଗ୍ରୀଡ୍‌ଗୁଡ଼ିକରେ ଭଙ୍ଗାରୁଜା ଏବଂ ନିଆଁ ଲଗାଇବା ସହ କର୍ମଚାରୀଙ୍କୁ ଆକ୍ରମଣ କରୁଛନ୍ତି। ଏଥିପାଇଁ ପୁଲିସ ସୁରକ୍ଷା ମଗାଯାଇଛି। ଚିଙ୍ଗୁଡ଼ି ଚାଷ, ବସ୍ତ୍ର ଶିଳ୍ପ ଏବଂ ବ୍ୟବସାୟୀମାନେ ଅତ୍ୟାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଶକ୍ତି ସଙ୍କଟରୁ ମୁକ୍ତି ପାଇବା ପାଇଁ ବାଂଲାଦେଶ ସରକାର 'ଭାରତ-ବାଂଲାଦେଶ ମୈତ୍ରୀ ପାଇପଲାଇନ୍' ମାଧ୍ୟମରେ ଅତିରିକ୍ତ ଡିଜେଲ ଯୋଗାଇଦେବାକୁ ଭାରତକୁ ଅନୁରୋଧ କରିଛନ୍ତି।

# ଝାଡ଼ଖଣ୍ଡ ଛାତ୍ର ଆନ୍ଦୋଳନ: ୫୦୦ ଜଣଙ୍କ ବିରୋଧରେ ଏତଲା

ରାଞ୍ଚି, ୧୩।୮ (ଏଜେନ୍ସି): ଝାଡ଼ଖଣ୍ଡ ଷ୍ଟାଫ୍ ସିଲେକ୍ସନ କମିଶନ ଗ୍ରାଜୁଏଟ୍ ଲେଭଲ୍ (ଜେଏସଏସସି-ସିଜିଏଲ୍) ପରୀକ୍ଷା ବାତିଲ ଏବଂ ଏହାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ଦାବିରେ ଏଠାରେ ଚାଲିଥିବା ଛାତ୍ର ଆନ୍ଦୋଳନ ଗୁରୁବାର ୨୦ ଦିନରେ ପହଞ୍ଚିଛି। ଗତ ଅଗଷ୍ଟ ୧୦ ତାରିଖରେ ବିଧାନସଭା ଘେରାଉ ପାଇଁ ଉଦ୍ୟମ କରିଥିବା ଅଭିଯୋଗରେ ପୋଲିସ ପ୍ରାୟ ୫୦୦ ଜଣ ଆନ୍ଦୋଳନକାରୀ ଛାତ୍ରଙ୍କ ବିରୋଧରେ ଏଫଆଇଆର ରୁଜୁ କରିଛି। ଏଥିସହିତ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବାସଭବନ ଚାରିପାଖରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଆନ୍ଦୋଳନକାରୀ ଛାତ୍ରମାନଙ୍କ ମଧ୍ୟରୁ ୬ ଜଣ ଅନଶନ ଜାରି ରଖିଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବୃଦ୍ଧି ପାଇଛି। ଛାତ୍ର ନେତା ରାଧେ କୁମାର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସେମାନଙ୍କ ଦାବି ନଶୁଣିବା ଦୁର୍ଭାଗ୍ୟଜନକ। ଆନ୍ଦୋଳନକାରୀମାନେ ସେମାନଙ୍କ ନେତା ଦେବେନ୍ଦ୍ରନାଥ ମାହାତୋଙ୍କୁ ବେଆଇନ ଭାବେ ଅଟକ ରଖାଯାଇଥିବା ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ସହ ସୀଧାସଳଖ ଆଲୋଚନା କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରଘୁବର ଦାସ ଛାତ୍ରମାନଙ୍କୁ ଭେଟି ସମର୍ଥନ ଜଣାଇଛନ୍ତି। ସରକାର ସପ୍ତାହକ ମଧ୍ୟରେ ଏହି ପ୍ରଶ୍ନପତ୍ର ଲିକ୍ ଓ ନିଯୁକ୍ତି ଦୁର୍ନୀତିର ସିବିଆଇ ତଦନ୍ତ ନିର୍ଦ୍ଦେଶ ନଦେଲେ, ସେ ନିଜେ ବିର୍ସା ମୁଣ୍ଡାଙ୍କ ନାମରେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ସରକାର ଦାବି ପୂରଣ ନକରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଛାତ୍ରମାନେ ସ୍ପଷ୍ଟ କରିଛନ୍ତି।

# ଲୋକସଭା ବାଚସ୍ପତିଙ୍କ ଚା' ପାର୍ଟିକୁ କଂଗ୍ରେସ, ଟିଏମସି, ଏସପିର ବର୍ଜନ

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ମୌସୁମୀ ଅଧିବେଶନ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହେବା ପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରା ଆୟୋଜିତ ପାରମ୍ପରିକ ସୌଜନ୍ୟମୂଳକ ଚା' ଚକ୍ରକୁ ବିରୋଧୀ 'ଇଣ୍ଡିଆ' ମେଣ୍ଟର ପ୍ରମୁଖ ଦଳଗୁଡ଼ିକ ବର୍ଜନ କରିଛନ୍ତି। କଂଗ୍ରେସ, ତୃଣମୂଳ କଂଗ୍ରେସ (ଟିଏମସି) ଏବଂ ସମାଜବାଦୀ ପାର୍ଟି (ଏସପି)ର ନେତାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇନଥିବା ବେଳେ 'ଇଣ୍ଡିଆ' ମେଣ୍ଟର ଅନ୍ୟତମ ସହଯୋଗୀ ଡିଏମକେ ନେତ୍ରୀ କାନିମୋଝି ଏଥିରେ ଅଂଶଗ୍ରହଣ କରିଥିଲେ। ବାଚସ୍ପତିଙ୍କ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ ଶାସକ ମେଣ୍ଟର ଏକାଧିକ ବରିଷ୍ଠ ନେତା ଓ ମନ୍ତ୍ରୀ ଉପସ୍ଥିତ ଥିଲେ। ଗୃହ କାର୍ଯ୍ୟ ମୁଲତବୀ ପରେ ପ୍ରତି ଅଧିବେଶନ ଶେଷରେ ଏହି ପାରମ୍ପରିକ ଚା' ଚକ୍ର ଆୟୋଜନ କରାଯାଇଥାଏ। ଅପରପକ୍ଷରେ, ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକୃଷ୍ଣନ୍‌ଙ୍କ ଦ୍ୱାରା ଆୟୋଜିତ ଚା' ଚକ୍ରରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ଏବଂ ସଂସଦୀୟ ଦଳ ପ୍ରମୁଖ ସୋନିଆ ଗାନ୍ଧୀଙ୍କ ସମେତ ଉଚ୍ଚସଦନର ଅନେକ ବିରୋଧୀ ନେତା ଯୋଗ ଦେଇଥିଲେ। ସଂସଦର ଉଭୟ ସଦନ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହେବା ପରେ ବାଚସ୍ପତି ଓ ରାଜ୍ୟସଭା ଅଧ୍ୟକ୍ଷ ନିଜ ନିଜ କକ୍ଷରେ ଏହି ଆପ୍ୟାୟନ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।

**ରାଜ୍ୟସଭା ଅଧ୍ୟକ୍ଷଙ୍କ କାର୍ଯ୍ୟକ୍ରମରେ ଥିଲେ ଖଡ଼୍‌ଗେ, ସୋନିଆ**

# ଆୟର୍ଲ୍ୟାଣ୍ଡ ପାଲଟୁଛି ନୂଆ ମଦ ଉତ୍ପାଦନକାରୀ ଦେଶ



ଡବ୍ଲିନ୍, ୧୩।୮ (ଏଜେନ୍ସି): ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଏବଂ ତାପମାତ୍ରା ବୃଦ୍ଧି ଯୋଗୁଁ ୟୁରୋପର ଦକ୍ଷିଣାଞ୍ଚଳ ଦେଶଗୁଡ଼ିକରେ ଗ୍ରୀଷ୍ମପ୍ରବାହ ଓ ଦାବାନଳ ଭଳି ସଙ୍କଟ ଦେଖାଦେଇଥିବା ବେଳେ ଆୟର୍ଲ୍ୟାଣ୍ଡ ପାଇଁ ଏହା ଏକ ନୂଆ ଆଶାର କିରଣ ସାଜିଛି। ଦିନେ ଅଙ୍ଗୁର ଚାଷ ପାଇଁ ଅନୁପଯୁକ୍ତ ମନେକରାଯାଉଥିବା ଆୟର୍ଲ୍ୟାଣ୍ଡ ଏବେ ଏକ ପ୍ରମୁଖ ୱାଇନ୍ (ମଦ୍ୟ) ଉତ୍ପାଦନକାରୀ ଦେଶ ଭାବେ ଉଭା ହେଉଛି। ୨୦୨୬ ମସିହାର ଗ୍ରୀଷ୍ମ ଋତୁରେ ଏଠାକାର ଚାଷୀମାନେ ପ୍ରଚୁର ପରିମାଣରେ ଅଙ୍ଗୁର ଅମଳ କରିଥିବା ବେଳେ ବୈଦେଶିକ ନିବେଶକମାନଙ୍କ ଆଗ୍ରହ ବୃଦ୍ଧି ପାଇଛି। ସମ୍ପ୍ରତି ଆୟରଲ୍ୟାଣ୍ଡରେ ୪୨ଟି ଅଙ୍ଗୁର ବଗିଚା (ଭିନୟାର୍ଡ) ରହିଛି, ଯେଉଁଥିମଧ୍ୟରୁ ୫ଟି ବ୍ୟାବସାୟିକ ସ୍ତରରେ ନିବନ୍ଧିତ ହୋଇ ୱାଇନ୍ ପ୍ରସ୍ତୁତ କରୁଥିବା ବେଳେ ଅନ୍ୟ ୩୭ଟି ଗବେଷଣା, ପରୀକ୍ଷାମୂଳକ ଓ ବ୍ୟକ୍ତିଗତ ବ୍ୟବହାର ପାଇଁ କାର୍ଯ୍ୟ କରୁଛି। ଆୟରଲ୍ୟାଣ୍ଡର ଥଣ୍ଡା ପାଣିପାଗ ଓ ମୃତ୍ତିକା ଅଙ୍ଗୁର ଚାଷ ପାଇଁ ବେଶ୍ ଅନୁକୂଳ ସାବ୍ୟସ୍ତ ହେଉଛି। ଚାଷୀମାନେ ସୋଲାରିସ୍, ରୋଣ୍ଡୋ, ଚାର୍ଡନେ, ରିଜଲିଂ ଓ ପିନୋଟ୍ ଭଳି ରୋଗପ୍ରତିରୋଧକ ଅଙ୍ଗୁର କିସମ ସଫଳତାର ସହ ଚାଷ କରୁଛନ୍ତି। ଏହାଛଡ଼ା, ଆୟରଲ୍ୟାଣ୍ଡର ପାଣିପାଗ ଯୋଗୁଁ ଏଠାରେ ପ୍ରସ୍ତୁତ ୱାଇନ୍‌ରେ ଆଲକୋହଲ୍ ପରିମାଣ ୧୨ ପ୍ରତିଶତରୁ କମ୍ ରହୁଛି, ଯାହା ସ୍ୱାସ୍ଥ୍ୟସଚେତନ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଜଳବାୟୁର ଅନୁକୂଳତା ସହ ଗୁଣବତ୍ତା ବଜାୟ ରଖିପାରିଲେ ଆଗାମୀ ଦିନରେ ଆୟର୍ଲ୍ୟାଣ୍ଡ ବିଶ୍ୱ ୱାଇନ୍ ବଜାରରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିବ ବୋଲି ବିଶେଷଜ୍ଞମାନେ ଆଶା ପ୍ରକାଶ କରିଛନ୍ତି।

**୨୦୨୬ରେ ପ୍ରଚୁର ଅଙ୍ଗୁର ଅମଳ**

## ନୋଏଡ଼ାରେ ଯୁବତୀଙ୍କୁ ହତ୍ୟା

ନୋଏଡ଼ା, ୧୩।୮ (ଏଜେନ୍ସି): ଉତ୍ତର ପ୍ରଦେଶ ନୋଏଡ଼ାର ବରୌଲା ଗ୍ରାମସ୍ଥିତ ଏକ ପେଇଂ ଗେଷ୍ଟ (ପିଜି)ରୁ ଆସାମର ୧୯ ବର୍ଷୀୟା ଯୁବତୀ ମହକ ଅହମ୍ମଦଙ୍କ ରକ୍ତାକ୍ତ ଶବ ଉଦ୍ଧାର କରାଯାଇଛି। କଳି ଓ ଝଗଡ଼ାକୁ କେନ୍ଦ୍ର କରି ସମାନ ପିଜିରେ ରହୁଥିବା ବିହାରର ଜଣେ ବି-ଟେକ୍ ସ୍ନାତକ ଯୁବକ ତାଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ପୁଲିସ ଅଭିଯୁକ୍ତ ରମଣଙ୍କୁ ହାଜତକୁ ନେଇ ପଚରାଉଚରା ଚଳାଇଛି। ଅଗଷ୍ଟ ୮ ତାରିଖ ରାତିରେ ମଦ୍ୟପାନ କରୁଥିବା ରମଣଙ୍କ ସହ ମହକ ଓ ତାଙ୍କ ସାଙ୍ଗ ସଞ୍ଜନାଙ୍କର ବାରଣ୍ଡାରେ କୌଣସି କଥାକୁ ନେଇ କଳି ହୋଇଥିଲା। ପରଦିନ ସଞ୍ଜନା କାମରେ ବାହାରକୁ ଯାଇ ଫେରିବା ପରେ ମହକଙ୍କୁ ନପାଇ ତାଙ୍କ ଫୋନ୍ ବନ୍ଦ ପାଇଥିଲେ। ଅଗଷ୍ଟ ୧୦ ତାରିଖରେ ରମଣଙ୍କ ତାଲାବନ୍ଦ ଘରୁ ଦୁର୍ଗନ୍ଧ ବାହାରିବାରୁ ମାଲିକ ପୁଲିସକୁ ଖବର ଦେଇଥିଲେ। ପୁଲିସ ତାଲା ଭାଙ୍ଗି ମହକଙ୍କ କ୍ଷତବିକ୍ଷତ ଶବ ଉଦ୍ଧାର କରିଥିଲା। ପିଜି ମାଲିକଙ୍କ ଅଭିଯୋଗ ଆଧାରରେ ରମଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଛି। ଫୋରେନ୍ସିକ ଟିମ୍ ଏବଂ ପୁଲିସ ମହକଙ୍କ ମୋବାଇଲ୍ ଫୋନ୍, କଲ୍ ରେକର୍ଡ ଏବଂ ଘଟଣାର ମୂଳ କାରଣ ସମ୍ପର୍କରେ ତଦନ୍ତ ଚଳାଇଛନ୍ତି। ଆସାମରୁ ନିଜ ପରିବାରକୁ ନ ଜଣାଇ ମହକ ନୋଏଡ଼ା ଆସିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକେ ନୋଏଡ଼ାରେ ପହଞ୍ଚି ଶବ ଚିହ୍ନଟ କରିଛନ୍ତି।

## ନର୍ସଙ୍କ ସନ୍ଦେହଜନକ ମୃତ୍ୟୁ

କୋଲକାତା, ୧୩।୮ (ଏଜେନ୍ସି): କୋଲକାତାର ନୀଲ୍ ରତନ ସରକାର (ଏନ୍ଆର୍ଏସ୍) ମେଡିକାଲ କଲେଜ ଓ ହସ୍ପିଟାଲରେ ବୁଧବାର ରାତ୍ରି ଡ୍ୟୁଟି ସମୟରେ ଜଣେ ୩୦ ବର୍ଷୀୟା ସେବିକା (ନର୍ସ)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ହସ୍ପିଟାଲର ଏଚ୍‌ଡିୟୁ ୱାର୍ଡର ଶୌଚାଳୟ ଭିତରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଉକ୍ତ ନର୍ସ ଜଣକ ରାତି ପ୍ରାୟ ୧୦ଟା ୨୦ ମିନିଟ୍‌ରେ ଶୌଚାଳୟକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଫେରିନଥିବାରୁ ଅନ୍ୟ ସହକର୍ମୀମାନେ ଯାଇ ଦେଖିବା ବେଳେ କବାଟ ଭିତରୁ ବନ୍ଦ ଥିଲା। ବାରମ୍ବାର ଡାକିବା ପରେ ମଧ୍ୟ କୌଣସି ଶବ୍ଦ ନମିଳିବାରୁ ସହକର୍ମୀମାନେ କବାଟ ଭାଙ୍ଗି ତାଙ୍କୁ ଅଚେତ ଅବସ୍ଥାରେ ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ନିଆଯାଇଥିଲେ ହେଁ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରୁ ସୁସାଇଡ୍ ନୋଟ୍ ମିଳିନାହିଁ। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଶବ ବ୍ୟବଚ୍ଛେଦ) ରିପୋର୍ଟକୁ ଅପେକ୍ଷା କରାଯାଉଛି।

# ଉତ୍ତରାଖଣ୍ଡରେ ଖଡ଼୍‌ଗେଙ୍କ ସଭା ପରେ ଶୁଦ୍ଧୀକରଣ ବିବାଦ



ରାଜ୍ୟସଭାରେ ହଙ୍ଗାମା, ତଦନ୍ତ ଆଶ୍ୱାସନା ଦେଲେ ନଡ୍ଡା

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଉତ୍ତରାଖଣ୍ଡର ହଲଦ୍ୱାନୀସ୍ଥିତ ରାମଲୀଳା ମୈଦାନରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ସଭା ପରେ ଏକ ଦକ୍ଷିଣପନ୍ଥୀ ସଂଗଠନ ପକ୍ଷରୁ କରାଯାଇଥିବା 'ଶୁଦ୍ଧିକରଣ' ଓ ଯଜ୍ଞକୁ ନେଇ ଗୁରୁବାର ସଂସଦର ଉଚ୍ଚସଦନ ରାଜ୍ୟସଭାରେ ପ୍ରବଳ ହଙ୍ଗାମା ସୃଷ୍ଟି ହୋଇଛି। ଗୃହରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ନେତା ଖଡ଼୍‌ଗେ ନିଜର ଗଭୀର କ୍ଷୋଭ ପ୍ରକାଶ କରିବା ସହ ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛନ୍ତି। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଏହି ଘଟଣାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଆଖ୍ୟା ଦେବା ସହ ଏଥିରେ ଶାସକ ଦଳର କୌଣସି ସମ୍ପୃକ୍ତି ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସଂସଦର ମୌସୁମୀ ଅଧିବେଶନର ଶେଷ ଦିନରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରକେ ଖଡ଼୍‌ଗେ ଅଭିଯୋଗ କରିଥିଲେ ଯେ, ଗତ ଅଗଷ୍ଟ ୮ ତାରିଖରେ ସେ ହଲଦ୍ୱାନୀର ଏକ ଜନସଭାରେ ଜନସାଧାରଣଙ୍କ ସମସ୍ୟା ସମ୍ପର୍କରେ ଭାଷଣ ଦେଇଥିଲେ। ମାତ୍ର ସଭା ଶେଷ ହେବାର ଦୁଇ ଦିନ ପରେ ସେହି ମଞ୍ଚକୁ ଶୁଦ୍ଧିକରଣ କରାଯାଇଥିଲା। ଜଣେ ଦଳିତ ନେତା ହୋଇଥିବାରୁ ଏଭଳି କାର୍ଯ୍ୟ କରାଯାଇଛି ବୋଲି ଦର୍ଶାଇ ସେ ପ୍ରଶ୍ନ କରିଥିଲେ ଯେ, ଏହା କ'ଣ ଗଣତନ୍ତ୍ରର ଶୋଭା ପାଏ ଏହି ଘଟଣାରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ କରିବାକୁ ସେ ଦାବି କରିଥିଲେ। ସଭାପତି ଏହି ପ୍ରସଙ୍ଗରେ କହିଥିଲେ ଯେ ଅସ୍ପୃଶ୍ୟତାଠାରୁ ବଡ଼ ପାପ ଜଗତରେ କିଛି ନାହିଁ ଏବଂ ଏହା ନିନ୍ଦନୀୟ। ଶାସକ ଦଳ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ନଡ୍ଡା କହିଥିଲେ ଯେ ବିଜେପି ଏଭଳି କାର୍ଯ୍ୟକଳାପକୁ କଦାପି ସମର୍ଥନ କରେ ନାହିଁ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେବା ସହ ଖଡ଼୍‌ଗେଙ୍କ ମନରେ ଆଘାତ ପହଞ୍ଚିଥିବାରୁ ଦୁଃଖ ପ୍ରକାଶ କରିଥିଲେ। ଅପରପକ୍ଷରେ ଉତ୍ତରାଖଣ୍ଡ ପ୍ରଦେଶ କଂଗ୍ରେସ ସଭାପତି ଗଣେଶ ଗୋଦିୟାଲ ଅଭିଯୋଗ କରିଛନ୍ତି ଯେ, ବିଜେପି ସହ ଜଡ଼ିତ ଶ୍ରୀରାମସେନା ନାମକ ସଂଗଠନ ଏହି କାର୍ଯ୍ୟ କରି ସମାଜରେ ଜାତିଗତ ବିଭାଜନ ସୃଷ୍ଟି ଚେଷ୍ଟା କରୁଛି। ଅନ୍ୟପକ୍ଷରେ ସଂଗଠନର ସଦସ୍ୟମାନେ କହିଛନ୍ତି ଯେ ରାମଲୀଳା ମୈଦାନ ଏକ ଧାର୍ମିକ ସ୍ଥଳ ଏବଂ ସଭା ସମୟରେ ଅନ୍ୟ ଧର୍ମର ନାରାବାଜି ହୋଇଥିବାରୁ ସେମାନେ ଏହି ହବନ କରିଥିଲେ। ଉତ୍ତରାଖଣ୍ଡର ଶାସକ ଦଳର ପ୍ରବକ୍ତା ମଧ୍ୟ ଏହି ମୈଦାନର ଧାର୍ମିକ ପବିତ୍ରତା ନଷ୍ଟ ହୋଇଥିବା କାରଣରୁ ଶ୍ରଦ୍ଧାଳୁଙ୍କ ମନରେ ଆଘାତ ଲାଗିଥାଇପାରେ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ସଂସଦରୁ ରାଜ୍ୟ ପର୍ଯ୍ୟନ୍ତ ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ, ରାଷ୍ଟ୍ରୀୟ ଜନତା ଦଳ ଓ ବିଜେପି ମଧ୍ୟରେ ତୀବ୍ର ବାକ୍‌ଯୁଦ୍ଧ ଜାରି ରହିଛି। ଶାସକ ଦଳ ଘଟଣାରୁ ଦୂରତା ବଜାୟ ରଖିବା ସହ ତଦନ୍ତର ପ୍ରତିଶ୍ରୁତି ଦେଇଥିବା ବେଳେ, ବିରୋଧୀ ଦଳଗୁଡ଼ିକ ଏହାକୁ ଦଳିତ ବିରୋଧୀ ମାନସିକତାର ପ୍ରତୀକ ବୋଲି କହି ପ୍ରଧାନମନ୍ତ୍ରୀଙ୍କ କ୍ଷମାପ୍ରାର୍ଥନା ଦାବି କରିଛନ୍ତି।

# ବର୍ଷା ଓ ବନ୍ୟାରେ ଉବୁଟୁବୁ ଉତ୍ତର-ପଶ୍ଚିମ ଓଡ଼ିଶା

### ମୟୂରଭଞ୍ଜରେ ପ୍ରବଳ ବର୍ଷା ପାଇଁ ବନ୍ୟା ଓ ଜଳବନ୍ଦୀ ସ୍ଥିତି

## ବୃଦ୍ଧି ପାଉଛି ସମସ୍ତ ନଦୀର ଜଳସ୍ତର; ୨୨ ବ୍ଲକ୍, ୨୮ ପଞ୍ଚାୟତର ୪୫ଟି ଗାଁ ପ୍ରଭାବିତ





- ବାରିପଦା ମ୍ୟୁନିସିପାଲଟିର ୬ ୱାର୍ଡରେ ଘରେ ପଶିଲା ଡ୍ରେନ୍ ପାଣି
- ପ୍ରଭାବିତ ୧,୭୩୫ ଲୋକଙ୍କ ପାଇଁ ୧୨ ଆଶ୍ରୟସ୍ଥଳୀ
- ୧୪ଟି ସ୍ଥାନରେ ରନ୍ଧାଖାଦ୍ୟ ବ୍ୟବସ୍ଥା
- ମାଛ ଧରିବାକୁ ଯାଇ ଜଣେ ମୃତ
- ଭାସିଯାଇ ଗଛରେ ଆଶ୍ରିତ ଯୁବକ ଉଦ୍ଧାର

ବାରିପଦା, ୧୩।୮(ସମିସ): ବୁଧବାର ରାତିରୁ ଗୁରୁବାର ପୂର୍ବାହ୍ନ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ବାଦଲ ପଠା ବର୍ଷା ପାଇଁ ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ଓ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାର ୨୨ଟି ବ୍ଲକ୍‌ରେ ଏହି ବର୍ଷା ଓ ବନ୍ୟାର ପ୍ରଭାବରେ ପଡ଼ିଛି। ବଡ଼ସାହି, ବେତନଟୀ, ବାରିପଦା, ବାଙ୍ଗିରିପୋଷି, ଶୁକୁଳି, ରରୁଆଁ, ମୋରଡ଼ା ଓ ବିଜାତଳା ଆଦି ବ୍ଲକରେ ଜଳବନ୍ଦୀ ପରିସ୍ଥିତି ଦେଖାଦେଇଛି। ଜିଲ୍ଲାରେ ପ୍ରବାହିତ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜମ୍ବୀରା, ଗଙ୍ଗାହାର, ଖଡଖାଇ, କାହ୍ନୁ, ଖଇରୀଭଣ୍ଡାନ, ବାଉଁଶ, ଦେଓ ଆଦି ନଦୀରେ ବନ୍ୟା ଜଳ ଦ୍ରୁତଗତିରେ ବୃଦ୍ଧି ପାଉଛି। ରିପୋର୍ଟ ଲେଖାଯିବା ବେଳକୁ ତଳମୁଣ୍ଡର ବହଳଦା, ଗୋପବନ୍ଧୁନଗର, ଖୁଣ୍ଟା, କୁସୁମୀ, କୁଳିଅଣା, କରଞ୍ଜିଆ, ଠାକୁରମୁଣ୍ଡା, ତିରିଂ, ରାସଗୋବିନ୍ଦପୁର, ଶାମାଖୁଣ୍ଟା, ଜାମଦା, ଯଶିପୁର, ଶୁଳିଆପଦା, ରାଇରଙ୍ଗପୁର, ତଳିଆ ଓ ଚାଷଜମିରେ ବନ୍ୟା ଜଳ ପ୍ରବେଶ କରିଛି। ଅନେକ ସ୍ଥାନରେ ବର୍ଷା ଓ ବନ୍ୟା ଜଳ ରାସ୍ତା ଓ ପୋଲ ଉପରେ ପ୍ରବାହିତ ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି।

ଏହି ପରିସ୍ଥିତିରେ ୨୮ଟି ପଞ୍ଚାୟତ ଓ ୪୫ଟି ଗ୍ରାମ ପ୍ରଭାବିତ ହୋଇଛି। ବାରିପଦା ମୁନିସିପାଲିଟିର ୬ଟି ୱାର୍ଡରେ ମଧ ଡ୍ରେନ ପାଣି ଲୋକଙ୍କ ଘରେ ପ୍ରବେଶ କରିଛି। ଏ ପର୍ଯ୍ୟନ୍ତ ପ୍ରାୟ ୧,୭୩୫ ଲୋକ ପ୍ରଭାବିତ ହୋଇଛନ୍ତି ଓ ୨୧୫ଟି ଘର କ୍ଷତିଗ୍ରସ୍ତ ହୋଇଛି। ଯେଉଁଥିରେ ଦୁଇଟି କୁଡ଼ିଆ ଓ ୧୧ଟି ଗୁହାଳ ଅଛି। ପ୍ରଶାସନ ପକ୍ଷରୁ ୧୦ଟି ଆଶ୍ରୟସ୍ଥଳୀ ଖୋଲାଯାଇଛି ଓ ୧୪ଟି ସ୍ଥାନରେ ବିପନ୍ନ ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି।

ବାରିପଦା ସହରରେ ପରିସ୍ଥିତି ଅଧିକ ଖରାପ ରହିଛି। ମ୍ୟୁନିସିପାଲିଟିର ଅଧିକାଂଶ ୱାର୍ଡରେ ଡ୍ରେନ୍ ପାଣି ଲୋକଙ୍କ ଘରେ ପ୍ରବେଶ କରିଛି। ଜରାଳୀ, ସରାଳୀ ଓ ଶୁକଯୋଡ଼ା ମହାନାଳ ବର୍ଷାଋତୁ ପୂର୍ବରୁ ଖନନ ଓ ସଫେଇ ଅଭାବରୁ ଏହି ସମସ୍ୟା ତୀବ୍ର ହୋଇଥିବା କୁହାଯାଉଛି। ଗତକାଲି ରାତିରୁ ଆଜି ସକାଳ ୧୦ଟା ମଧ୍ୟରେ ଜିଲ୍ଲାର ଶ୍ୟାମାଖୁଣ୍ଟା ବ୍ଲକ୍‌ରେ ସର୍ବାଧିକ ୨୩୦ ମିଲିମିଟର ବର୍ଷା ରେକର୍ଡ ହୋଇଥିବାବେଳେ ବାରିପଦାରେ ୨୦୮ ମିଲିମିଟର ବର୍ଷା ହୋଇଥିବା ଜଣାପଡିଛି। ଏହାଛଡ଼ା ବାଙ୍ଗିରିପୋଷିରେ ୧୭୦.୮ ମିମି, ବେତନଟୀରେ ୧୬୭ ମିମି, ବଡ଼ସାହିରେ ୧୫୨ ମିମି, ମୋରଡାରେ ୧୩୨ ମିମି, କୁଳିଅଣାରେ ୧୩୦ ମିମି, ରାସଗୋବିନ୍ଦପୁରରେ ୧୨୮ ମିମି ଓ ଯଶିପୁର ବ୍ଲକରେ ୧୨୭.୪ ମିମି ବର୍ଷା ରେକର୍ଡ ହୋଇଛି। ଫଳରେ ବିଭିନ୍ନ ସ୍ଥାନରେ ଜଳନିଷ୍କାସନ ବ୍ୟବସ୍ଥା ବିଫଳ ହୋଇଛି। ସହର ଉପକଣ୍ଠ ଅସନଯୋଡ଼ା ନିକଟରେ ୧୮ ନଂ ଜାତୀୟ ରାଜପଥ ଉପରେ ବର୍ଷାଜଳ ପ୍ରବାହ କାରଣରୁ ଦୁଇଚକିଆ ଓ ଛୋଟ ଚାରିଚକିଆ ଯାନ ଚଳାଚଳ ବନ୍ଦ ରହିଥିଲା। ସନ୍ଧ୍ୟା ବେଳକୁ ବୁଢ଼ାବଳଙ୍ଗ ବନ୍ୟା ଜଳ ବାରିପଦା ସହରର ମଧୁବନ ଅଞ୍ଚଳରେ ପ୍ରବେଶ କରୁଛି। ଜିଲ୍ଲା ପ୍ରଶାସନ ପରିସ୍ଥିତି ଉପରେ ନଜର ରଖିଛି ଓ ଆବଶ୍ୟକ ସ୍ଥାନରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିର୍ଦ୍ଦେଶକ୍ରମେ ଆବଶ୍ୟକ ସ୍ଥାନରେ ବିଦ୍ୟାଳୟଗୁଡ଼ିକୁ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର ପାଇଁ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଜିଲ୍ଲାର ପ୍ରଥମରୁ ଦ୍ୱାଦଶ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ବନ୍ଦ ରଖାଯାଇଥିଲା। ବଡ଼ସାହି ବ୍ଲକରେ ଜଣେ ଯୁବକ ମାଛ ଧରିବାକୁ ଯାଇ ବନ୍ଧପାଣିରେ ଭାସି ମୃତ୍ୟୁବରଣ କରିଥିବାବେଳେ ବାଙ୍ଗିରିପୋଷିରେ ପୋଲ ପାରି ସମୟରେ ଭାସିଯାଇ ଗଛ ଡାଳରେ ଆଶ୍ରୟ ନେଇଥିବା ଜଣେ ଯୁବକ ନୂଆଗାଁର ବାଜୁନ ହାଁସଦା (୩୫)ଙ୍କୁ ଓଡ୍ରାଫ ଟିମ ସୁରକ୍ଷିତ ଭାବରେ ଉଦ୍ଧାର କରିଛି। ବର୍ଷା କମିଥିଲେ ହେଁ ଉପମୁଣ୍ଡର ବର୍ଷା ଜଳ ପାଇଁ ନଦୀରେ ବନ୍ୟା ପରିସ୍ଥିତି ଉପରେ ପ୍ରଶାସନ ନଜର ରଖିଛି। ଜିଲ୍ଲାପାଳ, ଏସପିଙ୍କ ସମେତ ସମସ୍ତ ଅଧିକାରୀ ବିଭିନ୍ନ ଅଞ୍ଚଳ ଗସ୍ତ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି।



ପାଣି ଘେରରେ କେନ୍ଦୁଝର ଜିଲ୍ଲାର ପାଟଣା ବୈତରଣୀ ନଦୀ ତଟସ୍ଥ ପରମେଶ୍ୱର ମନ୍ଦିର

### ପାଟଣା ଓ ଆନନ୍ଦପୁରରେ ଜଳସ୍ତର ବିପଦ ସଙ୍କେତ ଉପରେ

## ପୁଣି ଆନନ୍ଦପୁର ରିଂ ବନ୍ଧରେ ଘାଇ



କେନ୍ଦୁଝର/ଆନନ୍ଦପୁର, ୧୩।୮(ସମିସ): କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବୁଧବାର ରାତ୍ରିରୁ ଲାଗିରହିଥିବା ଲଗାଣ ବର୍ଷା କାରଣରୁ ବୈତରଣୀ ପୁଣିଥରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଫଳରେ ବୈତରଣୀ ଜଳସ୍ତର ଲଗାତାର ବୃଦ୍ଧି ପାଉଛି। ପାଟଣାଠାରେ ବୈତରଣୀ ଜଳସ୍ତର ବିପଦ ସଂକେତ ଟପି ସାରିଛି। ଏଠାରେ ବିପଦ ସଙ୍କେତ ୩୧୧.୧୦ ମିଟର ରହିଛି। ରାତି ୯ଟା ସୁଦ୍ଧା ବୈତରଣୀରେ ଜଳସ୍ତର ୩୯.୨୭୦ ମିଟର୍‌ରେ ପ୍ରବାହିତ ହେଉଥିବା ସୂଚନା ରହିଛି। ଏଠାରେ ବୈତରଣୀର ସତର୍କ ସଂକେତ ୩୭.୪୪୫ ମିଟର ରହିଛି। ବିପଦ ସଂକେତ ୩୮.୩୬୦ ମିଟର ରହିଛି। ଆଜି ସନ୍ଧ୍ୟା ୭ରେ ଏଠାରେ ସତର୍କ ସଂକେତ ଉପରେ ଜଳ ପ୍ରବାହିତ ହେଲାଣି। ଏଠାରେ ୭ଟା ବେଳକୁ ୩୮.୧୮୦ ମିଟରରେ ବୈତରଣୀ ପ୍ରବାହିତ ହେଉଛି। ରାତ୍ରି ବେଳକୁ ବିପଦ ସଂକେତ ଟପିବ ବୋଲି ଅନୁମାନ କରାଯାଉଛି। ବୈତରଣୀ ଜଳସ୍ତର ବୃଦ୍ଧିକୁ ଆଖିରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ସତର୍କତା ପଦକ୍ଷେପ ନିଆଯାଉଛି। ତେବେ ଆନନ୍ଦପୁର ବୈତରଣୀ ରିଙ୍ଗରୋଡ୍‌ରେ ପୁଣି ଘାଇ ସୃଷ୍ଟି ହୋଇଥିବାରୁ କ୍ଷୟକ୍ଷତି ଆଶଙ୍କା ବୃଦ୍ଧି ପାଇଛି।

## ଲଗାଣ ବର୍ଷାରେ ଗାଁଠୁ ସହର ଜଳବନ୍ଦି





ବାଲେଶ୍ୱର,୧୩।୮(ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଆଜି ଜିଲ୍ଲାରେ ସମୁଦାୟ ୧୩୪୬ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ହାରାହାରି ବର୍ଷା ପରିମାଣ ୧୧୨.୧୭ ମିଲିମିଟର ରହିଛି। ବିଶେଷ କରି ଭୋଗରାଇ ବ୍ଲକରେ ସର୍ବାଧିକ ୨୩୬ ମିମି ବର୍ଷା ହୋଇଥିବା ବେଳେ ବସ୍ତା ବ୍ଲକରେ ୨୦୨ ମିମି, ଜଳେଶ୍ୱରରେ୧୬୨ ମିମି, ବାଲିଆପାଳରେ ୧୩୭ ମିମି, ରେମୁଣାରେ ୧୨୬ ମିମି, ବାହାନଗାରେ ୧୨୦ ମିମି, ବାଲେଶ୍ୱର ସଦରରେ ୯୫ ମିମି, ନୀଳଗିରିରେ ୮୮ ମିମି, ଔପଦାରେ ୬୨ ମିମି, ସୋରୋରେ ୫୭ ମିମି, ସିମୁଳିଆରେ ୩୫ମିମି ଏବଂ ଖଇରାରେ୨୬ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ସମୟରେ ଭାରି ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ହଠାତ ବର୍ଷାର ପରିମାଣ ବୃଦ୍ଧି ପାଇବା ଯୋଗୁଁ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ସହରରେ ସଠିକ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜିଛି।

ପୌରପାଳିକାର ୨୬ନମ୍ବର ୱାର୍ଡ ଅନ୍ତର୍ଗତ କଂଗ୍ରେସ ଅଫିସ ଲେନ, ଓଟି ରୋଡ, ଏକତା ନଗର, ଗୁଡ଼ିଦା,ଚଡ଼ିଆ ପୋଲ ଓ ସିନେମା ଛକ ଭଳି ଜନବହୁଳ ଅଞ୍ଚଳଗୁଡ଼ିକରେ ରାସ୍ତା ଉପରେ ଦୁଇଫୁଟ ପର୍ଯ୍ୟନ୍ତ ପାଣି ପ୍ରବାହିତ ହେଉଛି। ମୁଖ୍ୟ ରାସ୍ତା ନୂଆସାହି ଛକ ନିକଟରେ ଜଳମଗ୍ନ ହୋଇ ପଡ଼ିଥିବାରୁ ଯୋଗାଯୋଗ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଡ୍ରେନ ନାଳ ଗୁଡିକ ନିୟମିତ ସଫା ହେଉ ନ ଥିବାରୁ ଦୂଷିତ ପାଣି ସିଧାସଳଖ ଲୋକଙ୍କ ଘର ଭିତରକୁ ପଶିଯାଉଛି। ଫଳରେ ରୋଷେଇ କରିବାଠାରୁ ଆରମ୍ଭ କରି ପିଲାଙ୍କ ପାଠପଢ଼ା ପର୍ଯ୍ୟନ୍ତ ସବୁକିଛି ଠପ୍ ହୋଇଯାଇଛି। ପ୍ରତିବର୍ଷ ବର୍ଷା ଦିନେ ସହରବାସୀ ଏହି ଦୁର୍ଦ୍ଦଶା ଭୋଗୁଥିବା ବେଳେ ପ୍ରଶାସନ ଓ ପୌରପାଳିକା କେବଳ କାଗଜକଲମରେ ପ୍ରସ୍ତୁତି ନାମରେ ନାଟକ କରୁଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଜୟଶ୍ରୀ ଆଚାର୍ଯ୍ୟ ଓ ବିଧାନ ଚନ୍ଦ୍ର ଜେନା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ପ୍ରମୁଖ ନଦୀ ଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବୁଢ଼ାବଳଙ୍ଗ ଓ ଜଳକା ନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ହେଉଥିବାରୁ ସନ୍ଧ୍ୟା ସୁଦ୍ଧା ନଦୀର ଜଳସ୍ତର ଅଧିକ ବଢ଼ିବା ଆଶଙ୍କା କରାଯାଉଛି। ବର୍ଷା ପ୍ରଭାବରେ ବୈଶିଙ୍ଗା-ରୁପସା ରାସ୍ତା ବିଚ୍ଛିନ୍ନ ହୋଇଯାଇଥିବା ବେଳେ ବସ୍ତା ଶମ୍ଭୁନାଥ ସ୍କୁଲର ପାଚେରୀ ଭୁଶୁଡ଼ି ପଡ଼ିଛି। ସ୍ଥିତିର ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପ୍ରଶାସନିକ କଳ ସମ୍ପୂର୍ଣ୍ଣ ସଜାଗ ରହିଛି। ଜିଲ୍ଲା ଜରୁରୀକାଳିନ ଅଧିକାରୀ ଚିନ୍ମୟ କୁମାର ରାଉତଙ୍କ ସୂଚନା ଅନୁସାରେ, ପ୍ରଭାବିତ ତଳିଆ ଅଞ୍ଚଳଗୁଡ଼ିକରେ ତୁରନ୍ତ ରିଲିଫ କ୍ୟାମ୍ପ ଖୋଲାଯାଇ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଉଦ୍ଧାର କାର୍ଯ୍ୟ ପାଇଁ ୧୨ଟି ଅଗ୍ନିଶମ ବାହିନୀ ଓ ଗୋଟିଏ ଓଡ୍ରାଫ ଟିମ୍ ମୁତୟନ ହୋଇଛନ୍ତି। ପ୍ରଭାବିତଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ଜଳ ନିଷ୍କାସନ ପାଇଁ ପମ୍ପସେଟ ଓ ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱାସ୍ଥ୍ୟ ଟିମ୍ ପ୍ରସ୍ତୁତ ରଖାଯାଇଛି। କେବଳ ସାମୟିକ ରିଲିଫ ବ୍ୟବସ୍ଥା ନୁହେଁ ବରଂ ଏକ ବ୍ୟାପକ ଡ୍ରେନେଜ ମାଷ୍ଟର ପ୍ଲାନ ପ୍ରସ୍ତୁତ କରି ତୁରନ୍ତ କାର୍ଯ୍ୟକାରୀ କଲେ ହିଁ ବାଲେଶ୍ୱରବାସୀଙ୍କୁ ଏହି କୃତ୍ରିମ ବନ୍ୟା ଦାଉରୁ ସ୍ଥାୟୀ ମୁକ୍ତି ମିଳିପାରିବ। ଅନ୍ୟପଟେ ସଦର ବ୍ଲକର ୬ଟି ପଞ୍ଚାୟତ ହଳଦୀପଦା, କଶିପଦା, ରୁପସା, ଆଙ୍କୋ, ଗୋପୀନାଥପୁର, ରାଇସୁଆଁ ଆଦି ଗାଁର ଲୋକ ଏବେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଜଳବନ୍ଦୀରେ ରହିଥିବା ଲୋକଙ୍କ ମଧ୍ୟରୁ ୨ଶହରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି ବୋଲି ସଦର ବିଡ଼ିଓ ଉତ୍ତମ କୁମାର ଜେନା ସୂଚନା ଦେଇଛନ୍ତି।

## ବର୍ଷାରେ ବେହାଲ ଇସ୍ପାତନଗରୀ



- ଯୁଆଡେ ଦେଖିବ ପାଣି ଆଉ ପାଣି
- ବସ୍ତି, ରାସ୍ତାଠାରୁ ଘର ଭିତରରେ ୨ରୁ ୫ ଫୁଟ ପାଣି
- ଜୀବନଯାତ୍ରା ବ୍ୟାହତ; ଯାତାୟାତ ଠପ୍

ରାଉରକେଲା,୧୩।୮(ସମିସ): ଦୁଇ ଘଣ୍ଟା ଧରି ମୂଷଳ ଧାରାରେ ବର୍ଷା ଯୋଗୁଁ ଉବୁଟୁବୁ ହୋଇଛି ସ୍ମାର୍ଟସିଟି ରାଉରକେଲା। ଯୁଆଡ଼େ ଚାହିଁବ ଖାଲି ପାଣି ଆଉ ପାଣି। ଅଧିକାଂଶ ଅଞ୍ଚଳ ଜଳାର୍ଣ୍ଣବ ହୋଇଥିବାବେଳେ ବିଭିନ୍ନ ଅଞ୍ଚଳରେ ଆଣ୍ଠୁଏରୁ ଛାତି କିମ୍ବା ବେକ ପର୍ଯ୍ୟନ୍ତ ପାଣି ଜମି ରହିବା ଦ୍ୱାରା ସହରବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସହରର ତଳିଆ ଅଞ୍ଚଳ ବସ୍ତିଠୁ ଆରମ୍ଭ କରି ଭିଆଇପି ଏରିଆ କ୍ୱାର୍ଟର୍ସ, ରାସ୍ତାଘାଟ ସବୁଆଡ଼େ ଜଳମଗ୍ନ ହୋଇପଡ଼ିଛି। ରାସ୍ତା ଓ ଡ୍ରେନ୍ ସବୁ ଏକାକାର ହୋଇପଡ଼ିଛି। ସବୁଠାରୁ ଅଧିକ ଚିନ୍ତାର କାରଣ ପାଲଟିଛି ତଳିଆ ଓ ବସ୍ତି ଅଞ୍ଚଳ। ଘର ଆଗରେ ପାଣି ଜମିବା ସହ ଅନେକ ସ୍ଥାନରେ ଘରେ ପାଣି ପଶିବାର ଆଶଙ୍କା ଦେଖାଦେଇଛି। ଲୋକମାନେ ନିଜ ଘରର ସାମଗ୍ରୀ ସୁରକ୍ଷିତ ସ୍ଥାନକୁ ନେବାରେ ବ୍ୟସ୍ତ ରହିଛନ୍ତି। ବର୍ଷା ଜାରି ରହିଲେ ସ୍ଥିତି ଆହୁରି ଗମ୍ଭୀର ହେବାର ଆଶଙ୍କା ରହିଛି। ତେଣୁ ଜଳବନ୍ଦୀ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବା ସହ ଅତ୍ୟାବଶ୍ୟକ ନଥିଲେ ପାଣି ଭର୍ତ୍ତି ରାସ୍ତାରେ ଯାତାୟାତ ନ କରିବାକୁ ଅନୁରୋଧ କରାଯାଉଛି। ରାଉରକେଲାର ବର୍ଷାର ଏହି ଦୃଶ୍ୟ ଏବେ ସହରର ଜଳନିଷ୍କାସନ ବ୍ୟବସ୍ଥା ଓ ନିମ୍ନାଞ୍ଚଳର ସୁରକ୍ଷାକୁ ନେଇ ବଡ଼ ପ୍ରଶ୍ନ ଠିଆ କରିଛି।

ସୂଚନାଯୋଗ୍ୟ ଯେ, ବୁଧବାର ରାତିଠାରୁ ଅଞ୍ଚଳରେ ବର୍ଷା ଲାଗି ରହିଥିବା ବେଳେ ଗୁରୁବାର ସକାଳେ ପ୍ରାୟ ଦୁଇ ଘଣ୍ଟା ଧରି ମୂଷଳଧାରାରେ ବର୍ଷା ହେବାରୁ ସହରର ସ୍ଥିତି ବେହାଲ୍ ହୋଇ ପଡ଼ିଥିଲା। ବିପର୍ଯ୍ୟନ୍ତ ଡ୍ରେନେଜ୍ ବ୍ୟବସ୍ଥା ଯୋଗୁ ଜଳ ନିଷ୍କାସନ ହୋଇ ନପାରି ଚାହୁଁ ଚାହୁଁ ସମଗ୍ର ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିଲା। ରିଂ ରୋଡ୍ ଓ ମେନ୍ ରୋଡ୍ ସମେତ ବିଭିନ୍ନ ପ୍ରମୁଖ ରାସ୍ତାରେ ପାଣି ଜମିଥିବା ବେଳେ ବାସନ୍ତୀ କଲୋନୀର ଜିଏମ ବ୍ଲକ ରାସ୍ତାରେ ୪ ଫୁଟରେ ପାଣି ବହିବା ସହ ସମସ୍ତ ଘର ଭିତରେ ଡ୍ରେନ ପାଣି ପଶିଯାଇଥିଲା। ରାଉରକେଲା ମହାନଗର ନିଗମର ଡେପୁଟି କମିଶନର ଅନିତା ନାୟକ ପହଞ୍ଚି ଜଳବନ୍ଦୀ ଥିବା ଲୋକଙ୍କୁ ଭେଟିଥିଲେ।

ସେହିପରି ଏହି ପ୍ରବଳ ବର୍ଷା ଯୋଗୁଁ ବାସନ୍ତୀ କଲୋନୀର ଡିଏଭି ପୋଖରୀ ଭର୍ତ୍ତି ହୋଇ ଓଭରଫ୍ଲୋ ହୋଇ ରାସ୍ତା ଉପରେ ୨ ଫୁଟ ଉଚ୍ଚର ପାଣି ଲହଡ଼ି ମାରିଥିଲା। ସେଠାରେ ଥିବା ସରୋବର ପାର୍କରେ ଏହି ପାଣି ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି।

ଛେଣ୍ଡ କଲୋନୀର ଆଫୋର୍ଡେବୁଲ ଆପାର୍ଟମେଣ୍ଟର ଗ୍ରାଉଣ୍ଡ ଫ୍ଲୋର ଘରଗୁଡିକରେ ୫ ଫୁଟର ପାଣି ଜମି ରହିଛି। ଛେଣ୍ଡ କଲୋନୀ ସ୍ଥିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ର ୬ ନମ୍ବର ଗେଟ ସମ୍ମୁଖରେ ୪ ଫୁଟ ପାଣି ପ୍ରବାହିତ ହେବା ସହ ସେଠାରେ ଥିବା ସବୁ ଘର ଭିତରେ ୪/୫ ଫୁଟ ଉଚ୍ଚର ପାଣି ଜମି ରହିଛି। ରିମ୍ପ ଛକ, ବିଏସଏନଏଲ ଛକ, କଳିଙ୍ଗ ବିହାର, ପାନପୋଷ ପୁରୁଣା ହାଟ, ଛେଣ୍ଡ ରେଲଓ୍ୱେ ଟ୍ରାକ, କୋଅପରେଟିଭ କଲୋନୀ, ଛେଣ୍ଡ ଆରଡିଏ କଲୋନୀ, ପାନପୋଷ ସ୍ପୋର୍ଟସ ହଷ୍ଟେଲ ନିକଟ ପୋଲ ତଳ ଆଦି ଅଞ୍ଚଳରେ ୨ରୁ ୩ ଫୁଟ ପାଣି ଲହଡି ମାରିଥିଲା। ଠାରୁ ବନ୍ଧମୁଣ୍ଡାର ତିଳକନଗର ପର୍ଯ୍ୟନ୍ତ ଅନେକ ଅଞ୍ଚଳ ପ୍ରଭାବିତ ହୋଇଥିଲା। ପ୍ରବଳ ବର୍ଷା ଯୋଗୁଁ ଶଙ୍ଖ, କୋଏଲ ଓ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇଛି।



## ବୈତରଣୀରେ ଆସୁଛି ପୁଣି ବଡ଼ବନ୍ୟା !



ବାରିକପୁର,୧୩।୮(ସମିସ): ପ୍ରଥମ ବନ୍ୟାକୁ ୧୫ ଦିନ ଯାଇ ନ ଥିବାବେଳେ ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀରେ ପୁଣି ବଡ଼ ବନ୍ୟା ଆସୁଛି। ନଦୀର ଉପର ମୁଣ୍ଡରେ ଲଘୁଚାପ ଜନିତ ବର୍ଷା ମୂଷଳ ଧାରାରେ ହେବା ଯୋଗୁଁ ଏହି ବନ୍ୟା ଦେଖା ଦେଇଥିବା କୁହାଯାଇଛି। ଗତ ବୁଧବାରଠାରୁ ଗୁରୁବାର ସକାଳ ଯାଏଁ ଆନନ୍ଦପୁରଠାରେ ୨୧.୬ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଚମ୍ପୁଆଠାରେ ୧୧୯ ମିମି, ସ୍ୱାମପାଟଣାଠାରେ ୭୨.୮ ମିମି ଓ କେନ୍ଦୁଝରଠାରେ ୪୭ ମିମି ବର୍ଷା ରେକର୍ଡ ହୋଇଛି। ସେହିଭଳି ଗୁରୁବାର ସକାଳଠାରୁ ସନ୍ଧ୍ୟା ଯାଏଁ ଚମ୍ପୁଆଠାରେ ୭୩.୨ ମିମି, ସ୍ୱାମପାଟଣାଠାରେ ୩୭.୪ ମିମି ଓ ଆନନ୍ଦପୁରଠାରେ ୧୧.୮ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ଏହାଛଡ଼ା କେନ୍ଦୁଝର ଜିଲ୍ଲା ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲାରେ ମାତ୍ରାଧିକ ବର୍ଷା କାରଣରୁ ବୈତରଣୀ ନଦୀ ସହିତ ସଂଯୋଗ ରହିଥିବା କିଛି ପାହାଡ଼ିଆ ନାଳରେ ପାଣି ଆସୁଥିବା କୁହାଯାଉଛି। ତେଣୁ ନଦୀର ଆନନ୍ଦପୁରଠାରେ ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ବନ୍ୟାଜଳ ବିପଦ ସତର୍କ ସୂଚନା ଟପିଥିବା ସୂଚନା ମିଳିଛି। ଏଠାରେ ବିପଦ ସଂକେତ ୩୮.୩୬୦ ମିଟର ଥିବାବେଳେ ବନ୍ୟା ପାଣି ସତର୍କ ସ୍ତର ୩୭.୪୪୫ ମିଟର ଉପରେ ପ୍ରବାହିତ ହେଉଛି। ସେହିଭଳି ଆଖୁଆପଦା ଆନିକଟଠାରେ ସନ୍ଧ୍ୟା ୬ଟାରୁ ଜଳସ୍ତର ବୃଦ୍ଧି ପାଉଥିବା ଜଣାପଡ଼ିଛି। ଦିନ ତମାମ ଜଳସ୍ତର ହ୍ରାସ ପାଉଥିବାବେଳେ ସନ୍ଧ୍ୟାବେଳୁ ଏହା ବୃଦ୍ଧି ହୋଇଛି। ଏଠାରେ ବିପଦ ସତର୍କ ସୂଚନା ୧୭.୮୩ ମିଟର ରହିଥିବାବେଳେ ସନ୍ଧ୍ୟା ୭ଟା ସୁଦ୍ଧା ୧୭.୨୧ ମିଟରରେ ଜଳ ପ୍ରବାହିତ ହେଉଛି। ଶୁକ୍ରବାର ସକାଳୁ ବନ୍ୟାର ରୂପରେଖ ସ୍ପଷ୍ଟ ଜଣାପଡ଼ିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ବଢୁଛି ଜଳସ୍ତର; ଆଶଙ୍କାରେ ନଦୀକୂଳିଆ

**ଯାଜପୁର,୧୩।୮ (ସମିସ):** ଲଗାଣ ବର୍ଷା ଓ ବନ୍ୟାରେ ଯାଜପୁର ଜିଲ୍ଲାବାସୀଙ୍କ ଅଣ୍ଟା ସିଧା ହୋଇନଥିବା ବେଳେ ପୁଣି ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇବା ଘଟଣା ନଦୀକୂଳିଆ ଲୋକଙ୍କୁ ଚିନ୍ତାରେ ପକାଇଛି। ଗୋଟିଏ ପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ନଦୀରେ ଆସିଥିବାକୁ ଥିବା ବନ୍ୟା ସଂପର୍କରେ ସତର୍କ ସୂଚନା ଜାରି କରାଯାଇଥିବା ବେଳେ ଅନ୍ୟପଟେ ବୈତରଣୀ ର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଆଜି ସନ୍ଧ୍ୟା ୭ଟା ସୁଦ୍ଧା ଆଖୁଆପଦା ନିକଟରେ ନଦୀର ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହେଉଥିଲେ ହେଁ ଜଳସ୍ତର ବୃଦ୍ଧି ପାଉଥିବାରୁ ଏହାକୁ ନେଇ ଦଶରଥପୁର, ଯାଜପୁର ଏବଂ କୋରେଇ ବ୍ଲକର ନଦୀକୂଳିଆ ଲୋକଙ୍କ ମନରେ ଛନକା ପଶିଛି। ଯଦିଓ ଆଜିର ପାଗ କୋହଲା ରହିଛି ତଥାପି ଉପର ମୁଣ୍ଡରେ ହୋଇଥ?ବା ପ୍ରବଳ ବର୍ଷା ଯୋଗୁଁ ନଦୀର ଜଳସ୍ତର ବୃଦ୍ଧି ପାଇବ ଏବଂ ବନ୍ୟା ହେବାର ଆଶଙ୍କା ରହିଛି ବୋଲି କୁହାଯାଉଛି। ଗତ ବନ୍ୟାରେ ସୃଷ୍ଟି ହୋଇଥିବା ଘାଇ ଗୁଡିକର କାମ ଯୁଦ୍ଧ କାଳୀନ ଭିତ୍ତିରେ ମରାମତି ଚାଲିଥିଲେ ମଧ୍ୟ ସରିପାରିନାହିଁ। ସେହିପରି ବନ୍ୟା ଯୋଗୁଁ ଘର ଦ୍ୱାର ଛାଡି ରାସ୍ତା ଉପରେ ଆଶ୍ରୟ ନେଇଥିବା ବିପନ୍ନ ନିଜ ଘରକୁ ଫେରିନଥିବା ବେଳେ ଆଉ ଏକ ବନ୍ୟାର ଆଶଙ୍କା ସେମାନଙ୍କ ଜୀବନକୁ ଦୁର୍ବିସହ କରିପକାଉଛି। ଏଭଳି ସ୍ଥଳେ ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## କାଣୀ ନଦୀସ୍ଥିତି ପରଖିଲେ ଜଳସମ୍ପଦ ଯନ୍ତ୍ରୀ



**ଦଶରଥପୁର,୧୩।୮ (ସମିସ):** ବନ୍ୟା ଯୋଗୁ ଦଶରଥପୁର ବ୍ଲକର ୫୯ଗାଁରେ ୮୬ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଥିଲେ। ବନ୍ୟା ଛାଡିବାର କମିବାର ୧୫ ଦିନ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ଦୁର୍ଦ୍ଦଶା କମୁନାହିଁ। ହଜାର ହଜାର ହେକ୍ଟର ଚାଷ ଜମିରେ ଧାନ ଓ ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି।ଏପରି ସ୍ଥିତିରେ ଲଗାଣ ବର୍ଷା ଯୋଗୁ କାଣୀ ନଦୀରେ ପୁନର୍ବାର ଜଳସ୍ତର ବୃଦ୍ଧି ପାଇବାରୁ ପଟଣାସାହି ନିକଟରେ ସୃଷ୍ଟି ଘାଇର ମରାମତି କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ୨ଟି ଘାଇ ମଧ୍ୟରୁ ଗୋଟିଏର ମରାମତି କାର୍ଯ୍ୟ ଏକ ପ୍ରକାର ଶେଷ ପର୍ଯ୍ୟାୟରେ ପହଂଚିଥିବା ବେଳେ ଅନ୍ୟ ଘାଇ ଦେଇ ବନ୍ୟା ଜଳ ତଳମୁଣ୍ଡକୁ ମାଡିଚାଲିଛି ଫଳରେ ତରପଦା, କସପା, ମଲ୍ଲିକାପୁର ପଞ୍ଚାୟତରେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ଥିମିବାର ନାଁ ଧରୁନି। ଆଜି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ହରେକୃଷ୍ଣ ବେହେରା, ଅଧିକ୍ଷଣ ଯନ୍ତ୍ରୀ ରତ୍ନାକର ଦଳାଇ, ସହକାରୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, କନିଷ୍ଠଯନ୍ତ୍ରୀ ଅରୁଣ କୁମାର ତ୍ରିପାଠୀ ପ୍ରମୁଖ ଘାଇ ମରାମତି କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିବା ସହିତ ମରାମତି ଦାୟିତ୍ୱ ନେଇଥିବା ଠିକସଂସ୍ଥା କର୍ତ୍ତୃପକ୍ଷଙ୍କୁ ବିପନ୍ନଙ୍କ ସ୍ୱାର୍ଥହାନି ନହେବା ଉପରେ ତ୍ୱରିତ ଓ ଗୁଣାଂକ କାର୍ଯ୍ୟ କରିବାକୁ ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ବେହେରା ନିର୍ଦ୍ଦେଶ ଦେଇଥିଲେ।

## ମାଇକ୍ରୋଫାଇନାନ୍ସ ସଚେତନତା କାର୍ଯ୍ୟକ୍ରମ



**ଯାଜପୁର,୧୩।୮ (ସମିସ):** ମାଇକ୍ରୋ ଫାଇନାନ୍ସ ଇଣ୍ଡଷ୍ଟ୍ରି ନେଟୱାର୍କ ପକ୍ଷରୁ ବୁଧବାର ମାଇକ୍ରୋଫାଇନାନ୍ସ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମାଇକ୍ରୋ ଫାଇନାନ୍ସ ଇଣ୍ଡଷ୍ଟ୍ରି ନେଟୱାର୍କ ହେଉଛି ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ୱୀକୃତ ଏକ ଜାତୀୟ ସ୍ତରର ସ୍ୱ-ନିୟାମକ ସଂଗଠନ। ଏହି ସଂଗଠନ ପକ୍ଷରୁ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ବିଭିନ୍ନ ମାଇକ୍ରୋଫାଇନାନ୍ସ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମାଇକ୍ରୋ ଫାଇନାନ୍ସ ଗ୍ରାହକ ଓ ଅନ୍ୟାନ୍ୟ ଲୋକମାନଙ୍କୁ ଆର୍ଥିକ ବିଷୟରେ ଉତ୍ତମ ବୁଝାମଣା ପ୍ରଦାନ କରିବା। ଏଥିରେ ମୁଖ୍ୟତଃ ବିଭିନ୍ନ ସଞ୍ଚୟ ଯୋଜନା ଓ ନିବେଶ ବିକଳ୍ପ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଋଣ ନେବା ଏବଂ ଠିକ୍ ସମୟରେ ଋଣ ପରିଶୋଧ କରିବା ସମ୍ପର୍କରେ ମାର୍ଗଦର୍ଶନ ଦେବା ସହିତ ବିଭିନ୍ନ ପ୍ରକାରର ବୀମା ଯୋଜନା ବିଷୟରେ ସୂଚନା ଦିଆଯାଇଥିଲା। ଏଥ?ସହିତ ଆର୍ଥିକ ଠକେଇରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ସତର୍କତା ବିଷୟରେ ସଚେତନ କରାଯାଇଥିଲା। ଏମଏଫଆଇଏନର ଆଞ୍ଚଳିକ ମୁଖ୍ୟ ଶ୍ରୀ ହବିବ୍ ଶେଖ୍ ଲୋକମାନଙ୍କୁ ନିଜର ଆର୍ଥିକ ଲକ୍ଷ୍ୟ ହାସଲ କରିବାରେ ସହାୟତା କରାଯିବ ବୋଲି କହିଥିଲେ। ଏଥ?ସହିତ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଦ୍ୱାରା ଯାଜପୁର ଜିଲ୍ଲାରେ କାର୍ଯ୍ୟରତ ୪୮ଟି ମାଇକ୍ରୋଫାଇନାନ୍ସ କମ୍ପାନୀ ନିୟନ୍ତ୍ରିତ ହେଉଛି ବୋଲି ସୂଚନା ଦେଇଥ?ଲେ। ଟୋଲ୍ ଫ୍ରି ନମ୍ବରରେ ଯୋଗାଯୋଗ କରି ମଧ୍ୟ ଅଭିଯୋଗର ସମାଧାନ ପାଇପାରିବେ। ଯାଜପୁରର ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ଶ୍ରୀ ରାଧାକାନ୍ତ ନାୟକ ଏବଂ ଡିଷ୍ଟ୍ରିକ୍ଟ ଡେଭଲପମେଣ୍ଟ ମ୍ୟାନେଜର ଶ୍ରୀମତୀ ଶିପାଳିନୀ ଦାସ ଆର୍ଥିକ ସାକ୍ଷରତାର ଗୁରୁତ୍ୱ ଉପରେ କହିଥିଲେ। ଅନ୍ନପୂର୍ଣ୍ଣ ମାଇକ୍ରୋ ଫାଇନାନ୍ସ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସାଇବର ସଚେତନତା ଶିବିର

**ପ୍ରୀତିପୁର,୧୩।୮,(ସମିସ):** ବିଞ୍ଝାରପୁର ଥାନା ଆନୁକୂଲ୍ୟରେ. ଅଙ୍ଗାଳୋ ସ୍ଥିତ ଲଛମନ ବାଲାଜୀଉ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ର ଯୁବ ରେଡକ୍ରସ ଓ ଜାତୀୟ ସେବା ସଂସ୍ଥା ସହଯୋଗରେ ଏକ ସାଇବର ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଅଧ୍ୟକ୍ଷ ଡ.ପ୍ରମୋଦ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ



ବିଞ୍ଝାରପୁର ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ଯୋଗଦେଇ କାର୍ଯ୍ୟକ୍ରମଟିକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବରେ ସବଇନସପେକ୍ଟର ହରିଶ ଚନ୍ଦ୍ର ସିଂ, ଅତିରିକ୍ତ ଭାରପ୍ରାପ୍ତ ଅଧିକାରିଣୀ ପ୍ରତିଭା ମଲ୍ଲିକ, ଏ.ଏସ.ଆଇ ସସ୍ମିତା ମଙ୍ଗରାଜ ପ୍ରମୁଖ ଯୋଗ. ଦେଇଥିଲେ। ସାମ୍ପ୍ରତିକ ସମାଜରେ ଘଟୁଥିବା ସାଇବର କ୍ରାଇମ ଦ୍ୱାରା ଲୋକେ କେମିତି ପ୍ରଭାବିତ ହେଉଛନ୍ତି ଓ ଏହାର ନିରାକରଣ କ୍ଷେତ୍ରରେ କଣ ସବୁ ପନ୍ଥା ଆପଣେଇବା ଉଚିତ୍ ସେ ସମ୍ପର୍କରେ ଅତିଥିମାନେ ବିଶଦ.ଆଲୋଚନା କରିଥିଲେ। ଯୁବ ରେଡକ୍ରସର ସଞ୍ଚୋଳକ ଅଧ୍ୟାପକ ଆଲୋକ କୁମୀର ସାମଲ ଓ ଜାତୀୟ ସେବାସଂସ୍ଥାର.ସଞ୍ଚୋଳକ ଅଧ୍ୟାପକ ନିହାର ରଞ୍ଜନ ବଳ ଶିବିରରେ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ସାଇବର ଠକେଇ ଠାରୁ ଦୂରର୍ ରହିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ସୁନୂଲ କୁମାର ରାଉତ ଶିବିରଟିକୁ ଉପସ୍ଥାପନ କରିଥିଲେ। ଅଧ୍ୟାପକ ରାମଚନ୍ଦ୍ର ବାରିକ, ଅଧ୍ୟାପକ ରାମତନ୍ଦ୍ର ସାମଲ, ଅଧ୍ୟାପକ ପ୍ରସନ୍ନ କୁମାର ବିଶ୍ୱାଳ, ଅଧ୍ୟାପକ ମଳୟ କୁମାର ମଲ୍ଲିକ,ଅଧ୍ୟାପକ ରୋହନ କୁମାର ମଲ୍ଲିକଙ୍କ ସମେତ ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ମାନେ ଯୋଗଦେଇଥିଲେ।

## ସମାବେଶୀ ଶିକ୍ଷା ପରିବେଶ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ

**ଯାଜପୁର,୧୩।୮ (ସମିସ):** ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲାର ସମସ୍ତ ଘରୋଇ ପରିଚାଳିତ ବିଦ୍ୟାଳୟରେ ସୁଗମ ଓ ସମାବେଶୀ ଶିକ୍ଷା ପରିବେଶ ସୁନିଶ୍ଚିତ କରିବାକୁ ଏକ ମାସ ମଧ୍ୟରେ ସୁଗମତା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ମହେଶ୍ୱର ସାହୁ ସମସ୍ତ ଘରୋଇ ବିଦ୍ୟାଳୟର ପ୍ରିନ୍ସିପାଲଙ୍କୁ ଆବଶ୍ୟକ ପଦକ୍ଷେପ ନେବା ସହ କାର୍ଯ୍ୟ ସମ୍ପନ୍ନ ହେବା ପରେ ଫଟୋ ପ୍ରେରଣ କରିବାକୁ କହିଛନ୍ତି। ଦିବ୍ୟାଙ୍ଗ ଅଧିକାର ଆଇନ-୨୦୧୬ ଧାରା ୧୬ ଅନୁଯାୟୀ ଶିକ୍ଷାନୁଷ୍ଠାନଗୁଡ଼ିକୁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଭେଦଭାବମୁକ୍ତ ଓ ସମାବେଶୀ ଶିକ୍ଷା ପରିବେଶ ସୁନିଶ୍ଚିତ କରିବା ଆବଶ୍ୟକ। ଏହାର ଅଂଶ ଭାବେ ବିଦ୍ୟାଳୟ ଭବନରେ ଯଥାଯଥ ରାମ୍ପ, ହ୍ୟାଣ୍ଡରେଲ୍, ଟ୍ୟାକ୍ଟାଇଲ୍ ପଥ, ଦିବ୍ୟାଙ୍ଗ-ଅନୁକୂଳ ଶୌଚାଳୟ, ସାଇନେଜ୍ ଏବଂ ଆବଶ୍ୟକ ଅନ୍ୟାନ୍ୟ ସୁଗମତା ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ପ୍ରସଙ୍ଗରେ ଶ୍ରୀ ଦାସ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରି ସମସ୍ତ ଘରୋଇ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଅଧିକାର ଓ ସୁଗମତା ନିଶ୍ଚିତ କରିବାକୁ ଅନୁରୋଧ କରିଥିଲେ। ଏହି ପଦକ୍ଷେପ ଦିବ୍ୟାଙ୍ଗ ଶିଶୁଙ୍କୁ ସମାନ ଭାବେ ଶିକ୍ଷା ଗ୍ରହଣର ସୁଯୋଗ ଦେବା ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଉଛି। ପ୍ରକାଶ ଥାଉକି ଜୁନ୩ ରୁ ଡିସେମ୍ବର ୩ ଯାଏଁ ଏହି ଅଭିଯାନ ଚାଲୁ ରହିବ। ତତସହିତ ଜିଲ୍ଲା ସହିତ ସାରୁ ରାଜ୍ୟରେ ସମସ୍ତ ସରକାରୀ ଅଫିସ, ସ୍କୁଲ କଲେଜ, ବ୍ୟାଙ୍କ, ପର୍ଯ୍ୟଟନସ୍ଥଳୀ ଓ ଧାର୍ମିକ ଅନୁଷ୍ଠାନ ରେ ସୁଗମତା କରାଯିବ ଶ୍ରୀ ଦାସ କହିଛନ୍ତି।

## ନିଖୋଜ ପିହୁ ଘଟଣାର ତଦନ୍ତ ପାଇଁ ପୁଣି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ମୋନାଲିସା



**ଯାଜପୁର,୧୩।୮ (ସମିସ):** ନିଖୋଜ ଶିଶୁ କନ୍ୟା ପିହୁ ଘଟଣାର ତଦନ୍ତ ପାଇଁ ପୁଣି ଥରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ମା' ମୋନାଲିସା। ଯାଜପୁର ଜିଲ୍ଲା ବିଂଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମର କୁନିଝିଅ ପିହୁ ଅପହରଣ ଘଟଣାକୁ ୬ ବର୍ଷ ପୁରଣ କରିଥିଲେ ହେଁ ଆଜି ପର୍ଯ୍ୟନ୍ତ ବିଂଝାରପୁର ଥାନା କିମ୍ବା ଯାଜପୁର ଜିଲ୍ଲା ପ୍ରଶାସନ ପିହୁ ସଂପର୍କରେ କୌଣସି ସୁରାକ ପାଇପାରିନାହିଁ। ଏଥିପାଇଁ ଆଜି ପିହୁର ମା' ମୋନାଲିସା ନାୟକ ଜିଲ୍ଲାପାଳ ଙ୍କୁ ଭେଟି ନ୍ୟାୟ ଭିକ୍ଷା କରିବା ସହ ପୂର୍ବତନ ଥାନା ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି କରିଛନ୍ତି। ନଚେତ କୁନିଝିଅ ପିହୁ ଅପହରଣ ଘଟଣାରେ ନ୍ୟାୟ ଦାବିରେ ଆଗାମୀ ୧୫ ଦିନ ଭିତରେ କଠୋର କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଚେତାବନୀ ଦେଇଛନ୍ତି। ପିହୁକୁ ଖୋଜିଦେବୁ କହି ନୂଆ ସରକାର ପ୍ରତିଶ୍ରୁତି ଦେଇ ଚୁପ୍ ବସିଛି ବୋଲି କହିଥିଲେ ମୋନାଲିସା।

## ଦାନଗଦି ବଜାରରୁ ଜବରଦଖଲ ଉଚ୍ଛେଦ



**ଦାନଗଦି,୧୩।୮ (ସମିସ) :** ଦାନଗଦି ବଜାରର ମାଛ ମାର୍କେଟକୁ ଜବରଦଖଲମୁକ୍ତ କରିଛି ତହସିଲ ପ୍ରଶାସନ। ସକାଳ ୧୦ ଘଟିକା ଠାରୁ ଜେସିବି ମେସିନ ଯୋଗେ ଜବରଦଖଲ ଘର ଓ କ୍ୟାବିନ ସବୁକୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ବେଳେ ସାମାନ୍ୟ ଉତ୍ତେଜନା ଦେଖା ଯାଇଥିଲା। ଦୀର୍ଘବର୍ଷ ଧରି ବ୍ୟବସାୟ କରି ପରିବାର ଚଳାଉଥିବା ଏହି ଦୋକାନୀ ମାନେ ଏହାକୁ ତୀବ୍ର ବିରୋଧ କରିଥିଲେ।ନ୍ୟାୟ ଦାବି କରି ଏହି ପରିବାରଗୁଡ଼ିକର ଲୋକମାନେ ବହୁବାର ତହସିଲ୍ ଅଫିସ୍ ଯାଇ ତହସିଲଦାରଙ୍କୁ ଭେଟିବାକୁ ଏବଂ ସେମାନଙ୍କର ଗୁହାରି ଜଣାଇବାକୁ ବହୁ ଚେଷ୍ଟା କରିଥିଲେ। ମାତ୍ର ଦୁଃଖର ବିଷୟ ସେମାନଙ୍କ କଥା କେହି ଶୁଣି ନ ଥିଲେ। ଏହି ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳର ବାବାଜୀ ମାଝୀ, ପ୍ରଶାନ୍ତ ମାଝୀ, ସୁଶାନ୍ତ ମାଝୀ, ସୋନୁ ସେଠି, ବବ୍ଲୁ ପାତ୍ର, ଏବଂ ମାଳତୀ ମାଝୀ (ସ୍ୱାମୀ: ଦୁଃଶାସନ ମାଝୀ) ପ୍ରମୁଖ ସାମିଲ ରହି ନିଜର ଦୁଃଖ ବ୍ୟକ୍ତ କରିଛନ୍ତି।ଆନ୍ଦୋଳନରତ ଲୋକମାନେ ଚେତାବନୀ ଦେଇ କହିଛନ୍ତି ଯେ, "ଆମକୁ ଯଥାଶୀଘ୍ର ନ୍ୟାୟ ଦିଅ। ଯେତେଦେଳେ ପର୍ଯ୍ୟନ୍ତ ଆମକୁ ନ୍ୟାୟ ମିଳିନାହିଁ, ସେତେ ପର୍ଯ୍ୟନ୍ତ ଆମେ ଏଠାରୁ ହଟିବୁ ନାହିଁ ଏବଂ ଏହିପରି ଭାବେ ବସି ରହିବୁ। ଆମର ବାକି ଥିବା ଋଣ କିସ୍ତି ଗୁଡ଼ିକ କିଏ ଶୁଝିବ? ଆମର ପିଲାମାନେ କ'ଣ ଖାଇବେ?"କ୍ଷ ସେମାନେ ଦାବି କରିଛନ୍ତି ଯେ ଯଦି କେବଳ ଗରିବ ଓ ଅସହାୟ ଲୋକଙ୍କ ଘରକୁ ଉଚ୍ଛେଦ କରାଯାଉଛି, ତେବେ ବଡ଼ ବଡ଼ ବ୍ୟବସାୟୀ ଓ ଜବରଦଖଲକାରୀଙ୍କୁ କାହିଁକି ବାଦ ଦିଆଯାଉଛି? ଅଞ୍ଚଳରେ ବେଆଇନ୍ ଭାବେ ଚାଲିଥିବା ବିଭିନ୍ନ ଦୋକାନ ଆଦି କରି ବହୁ ପରିମାଣର ଜମି ଜବରଦଖଲ କରିଥିବା ବ୍ୟକ୍ତିମାନଙ୍କର ମଧ୍ୟ ତୁରନ୍ତ ଜବରଦଖଲ ଉଚ୍ଛେଦ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।ଅପର ପକ୍ଷେ ଦୁଇ ପାଶ୍ୱର୍ରେ ଦିନକୁ ଦିନ ଜବରଦଖଲ ବଢିଚାଲିଛି। ଯାହା ଫଳରେ ରାସ୍ତା ଅଣଓସାରିଆ ହୋଇଯିବାରୁ ରାସ୍ତା ଉପରେ ଗାଡ଼ି ପାର୍କିଂ ଯୋଗୁ ପ୍ରତ୍ୟେହ ଦୁର୍ଘଟଣା ମାନ ଘଟୁଛି। ଯାହାକୁ ଲକ୍ଷ କରି ଦାନଗଦି ତହସିଲ ପ୍ରଶାସନ ଆଜି ଏଭଳି ପଦକ୍ଷପ ନେଇଥିବା ତହସିଲଦାର ରଞ୍ଜିତ କୁମାର ମଲ୍ଲିକ କହିଛନ୍ତି। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ତହସିଲଦାର ରଞ୍ଜିତ ମଲ୍ଲିକ , ଆଡିସନାଲ୍ ତହସିଲଦାର, ରାଜସ୍ୱ ପରିଦର୍ଶକ ଏବଂ ଦାନଗଦି ଫାଣ୍ଡି ଓ.ଆଇ. ସି. ଅମୂଲ୍ୟ ମିଶ୍ର ଓ ଅନ୍ୟକର୍ମଚାରି ପ୍ରମୁଖ ଉପସ୍ଥିତ ଅଛନ୍ତି।

## ଜାରକା ବିଟ୍ ହାଉସ୍ ଛାତରୁ ଗଳୁଛି ପାଣି

**ଧର୍ମଶାଳା,୧୩।୮ (ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବଜାର ଏକ କ୍ରମବର୍ଦ୍ଧିଷ୍ଣୁ ସହର ଭାବେ ଉଭା ହୋଇଥିବା ବେଳେ ଏଠାରେ ବିଭିନ୍ନ ସ୍ଥାନରୁ ଲୋକମାନେ ଆସି ସପରିବାରେ ବାସ କରି ରହୁଛନ୍ତି। ଲୋକମାନଙ୍କ ଚାହିଦାକୁ ଦେଖି ଏଠାରେ ସ୍କୁଲ, କଲେଜ ବିଭିନ୍ନ ଅଫିସ, ବହୁ ବଡ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ଓ ବ୍ୟାଙ୍କ ଗୁଡିକ ଖୋଲାଯାଇଛି। ଜାରକା ଛକ ଦେଇ ୧୬ନଂ ଜାତୀୟ ରାଜପଥ ଯାଇଥିବା ବେଳେ ଅନେକ ସମୟରେ ଏଠାରେ ଦୁର୍ଘଟଣାମାନ ଘଟିଥାଏ। ତେବେ ଏତେ ବଡ ଅଂଚଳରେ ଶାନ୍ତି ବ୍ୟାଘାତ ହେବା ନିଶ୍ଚିତ ଭାବି ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ପୁଲିସ ପ୍ରଶାସନ ପକ୍ଷରୁ ଜାରକା ଛକରେ ଏକ ପୁଲିସ ବିଟହାଉସ ଖୋଲାଯାଇଥିଲା। ୨୦୦୩ ମସିହା ଜାନୁଆରୀ ମାସରେ ଜାରକା ପୁଲିସ ବିଟ ହାଉସକୁ ତତକାଳିନ ଧର୍ମଶାଳା ବିଧାୟକ ସ୍ୱର୍ଗତ କଳ୍ପତରୁ ଦାସ ଓ ଯାଜପୁରର ତତକାଳୀନ ଏସପି ମୁରଲି ମୋହନ ଦାସ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଇତିମଧ୍ୟରେ ଜାରକା ଛକରେ ପ୍ରତିଷ୍ଠା ହୋଇଥିବା ପୁଲିସ ବିଟ ହାଉସକୁ ୨୩ ବର୍ଷ ବିତିଗଲାଣି। ତେବେ ମରାମତି ଅଭାବରୁ ବିଟ ହାଉସ କାର୍ଯ୍ୟାଳୟ ଗୃହର ଛାତରୁ ବର୍ଷା ଦିନରେ ପାଣି ଗଳୁଥିବା ଦେଖାଦେଇଛି। ଯାହା ଫଳରେ ଅଧିକ ବର୍ଷା ହେବା ବେଳେ ବିଟ ହାଉସ କାର୍ଯ୍ୟାଳୟରେ ରହି କାମ କରିବା କଷ୍ଟକର ହୋଇପଡିଛି। ଅନ୍ୟପଟେ ଜାରକା ଏକ ସମ୍ବେଦନଶୀଳ ଅଂଚଳ ହୋଇଥିବା ବେଳେ ଏଠାକାର ବିଟହାଉସରେ ଜଣେ ଅଧିକାରୀ ସମେତ ୧୦ ଜଣ କନେଷ୍ଟବଳ ନିଯୁକ୍ତି ପାଇବାର ବ୍ୟବସ୍ଥା ରହିଥିବା ବେଳେ ଏବେ ଜଣେ ଏଏସଆଇ ଓ ୩ ଜଣ କନେଷ୍ଟବଳରେ ବିଟ ହାଉସ ଚାଲିଛି। ଯାହାକି ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି। ଅଳ୍ପ ସଂଖ୍ୟକ ପୁଲିସ କର୍ମଚାରୀରେ ଜାରକା ଅଂଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସେମାନଙ୍କ ପାଇଁ କଷ୍ଟକର ବ୍ୟାପାର ହୋଇଛି। ଅନ୍ୟପଟେ ଏହି ବିଟହାଉସ ଅଧୀନରେ ଜାରକା, କୁମାରୀ, ଗଙ୍ଗାଧରପୁର ପଂଚାୟତ ସମ୍ପୂର୍ଣ୍ଣ ରହୁଥିବା ବେଳେ ଚହଟା ଓ ଚୋରମୁହାଁ ପଂଚାୟତର ଆଂଶିକ ରହିଛି। ଏହି ସବୁ ଅଂଚଳ ପାଇଁ ଏଠାରେ ଅତିକମରେ ୨ ଜଣ ମହିଳା କନେଷ୍ଟବଳ ନିଯୁକ୍ତି କରିବାର ଆବଶ୍ୟକତା ରହିଛି। ହେଲେ ମହିଳା କନେଷ୍ଟବଳ ତ ଦୂରର କଥା ଏଠାରେ ଆବଶ୍ୟକୀୟ ପୁରୁଷ କନେଷ୍ଟେବଳ ନଥିବା ଦେଖିବାକୁ ମିଳିଛି। ସେହିପରି ଏହା ଏକ ସମ୍ବେଦନଶୀଳ ସ୍ଥାନ ହୋଇଥିବା ବେଳେ ବିଟ ହାଉସରେ କୌଣସୀ ପୁଲିସ ଭ୍ୟାନ ନଥିବା ଦେଖିବାକୁ ମିଳିଛି। ଏସବୁକୁ ନଜରରେ ରଖି ତୁରନ୍ତ ବିଟ ହାଉସ ଗୃହ ମରାମତି ସହିତ ଆବଶ୍ୟକୀୟ କର୍ମଚାରୀ ଓ ପୁଲିସ ଭ୍ୟାନ ଯୋଗାଇ ଦେବା ପାଇଁ ଯାଜପୁର ଏସପିଙ୍କୁ ଦାବି କରାଯାଇଛି।

## ଅଗଷ୍ଟ ୧୫ରେ ରକ୍ତ ଓ ଅଙ୍ଗଦାନ କାର୍ଯ୍ୟକ୍ରମ

**କବାଟବନ୍ଧ,୧୩।୮ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ମେଡ଼ିକାଲ ପରିସରରେ ରକ୍ତ ଓ ଅଙ୍ଗଦାନ କାର୍ଯ୍ୟକ୍ରମ ଆସନ୍ତା ଅଗଷ୍ଟ ୧୫ ତାରିଖ ପାଇଁ କବାଟବନ୍ଧ ପ୍ରାଥମିକ ମେଡ଼ିକାଲ ଏବଂ ସଚେତନ ନାଗରିକ ମଞ୍ଚ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। କବାଟବନ୍ଧ ମେଡ଼ିକାଲ ଅଫିସର ଡାକ୍ତର ନିହାର ରଞ୍ଜନ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମାନବୀୟ ସାମାଜିକ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ସ୍ୱେଚ୍ଛାକୃତ ମାନେ ରକ୍ତ ଓ ଅଙ୍ଗଦାନ କରିବା ପାଇଁ ଯୁବକ ଯୁବତୀ ତଥା ବିଭିନ୍ନ ବର୍ଗର ଲୋକ ମାନେ ଯୋଗ ଦେବେ ବୋଲି ଡାକ୍ତର ଶ୍ରୀ କର କହିଛନ୍ତି। ପୂର୍ବରୁ ଡାକ୍ତର ଶ୍ରୀ କରଙ୍କ ଉଦ୍ୟମରେ ଏହି କାର୍ଯ୍ୟ ତଥା ନୂତନ ଅଙ୍ଗଦାତା ସୃଷ୍ଟି କରିବା ପାଇଁ ୨୦୨୪ ମସିହା ଠାରୁ ଉଦ୍ୟମ ଆରମ୍ଭ କରି ତାହାକୁ ତ୍ୱରାନ୍ୱିତ କରିବା ପାଇଁ ପୁନର୍ବାର ତୃତୀୟଥର ପାଇଁ ସ୍ଥିର କରାଯାଇଛି। ଦୁଇ ବର୍ଷ ପୂର୍ବେ ଅର୍ଥାତ ୨୦୨୪ ମସିହା ଅପ୍ରେଲ ମାସ ୧୯ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ମର୍ଜିତାପୁର ହିଙ୍ଗୁଳା ଯାତ୍ରା ରେ ଏକ ଷ୍ଟଲ ଖୋଲି ଲୋକ ମାନଙ୍କୁ ଅଙ୍ଗଦାନ କରିବା ପାଇଁ ସଚେତନ କରି ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୨୪୭ ଜଣ ଅଙ୍ଗଦାତାଙ୍କ ପଞ୍ଜିକରଣ କରିଥିଲେ। ଲୋକ ମାନଙ୍କୁ ସଚେତନ ମାଧ୍ୟମରେ ଅଧିକ ମାତ୍ରାରେ ସାମିଲ କରିବା ପାଇଁ ଦ୍ୱିତୀୟ ଥର ପାଇଁ ଗତ ୬ ଅଗଷ୍ଟ ୨୦୨୪ରେ ମର୍ଜିତାପୁର କଲ୍ୟାଣ ମଣ୍ଡପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହି ଦିନ ଜିଲ୍ଲାର ଧର୍ମଶାଳା ବ୍ଲକ ସମେତ ଅନ୍ୟାନ୍ୟ ବ୍ଲକର ପ୍ରାୟ ୩୦୪ ଜଣ ଅଙ୍ଗଦାତା ଅଙ୍ଗ ଦାନ କରିବା ପାଇଁ ପଞ୍ଜିକରଣ କରିଥିଲେ। ଆସନ୍ତା ୧୫ ଅଗଷ୍ଟ ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଏହି ମହାନ ରକ୍ତ ଓ ଅଙ୍ଗଦାନ କାର୍ଯ୍ୟକ୍ରମରେ ସାମିଲ ହୋଇ ରକ୍ତ ଦାନ କରି ଅନ୍ୟର ଜୀବନ ବଞ୍ଚାଇବା ସହିତ ମୃତ୍ୟୁ ପରେ ନିଜ ଶରୀରର ମୂଲ୍ୟବାନ ଅଙ୍ଗ ଯଥା ଆଖି, ହୃତପିଣ୍ଡ, ବୃକକ୍, ଯକୃତ, ଫୁସଫୁସ, ଇଣ୍ଟେଷ୍ଟାଇନ, ଅଗ୍ନାଶୟ, ଆଦିକୁ ମାଟିରେ ପୋତି କିମ୍ବା ନିଆଁରେ ଜାଳି ନଷ୍ଟ ନକରି ଅନ୍ୟର ଜୀବନ ବଞ୍ଚାଇବା ପାଇଁ ଦାନ କରିବାକୁ ଡାକ୍ତର ଶ୍ରୀ କର ନିବେଦନ କରିଛନ୍ତି।



## ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି

**ଧର୍ମଶାଳା,୧୩।୮ (ସମିସ):** ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଜାରକାସ୍ଥିତ ମହୋତ୍ସବ ପଡିଆରେ ଦେଶର ୮୦ ତମ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନିର୍ବାଚନମଣ୍ଡଳୀସ୍ତରୀୟ ଏହି ସ୍ୱାଧୀନତା ଦିବସରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତୋଳନ କରିବା ସହ ମିଳିତ ପ୍ୟାରେଡ଼ ରେ ଅଭିବାଦନ ଗ୍ରହଣ କରିବେ। ବିଧାୟକ ଶ୍ରୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ୩୪ ଗୋଟି ସ୍କୁଲର ଛାତ୍ରଛାତ୍ରୀ ପରେଡ୍‌ରେ ଅଂଶଗ୍ରହଣ କରିବେ। ସେଥିମଧ୍ୟରୁ ୮ ଗୋଟି ସ୍କୁଲର ଏନ୍‌ସିସି ଛାତ୍ରଛାତ୍ରୀ ପ୍ୟାରେଡରେ ଅଂଶଗ୍ରହଣ କରିବେ। ଏହି ଅବସରରେ ୮ ଗୋଟି ପ୍ରଜ୍ଞାପନ ମେଢ ପ୍ରଦର୍ଶିତ କରାଯିବ। ଦେଶର ଏହି ମହାନ ପର୍ବରେ ବିଧାୟକ ଶ୍ରୀ ସାହୁଙ୍କ ସମେତ ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ , ଧର୍ମଶାଳା ଓ ରସୁଲପୁର ବ୍ଲକର ବିଡିଓ, ତହସିଲଦାର, ବ୍ଲକ ଶିକ୍ଷାଧିକାରୀ, ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ଧର୍ମଶାଳା, ଜେନାପୁର ଓ କୁଆଖିଆ ଥାନାର ଥାନା ଅଧିକାରୀ ଉପସ୍ଥିତ ରହିବେ। କାର୍ଯ୍ୟକ୍ରମ ଅବସରରେ ନିର୍ବାଚନମଣ୍ଡଳୀରେ ଥିବା ସମସ୍ତ ଅବସରପ୍ରାପ୍ତ ସେନା କର୍ମଚାରୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିବେ। ଏଥିସହ ରିକ୍ସା, ଟଲି ଓ ଅଟୋ ଚାଳକ ମାନଙ୍କୁ ରାସନ ସାମଗ୍ରୀ ସହିତ ପ୍ରତ୍ୟେକଙ୍କୁ ଶା?ୀ ପ୍ରଦାନ କରାଯିବ। ଏଥିସହିତ ଆଶା ଦିଦିମାନଙ୍କୁ ଶା?ୀ ପ୍ରଦାନ କରାଯିବ। ୮୦ ତମ ସ୍ୱାଧିନତା ଦିବସ ଅବସରରେ ମହୋତ୍ସବ ପଡିଆରେ ପାଇକ ନାଚ ଓ ପ୍ରତିଷ୍ଠିତ ଗାୟକମାନଙ୍କ ଦ୍ୱାରା ସଙ୍ଗୀତ ପ୍ରଦର୍ଶନ କରାଯିବ। ମହୋତ୍ସବ ପଡିଆରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଚିଥିବା ବେଳେ ଆଜି ବିଧାୟକ ଶ୍ରୀ ସାହୁ ନିଜ ସମର୍ଥକଙ୍କ ସହିତ ମହୋତ୍ସବ ପଡିଆକୁ ଆସି ସ୍ଥିତି ପରଖିଥିଲେ। ମହୋତ୍ସବ ପଡିଆରେ ପ୍ରସ୍ତୁତି ପରଖିବା ଲାଗି ବିଧାୟକ ଶ୍ରୀ ସାହୁଙ୍କ ସହିତ ତୀର୍ଥରାଜ ପଣ୍ଡା, ଦେବରାଜ ମିଶ୍ର, ଅଭିଶେକ ରାଉତ, ପ୍ରଦୀପ ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ।

# ବର୍ଷାଜଳ ଅମଳ ଏବଂ ସଂରକ୍ଷଣ ସମ୍ପର୍କିତ ସଚେତନତା

**ଯଖପୁରା,୧୩।୮ (ସମିସ)**

ଇମ୍ଫା ଶିଳ୍ପ ଗୋଷ୍ଠୀ ଏବଂ ଏହାର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନର ମିଳିତ ସହଯୋଗରେ ସ୍ଥାନୀୟ ଯଖପୁରା ପଞ୍ଚାୟତସ୍ଥିତ ଯଖପୁରା ସରକାରୀ ଉଚ୍ଚ ବିଦ୍ୟାଳୟରେ ବର୍ଷାଜଳ ଅମଳ ଓ ସଂରକ୍ଷଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଯୁଗପ୍ରଭା ସାବତ ଯୋଗ ଦେଇଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଇମ୍ଫାର ପରିବେଶ ବିଭାଗର ମୁଖ୍ୟ ହିମାଂଶୁ ଶେଖର ପାତ୍ର, ଲୋକସମ୍ପର୍କ ବିଭାଗର ପ୍ରିୟବ୍ରତ କେଶି ଏବଂ ବଂଶୀଧର ଇଲା ପଣ୍ଡା ଫାଉଣ୍ଡେସନର ଶ୍ରୀ ଆଶିଷ କୁମାର ଦାସ ଯୋଗଦେଇଥିଲେ। ବର୍ତ୍ତମାନ ସମୟରେ ଘରର ଛାତ ଉପରେ ବର୍ଷାଜଳ ଅମଳ, ଘର ବାହାରେ ତଥା କର୍ମକ୍ଷେତ୍ରରେ ବର୍ଷାଜଳ ଅମଳ ପ୍ରଣାଳୀ ସ୍ଥାପନର ଗୁରୁତ୍ୱ ସହିତ ଭୂତଳ ଜଳର ସଂରକ୍ଷଣ ଏବଂ ପୁନଃଚାର୍ଜ, ଅବ୍ୟବହୃତ ବୋରୱେଲ ମରାମତି କରିବା, ଜଳଉତ୍ସଗୁଡ଼ିକର ପୁନରୁଦ୍ଧାର ଓ ସଂରକ୍ଷଣ, ବୃକ୍ଷରୋପଣ ଅଭିଯାନ ଶୀର୍ଷକ ଏକ ଆଲୋଚନ ସଭା କରାଯାଇଥିଲା।




କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆଗାମୀ ଦିନରେ ବର୍ଷାଜଳ ଅମଳ କଲେହିଁ ଭୂତଳ ଜଳସ୍ତର ହ୍ରାସକୁ ରୋକିବା ପାଇଁ, ଗ୍ରୀଷ୍ମ ଦିନେ ଜଳାଭାବ ସମସ୍ୟାର ସମାଧାନ ସହ ଜଳ ସଂରକ୍ଷଣ ପାଇଁ ସହାୟକ ହୋଇ ପାରିବ ବୋଲି ମତପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଇମ୍ଫାର ପରିବେଶ ବିଭାଗର ମୁଖ୍ୟ ହିମାଂଶୁ ସାହୁ ନିଜ ବକ୍ତ୍ୟବରେ ବର୍ତ୍ତମାନ ସମୟରେ ବର୍ଷାଜଳ ଅମଳ ମାଧ୍ୟମରେ ଅନେକମାତ୍ରାରେ ଜଳାଭାବାର ସମସ୍ୟା ସମାଧାନ ହେବା ସହ ପରିବେଶ ସୁରକ୍ଷିତ ହୋଇପାରିବ ବୋଲି କହିଥିଲେ। ଫାଉଣ୍ଡେସନର ଆଶିଷ କୁମାର ଦାସ ଓଡ଼ିଶାରେ ଜଳସମସ୍ୟା ଉପରେ ଆଲୋକପାତ କରିବା ସହିତ ଉପଯୁକ୍ତ ସଂରକ୍ଷଣ ଓ ପରିଚାଳନା ଦ୍ୱାରା ଜଳସମସ୍ୟା ସମାଧାନ ହୋଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ କୁଇଜ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୨୦୦ରୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ଏବଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏହାସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ପ୍ରତି ସଚେତନତା ସୃଷ୍ଟି ପାଇଁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ, ଇମ୍ଫା ଶିଳ୍ପଗୋଷ୍ଠୀ ଏବଂ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନର ସଦସ୍ୟ ଗଣ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ଶେଷରେ ଇମ୍ଫା ତରଫରୁ ଛାତ୍ରଛାତ୍ରୀଙ୍କୁ ସଜନା, ଲେମ୍ବୁ, ଆମ୍ବ, ପଣସ, ଅମୃତଭଣ୍ଡା ଇତ୍ୟାଦି ଗଛର ଚାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଫାଉଣ୍ଡେସନର ପ୍ରୋଗ୍ରାମ ଅଫିସର ସୁପ୍ରଭା ପ୍ରଧାନ, ସୁଶ୍ରୀ ବର୍ଷା ରାଣୀ ବାରିକ, ସୁଶ୍ରୀ ଅଞ୍ଜନା ସେଠୀ, ପତିତପାବନ ନାଥ ଏବଂ ରାକେଶ ସାହୁ ଏବଂ ବିଆଇପିଏଫ୍‌ର ଅନ୍ୟ ସଦସ୍ୟ ସଂଯୋଜନା ଏବଂ ପରିଚାଳନା କରିଥିଲେ।

**ଏସ୍‌ଆଇଆର୍‌ରେ କାର୍ଯ୍ୟରତ ଶିକ୍ଷକଙ୍କ ମୃତ୍ୟୁ**

# ବ୍ଲକ ଅଫିସ୍ ଆଗରେ ମୃତଦେହ ରଖି ଆନ୍ଦୋଳନ

ସୁକିନ୍ଦା,୧୩।୮ (ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟରେ ନିୟୋଜିତ ଜଣେ ଶିକ୍ଷକଙ୍କ ଦୁର୍ଘଟଣା ଜନିତ ମୃତ୍ୟୁକୁ ନେଇ ସୁକିନ୍ଦାରେ ଶିକ୍ଷକ ସଂଘ ପକ୍ଷରୁ ଆନ୍ଦୋଳନ ଜୋରଦାର ହୋଇଛି। ମୃତ ଶିକ୍ଷକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର କ୍ଷତିପୂରଣ ସହ ପରିବାରର ଜଣଙ୍କୁ ସରକାରୀ ଚାକିରି ଦେବା ଦାବିରେ ସୁକିନ୍ଦା ବ୍ଲକ୍‌ର ଶତାଧିକ ଶିକ୍ଷକଶିକ୍ଷୟିତ୍ରୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ମୃତ ଶିକ୍ଷକ ସୁକିନ୍ଦା ବ୍ଲକ୍ ଓଳିଆ ପଞ୍ଚାୟତ ଅଧୀନ ଶୁକରଣ ଗ୍ରାମ ଉପେନ୍ଦ୍ରନାଥ ମଲିକ। ସେ ଏହି ବ୍ଲକ ଅନ୍ତର୍ଗତ ପାଟପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଗତ ୮ତାରିଖ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଏକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ପ୍ରଥମେ ଦାନଗଦି ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୧୨ତାରିଖ ଦିନ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିଲା। ସରକାରୀ କାର୍ଯ୍ୟରେ ନିୟୋଜିତ ଥିବା ଅବସ୍ଥାରେ ଶିକ୍ଷକ ଉପେନ୍ଦ୍ରନାଥଙ୍କ ମୃତ୍ୟୁ ଘଟିଥିବାରୁ ମୃତକ ଶିକ୍ଷକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର କ୍ଷତି ପୂରଣ ଓ ପରିବାରର ଜଣକୁ ସରକାରୀ ଚାକିରି ଯୋଗାଇ ଦେବା ଦାବିରେ ବ୍ଲକ୍ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକଙ୍କ ମୃତଦେହ ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ରଖି ଆନ୍ଦୋଳନ ହୋଇଥିଲା। ସୁକିନ୍ଦା ବିଡିଓ ଓ ତହସିଲଦାର ଆନ୍ଦୋଳନରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବୁଝାସୁଝା କରିବା ସହ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାର ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପରେ ମୃତ ଶିକ୍ଷକଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଏମ୍‌ଏମ୍‌ଡିଆର୍ ଆଇନ ଯୋଗୁଁ ରାଜ୍ୟର ସ୍ୱାର୍ଥ ପ୍ରଭାବିତ ହେବ: ପ୍ରଫୁଲ୍ଲ ଘଡ଼ାଇ

ଦାନଗଦି,୧୩।୮ (ସମିସ): କେନ୍ଦ୍ର ସରକାର ଏକ ସମ୍ପୂର୍ଣ୍ଣ ନୂଆ ଧାରା ୯(ଡି)କୁ ଯୋଡି ସଂସଦରେ ଖଣି ଓ ଖଣିଜ(ବିକାଶ ଓ ନିୟାମକ)(ଏମଏମଡିଆର) ସଂଶୋଧନ ବିଲ, ୨୦୨୬ କୁ ଅଗଷ୍ଟ ମାସ ୧୦ ତାରିଖଦିନ ଆଗତ କରିବା ପରେ ସଂସଦରେ ଏହାକୁ ଅନୁମୋଦନ କରିଛନ୍ତି। ଏହା ଆଇନରେ ପରିଣତ ହେବା ପରେ ଖଣିଜ ଅଧିକାର ଏବଂ ଖଣିଜ ପଦାର୍ଥ ଗଚ୍ଛିତ ଥିବା ଜମି ଉପରେ ରାଜ୍ୟ ସରକାର ମାନେ ଲଗାଉଥିବା ଟ୍ୟାକ୍ସ୍, ସେସ ଏବଂ ଲେଭି ଉପରେ କେନ୍ଦ୍ରସରକାରଙ୍କ



ନିୟନ୍ତ୍ରଣକୁ ଆସିଯିବ। ରାଜ୍ୟ ମାନଙ୍କର ଆଉ ଖଣି ସଂପର୍କୀୟ ଟିକସ ନିଷ୍ପତ୍ତି ଉପରେ ସ୍ୱାଧୀନତା ରହିବ ନାହିଁ ବରଂ କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ସର୍ତ୍ତ ଏବଂ ନିୟନ୍ତ୍ରଣ ଅନୁସାରେ ରାଜ୍ୟ ସରକାର ମାନେ ତାହାକୁ ବ୍ୟବହାର କରିବେ। ଏହା ରାଜ୍ୟର ଅଧିକାରକୁ ଛଡାଇ ନେବା ସହିତ ରାଜ୍ୟର ରାଜସ୍ୱ ସଂଗ୍ରହ ଓ ପ୍ରଗତି କ୍ଷେତ୍ରରେ ଏକ ବିରାଟ ଅନ୍ତରାୟ ସାଜିବ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ ଆଶଙ୍କା ବ୍ୟକ୍ତ କରିଛନ୍ତି। ପୂର୍ବରୁ କେନ୍ଦ୍ରସରକାର ଖଣି ରୟାଲ୍ଟି ବୃଦ୍ଧି ନକରିବାରୁ ଓଡିଶା ସରକାର ଓଡିଶା ରୁରାଲ ଇନଫ୍ରାଷ୍ଟ୍ରକ୍‌ଚର ଆଣ୍ଡ ସୋସିଓ ଇକୋନୋମିକ ଡେଭଲପମେଟ ଆକ୍ଟ, ୨୦୦୪ କୁ ୨୦୦୫ ମସିହା ଫେବୃୟାରୀ ମାସରେ ବିଧାନସଭାରେ ଅନୁମୋଦନ କରିଥିଲେ। ଏହି ନିୟମ ଅନୁସାରେ ଖଣିଜ ପଦାର୍ଥ ଥିବା ଜମିର ବାର୍ଷିକ ମୂଲ୍ୟ ଉପରେ ରାଜ୍ୟ ସରକାର ୨୦ ପ୍ରତିଶତ ପର୍ଯ୍ୟନ୍ତ ରୟାଲ୍ଟି ଲଗାଇ ପାରିଥାନ୍ତେ। ମାତ୍ର ଖଣି କଂପାନୀ ମାନେ ଏଥିପାଇଁ ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା ଲଢିବା ଫଳରେ ଏହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ୨୦୨୪ ମସିହା ଜୁଲାଇ ମାସ ୨୫ ତାରିଖ ଦିନ ମାନ୍ୟବର ସୁପ୍ରିମ କୋର୍ଟଙ୍କ "ମିନେରାଲ ଏରିଆ ଡେଭଲପମେଟ ଆଣ୍ଡ ଅଥରିଟି ବନାମ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ" ରାୟ ଅନୁସାରେ ଖଣିଜ ସଂପଦ ଗଚ୍ଛିତ ଥିବା ଜମି ଏବଂ ଖଣିଜ ଅଧିକାର ଉପରେ ରାଜ୍ୟସରକାର ମାନେ ଆଦାୟ କରୁଥିବା ରୟାଲଟି ଏକ ଟ୍ୟାକ୍ସ ନୁହେଁ। ଏହା ହେଉଛି ଏମ. ଏମ. ଡି.ଆର ଆକ୍ଟର ଧାରା-୯ ଅଧୀନରେ ଖଣି ଲିଜ୍ ନେଇଥିବା କମ୍ପାନୀ ଦ୍ୱାରା ଖଣିଜ ସମ୍ପଦ ଉତ୍ତୋଳନ କରିବାର ଅଧିକାର ପାଇଁ ରାଜ୍ୟ ମାନଙ୍କୁ ଦିଆଯାଉଥିବା ଏକ ଅର୍ଥ ରାଶି। ଏହାକୁ ରାଜ୍ୟ ସରକାର ମାନେ ପିଛିଲା ଭାବରେ ୧ ଏପ୍ରିଲ, ୨୦୦୫ ମସିହା ଠାରୁ ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସୁପ୍ରିମ କୋର୍ଟଙ୍କ ରାୟ ପରେ ଏହା କାର୍ଯ୍ୟକାରୀ ହେବା ପାଇଁ ବାଟ ଫିଟିଥିଲା ଏବଂ ଏଥିରୁ ଓଡିଶା ସରକାର ପିଛିଲା ଭାବରେ ପ୍ରାୟ ୫୦ ହଜାରରୁ ୧ ଲକ୍ଷ କୋଟି ଟଙ୍କା ଆଦାୟ କରିବା ପାଇଁ ଲକ୍ଷ ଧାର୍ଯ୍ୟ କରିଥିଲେ। ଏହା କାର୍ଯ୍ୟକାରୀ ହୋଇଥିଲେ ବାର୍ଷିକ ଅଧିକ ୧୨୦୦୦ କୋଟି ଟଙ୍କା ରୟାଲ୍ଟି ଆଦାୟ କରାଯାଇ ପାରିଥାଆନ୍ତା। ସୁପ୍ରିମ କୋର୍ଟଙ୍କ ଆଦେଶ ବଳରେ ଝାଡଖଣ୍ଡ ସରକାର ପ୍ରାୟ ୨୫୦୦ କାଟି ଟଙ୍କା ଆଦାୟ କରିଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୩,୪୪୨ କୋଟି ଟଙ୍କା ଆଦାୟ କରିବା ପାଇଁ ଲକ୍ଷଧାର୍ଯ୍ୟ କରିଥିଲେ। ଭାରତୀୟ ସଂବିଧାନ ରାଜ୍ୟସୂଚୀର ୪୯ତମ ତାଲିକାରେ ଜମି ଉପରେ କରବସାଇବା କ୍ଷେତ୍ରରେ ରାଜ୍ୟ ସରକାରଙ୍କର ଅଧିକାର ଅଛି। ତେଣୁ ରାଜ୍ୟ ସରକାର ଏଥିପାଇଁ ଖଣିଜ ସମ୍ପଦ ଥିବା ଜମି ଉପରେ ସ୍ୱତନ୍ତ୍ରରୟାଲ୍ଟି ଲଗାଇ ପାରିବେ। ମାତ୍ର କେନ୍ଦ୍ର ସରକାର ଏହାକୁ ଅଣଦେଖାକରିବା ଫଳରେ ଓଡିଶା ସରକାର ପ୍ରାୟ ଏକ ଲକ୍ଷ କୋଟି ଟଙ୍କାର ବକେୟା ଏବଂ ୧୨ ହଜାର କୋଟି ଟଙ୍କାର ବାର୍ଷିକ କ୍ଷତି ସହିବେ ବୋଲି ସେ କହିଛନ୍ତି। ତେଣୁ ଓଡ଼ିଶା ସମେତ ଖଣିଜ ସଂପଦ ଗଚ୍ଛିତ ଥିବା ସମସ୍ତ ରାଜ୍ୟ ସରକାର ଦୃଢ ପ୍ରତିବାଦ କରିବା ଆବଶ୍ୟକ ବୋଲି ଶ୍ରୀ ଘଡ଼େଇ କହିଛନ୍ତି।

## ଆକ୍ରମଣ ମାମଲାର ଅଭିଯୁକ୍ତ ଅଦାଲତ ଚାଲାଣ

ପାଣିକୋଇଲି,୧୩।୮ (ସମିସ): ପାଣିକୋଇଲି ପୁଲିସ ଆଜି ଜଣେ ଆକ୍ରମଣକାରୀଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ଗୋଳେଇପୁର ପଂଚାୟତ ସୋଡି ଗ୍ରାମର ସତ୍ୟବାଦ ଦାଶ ଓ ଭବାନୀ ଶଙ୍କର ଦାଶଙ୍କ ମଧ୍ୟରେ ଜମିବାଡି ବିବାଦ ରହିଥିଲା।



ଗତ ଜୁନ ୨୮ ତାରିଖ ରାତ୍ରୀରେ ଗୀତା ହୋଟେଲରେ କାମ କରୁଥିବା ସତ୍ୟବାନ ତାଙ୍କ କାମ ସାରି ବିଳମ୍ବିତ ରାତ୍ରୀରେ ଘରକୁ ଫେରୁଥିଲେ। ନବଦାସ ଦୋକାନ ପଛପଟେ ଲୁଚି ରହିଥିବା ଭବାନୀ ହଠାତ ତାଙ୍କୁ ଆକ୍ରମଣ କରିଥିଲା। ଠେଂଗାରେ ମୁଣ୍ଡକୁ ଆକ୍ରମଣ କଲାବେଳେ ସତ୍ୟବାନ କୌଶଳ କ୍ରମେ ମୁଣ୍ଡକୁ ବଂଚାଇଦେଇଥିବା ବେଳେ ଭବାନୀର ମାଡରେ ଅଚେତ ହୋଇ ପଡିଥିଲେ। ପରେ ଲୋକମାନଙ୍କ ସହଯତାରେ ଉଦ୍ଧାର ହୋଇ ଚିକତ୍ସିତ ହୋଇଥିଲେ। ଜୁନ ୨୯ ସତ୍ୟବାନ ଏନେଇ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ୨୫୫/୨୬ ରୁଜ୍ଜୁ କରି ତଦନ୍ତ ଆରମ୍ଭ କରିଥିଲା। ହେଲେ ଭବାନୀ ଫେରାର ଥିବାରୁ ତାକୁ ଧରିପାରିନଥିଲ। ଏମିତିକି ଭବାନୀ ଫୋନରେ ସତ୍ୟବାନ ଓ ତାର ପୁଅକୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଆଜି ଭବାନୀ ଘରକୁ ଫେରିଥିବା ଖବର ପାଇ ପୁଲିସ ତାର ଘରୁ ତାକୁ ଗିରଫ କରି ଅଦାଲତ ଚାଲାଣ କରିଛି।

## ୮ କେଜି ଭାଙ୍ଗ ଜବତ, ଜଣେ ଗିରଫ

ଯାଜପୁର,୧୩।୮ (ସମିସ): ଯାଜପୁରରେ ଅବକାରୀ ବିଭାଗକୁ ମିଳିଛି ବଡ଼ ସଫଳତା। ଆଜି ସକାଳେ ତ୍ରିଲୋଚନପଡ଼ା ଦେବୀଦ୍ୱାର ଅଞ୍ଚଳରେ ଚଢ଼ାଉ କରି ୮ କିଲୋ ୭୭୦ ଗ୍ରାମ ଭାଙ୍ଗ ଜବତ କରିବା ସହ ସୁଶାନ୍ତ ଦୀକ୍ଷିତଙ୍କୁ ଗିରଫ କରିଛି ବିଭାଗ। ଭାଙ୍ଗ ଚାଲାଣ ଓ ବିକ୍ରି ଅଭିଯୋଗରେ ୩୩ ବର୍ଷୀୟ ସୁଶାନ୍ତଙ୍କୁ ଗିରଫ କରାଯାଇଛି। ତାଙ୍କ ପିତାଙ୍କ ନାମ ଅଲେଖ ଦୀକ୍ଷିତ। ଏହି ଚଢ଼ାଉରେ ଇନ୍ସପେକ୍ଟର କେଶବଚନ୍ଦ୍ର ଦାସ, ଓଆଇସି ସୁଭଦର୍ଶିନୀ ସାହୁ, ଏସ୍ ଆଇ ଅଭୟ ନାଏକଙ୍କ ସମେତ ଅନ୍ୟ ଅବକାରୀ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ଜବତ ଭାଙ୍ଗକୁ ନେଇ ବିଭାଗ ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ନିଶାଦ୍ରବ୍ୟର ଚୋରା କାରବାର ରୋକିବା ଦିଗରେ ଅବକାରୀ ବିଭାଗ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଚଢ଼ାଉ ଜାରି ରହିବ।

## ପାଣିକୋଇଲି ଥାନା ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ



ପାଣିକୋଇଲି,୧୩।୮ (ସମିସ): ପାଣିକୋଇଲି ଥାନା ପକ୍ଷରୁ ଆଜି ପାଣିକୋଇଲି କଚେରୀ ସ୍କୁଲ (ପାଣିକୋଇଲି ସରକାରୀ ପ୍ରାଥମିକ ବିଦ୍ୟାଳୟ) ଠାରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନାଧିକାରୀ ପୂର୍ଣ୍ଣ ଚନ୍ଦ୍ର ପଟ୍ଟାୟତଙ୍କ ନେତୃତ୍ୱରେ ବଢୁଥିବା ସାଇବର ଅପରାଧ ଓ ଏହାର ନିୟନ୍ତ୍ରଣ କେବଳ ସଚେତନତା ମାଧ୍ୟମରେ କରାଯାଇ ପାରିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ସବଇନ୍ସପେକ୍ଟର ବିଶ୍ୱ ରଂଜନ ଦାସ, ମିନତୀ ବେହେରା, ଏଏସଆଇ ନିର୍ମଳ ଚୌଧୁରୀ, ହାବିଲଦାର ସୁଲୋଚନ ବେହେରା, ଗଣେଷ ଲେଙ୍କା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପିନ ଦାସ, ପରିଚାଳନା କମିଟି ସଭାପତି ଆନନ୍ଦ ରଣାଙ୍କ ସମେତ ସମସ୍ତ ପୁଲିସ ଅଧିକାରୀ, କର୍ମଚାରୀ, ଜାଗୃତି ସମାଜର ସଦସ୍ୟ ଓ ପରିଚାଳନା କମିଟି ସଦସ୍ୟ, ସଦସ୍ୟା ଉପସ୍ଥିତ ଥିଲେ।

## ସ୍ୱର୍ଗତ ସଞ୍ଜୁଲତା ପରିଡ଼ାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଧର୍ମଶାଳା,୧୩।୮ (ସମିସ): ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପରିଡାଙ୍କ ଧର୍ମପତ୍ନୀ ସଞ୍ଜୁଲତା ପରିଡାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ଜାରକା ସ୍ଥିତ ବାସଭବନରେ ଆଜି ପୂର୍ବାହ୍ନ ସମୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାବନ୍ଧିକ ସଂଗ୍ରାମ କେଶରୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ



ଏହି ସଭାରେ ଯାଜପୁରର ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ, ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଗୌତମ ରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, ସମାଜସେବୀ ମିନତୀ ସାହୁ, ସାଂସଦ ପ୍ରତିନିଧି କାହ୍ନୁ ଚରଣ ଦାଶ, ବିଜେପି ନେତା ପବିତ୍ର ମୋହନ ଦାଶ ଓ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଶାରଦା ମହାନ୍ତି ଅତିଥିଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ରମାକାନ୍ତ ଜେନା, ବଟକୃଷ୍ଣ ପରିଡା, ଅଖିଳ କୁମାର ସ୍ୱାଇଁ, ମାନସ ରଞ୍ଜନ ଜେନା, ଅବିନେଶ୍ୱର ଶତପଥି, ଶୁଭକାନ୍ତ ନାୟକ, ଯୁବନେତା ଶ୍ରୀକାନ୍ତ ସାହୁ, ସନ୍ତୋଷ କୁମାର ଜେନା, କୃଷକ ନେତା ବସନ୍ତ ପରିଡା, ଶ୍ରମିକ ନେତା ନୃସିଂହ ଚରଣ ମିଶ୍ର, ସାହିତ୍ୟିକ ଅଭିମନ୍ୟୁ ଧଳ, ଶ୍ରୀନାଥ ମିଶ୍ର, ପ୍ରମୋଦ କୁମାର ଦାଶ, ନିର୍ମଳ କୁମାର ସାମଲ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଉଦୟ କୁମାର ସାହୁ, ଶିକ୍ଷକ ନେତା ନାରାୟଣ ସ୍ୱାଇଁ, ଅଧ୍ୟାପକ ତୁହିନାଁଶୁ ରଥ, ବିଜୟ କେତନ ସାମଲ, ଜଳଧର ସାହୁ, ବିବେକ କୁମାର ଗନ୍ତାୟତ, ନକୁଳ ଚରଣ ନାୟକ, ସୁବୋଧ କୁମାର ସାମଲ, ମହେଶ୍ୱର ଭୋଇ, ରମେଶ ରାଉତ ନାରାୟଣ ମଲ୍ଲିକ ଓ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପଦାରବିନ୍ଦ ପରିଡା, ଇଂ. ନରେନ କୁମାର ଜେନା, ଅମରେନ୍ଦ୍ର ପରିଡା, କାଳୀଚରଣ ଶତପଥୀ, ପ୍ରଭଞ୍ଜନ ମହାନ୍ତି ଓ ସୁବ୍ରତ କୁମାର ଜେନା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଶେଷରେ ପରିବାର ପକ୍ଷରୁ ଅମୀୟ କୁମାର ପରିଡା ଉପସ୍ଥିତ ଭଦ୍ରବ୍ୟକ୍ତିମାନଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ।

## ମଦ ଜବତ; ବେପାରୀ ଗିରଫ

ପାଣିକୋଇଲି, ୧୩।୮ (ସମିସ): ଚୋରା ମଦ ବିକ୍ରିର ଖବର ପାଇବା ମାତ୍ରେ ପାଣିକୋଇଲି ପୁଲିସ କ୍ରମାଗତ ଚଢ଼ଉ କରୁଥିବା ବେଳେ ପଥରପଦା ପଞ୍ଚାୟତ ଓଚିନ୍ଦା ଛକରେ ବେଆଇନ ଚୋରା ଦେଶୀ ମଦର ଖବର ପାଇ ଚଢ଼ଉ କରିଥିଲା। ଚଡାଉ ସମୟରେ ତାଜପୁର ଗ୍ରାମର ପ୍ରମୋଦ ପରିଡା (୩୪)କୁ ଧରିବାରୁ ତା ନିକଟରୁ ୯ଟି ଆସ୍କା ଫର୍ଟି ( ୧ଲିଟର୮୦୦) ମଦ ଜବତ କରିଥିଲା। ଏନେଇ ଏକ ମାମଲା ରୁଜ୍ଜୁ କରିବା ସହ ତାକୁ ଗିରଫ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

# ୫୩ ନମ୍ବର ଜାତୀୟ ରାଜପଥ କାର୍ଯ୍ୟ ଆରମ୍ଭ ନେଇ ଦାବିପତ୍ର

ସୁକିନ୍ଦା,୧୩।୮ (ସମିସ): ୫୩ ନମ୍ବର ଜାତୀୟ ରାଜପଥର ସୁକିନ୍ଦା ଛକ ରାସ୍ତା କାର୍ଯ୍ୟ ଦୀର୍ଘବର୍ଷ ଧରି ଆରମ୍ଭ ନ ହୋଇ ପଡ଼ିରହିଥିବାରୁ ଯଥାଶୀଘ୍ର ଆରମ୍ଭ କରିବା ଭଳି ୯ଦଫା ଦାବି ନେଇ ସୁକିନ୍ଦା ବିକାଶ ମଞ୍ଚ ପକ୍ଷରୁ ସୁକିନ୍ଦା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ୪ ଥାକିଆ ରାସ୍ତା ଗତ ୫ବର୍ଷ ପୂର୍ବରୁ ଲୋକାର୍ପଣ ହୋଇଥିଲେ ମଧ୍ୟ ସୁକିନ୍ଦା ଛକରେ ପ୍ରସ୍ତାବିତ ଗଳିପୋଲ କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରୁନାହିଁ। ସମସ୍ତ ଯାନବାହାନ ସର୍ଭିସ ରୋଡରେ ଯାତାୟାତ କରୁଛି। ଅସରାଏ ବର୍ଷା ହେଲେ ଏହି ରାସ୍ତା ପାଣିରେ ବୁଡ଼ି ରହୁଛି। ଘଣ୍ଟା ଘଣ୍ଟା ଧରି ଯାତାୟାତ ବନ୍ଦ ରହୁଛି। ଏହି ରାସ୍ତା ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବା କାରଣରୁ ଦୈନିକ ଦୁର୍ଘଟଣା ଲାଗି ରହୁଛି। ଯାହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ସୁକିନ୍ଦା ଛକରେ ପ୍ରସ୍ତାବିତ ଓଭରବ୍ରିଜ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରିବା, ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଜବରଦଖଲ ଉଚ୍ଛେଦ କରିବା, ଅଚଳ ଡ୍ରେନେଜ୍ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବା, ହନୁମାନ ଛକ ଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ବ୍ୟସ୍ତବହୁଳ ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରିବା ଭଳି ୯ଦଫା ଦାବି ସମ୍ବଳିତ ଦାବିପତ୍ର ସୁକିନ୍ଦା ବିକାଶ ମଞ୍ଚ ପକ୍ଷରୁ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଯଥାଶୀଘ୍ର ଦାବିଗୁଡ଼ିକୁ ପୂରଣ କରାନଗଲେ ମଞ୍ଚ ପକ୍ଷରୁ ଜନ ଆନ୍ଦୋଳନ ଜୋରଦାର ହେବ ବୋଲି କୁହାଯାଇଛି।



## ଜାଗୃତି ସମାଜ ପକ୍ଷରୁ ଚାରାରୋପଣ ଓ ବଣ୍ଟନ କାର୍ଯ୍ୟକ୍ରମ



ପାଣିକୋଇଲି,୧୩।୮ (ସମିସ): ପାଣିକୋଇଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜାଗୃତି ସମାଜ ପକ୍ଷରୁ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଓ ଛାତ୍ରଛାତ୍ରୀଙ୍କୁ ଚାରା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ, ବରିଷ୍ଠ ସମ୍ବାଦିକ ସୁବାସ ଧଳ, ତୁଷାରକାନ୍ତ ବେଉରା ଯୋଗଦେଇ ବୃକ୍ଷରୋପଣ ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ଜାଗୃତି ସମାଜ ସଦସ୍ୟେ ମାନଙ୍କ ଦ୍ୱାରା ବିଦ୍ୟାଳୟରେ ବୃକ୍ଷ ରୋପଣ କରାଯାଇଥିଲା। ବିଦ୍ୟାଳୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଲେଖାଁଏ ବୃକ୍ଷ ବଂଟନ ସହିତ ବୃକ୍ଷ କିପରି ଆମ୍ଭର ଜୀବନ ରକ୍ଷା କରୁଛି ଓ ବୃକ୍ଷର ସମସ୍ତ ଦ୍ରବ୍ୟ ମଣିଷ ସମାଜ ପାଇଁ କେମିତି ଲାଗୁଛି ସେ ସମ୍ପର୍କରେ ଅତିଥିମାନେ ଛାତ୍ରଛାତ୍ରୀ ବୁଝାଇବା ସହ ଗଛଟି ଘରକୁ ନେଇ ଯତ୍ନର ସହିତ ତାକୁ ବଢାଇବାକୁ ପରାମର୍ଶ ଦେଇଥିଲେ। ଜାଗୃତି ସମାଜ ପକ୍ଷରୁ ସନ୍ତୋଷ ସାହୁ, ରଘୁନାଥ ମାଝୀ, ବିଭୂଦତ ମଲିକ, ଦୀଲିପ ବାରିକ, ଜଗବନ୍ଧୁ ଜେନା, ତପନ ରାମ, ସୁଧାକର ପଣ୍ଡା, ମୁସଲିମ ଅଲ୍ଲୀ ଖାନ, ଆନନ୍ଦ ରଣା, ବିନୋଦିନୀ ପଣ୍ଡା, ଜ୍ୟୋତି ମହାପାତ୍ର, ସତ୍ୟଜିତ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଝାଡ଼େଶ୍ୱର ମହାବିଦ୍ୟାଳୟରେ ନିଶାମୁକ୍ତ ପ୍ରତିଜ୍ଞା

ଦାନଗଦି,୧୩।୮ (ସମିସ): ଦାନଗଦୀ ବ୍ଲକ୍ ଟୋଲକାନୀସ୍ଥିତ ଝାଡ଼େଶ୍ୱର ମହାବିଦ୍ୟାଳୟରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଡୁବୁରୀ ଶାଖା ତରଫରୁ ନିଶାମୁକ୍ତ ପ୍ରତିଜ୍ଞା ଅଭିଯାନ ଆୟୋଜିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ ସଞ୍ଚାଳିକା ବିକେ ପ୍ରଣତି ଓ ବରିଷ୍ଠ ଭ୍ରାତା ବ୍ରହ୍ମ କୁମାର ବିକେ ଯଶୋବନ୍ତ ଯୋଗଦେଇ ନିଶାମୁକ୍ତ ଜୀବନଶୈଳୀ ହିଁ ଜୀବନ ଦର୍ଶନର ମାର୍ଗ ପ୍ରଶସ୍ତୀର କାରଣ, ଯେଉଁଥିରେ ଏକ ସୁସ୍ଥ ଓ ଉନ୍ନତ ସମାଜ ଗଠନ କରାଯାଇପାରିବ ବୋଲି କହିଥିଲେ। ଏହି ସଭାରେ ବ୍ରହ୍ମାକୁମାର କେନ୍ଦ୍ରର ବ୍ରହ୍ମାକୁମାରୀ ବିକେ ଲିଲି, ବିକେ ଶାନ୍ତି, ବିକେ ଜୟନ୍ତୀ, ବିକେ ରଞ୍ଜିତା, ବ୍ରହ୍ମ କୁମାର ବିକେ ଶ୍ୟାମ ସୁନ୍ଦର, ବିକେ ଶ୍ରୀରାମ, ବିକେ ବିଷ୍ଣୁ, ବିକେ ଚକ୍ର, ବିକେ ବିକ୍ରମ ଯୋଗ ଦେଇଥିଲେ। ଏଥିସହିତ କଲେଜର ଅଧ୍ୟାପିକା ମୀରମ୍ବିକା ସାହୁ, ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ଅଧ୍ୟାପକ ରଞ୍ଜନ କୁମାର ସାହୁ, ଲକ୍ଷ୍ମୀଧର ବେହେରା, ତୋଫାନ ଜେନା, ଖଗେଶ କୁମାର ଜେନା, ଗୋବର୍ଦ୍ଧନ ସାହୁ, ଅଭୟ ସାହୁ, ରଞ୍ଜନ କୁମାର ଖଣ୍ଡା, ମୁନା ନାୟକ, ଶ୍ରୀମନ୍ତ ନାୟକ, ଅମର ସେଠୀ, ବାଇଧର ସାହୁ, ମନୋରଞ୍ଜନ ବିଶ୍ୱାଳ, ଅଧ୍ୟାପିକା ପାରିଜାତ ମହାନ୍ତି, କଲ୍ୟାଣୀ ନାୟକ, ଇତିଶ୍ରୀ ମଲ୍ଲିକ୍, ପ୍ରିୟଙ୍କା ପ୍ରିୟଦର୍ଶନୀ ନାୟକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିଶା ନିବାରଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରି ସମସ୍ତଙ୍କୁ ନିଶାଠାରୁ ଦୂରେଇ ରହିବା ପାଇଁ ଶପଥ ପାଠ କରାଇଥିଲେ। ଏଥିରେ କଲେଜର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଯୋଗଦେଇ ଆୟୋଜିତ ଏହି ସଭାକୁ ସଫଳ କରିଥିଲେ।

## ଦୁର୍ଘଟଣାଗ୍ରସ୍ତ ଷଣ୍ଢର ଚିକିତ୍ସା କରି ଗୋଶାଳାରେ ଭର୍ତ୍ତି କଲେ ବିଭିଓ

ବଡଚଣା୧୩।୮ (ସମିସ) ବଡ଼ଚଣା ଛକ ନିକଟରେ୧୬ ନଂ ଜାତୀୟରାଜପଥର ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ପାଖରେ ଏକ ଷଣ୍ଢକୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ଷଣ୍ଢ ଟି ଆହାତ ଅବସ୍ଥାରେ ପଡି ଥିବା ଅବସ୍ଥାରେ ଖବର ପାଇ ବଡ଼ଚଣା ଗୋଷ୍ଠୀ ପଶୁ ଚିକିତ୍ସକ ଭବ ପ୍ରାସାଦ ଦାସ ପହଞ୍ଚି ଷଣ୍ଢର ପ୍ରାଥମିକ ଚିକିତ୍ସା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଷଣ୍ଢର ସ୍ୱାସ୍ଥ୍ୟ ଅବସ୍ଥା ଟିକେ ଉନ୍ନତ ପରିଲକ୍ଷିତ ହୋଇଥିଲା। ଏହା ପରେ ସ୍ଥାନୀୟ ଯୁବକଙ୍କ ସହାୟତାରେ ଛତିଆ ଠାରେ ଥିବା ଗୋଶାଳାରେ ଭର୍ତ୍ତି କରାଇଥିଲେ। ପୂର୍ବରୁ ବହୁ ବାର ଖବର ପାଇ ଡ ଦାସ ଘଟଣାସ୍ଥଳରେ ପହଞ୍ଚି ଆହତ ଗାଈ ଗୋରୁ ଙ୍କ ଚିକିତ୍ସା କରି ଗୋଶାଳା ରେ ଛାଡିଥିବା ଦେଖିବାକୁ ମିଳିଛି। ବଡ଼ଚଣାର ବିଭିନ୍ନ ଜାଗା ରେ କିପରି ଭାବେ ଗୋଶାଳା ସ୍ଥାପନ କରିହେବ ସେ ନେଇ ବହୁ ପ୍ରୟାସ ମଧ୍ୟ ସେ ଜାରି ରଖିଛନ୍ତି।



# ଯାଜପୁର ଜିଲ୍ଲାରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ

ଯାଜପୁର,୧୩।୮ (ସମିସ): ସ୍ୱାଧୀନତା ଦିବସ ଏବଂ ଜାତୀୟ ସଙ୍ଗୀତ "ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପୀ ଆୟୋଜିତ "ଘରେ ଘରେ ତ୍ରିରଙ୍ଗା' ଅଭିଯାନ ପରିପ୍ରେକ୍ଷୀରେ ଆଜି ଯାଜପୁର ଜିଲ୍ଲାରେ ଏକ ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଅଗଷ୍ଟ ୯ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଏହି ଅଭିଯାନ ପାଳନ କରାଯାଉଛି। ଯାଜପୁର ସହରସ୍ଥିତ ମାନସାପୋଲ ଶ୍ରୀରାମ ମନ୍ଦିର ନିକଟରୁ ପୂର୍ବାହ୍ନରେ ଏହି ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ ହୋଇଥିଲା। ସମବାୟ, ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, କୋରେଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ,



ସମାଜସେବୀ ଗୌତମ ରାୟ, ଦେବଜାନୀ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ।

ଏହି ବିଶାଳ ତ୍ରିରଙ୍ଗା ଯାତ୍ରାରେ ତିନି ହଜାରରୁ ଊର୍ଦ୍ଧ୍ୱ ଜିଲ୍ଲାବାସୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଏନ୍‌ସିସି, ଏନ୍‌ଏସ୍‌ଏସ, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ, ସିଭିଲ ସୋସାଇଟିର ସଦସ୍ୟ, ମହିଳା ଓ ସାଧାରଣ ଜନତା ତ୍ରିରଙ୍ଗା ଧରି ଦେଶଭକ୍ତିର ଭାବନାରେ ଯାତ୍ରାରେ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଅବସରପ୍ରାପ୍ତ ସୈନିକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

ଜିଲ୍ଲାପାଳ ଅମ୍ବର କୁମାର କର ଜିଲ୍ଲାବାସୀଙ୍କୁ ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ଦେବା ସହ ସଚେତନ ନାଗରିକ ଭାବେ ଜାତୀୟ ପତାକା ତ୍ରିରଙ୍ଗା ପ୍ରତି ସର୍ବଦା ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅଭିଯାନକୁ ସଫଳ କରିବା ପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯାଉଥିବା ସେ କହିଥିଲେ। ଏହି ଅବସରରେ "ହର ଘର ତ୍ରିରଙ୍ଗା ରଥ'ର ଶୁଭାରମ୍ଭ କରାଯାଇଥିଲା। ଦେଶଭକ୍ତିର ସଙ୍ଗୀତ ସହ ଏହି ରଥ ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଜନସାଧାରଣଙ୍କୁ ନିଜ ଘରେ ତ୍ରିରଙ୍ଗା ଉତ୍ତୋଳନ କରିବା ଏବଂ ଅଭିଯାନରେ ସକ୍ରିୟ ଭାବେ ସାମିଲ ହେବା ପାଇଁ ସଚେତନ କରିବ। କାର୍ଯ୍ୟକ୍ରମରେ ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଡିପିସି, ମିଶନ ଶକ୍ତି, ଯାଜପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା, ଟାଉନ ଥାନା ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମ ଦେଶଭକ୍ତିମୟ ପରିବେଶରେ ସମ୍ପନ୍ନ ହୋଇଥିବାବେଳେ ତ୍ରିରଙ୍ଗା ଯାତ୍ରା ମାଧ୍ୟମରେ ଜିଲ୍ଲାବାସୀଙ୍କ ମଧ୍ୟରେ ଦେଶପ୍ରେମ, ଜାତୀୟ ଏକତା ଓ ଜାତୀୟ ପତାକା ପ୍ରତି ସମ୍ମାନର ଭାବନା ଅଧିକ ସୁଦୃଢ଼ ହୋଇଥିଲା।

ସକାଳ
THE SAKALA

# ସମ୍ପାଦକୀୟ

ପ୍ରତିଯୋଗୀଙ୍କ ସହିତ ଯୁଦ୍ଧ ଯେପରି ଅପରିହାର୍ଯ୍ୟ, ପ୍ରତିବେଶୀଙ୍କ ସହିତ ବନ୍ଧୁତା ସେପରି ଜରୁରୀ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ନ୍ୟାୟ ମନ୍ଦିରରେ ଦୁର୍ନୀତି

ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଯଶୋବନ୍ତ ବର୍ମାଙ୍କ ସରକାରୀ ବାସଭବନ ପରିସରରୁ ଅର୍ଦ୍ଧଦଗ୍ଧ ନଗଦ ଟଙ୍କା ମିଳିବାର ଘଟଣାର ତଦନ୍ତ କରୁଥିବା ଯୁଗ୍ମ ସଂସଦୀୟ କମିଟି ସଂସଦରେ ରିପୋର୍ଟ ଦାଖଲ କରିଛି। ରିପୋର୍ଟରେ ଶ୍ରୀବର୍ମାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଆମ ଦେଶରେ ଦୁର୍ନୀତିର ଚେର କେତେ ଗଭୀରକୁ ଯାଇସାରିଛି ଏବଂ ଏହାର ସ୍ୱରୂପ କେତେ କୁତ୍ସିତ ଓ ବୀଭତ୍ସ ହୋଇସାରିଛି, ଉପରୋକ୍ତ ଘଟଣା ତାହାର କେବଳ ଏକ ଉଦାହରଣ ମାତ୍ର। ଏବେ ପ୍ରଶ୍ନ ଉଠିଛି ସେ ଯେଉଁ ମାମଲାଗୁଡ଼ିକର ବିଚାର କରି ରାୟ ଦେଇଥିଲେ ତାହା ସ୍ୱଚ୍ଛ ଓ ନିରପେକ୍ଷ ହୋଇଥିବ କିପରି? ଦୁର୍ନୀତି ଓ ଅନିୟମିତା, ଅପରାଧ ଆଦି ମାମଲାରେ ପୀଡ଼ିତଙ୍କୁ ନ୍ୟାୟ ଦେବା ପାଇଁ ଗଠିତ ନ୍ୟାୟମନ୍ଦିରର ନ୍ୟାୟାଧୀଶ ମାନେ ଯଦି ନ୍ୟାୟବନ୍ତ, ସଚ୍ଚୋଟ, ସାଧୁ ଓ ନୀତିନିଷ୍ଠ ନୁହନ୍ତି ତେବେ ଗୁହାରି କରିବା କାହାକୁ? ଏହି ଘଟଣା ପରେ ନ୍ୟାୟମନ୍ଦିରରୁ ଜନସାଧାରଣଙ୍କ ଆସ୍ଥା ତୁଟିଯିବ ଏବଂ ରାୟ ଉପରେ ସନ୍ଦେହ ବିଜଡ଼ିତ ସ୍ୱଚ୍ଛତାର ପ୍ରଶ୍ନଚିହ୍ନଟିଏ ଲାଗିଯିବ।

କେବଳ ବଜାରରେ କିଣାବିକାକୁ ଛାଡ଼ିଦେଲେ ଆଜି ଏଭଳି କୌଣସି କ୍ଷେତ୍ର ଦୁର୍ନୀତି-ଦାନବର କବଳରୁ ବର୍ତ୍ତି ନାହିଁ। ସରକାରୀ ଫାଇଲ୍ ଦୂରର କଥା ହାତଗୁଞ୍ଜା ନ ଦେଲେ ଅନେକ ସ୍ଥାନରେ ଡାକ୍ତର ରୋଗୀ ଦେଖୁନାହିଁ କି ପୁଲିସ୍ ଅଭିଯୋଗ ରଖୁନାହିଁ। ଶିକ୍ଷା ଅଧିକାର ଏବଂ ଖାଦ୍ୟ ସୁରକ୍ଷା ଆଇନ୍ ପରି ମହତାକାଂକ୍ଷା ଯୋଜନା ମଧ୍ୟ ଲାଞ୍ଚ ବିନା ଆଗକୁ ବଢ଼ିପାରୁନାହିଁ। ଏପରିକି ବିନା ହାତଗୁଞ୍ଜାରେ ବିଚାରପତିଙ୍କ ରାୟ ମଧ୍ୟ କାର୍ଯ୍ୟକାରୀ ହୋଇପାରୁନାହିଁ। ଅପରପକ୍ଷରେ ଏହି ହାତଗୁଞ୍ଜାରେ ଶିଳ୍ପପତିମାନେ ସାମ୍ରାଜ୍ୟ ତୋଳିପାରୁଛନ୍ତି। ଆମ ଶାସନ ବ୍ୟବସ୍ଥାର ଏକ ବିଡ଼ମ୍ବନା ହେଉଛି ସରକାର ବଦଳିଲେ ଅଧୁଆ ମୂଳା ଧୂଆ ମୂଳା ହୋଇଯାଏ ଏବଂ ଦୁର୍ନୀତିଗୁଡ଼ିକ ନୀତି ପାଲଟି ଯାଏ। ଏଭଳି କାଦୁଅ ପିଙ୍ଗା ରାଜନୀତିର ପରିବେଶରେ ପରିପୁଷ୍ଟ ହୋଇ ଦୁର୍ନୀତି ତା'ର କାୟା ବିସ୍ତାର କରିଚାଲେ। ଗରିବର ଜାତି ନାହିଁ କି ଦୁର୍ନୀତି ରାଜନୀତି ମାନେ ନାହିଁ। ଯେତେବେଳ ପର୍ଯ୍ୟନ୍ତ ମାନବ ଦୁର୍ନୀତି-ଦାନବ କୋଳରେ ବସିବାକୁ ସୁଖ ମଣୁଥିବ, କୌଣସି ଶାସନ, ପ୍ରଶାସନ ଯେତେ ସାଧ୍ୟ ସାଧନା କଲେ ମଧ୍ୟ ବ୍ୟବସ୍ଥାରୁ ଦୁର୍ନୀତି ହଟିବ ନାହିଁ। ତେଣୁ ଦୁର୍ନୀତିରେ ଅତିଷ୍ଠ ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମାଡ଼ ତତ୍ତ୍ୱ ଆପଣେଇବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

ଦୁର୍ନୀତି ଦାନବ ଟଙ୍କା, ସୁନା, ରୁପା, ସୌଖୀନ ଓ ମୂଲ୍ୟବାନ ସାମଗ୍ରୀ, ଆସବାବପତ୍ର, ପାନ, ଚକୋଲେଟ୍, ମିଠାଇ ପ୍ୟାକେଟ୍ ଆଦି ରୂପରେ ସର୍ବସାଧାରଣଙ୍କ ଆଖିଆଗରେ ନିର୍ଭୟରେ ଗୋଟିଏ ହାତରୁ ଅନ୍ୟ ହାତକୁ ଡେଇଁ ଚାଲିଛି। ଜନସାଧାରଣ କେବଳ ନିରବ ଦ୍ରଷ୍ଟା ହୋଇ ସାଲିସ୍ କରିବା କିମ୍ବା ଦୁର୍ନୀତି ଦାନବର ତାଡ଼ନାରେ ଅତିଷ୍ଠ ହେବା ବ୍ୟତୀତ ବିକଳ୍ପ ନାହିଁ। ଯେଉଁ କେତେକ ଧରପଗଡ଼ ହେଉଛି ତାହା ସମୁଦ୍ର ବାଲିରୁ ଚିମୁଟାଏ ମାତ୍ର। ପରିସ୍ଥିତି ଏପରି ହେଲାଣି ଯେ ହାତଗୁଞ୍ଜା ସଂସ୍କୃତି ଶାସନ ପ୍ରଶାସନ ଓ ବ୍ୟବସ୍ଥାର ସୀମା ଡେଇଁ ପରିବାରକୁ ଧସେଇ ପଶିଲାଣି। ଦୁର୍ନୀତି ନିବାରଣ ସପ୍ତାହ ପାଳନ ଓ ସଂକଳ୍ପ ଗ୍ରହଣ କେବଳ ଔପଚାରିକରେ ସୀମିତ ରହିଥିବା ପର୍ଯ୍ୟନ୍ତ ଦୁର୍ନୀତି-ଦାନବର ଦୌରାତ୍ମ୍ୟରୁ ତ୍ରାହି ପାଇବାର ସମ୍ଭାବନା ନାହିଁ।

## ଏଫ୍‌ସିଆରଏ ବିବାଦ

ସଂସଦର ସଦ୍ୟସମାପ୍ତ ମୌସୁମୀ ଅଧିବେଶନରେ ଲୋକସଭାରେ ଉପସ୍ଥାପିତ ବୈଦେଶିକ ପାଣ୍ଠି ଅନୁଦାନ(ନିୟନ୍ତ୍ରଣ) ସଂଶୋଧନ ବିଧେୟକକୁ ନେଇ ରାଜନୀତି ଓ ବାଦବିବାଦ ତୀବ୍ର ହେବା ପରେ ଅଧିକ ବିଚାରବିମର୍ଶ ଲାଗି ଏହାକୁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇ ଦିଆଯାଇଛି। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଲକ୍ଷ୍ୟରେ ରଖି ଏହି ବିଧେୟକ ପ୍ରସ୍ତୁତ କରାଯାଇଛି ବୋଲି ବିରୋଧୀ ଦଳ ଅଭିଯୋଗ କରୁଛନ୍ତି।

ଦେଶରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେସରକାରୀ ବା ସ୍ୱେଚ୍ଛାସେବୀ ସଂଗଠନ(ଏନ୍‌ଜିଓ)ମାନେ ବିଦେଶରୁ ଗ୍ରହଣ କରୁଥିବା ପାଣ୍ଠି/ଅନୁଦାନ/ଦାନ ଯେଭଳି ଦେଶର ବୃହତ୍ତର ସ୍ୱାର୍ଥର ପରିପନ୍ଥୀମୂଳକ କାର୍ଯ୍ୟ ଏବଂ ସରକାରୀ ବିରୋଧୀ କାର୍ଯ୍ୟରେ ନିୟୋଜିତ ନ ହୁଏ ତାହାର ତଦାରଖ ସହିତ ଉକ୍ତ ପାଣ୍ଠିର ଉପଯୁକ୍ତ ପରିଚାଳନା କରିବା ପାଇଁ ୨୦୧୧ ମେ ୧ ତାରିଖରୁ ଏଫ୍‌ସିଆରଏ ଆଇନ କାର୍ଯ୍ୟକାରୀ ହୋଇଛି। ବିଦେଶୀ ପାଣ୍ଠି ଗ୍ରହଣ ପାଇଁ କୌଣସି ସଂସ୍ଥା ଏହି ଆଇନ ଅଧୀନରେ ପଞ୍ଜିକୃତ ହେବା ବାଧ୍ୟତାମୂଳକ। ବର୍ତ୍ତମାନ ସୁଦ୍ଧା ଏହି ଆଇନ ଅଧୀନରେ ୧୬ ହଜାର ସଂସ୍ଥା ପଞ୍ଜିକୃତ ହୋଇଥିବା ବେଳେ ବାର୍ଷିକ ହାରାହାରି ୨୨ ହଜାର କୋଟି ଟଙ୍କାର ବୈଦେଶିକ ମୁଦ୍ରା ଦାନ ଆକାରରେ ଗ୍ରହଣ କରିଛନ୍ତି। ସମୟର ଆବଶ୍ୟକତା ଅନୁଯାୟୀ ଏହି ଆଇନ ୨୦୧୬, ୨୦୧୮, ୨୦୨୦ରେ ସଂଶୋଧନ ହୋଇସାରିଥିଲେ ମଧ୍ୟ ପୁନର୍ବାର ସଂଶୋଧନ ହେବାକୁ ଯାଉଛି।

ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ ସନ୍ଦେହ ଆଧାରରେ କୌଣସି ଏନ୍‌ଜିଓ(ବିଶେଷକରି ଧାର୍ମିକ ସଂସ୍ଥା)ର ପଞ୍ଜିକରଣକୁ ସାମୟିକ ବାତିଲ୍ କରାଯାଇପାରିବ ଏବଂ ଉକ୍ତ ସଂସ୍ଥାର ସମ୍ପତ୍ତି ପରିଚାଳନା ଓ ଅଧିଗ୍ରହଣ ପାଇଁ ଜଣେ ସରକାରୀ ତତ୍ତ୍ୱାବଧାରକଙ୍କୁ ନିଯୁକ୍ତ କରାଯିବ। ସନ୍ଦେହ ଆଧାରରେ ଯେକୌଣସି ପଞ୍ଜିକୃତ ଏନ୍‌ଜିଓର ପାଣ୍ଠି ପରିଚାଳନାକୁ ସରକାର ଯାଞ୍ଚ କରିପାରିବେ। ସେହିପରି ପଞ୍ଜିକରଣର ନବୀକରଣ ଆବେଦନରେ ବିଳମ୍ବ ଘଟିଲେ କିମ୍ବା କାରଣଦର୍ଶାଅ ନୋଟିସ୍‌ର ନିର୍ଦ୍ଧାରିତ ସମୟ ଭିତରେ ଜବାବ ଦାଖଲ ନ ହେଲେ ମଧ୍ୟ ଉକ୍ତ ସଂସ୍ଥାର ପଞ୍ଜିକରଣ ବାତିଲ୍ କରାଯିବ।

ଏହି ଆଇନକୁ କେନ୍ଦ୍ର ସରକାରଙ୍କ ବୁଲ୍‌ଡୋଜର ଆଇନ ଭାବେ ବର୍ଣ୍ଣନା କରି ବିରୋଧୀ ଦଳ ଅଭିଯୋଗ କରୁଛନ୍ତି ଯେ ଦେଶର ସଂଖ୍ୟାଲଘୁ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ବନ୍ଦ କରିଦେବା ପାଇଁ କେନ୍ଦ୍ର ସରକାର ଷଡ଼ଯନ୍ତ୍ର କରିଛନ୍ତି। କିନ୍ତୁ ଏହାପଛରେ ଥିବା ରାଜନୀତି ଦୃଷ୍ଟିକୋଣରୁ ଊର୍ଦ୍ଧ୍ୱରେ ଉଠି ବିଚାର କଲେ ଆଇନଟି ସେଭଳି ଧର୍ମବିରୋଧୀ ବୋଲି ଜଣାପଡୁନାହିଁ। କାରଣ ପଞ୍ଜିକରଣ ବାତିଲ୍ ହେଲେ ମଧ୍ୟ ଉକ୍ତ ସଂସ୍ଥାର ଧର୍ମୀୟ ରୀତିନୀତି ସ୍ୱାଭାବିକ ଢଙ୍ଗରେ ଜାରି ରହିବ ବୋଲି ବିଧେୟକରେ ଉଲ୍ଲେଖ ରହିଛି। ସେହିପରି ଦେଶ ଭିତରେ ରହି ବିଦେଶୀ ସମ୍ବଳରେ ଦେଶବିରୋଧୀ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଲାଗି ଯଦି କୌଣସି ଆଇନ ପ୍ରଣୟନ ହୁଏ ତେବେ ତାହା ନିତାନ୍ତ ସ୍ୱାଗତଯୋଗ୍ୟ।

# 'ଆୟୁଷ୍ମାନ-ଭାରତ'ର ଯନ୍ତ୍ରଣା

ଗୌରୀ ପ୍ରସାଦ ମହାପାତ୍ର

ଦେଶର ଅନ୍ୟତମ ସର୍ବାଧିକ ପ୍ରଚାରିତ ସରକାରୀ ଯୋଜନା 'ଆୟୁଷ୍ମାନ ଭାରତ'ର ଯନ୍ତ୍ରଣା ରୋଗଠାରୁ ମଧ୍ୟ ବଳି ଯାଇଥିବା ଅଭିଯୋଗ ପରିପ୍ରେକ୍ଷୀରେ ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ପୂର୍ବ ସରକାର ଅମଳରେ ପ୍ରଚଳିତ 'ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନା'କୁ 'ଆୟୁଷ୍ମାନ ଭାରତ'ରେ ବିଲୟ କରିବାକୁ ରାଜ୍ୟ ସରକାର ଯୋଜନା କରୁଥିବା ସୂଚନା ମିଳିବା ପରେ ସ୍ୱାଭାବିକ ଭାବେ ସାମ୍ବାଦିକ ସଂଘମାନଙ୍କରେ ପ୍ରତିବାଦର ସ୍ୱର ଉଠିଛି। ୨୦୨୪ ମସିହାରେ ଓଡ଼ିଶାରେ ବିଜେପି କ୍ଷମତାକୁ ଆସିବା ପରେ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)'କୁ ହଟାଇ 'ଆୟୁଷ୍ମାନ ଭାରତ'(ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା) ଯୋଜନା କାର୍ଯ୍ୟକାରୀ କରିଛନ୍ତି। 'ବିଏସ୍‌କେୱାଇ'ଠାରୁ ଏହା ଅନେକାଂଶରେ ଉତ୍କୃଷ୍ଟ ହେବ ବୋଲି ଆଶା କରିଥିବା ଓଡ଼ିଶାବାସୀ ଏବେ 'ବିଏସ୍‌କେୱାଇ'କୁ ଝୁରୁଛନ୍ତି। ସମ ଅବସ୍ଥା ଓଡ଼ିଶାର ସାମ୍ବାଦିକମାନେ ଭୋଗିବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ବଡ଼ ବଡ଼ ଘରୋଇ ଡାକ୍ତରଖାନାରେ ମାଗଣାରେ ଉନ୍ନତମାନର ଚିକିତ୍ସା 'ଆୟୁଷ୍ମାନ ଭାରତ'ରେ ମିଳିବ ବୋଲି ଯେଉଁ ପ୍ରଚାର ହେଉଛି ତାହା ପଛର ବାସ୍ତବତା କିନ୍ତୁ ଭିନ୍ନ ଓ ଭୟଙ୍କର। ବସ୍ତୁତଃ ସ୍ୱାଧୀନ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନତାଙ୍କୁ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର(ସ୍ୱାସ୍ଥ୍ୟସେବା)କୁ ସୁନିଶ୍ଚିତ କରିବାରେ ଜନତାଙ୍କ ଦ୍ୱାରା ନିର୍ବାଚିତ ଏକ ସରକାରର ଅଙ୍ଗୀକାରବଦ୍ଧତା ଓ ଉତ୍ତରଦାୟିତ୍ୱ ପ୍ରତି 'ଆୟୁଷ୍ମାନ ଭାରତ' ସ୍ୱତଃ ପ୍ରଶ୍ନଚିହ୍ନଟିଏ ଲଗାଇ ଦେଉଛି। 'ଆୟୁଷ୍ମାନ ଭାରତ' ସହିତ 'ପ୍ରତାରଣା' ଭଳି ଶବ୍ଦଟିଏ ଯୁକ୍ତ ହୋଇଯିବା ପଛରେ ରହିଛି ଏହାର ପରିଚାଳନାଗତ ବିଭ୍ରାଟ ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ସରକାରଙ୍କ ସମ୍ବେଦନହୀନତା। 'ବିଏସ୍‌କେୱାଇ' ଭଳି 'ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନା'ରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାଧାରହିତ ଓ ସର୍ତ୍ତରହିତ ଚିକିତ୍ସା ସୁବିଧା ମିଳୁଛି। ଆପତ୍‌କାଳୀନ ଚିକିତ୍ସା କ୍ଷେତ୍ରରେ ଟଙ୍କା ଦେଇ ଚିକିତ୍ସିତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହାର ଭରଣା ହୋଇପାରୁଛି। କିନ୍ତୁ 'ଆୟୁଷ୍ମାନ ଭାରତ' ଯୋଜନା ଏତେ ସର୍ତ୍ତସମ୍ବଳିତ ଯେ ଆଶୁ ଚିକିତ୍ସା ସୁବିଧା ମିଳିବା ତ ଦୂରର କଥା ଅନେକ ରୋଗର ଚିକିତ୍ସା ଏହି ଯୋଜନା ଅଧୀନରେ ଆସୁନାହିଁ। ବାରମ୍ବାର ଅଭିଯୋଗ ଓ ଦାବି ପରେ କିଛିଦିନ ତଳେ ପ୍ରାକ୍ ଚିକିତ୍ସା ନିଦାନ ଓ ପରୀକ୍ଷା ଖର୍ଚ୍ଚକୁ ଏବଂ ଗତ ସପ୍ତାହରେ ଅତିରିକ୍ତ ୯୧ଟି କର୍କଟ ରୋଗକୁ ଓଡ଼ିଶା ସରକାର 'ଆୟୁଷ୍ମାନ ଭାରତ'ରେ ସାମିଲ୍ କରିଛନ୍ତି। ଅର୍ଥାତ୍ ଗତ ଦୁଇବର୍ଷ ଧରି ରୋଗୀମାନେ 'ଆୟୁଷ୍ମାନ ଭାରତ' କାର୍ଡଧାରୀ ହୋଇ ମଧ୍ୟ ଏଥିରୁ ବଞ୍ଚିତ ହୋଇ ଆସୁଥିଲେ। ଚକ୍ଷୁ, ଦନ୍ତ ସମେତ ଆହୁରି ଅନେକ ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ ରୋଗର ଚିକିତ୍ସା ଅଦ୍ୟାବଧି ଏଥିରେ ଅନ୍ତର୍ଭୁକ୍ତ ହୋଇନାହିଁ। ତେଣୁ 'ଆୟୁଷ୍ମାନ ଭାରତ' ଯୋଜନାରେ ସାମିଲ୍ ହେଲେ ଅବଶିଷ୍ଟ ଓଡ଼ିଶାବାସୀଙ୍କ ଭଳି ସାମ୍ବାଦିକମାନେ ମଧ୍ୟ ପ୍ରଭାବିତ ହେବେ।

କେବଳ ସରକାରୀ, ଟ୍ରଷ୍ଟ କିମ୍ବା ଏନ୍‌ଜିଓ ପରିଚାଳିତ ଡାକ୍ତରଖାନାକୁ ବାଦ୍ ଦେଲେ ଅତ୍ୟାଧୁନିକ ଓ ଉନ୍ନତମାନର ଘରୋଇ ଡାକ୍ତରଖାନା(କର୍ପୋରେଟ୍ ହସ୍ପିଟାଲ୍)ମାନଙ୍କରେ 'ଆୟୁଷ୍ମାନ ଭାରତ'ର ବାସ୍ତବତା କିଭଳି ତାହା କେବଳ ଭୁକ୍ତଭୋଗୀ ବା ଅନୁଭବୀମାନେ ହିଁ କହିପାରିବେ। ନଗଦ ପୈଠ(କ୍ୟାସ୍ ବେସଡ୍) କିମ୍ବା ଅନ୍ୟ ବୀମାଧାରୀ ରୋଗୀଙ୍କ ପାଇଁ ଘରୋଇ ଡାକ୍ତରଖାନାମାନଙ୍କରେ ଦିଆଯାଉଥିବା ଚିକିତ୍ସା ସେବାର ଗୁଣାତ୍ମକ ମାନ 'ଆୟୁଷ୍ମାନ ଭାରତ' ହିତାଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ। 'ଆୟୁଷ୍ମାନ ଭାରତ' ଯୋଜନାରେ କେଉଁ ରୋଗ ପାଇଁ କେଉଁ ଜେନେରିକ୍ ଔଷଧ ଓ ଇଞ୍ଜେକସନ୍ ଦିଆଯିବ ତାହାର ନିର୍ଦ୍ଦିଷ୍ଟ କୋଡ୍ ବା ପ୍ରତୀକ ଜାରି ହୋଇଛି, ଯାହା ତୁଳନାତ୍ମକ ଭାବେ ଶସ୍ତା। ତେଣୁ ତାହାର ଉପାଦେୟତା ମଧ୍ୟ ସେହି ଅନୁଯାୟୀ ବିଳମ୍ବିତ ବା ପ୍ରଭାବଶାଳୀ ନୁହେଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଯଦି କୌଣସି ଡାକ୍ତର ରୋଗୀର ସଙ୍କଟାପନ୍ନ ଅବସ୍ଥା ଦେଖି ଆଶୁ ଫଳପ୍ରଦ ପାଇଁ କୌଣସି ଉନ୍ନତ ବ୍ରାଣ୍ଡର ଔଷଧ କିମ୍ବା ଇଞ୍ଜେକସନ୍ ଦିଅନ୍ତି ତେବେ ତାହା 'ଆୟୁଷ୍ମାନ କର୍ତ୍ତୃପକ୍ଷ'ଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଯାଉଛି ଏବଂ ସେହି ଖର୍ଚ୍ଚକୁ ସମ୍ପୃକ୍ତ ଡାକ୍ତରଖାନା ଭରଣା କରିବାକୁ ପଡୁଛି। ତେଣୁ ଡାକ୍ତରମାନେ ସବୁ ଜାଣି ମଧ୍ୟ ବାଧ୍ୟବାଧକତାରେ 'ଆୟୁଷ୍ମାନ ଭାରତ' କାର୍ଡଧାରୀଙ୍କୁ କେବଳ ସରକାରୀ ଅନୁମୋଦିତ ଜେନେରିକ୍ ଔଷଧ ଦେବାକୁ ପଡୁଛି।

ଗୋଟିଏ ଦୁଇଟି ଉଦାହରଣରେ ଏହା ଆହୁରି ସହଜରେ ବୁଝି ହେବ। ଭାରତରେ ହୃଦ୍‌ଘାତ ଉପଚାର/ଅସ୍ତ୍ରୋପଚାର ପାଇଁ ଉଦ୍ଦିଷ୍ଟ ଷ୍ଟାଣ୍ଡାର୍ଡ ଷ୍ଟେଣ୍ଟ ମୂଲ୍ୟ ସର୍ବନିମ୍ନ ୭ ହଜାର ଟଙ୍କାରୁ ଆରମ୍ଭ କରି ସର୍ବାଧିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। 'ଆୟୁଷ୍ମାନ ଭାରତ' କାର୍ଡଧାରୀଙ୍କ ପରିବାରକୁ ବର୍ଷକୁ ୫ ଲକ୍ଷ ଟଙ୍କାର ଚିକିତ୍ସା ଖର୍ଚ୍ଚ ମାଗଣାରେ ମିଳୁଥିବାରୁ ସେ ଉନ୍ନତ ମାନର ଅର୍ଥାତ୍ ୧ ଲକ୍ଷ ଟଙ୍କାର ଷ୍ଟେଣ୍ଟ ଲଗାଇବାକୁ ଅଗ୍ରାଧିକାର ଦେବା ସ୍ୱାଭାବିକ; କିନ୍ତୁ 'ଆୟୁଷ୍ମାନ ଭାରତ' ଯୋଜନାରେ ୩୮ ହଜାର-୪୩ ହଜାର ଟଙ୍କା ମୂଲ୍ୟର ଷ୍ଟେଣ୍ଟ ପାଇଁ ଅନୁମୋଦନ ରହିଛି। ସେହିପରି କର୍କଟ ରୋଗ ପାଇଁ ଉଦ୍ଦିଷ୍ଟ କେମୋ ଥେରାପିରେ ଗୋଟିଏ ସେସନ୍‌ରେ ସାଧାରଣତଃ ୮ ହଜାର ଟଙ୍କାରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଥିବା ବେଳେ 'ଆୟୁଷ୍ମାନ ଭାରତ' କାର୍ଡଧାରୀମାନଙ୍କ ପାଇଁ ମାତ୍ର ୪-୫ହଜାର ଟଙ୍କାର ବ୍ୟବସ୍ଥା ରହିଛି। କେମୋଥେରାପିର ପ୍ରାକ୍ ଓ ପରବର୍ତ୍ତୀ ଚିକିତ୍ସା ଅତିରିକ୍ତ ନଗଦ ଟଙ୍କା ଦେଇ କରିବାକୁ ପଡୁଛି। ଘରୋଇ ଡାକ୍ତରଖାନାରେ ଆଇସିୟୁ ଶଯ୍ୟାର ଦୈନିକ ଖର୍ଚ୍ଚ ହାରାହାରି ୧୦ ହଜାର ଟଙ୍କା ହୋଇଥିବା ବେଳେ 'ଆୟୁଷ୍ମାନ ଭାରତ' କାର୍ଡଧାରୀଙ୍କ ପାଇଁ ସେ ବାବଦରେ ଅନୁମୋଦିତ ଦୈନିକ ସର୍ବାଧିକ ଖର୍ଚ୍ଚ ମାତ୍ର ୪ ହଜାର ଟଙ୍କା। ଅନ୍ୟାନ୍ୟ ଜଟିଳ ଚିକିତ୍ସାରେ ମଧ୍ୟ ସମାନ ସ୍ଥିତି, ଯାହା ସମ୍ପର୍କରେ ସାଧାରଣ ରୋଗୀଟିଏ ଜାଣିବାର ଉପାୟ ନାହିଁ।

କାର୍ଡଧାରୀଙ୍କ ଆକାଉଣ୍ଟରେ ୫ ଲକ୍ଷ ଟଙ୍କା ଥିବା ସତ୍ତ୍ୱେ ତା'କୁ ନିମ୍ନମାନର ଚିକିତ୍ସାରେ ଆପ୍ୟାୟିତ କରାଯିବା କେଉଁ ପ୍ରକାର ନ୍ୟାୟ ବୋଲି ଏବେ ପ୍ରଶ୍ନ ଉଠୁଛି। ଏହା 'ଜାତି ଗଲା ପେଟ ପୂରିଲା ନାହିଁ' ଭଳି ଅବସ୍ଥା। ମାଗଣାରେ ରାସନ୍ ମିଳିବ କେବଳ ବଞ୍ଚିବା ପାଇଁ; ତାହା ପୁଷ୍ଟିକର କି ନୁହେଁ ସେ ଚିନ୍ତା କରିବା ସରକାରଙ୍କ ଦାୟିତ୍ୱ ନୁହେଁ। ସରକାରଙ୍କ ଏହି ମାନସିକତା ବୋଧହୁଏ 'ଆୟୁଷ୍ମାନ ଭାରତ' ଯୋଜନାରେ ମଧ୍ୟ ପ୍ରତିଫଳିତ ହେଉଛି। 'ନାହିଁ ମାମୁଠାରୁ କଣା ମାମୁ' ଭଲ ନ୍ୟାୟରେ 'ଆୟୁଷ୍ମାନ ଭାରତ' ଯୋଜନାରେ ଚିକିତ୍ସା ତ ମିଳୁଛି; କିନ୍ତୁ ତାହା ଉନ୍ନତମାନର ଆଦୌ ନୁହେଁ। କେବଳ ସରକାରଙ୍କ ଅନୁକମ୍ପାରେ ଉପକୃତ ହୋଇଛି ବୋଲି ଅନୁଭବଟିଏ ନେଇ ରୋଗୀ ଡାକ୍ତରଖାନାରୁ ଫେରୁଛି। ତେଣୁ ଜାଣିବା ଶୁଣିବା କେତେଜଣ 'ଆୟୁଷ୍ମାନ ଭାରତ' କାର୍ଡଧାରୀ ଅଗତ୍ୟା ନଗଦ ପୈଠ କରି ବରଂ ଭଲ ଚିକିତ୍ସା ବିକଳ୍ପକୁ ଆଦରି ନେବାକୁ ବାଧ୍ୟ ହେଉଛନ୍ତି।

ଅଧିକନ୍ତୁ 'ବିଏସ୍‌କେୱାଇ'ରେ ରୋଗ ନିଦାନ, ଚିକିତ୍ସା ଓ ଆନୁଷଙ୍ଗିକ ଖର୍ଚ୍ଚର ବିସ୍ତୃତ ଓ ସରଳ ବିବରଣୀ ହିତାଧିକାରୀ ଜାଣିପାରୁଥିବା ବେଳେ 'ଆୟୁଷ୍ମାନ ଭାରତ' ଯୋଜନାରେ ସେ ବ୍ୟବସ୍ଥା ନାହିଁ। ରୋଗୀର ଫିଙ୍ଗରପ୍ରିଣ୍ଟ, ଆଇଭିୟୁ ଚିକିତ୍ସା କରିଥିବା ଡାକ୍ତରମାନଙ୍କ ଫଟୋ, ପ୍ରେସ୍‌କ୍ରିପ୍‌ସନ୍, ଔଷଧ ଷ୍ଟ୍ରିପ୍, ଚିକିତ୍ସା ଉପକରଣ ଆଦି ଅନାବଶ୍ୟକ ଓ ଅସମ୍ଭବ ତଥ୍ୟବହୁଳ ସର୍ତ୍ତ ଯୋଗୁଁ 'ଆୟୁଷ୍ମାନ ଭାରତ' ଯୋଜନାରେ ଚିକିତ୍ସା ଏତେ ଜଟିଳ ଓ ସମୟସାପେକ୍ଷ ହୋଇଛି ଯେ ଉଭୟ କାର୍ଡଧାରୀ ଓ ଡାକ୍ତରଖାନା କର୍ତ୍ତୃପକ୍ଷ ନୟାନ୍ତ ହୋଇ ପଡୁଥିବା ଅଭିଯୋଗ ହେଉଛି। ଜଣେ ରୋଗୀଙ୍କୁ ଦାଖଲ କରିବା ପୂର୍ବରୁ କେବଳ ଅନୁମୋଦନ ଆଣିବାକୁ ବେଳେବେଳେ ୪୮ ଘଣ୍ଟା ଲାଗିଯାଉଛି। ଯଦି ଜଣେ ଗୁରୁତର ରୋଗୀ ଆସନ୍ତି ଏବଂ ତାଙ୍କୁ ଆଶୁ ଚିକିତ୍ସା ଆବଶ୍ୟକ ପଡ଼େ ସେ କ୍ଷେତ୍ରରେ ରୋଗୀଙ୍କ ସମ୍ପର୍କୀୟ ନଗଦ ଜମା କରି ଚିକିତ୍ସା ଆରମ୍ଭ କରିବାକୁ ବାଧ୍ୟ ହେଉଛନ୍ତି। ଥରେ ନଗଦ ଜମା କରି ପଞ୍ଜିକୃତ ହୋଇଗଲେ ଆଉ ତାହା 'ଆୟୁଷ୍ମାନ ଭାରତ' ଯୋଜନାକୁ ପରିବର୍ତ୍ତନ ହେବ ନାହିଁ ବୋଲି ଘରୋଇ ଡାକ୍ତରଖାନାଗୁଡ଼ିକ କଠୋର ସର୍ତ୍ତ ରଖୁଛନ୍ତି। ଏହାର ତଦାରଖ କିମ୍ବା ଆପତ୍ତି ଅଭିଯୋଗ ଶୁଣିବା ପାଇଁ ମଧ୍ୟ ବ୍ୟବସ୍ଥା ନାହିଁ। ତେଣୁ 'ବିଏସ୍‌କେୱାଇ'ର କାର୍ଡଧାରୀମାନେ 'ଆୟୁଷ୍ମାନ ଭାରତ'ର ହିତାଧିକାରୀ ହେବା ପରେ ଆତ୍ମୀୟ/ସମ୍ପର୍କୀୟ ରୋଗୀଙ୍କୁ ଧରି ଏ ଡାକ୍ତରଖାନାରୁ ସେ ଡାକ୍ତରଖାନା ଦୌଡ଼ିବାର ଯନ୍ତ୍ରଣା ସହିବାକୁ ବାଧ୍ୟ ହେଉଛନ୍ତି।

ଅପରପକ୍ଷରେ ଅନେକ ଘରୋଇ ଡାକ୍ତରଖାନା ବା କର୍ପୋରେଟ୍ ହସ୍ପିଟାଲ୍‌ରେ ଡାକ୍ତରମାନେ 'ଆୟୁଷ୍ମାନ ଭାରତ' ଯୋଜନା କାର୍ଯ୍ୟକାରୀ ହେଉ ନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଉଛନ୍ତି କିମ୍ବା ସୀମିତ ସଂଖ୍ୟକ ଶଯ୍ୟା ବ୍ୟବସ୍ଥା କରିଛନ୍ତି। ଏହି ଯୋଜନା ଲାଗୁ କରିବା ପାଇଁ ଗତବର୍ଷ ସର୍ବଭାରତୀୟସ୍ତରରେ ଘରୋଇ ଡାକ୍ତରଖାନାମାନେ ଅଧିକ ପ୍ରତିଶତ ସେବା ଖର୍ଚ୍ଚ ଦାବି କରିଥିଲେ। ଏପରିକି ଚିକିତ୍ସା ବାବଦ ଖର୍ଚ୍ଚ ଭରଣାରେ ବୀମା କମ୍ପାନୀ ଓ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଏବଂ ଜଟିଳ ଓ ଗୁରୁତର ଚିକିତ୍ସା ବାବଦ ଖର୍ଚ୍ଚ ଏହି ଯୋଜନାରେ ଖୁବ୍ କମ୍ ଥିବାରୁ ଦେଶର ୬୦୦ରୁ ଊର୍ଦ୍ଧ୍ୱ ଘରୋଇ ଡାକ୍ତରଖାନା ଏହି ଯୋଜନାରୁ ଓହରି ଆସିବା ପାଇଁ ଗତ ବର୍ଷ ନିଷ୍ପତ୍ତି ନେଇଥିଲେ। ଏପରିକି ଡବଲ୍ ଇଞ୍ଜିନ ସରକାର ଥିବା ଜାତୀୟ ରାଜଧାନୀ ଦିଲ୍ଲୀରେ ମଧ୍ୟ ଘରୋଇ ଡାକ୍ତରଖାନାମାନେ ଏହି ଯୋଜନାରେ ସାମିଲ୍ ହୋଇ ନଥିବା ଜଣାପଡ଼ିଛି। ଏବେ ସ୍ଥିତିରେ ସୁଧାର ଆସିଛି କି ନାହିଁ ସେ ସମ୍ପର୍କିତ ସଦ୍ୟତମ ସୂଚନା ଉପଲବ୍ଧ ନାହିଁ।

ବିଶାଳ ଜନସଂଖ୍ୟା ବିଶିଷ୍ଟ ଭାରତବର୍ଷରେ ସ୍ୱାସ୍ଥ୍ୟ ସେବା ଭଳି ସମ୍ବେଦନଶୀଳ କ୍ଷେତ୍ରର ପରିଚାଳନା ଓ ରୂପାୟନରେ ଯଦି ରାଜନୀତିକରଣ ହେବ ତେବେ ସମସ୍ୟା ଉପୁଜିବା ନିଶ୍ଚିତ। ତେଣୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପ୍ରଚାରସର୍ବସ୍ୱ ରାଜନୀତି ମାନସିକତାରୁ ଊର୍ଦ୍ଧ୍ୱକୁ ଉଠି 'ଆୟୁଷ୍ମାନ ଭାରତ'କୁ ଆହୁରି ସରଳ ଓ ଜନମୁଖୀ କରିବା ନିହାତି ଆବଶ୍ୟକ। ଅନ୍ତତଃ ସ୍ୱାସ୍ଥ୍ୟ ସେବା ଭଳି ଏକ ସମ୍ବେଦନଶୀଳ କ୍ଷେତ୍ର ରାଜନୀତିରୁ ଊର୍ଦ୍ଧ୍ୱରେ ରଖିବାକୁ ବିନମ୍ର ନିବେଦନ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ଏକ ବିପର୍ଯ୍ୟୟ-ସହନଶୀଳ ଭବିଷ୍ୟତର ପଥ

ଡଃ ପୁଷ୍କର ଜେନା

ଓଡ଼ିଶାର ବନ୍ୟା ଇତିହାସ ଦୀର୍ଘ। ଓଡ଼ିଶା ପୁଣିଥରେ ବନ୍ୟାର ଏକ କଠିନ ପର୍ଯ୍ୟାୟ ଅତିକ୍ରମ କରୁଛି। ବର୍ତ୍ତମାନର ପ୍ରାଥମିକତା ମାନବ ଓ ଗୃହପାଳିତ ପଶୁପକ୍ଷୀମାନଙ୍କର ଜୀବନର ସୁରକ୍ଷା ହେବା ଉଚିତ। ଜଳବନ୍ଦୀ ପରିବାର, ବୃଦ୍ଧ, ଶିଶୁ, ମହିଳା, ଦିବ୍ୟାଙ୍ଗ, ଗର୍ଭବତୀ ଏବଂ ଅତ୍ୟନ୍ତ ଦରିଦ୍ର ପରିବାରଙ୍କୁ ଚିହ୍ନଟ କରି ଲକ୍ଷ୍ୟଭିତ୍ତିକ ସହାୟତା ଦିଆଯିବା ଆବଶ୍ୟକ। ଖାଦ୍ୟ, ପଶୁଖାଦ୍ୟ, ପାନୀୟ ଜଳ, ଔଷଧ, ସ୍ୱଚ୍ଛତା ସାମଗ୍ରୀ, ଅସ୍ଥାୟୀ ଆଶ୍ରୟ ଓ ଆବଶ୍ୟକ ଘରୋଇ ସାମଗ୍ରୀର ଯୋଗାଣ 'ଶେଷ ଲୋକ ପର୍ଯ୍ୟନ୍ତ' ପହଞ୍ଚିବା ଦରକାର। ଜଳ କମିବା ପରେ ମଧ୍ୟ ରିଲିଫ୍ ଆବଶ୍ୟକତା ଶେଷ ହୁଏ ନାହିଁ; ବରଂ ପାନୀୟ ଜଳ, ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ଜୀବିକାର ପୁନରୁଦ୍ଧାର ନୂଆ ଆହ୍ୱାନ ହୋଇଥାଏ। ତେଣୁ ବନ୍ୟା ପରିଚାଳନାକୁ କେବଳ ଜଳସମ୍ପଦ ବିଭାଗର ଦାୟିତ୍ୱ ଭାବେ ଦେଖିଲେ ହେବ ନାହିଁ। ଏହା ଜଳସମ୍ପଦ, କୃଷି, ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ, ସ୍ୱାସ୍ଥ୍ୟ, ଗୃହ, ଶକ୍ତି, ପରିବହନ, ପରିବେଶ ଓ ଅର୍ଥନୀତି ସମସ୍ତ ବିଭାଗର ସମନ୍ୱିତ ବିକାଶ ପ୍ରଶ୍ନ।

ବନ୍ୟା ସମୟରେ ଜୀବନ ରକ୍ଷା, ଉଦ୍ଧାର, ଖାଦ୍ୟ, ପାନୀୟ ଜଳ, ଔଷଧ ଓ ଆଶ୍ରୟ ହେଉଛି ପ୍ରାଥମିକତା। ରାଜ୍ୟ ସରକାର ମଧ୍ୟ ଉଚ୍ଚସ୍ତରୀୟ ସମୀକ୍ଷାରେ ବନ୍ୟା ରିଲିଫ୍ ଓ କ୍ଷତିପୂରଣକୁ ପ୍ରାଥମିକତା ଦେଇଛନ୍ତି। ବିପର୍ଯ୍ୟୟ ସମୟରେ ବିଭିନ୍ନ ବିଭାଗ ଯଦି ନିଜ ନିଜ ଭାବରେ କାର୍ଯ୍ୟ କରନ୍ତି, ତେବେ ସମୟ ଓ ସମ୍ପଦର ଅପଚୟ ହୋଇପାରେ। ତେଣୁ ରାଜ୍ୟସ୍ତରରେ ଏକ 'ଇଣ୍ଟିଗ୍ରେଟେଡ୍ ଫ୍ଲଡ୍ ରେସ୍‌ପନ୍ସ ଆଣ୍ଡ ରିକଭରି କମାଣ୍ଡ ସେଣ୍ଟର'କୁ ଅଧିକ ଶକ୍ତିଶାଳୀ କରିବା ଆବଶ୍ୟକ। ଏହା ରିଅଲ୍-ଟାଇମ୍ ଭାବରେ ନଦୀ ଜଳସ୍ତର, ବର୍ଷା, ଜଳ ଆବଦ୍ଧତା, ରାସ୍ତା, ବିଦ୍ୟୁତ, ପାନୀୟ ଜଳ ଓ ମାନବୀୟ ଆବଶ୍ୟକତାର ତଥ୍ୟ ସଂଗ୍ରହ କରିବ। ଏହାଦ୍ୱାରା ଉଚ୍ଚସ୍ତରରେ ତ୍ୱରିତ ନିଷ୍ପତ୍ତି, ଜିଲ୍ଲାସ୍ତରରେ ଦ୍ରୁତ କାର୍ଯ୍ୟାନ୍ୱୟନ ଓ ଗ୍ରାମସ୍ତରରେ ତତ୍କାଳ ସହାୟତା ସମ୍ଭବ ହେବ।

ବିପର୍ଯ୍ୟୟ ସମୟରେ ପ୍ରଥମ ସହାୟତା ପ୍ରାୟତଃ ସରକାରୀ ଦଳ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଲୋକମାନେ ହିଁ କରନ୍ତି। ତେଣୁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବିପର୍ଯ୍ୟୟ ପରିଚାଳନା ଯୋଜନା ରହିବା ଉଚିତ। ଯୁବକ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଶିକ୍ଷକ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ମତ୍ସ୍ୟଜୀବୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଥମ ଗୋଷ୍ଠୀ ସହାୟକ ଭାବରେ ପ୍ରଶିକ୍ଷିତ କରାଯିବା ଆବଶ୍ୟକ। ଏହା ହେବ ଓଡ଼ିଶାର ପଞ୍ଚାୟତିରାଜ ଓ ଜନଭାଗୀଦାରୀଭିତ୍ତିକ ବିପର୍ଯ୍ୟୟ ପରିଚାଳନାର ଏକ ନୂଆ ମଡେଲ୍।

ଭବିଷ୍ୟତର ବନ୍ୟା ନିୟନ୍ତ୍ରଣ ଯୋଜନା କେବଳ ବନ୍ଧରେ ସୀମିତ ନୁହେଁ ଆହୁରି ବ୍ୟାପକ କରିବାର ସମୟ ଆସିଛି। ଆମର ବନ୍ୟା ନୀତିର ମୂଳ ଆଧାର ହେଉ କୃଷି, ମାଛଚାଷ, ବନୀକରଣ + ଜଳଗ୍ରହଣ ଅଞ୍ଚଳ ସୁରକ୍ଷା + ମାଟି ସଂରକ୍ଷଣ + ଜଳାଭୂମି ପୁନରୁଦ୍ଧାର + ନଦୀପଥ ସୁରକ୍ଷା + ବୈଜ୍ଞାନିକ ଡ୍ରେନେଜ୍ + ନଦୀ ଅବବାହିକା ପରିଚାଳନା + ଆଗୁଆ ସତର୍କୀକରଣ + ବନ୍ୟା-ସହନଶୀଳ ଭିତ୍ତିଭୂମି। ବିପର୍ଯ୍ୟୟ-ସହନଶୀଳ ଗ୍ରାମପଞ୍ଚାୟତ ହେଉ ବିକଶିତ ଓଡ଼ିଶାର ମୂଳ ଏକକ।

ଓଡ଼ିଶାର ଇତିହାସ ବାତ୍ୟା, ବନ୍ୟା, ମରୁଡ଼ି ଓ ଅନେକ ପ୍ରାକୃତିକ ବିପଦର ସାକ୍ଷୀ। କିନ୍ତୁ ଓଡ଼ିଶାର ଆଉ ଏକ ପରିଚୟ ରହିଛି ସଙ୍କଟରୁ ଶିଖିବା, ସଂଗଠିତ ହେବା ଓ ପୁଣି ଉଠି ଦୌଡ଼ିବାର ଅସାଧାରଣ କ୍ଷମତା। ବିକଶିତ ଓଡ଼ିଶାର ଅର୍ଥ କେବଳ ଚଉଡ଼ା ରାସ୍ତା, ଉଚ୍ଚ ଅଟ୍ଟାଳିକା ଓ ଶିଳ୍ପ ନୁହେଁ। ଯେଉଁ ଗାଁର ଲୋକ ବନ୍ୟା ଆସିଲେ ନିରାପଦ ରହିପାରିବେ, ଯେଉଁ କୃଷକ ଫସଲ ନଷ୍ଟ ହେଲେ ମଧ୍ୟ ଶୀଘ୍ର ଜୀବିକାକୁ ଫେରିପାରିବେ, ଯେଉଁ ପରିବାରର ଘର ବାତ୍ୟା ଓ ବନ୍ୟାରେ ସୁରକ୍ଷିତ ରହିବ ସେହି ହେଉଛି ପ୍ରକୃତ ବିକାଶ। ଆଜିର ବନ୍ୟା ଆମ ପାଇଁ କେବଳ ଏକ ବିପଦ ନୁହେଁ; ଏହା ଏକ ନୀତିଗତ ସୁଯୋଗ। ଆମର ବିପର୍ଯ୍ୟୟ ପରିଚାଳନାକୁ ପୁନର୍ବିଚାର କରିବାର, ସ୍ଥାନୀୟ ଲୋକଙ୍କୁ କେନ୍ଦ୍ରରେ ରଖିବାର, ବିଜ୍ଞାନ ଓ ପ୍ରଯୁକ୍ତିକୁ ଜନଜୀବନ ସହିତ ଯୋଡ଼ିବାର ଏବଂ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ଜଳବାୟୁ ଓ ବିପର୍ଯ୍ୟୟ ସହନଶୀଳ ରାଜ୍ୟ ଭାବେ ଗଢ଼ିବା ଦରକାର।

ଭୁବନେଶ୍ୱର, ମୋ: ୯୩୩୭୮୪୭୭୯୩

# କୋଇଲି ପୂଜନ

## ମା' ପାର୍ବତୀଙ୍କୁ ସମର୍ପିତ କୋକିଳା ବ୍ରତ

ଓଜସ୍ୱିନୀ

ବେଦ, ଉପନିଷଦ ଏବଂ ବିଭିନ୍ନ ପୌରାଣିକ ଗ୍ରନ୍ଥର ନିର୍ଦ୍ଦେଶମତେ ତେତ୍ରିଶକୋଟି ଦେବଦେବୀଙ୍କ ପୂଜାର୍ଚ୍ଚନା ସହିତ ସେମାନଙ୍କର ବାହନ କିମ୍ବା ପ୍ରତୀକ ବହନ କରୁଥିବା ବିଭିନ୍ନ ପଶୁପକ୍ଷୀଙ୍କୁ ମଧ୍ୟ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପୂଜାର୍ଚ୍ଚନା କରାଯିବାର ପରମ୍ପରା ପ୍ରଚଳିତ। କେତେକ ପୁରାଣ ମତବାଦ ଅନୁସାରେ କୋଇଲି କାମଦେବଙ୍କ ସହଚର। ଭାରତର କେତେକ ସ୍ଥାନରେ 'କୋକିଳା ବ୍ରତ' ପାଳନ କରାଯାଏ, ଯେଉଁଥିରେ କୋଇଲିକୁ ପରୋକ୍ଷ ଭାବେ ପୂଜା କରାଯାଏ। ଏହାବ୍ୟତୀତ ଉତ୍ତରାଖଣ୍ଡରେ ମା' କୋକିଳା ଦେବୀଙ୍କ ମନ୍ଦିର ଅଛି। କୋଇଲିର ନାମାନୁସାରେ ନାମିତ କୋକିଳା ଦେବୀ ନ୍ୟାୟର ଦେବୀ ଭାବେ ମଧ୍ୟ ପରିଚିତା। ଶନିଦେବଙ୍କୁ ଶ୍ରୀକୃଷ୍ଣ କୋଇଲି ରୂପରେ ଦର୍ଶନ ଦେଇଥିବା କଥାନୁସାରେ ମଥୁରାରେ 'କୋକିଳାବନ' ନାମକ ଗୋଟିଏ ପବିତ୍ର ଓ ସିଦ୍ଧ ସ୍ଥାନ ମଧ୍ୟ ରହିଛି।

'କୋକିଳା ବ୍ରତ' ମୁଖ୍ୟତଃ ଉତ୍ତର ଭାରତ ସମେତ ପଶ୍ଚିମ ଓ ଦକ୍ଷିଣ ଭାରତର କିଛିସ୍ଥାନରେ ପାଳିତ ହୁଏ। ଏହି ବ୍ରତ ଦେବୀ ସତୀ ଓ ଭଗବାନ ଶିବଙ୍କୁ ସମର୍ପିତ। ଆଷାଢ଼ ଶୁକ୍ଳ ପୂର୍ଣ୍ଣିମାଠାରୁ ଶ୍ରାବଣ ଶୁକ୍ଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳିତ ଏହି ବ୍ରତରେ ଦେବୀ ପାର୍ବତୀଙ୍କୁ କୋକିଳା ବା କୋଇଲି ରୂପରେ ପୂଜା କରାଯାଏ। କୋକିଳା ବ୍ରତ ସହିତ ଅନେକ ବିଶ୍ୱାସ ଜଡ଼ିତ। ବିଶ୍ୱାସ କରାଯାଏ ଯେ, କୋକିଳା ବ୍ରତ କରୁଥିବା ମହିଳାମାନେ ଅଖଣ୍ଡ ସୌଭାଗ୍ୟବତୀ ଏବଂ ସଦା ଅହ୍ୟସୁଲକ୍ଷଣୀ ହୋଇଥା'ନ୍ତି। ମୃତ୍ୟୁ ପରେ ମହିଳାମାନେ ମା' ପାର୍ବତୀଙ୍କ ଧାମକୁ ଯା'ନ୍ତି। ବ୍ରତରେ ମାଟିରେ ତିଆରି କୋଇଲି (କୋକିଳ) ମୂର୍ତ୍ତି ପୂଜା କରିବା ଦ୍ୱାରା ଅବିବାହିତାଙ୍କୁ ଉତ୍ତମ ସ୍ୱାମୀ ପ୍ରାପ୍ତ ହୋଇଥା'ନ୍ତି। ଏହାବ୍ୟତୀତ ବିବାହ ପୂର୍ବରୁ ଆସୁଥିବା ବାଧାବିଘ୍ନରୁ ମୁକ୍ତି ପାଇବା ପାଇଁ ମଧ୍ୟ ଏହି ବ୍ରତ ପାଳନ କରାଯାଏ। କୋକିଳା ବ୍ରତ 'ଭୌମଦୋଷ' ଦୂର କରିଥାଏ। ବିବାହିତାମାନେ ଏହି ବ୍ରତ ପ୍ରଭାବରୁ ସୁଖମୟ ବୈବାହିକ ଜୀବନ ସହିତ ଧନ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସ୍ୱାମୀଙ୍କର ଦୀର୍ଘାୟୁର ପୁଣ୍ୟ ପ୍ରାପ୍ତ କରିଥା'ନ୍ତି।

### ବିଚିତ୍ର ବିଶ୍ୱାସ

ଏହି ବ୍ରତ ପଛରେ ଥିବା ପୌରାଣିକ କାହାଣୀ ଏହିପରି - ଦକ୍ଷ ପ୍ରଜାପତିଙ୍କ ମହାଯଜ୍ଞରେ ମହାଦେବଙ୍କୁ ଅପମାନ ପୂର୍ବକ ନିମନ୍ତ୍ରଣ ନ କରିବା ପରେ ସ୍ୱାମୀଙ୍କ ଅପମାନ ସହ୍ୟ କରି ନ ପାରି ଦେବୀସତୀ ଯଜ୍ଞାଗ୍ନିରେ ଝାସ ଦେଇଥିଲେ। ତ୍ରିକାଳଦର୍ଶୀ ମହାଦେବ ଏହି ସବୁ ଅଘଟଣ ସମ୍ପର୍କରେ ପୂର୍ବରୁ ଆଶଙ୍କା କରି ଦେବୀସତୀଙ୍କୁ ଯଜ୍ଞସ୍ଥଳକୁ ଯିବା ପାଇଁ ବାରଣ କରିଥିଲେ। କିନ୍ତୁ ଦେବୀସତୀ ଶିବଙ୍କ ଆଦେଶକୁ ନ ମାନି ଯଜ୍ଞସ୍ଥଳକୁ ଯାଇଥିଲେ। ତେଣୁ ଭଗବାନ ଶିବ ସତୀଙ୍କୁ କ୍ଷମା କରିପାରିଲେ ନାହିଁ। ଭଗବାନ ଶିବ ଦଶହଜାର ବର୍ଷ ପର୍ଯ୍ୟନ୍ତ କୋଇଲି ଭାବେ ରହିବାକୁ ଦେବୀସତୀଙ୍କୁ ଅଭିଶାପ ଦେଇଥିଲେ। ସେବେଠାରୁ ଦେବୀସତୀ ନନ୍ଦନବନରେ କୋକିଳ ପକ୍ଷୀ ଭାବରେ ବାସ କଲେ। ଦଶହଜାର ବର୍ଷ ପରେ ଦେବୀସତୀ ଦେବୀପାର୍ବତୀଙ୍କ ରୂପରେ ପୁନର୍ଜନ୍ମ ନେଲେ ଏବଂ ଘୋର ତପସ୍ୟା ଓ ଉପବାସ ଓ ଆରାଧନା କରିବା ପରେ ସ୍ୱାମୀ ଭାବରେ ଭଗବାନ ଶିବଙ୍କୁ ପୁନର୍ବାର ପାଇଥିଲେ।

କୋକିଳା ବ୍ରତରେ ଉପବାସ କରୁଥିବା ମହିଳାମାନେ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ଦଶଟି ସୁଗନ୍ଧିତ ଔଷଧି (ଯେପରିକି ଜଟାମାଂସୀ, ହଳଦୀ, ଚନ୍ଦନ ଇତ୍ୟାଦି) ମିଶ୍ରିତ ଶୁଦ୍ଧ ଜଳରେ ସ୍ନାନ କରିବା ପରେ ଷୋଳଶୃଙ୍ଗାରରେ ନିଜକୁ ସଜାଇବା ସହିତ ଅତର ଲଗାଇଥା'ନ୍ତି। ଏହିସବୁ ଔଷଧଗୁଡ଼ିକୁ ରାତିସାରା ପାଣିରେ ବୁଡ଼ାଇ ରଖାଯାଇଥାଏ। ନିତ୍ୟକର୍ମ ପରେ ସଦ୍ୟଉଦିତ ସୂର୍ଯ୍ୟ ଦେବତାଙ୍କୁ ଚଣା ପୂଜା କରାଯାଏ। ମହିଳାମାନେ ମନକୁ ମନ୍ଦ ଚିନ୍ତାଧାରା ଏବଂ କାମନାରୁ ମୁକ୍ତ ରଖି କଠୋର ଉପବାସ କରିଥା'ନ୍ତି। ଦିନସାରା ବ୍ରତ ରଖିବା ପରେ କୋଇଲିର କୁହୁତାନ ବା ଡାକ ଶୁଣି ସେମାନେ ଉପବାସ ସମାପ୍ତ କରିଥା'ନ୍ତି। ଉପବାସ ଦିନଠାରୁ ଆରମ୍ଭ କରି ପରବର୍ତ୍ତୀ ଆଠ ଦିନ ପର୍ଯ୍ୟନ୍ତ ଏହି ନିୟମଗୁଡ଼ିକ ପାଳନ କରାଯାଏ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବର୍ଷା ବିପ୍ରାତ...

ଓ ଦଶରଥପୁର ଭଳି ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଲାଗି ରହିବାର ଆଶଙ୍କା ରହିଛି । ଅବପାତଟି ଆଗାମୀ ୨୪ଘଣ୍ଟା ଯାଏଁ ଉତ୍ତରପଶ୍ଚିମ ଦିଗରେ ଗତି କରିବା ସହ ପଶ୍ଚିମବଙ୍ଗ ଦେଇ ଝାଡ଼ଖଣ୍ଡ ମୁହାଁ ହେବା ସମ୍ଭାବନା ରହିଛି । ପ୍ରଭାବରେ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲା ସମେତ ଉତ୍ତର ଓଡ଼ିଶାର ପ୍ରମୁଖ ନଦୀଗୁଡ଼ିକର ଉପରମୁଣ୍ଡରେ ବର୍ଷା କରାଇବାର ଆଶଙ୍କା ବଢ଼ିଛି ।

ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତାକାଲି ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି । ଏଥିପାଇଁ ଏହି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ପ୍ରବଳ ବର୍ଷା ପାଇଁ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଅନୁଗୋଳ, ଦେବଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଅନ୍ୟପଟେ ଆସନ୍ତା ୧୯ କିମ୍ବା ୨୦ ବେଳକୁ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଛି । ଏହାଦ୍ୱାରା ପୁଣି ଥରେ ସାରା ରାଜ୍ୟରେ ବର୍ଷା ଆଶଙ୍କା ବଢ଼ିଛି ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ରାଜ୍ୟରେ ଆସନ୍ତା ସପ୍ତାହରେ ମଧ ବର୍ଷା ଜାରି ରହିବ । ଓଡ଼ିଶା ଉପରେ ଶକ୍ତିଶାଳୀ ମୌସୁମୀ ବାୟୁ ସକ୍ରିୟ କରୁଛି । ଫଳରେ ୧୩-୧୫ ଅଗଷ୍ଟରେ ଉତ୍ତର, ମଧ୍ୟ ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିଶେଷକରି କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ସମ୍ବଲପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ବ୍ୟାପକ ଭାବେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ତେବେ ୧୮-୧୯ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସଙ୍କେତ ମିଳୁଛି । ଏହି ଆଧାରରେ ୧୯-୨୦ ଅଗଷ୍ଟ ଆଡ଼କୁ ନୂତନ ଲଘୁଚାପ ସୃଷ୍ଟି ହୋଇପାରେ । ଏହା ବର୍ତ୍ତମାନର ପ୍ରଣାଳୀଠାରୁ କିଛି ଦକ୍ଷିଣ ଦିଗରେ ଗତି କଲେ ମଧ ଓଡ଼ିଶାର କେନ୍ଦ୍ରୀୟ ଓ ଉପକୂଳ ଅଞ୍ଚଳରେ ପୁଣି ବ୍ୟାପକ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି ।

### ବନ୍ୟାରେ ଭାସିଯାଇ...

ଯାଇଥିଲେ । ବର୍ଷା ଛାଡ଼ିବା ପରେ ଜଳସ୍ତର ସାମାନ୍ୟ ହ୍ରାସ ପରେ କ୍ରିଷ୍ଟାଙ୍କ ଶବ ନିକଟସ୍ଥ ଏକ ଡ୍ରେନରେ ଲାଗି ଅଟକି ରହିଥିଲା । ସ୍ଥାନୀୟ ଲୋକେ ଶବ ଦେଖି ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

### ଓଡ଼ିଶାର ଆର୍ଥିକ...

ସରକାରଙ୍କ ନୂଆ ସଂଶୋଧନରେ ରାଜ୍ୟଗୁଡ଼ିକର ଖଣିଜ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଛି । ରାଜ୍ୟରେ ଥିବା ଖଣିଜ ଜମି ଉପରେ ସରକାର କର, ସେସ ବା କୌଣସି ଲେଭି ଲଗାଇ ପାରିବେ ନାହିଁ ବୋଲି ବ୍ୟବସ୍ଥା ହୋଇଛି । ଏଥିପାଇଁ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିବାକୁ ଥିବା ନିୟମ ଓ ସର୍ତ୍ତ ପାଳନ କରିବାକୁ ପଡ଼ିବ । ଅର୍ଥାତ୍ ଖଣିଜ ସମ୍ପଦରୁ ରାଜ୍ୟ ସରକାରଙ୍କୁ କମ୍ ରାଜସ୍ୱ ମିଳିବ । ବିଲ୍‌ରେ ନୂତନ ଭାବରେ ସଂଯୋଗ କରାଯାଇଥିବା ଧାରା ୯(ଡ଼ି) ଅନୁସାରେ ଖଣିଜ ସମ୍ପଦର ପରିମାଣ, ମୂଲ୍ୟ, ରୟାଲଟି କିମ୍ବା ଅନ୍ୟ କୌଣସି ଆଧାରରେ ରାଜ୍ୟ ସରକାର କୌଣସି ଟିକସ ଲଗାଇ ପାରିବେ ନାହିଁ । କେବଳ ସେତିକି ନୁହେଁ ପୂର୍ବରୁ ଆଦାୟ ହୋଇ ନ ଥିବା ରାଜସ୍ୱ ଓ ଲେଭିକୁ ମଧ ଏହି ବିଲ୍‌ରେ ଅବୈଧ ଘୋଷଣା କରାଯାଇଛି ।

ମାତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବିଲ୍ ରାଜ୍ୟଗୁଡ଼ିକର ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଛି । ଜୁଲାଇ ୨୦୨୪ରେ ସୁପ୍ରିମକୋର୍ଟଙ୍କ ୯ ଜଣିଆ ଖଣ୍ଡପୀଠ ଏମ୍‌ଏମ୍‌ଡ଼ିଆର୍ ଆକ୍ଟରେ ଦିଆଯାଉଥିବା ରାଜଭାଗ ବା ରୟାଲଟି 'ଟିକସ' ପର୍ଯ୍ୟାୟଭୁକ୍ତ ନୁହେଁ । ସୁପ୍ରିମକୋର୍ଟଙ୍କ ଏହି ରାୟ ରାଜ୍ୟଗୁଡ଼ିକୁ ସଂବିଧାନର ସପ୍ତମ ଅନୁସୂଚୀର ରାଜ୍ୟ ତାଲିକାର ଏଣ୍ଟ୍ରି ୪୯ ଓ ୫୦ ଅନୁଯାୟୀ ଖଣିଜ ଅଧିକାର ଓ ଖଣିଜ ଜମି ଉପରେ କର ଲଗାଇବାର କ୍ଷମତା ଥିବା ସ୍ପଷ୍ଟ କରିଥିଲା । ଏହା ସହିତ ରାଜ୍ୟର କର ଲଗାଇବାର ସାମ୍ବିଧାନିକ କ୍ଷମତାକୁ କେବଳ ରୟାଲଟି ଆଦାୟ ବ୍ୟବସ୍ଥା ଦ୍ୱାରା ରୋକାଯାଇପାରିବ ନାହିଁ ବୋଲି ରାୟରେ କୁହାଯାଇଥିଲା । ମାତ୍ର ନୂତନ ବିଲ୍‌ରେ ସୁପ୍ରିମକୋର୍ଟଙ୍କ ଉକ୍ତ ରାୟର ପ୍ରଭାବକୁ ସଂକୁଚିତ କରାଯାଇଛି । ଫଳରେ ଓଡ଼ିଶା ପୂର୍ବରୁ ପାଇବାକୁ ଥିବା ବକେୟା ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କା ତ ହରାଇବ; ଏହା ସହ ନୂତନ ଭାବରେ କୌଣସି ଟିକସ ବା ସେସ୍ ଆଦାୟ କରିପାରିବ ନାହିଁ । ଏହାଦ୍ୱାରା ରାଜ୍ୟକୁ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ହରାଇବାର ଆଶଙ୍କା ସୃଷ୍ଟି ହୋଇଛି ।

ଅନ୍ୟପକ୍ଷରେ ଲୁହାପଥର, କୋଇଲା, ବକ୍ସାଇଟ୍, ମାଙ୍ଗାନିଜ, କ୍ରୋମାଇଟ୍ ଆଦି ଖଣିଜ ସମ୍ପଦରୁ ଓଡ଼ିଶା ବିପୁଳ ପରିମାଣରେ ରୟାଲଟି ପାଇଥାଏ । ରାଜ୍ୟର ଅଣଟିକସ ରାଜସ୍ୱର ସିଂହଭାଗ ଅର୍ଥାତ୍ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଖଣି ରାଜସ୍ୱରୁ ମିଳିଥାଏ । ରାଜ୍ୟରେ ବିକାଶ କ୍ଷେତ୍ରରେ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ତେଣୁ ରାଜ୍ୟର କର ଓ ସେସ୍ ଲଗାଇବାର କ୍ଷମତା କମିଲେ ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟର ଆର୍ଥିକ ସ୍ୱାୟତ୍ତତା ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି । କେବଳ ଓଡ଼ିଶା ନୁହେଁ, ଏହି ନୂଆ ନିୟମ ଦ୍ୱାରା ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ବିହାର ପରି ରାଜ୍ୟଗୁଡ଼ିକ ମଧ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି । ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ବିହାରରେ ଏହାକୁ ନେଇ ବିରୋଧୀଦଳଗୁଡ଼ିକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଏହାକୁ ବିରୋଧ କରାଯିବାକୁ ଚେତାବନୀ ଦେଇଛନ୍ତି । ଓଡ଼ିଶାରେ ମଧ ଏହାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ରାଜ୍ୟର ସ୍ୱାୟତ୍ତତା ଓ ଆର୍ଥିକ ସ୍ୱାଧୀନତା ଉପରେ ଏହା ଆଘାତ ବୋଲି ମଧ ଅଭିହିତ କରିଛନ୍ତି ।

### ଓଡ଼ିଶାର ସ୍ୱାର୍ଥ...

ବିଲ୍‌ରେ ଧାରା-୯ (ଡ଼ି)ର ବ୍ୟବସ୍ଥା ଅନୁସାରେ ଖଣିଜ ଅଧିକାର ଓ ଖଣିଜ ସମ୍ପଦ ଥିବା ଜମି ଉପରେ ରାଜ୍ୟ ସରକାରଙ୍କ ଦ୍ୱାରା କର, ସେସ୍ କିମ୍ବା ଅନ୍ୟାନ୍ୟ ଲେଭି ଲଗାଇବାର କ୍ଷମତା ଉପରେ କେନ୍ଦ୍ରୀୟ ନିୟନ୍ତ୍ରଣ ବଢ଼ିପାରେ । ଏହା ଫଳରେ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାୟତ୍ତତା ଓ ରାଜସ୍ୱ ସଂଗ୍ରହର କ୍ଷମତା ସୀମିତ ହେବ । ଓଡ଼ିଶା ପରି ଖଣିଜ ସମୃଦ୍ଧ ରାଜ୍ୟ ପାଇଁ ଖଣିଜ ରାଜସ୍ୱ କେବଳ ସରକାରୀ ଆୟର ଏକ ସ୍ରୋତ ନୁହେଁ । ଖଣି ପ୍ରଭାବିତ ଅଞ୍ଚଳରେ ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ପୁନର୍ବାସ, ଜୀବିକା ଓ ପରିବେଶ ପୁନରୁଦ୍ଧାର ଭଳି କାର୍ଯ୍ୟରେ ଏହି ରାଜସ୍ୱର ଗୁରୁତ୍ୱ ରହିଛି । ତେଣୁ ଏହି ଆର୍ଥିକ କ୍ଷେତ୍ରକୁ ସଂକୁଚିତ କରାଗଲେ ଏହାର ସିଧାସଳଖ ପ୍ରଭାବ ରାଜ୍ୟର ବିକାଶ ଓ ଖଣି ଅଞ୍ଚଳର ଲୋକଙ୍କ ଉପରେ ପଡ଼ିବ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ବିଲ୍‌ଟି ସଂଘୀୟ ବ୍ୟବସ୍ଥାକୁ ମଧ ଦୁର୍ବଳ କରିବାର ଆଶଙ୍କା ରହିଛି । ଖଣିଜ ସମ୍ପଦ ସମ୍ପର୍କିତ ରାଜ୍ୟଗୁଡ଼ିକର ଆର୍ଥିକ ଓ ସାମାଜିକ ପରିସ୍ଥିତି ଭିନ୍ନ । ଓଡ଼ିଶାର ଖଣି ଅଞ୍ଚଳରେ ଆଦିବାସୀ ସମୁଦାୟ, ସ୍ଥାନୀୟ ଜନସାଧାରଣ ଓ ପରିବେଶୀୟ ସମସ୍ୟା ସହ ଜଡ଼ିତ ଅନେକ ସ୍ୱତନ୍ତ୍ର ପ୍ରସଙ୍ଗ ରହିଛି । ଏପରି ସ୍ଥିତିରେ ଗୋଟିଏ ସମାନ କେନ୍ଦ୍ରୀୟ ନୀତି ଦ୍ୱାରା ସବୁ ରାଜ୍ୟର ସମସ୍ୟା ସମାଧାନ କରିବା ବାସ୍ତବସମ୍ମତ ନୁହେଁ । ନିବେଶ ବୃଦ୍ଧି ଓ ଇଜ୍ ଅଫ୍ ଡୁଇଂ ବିଜିନେସନ ନାମରେ ଖଣି କ୍ଷେତ୍ରର ସଂସ୍କାରକୁ ଆମେ ବିରୋଧ କରୁନାହୁଁ । ମାତ୍ର କୌଣସି ମୂଲ୍ୟରେ ରାଜ୍ୟର ନ୍ୟାୟସଙ୍ଗତ ରାଜସ୍ୱ ଅଧିକାର କିମ୍ବା ଖଣି ପ୍ରଭାବିତ ଲୋକଙ୍କ ସ୍ୱାର୍ଥ ସହ ସାଲିସ କରାଯାଇ ପାରିବ ନାହିଁ ।

ଖଣି ଉତ୍ତୋଳନ ଓ ଶିଳ୍ପ ବିକାଶକୁ ଓଡ଼ିଶା ସମର୍ଥନ କରିଆସିଛି; କିନ୍ତୁ ଖଣିଜ ସମ୍ପଦରୁ ଖଣିଜ ସମୃଦ୍ଧ ରାଜ୍ୟ ଓ ସ୍ଥାନୀୟ ଲୋକଙ୍କୁ ନ୍ୟାୟସଙ୍ଗତ ଏବଂ ଦୀର୍ଘସ୍ଥାୟୀ ଲାଭ ମିଳିବା ଆବଶ୍ୟକ । ତେଣୁ ବିଲ୍‌ଟିକୁ ତରବରିଆ ଭାବେ ପାସ୍ ନ କରି ରାଜ୍ୟଗୁଡ଼ିକ ସହ ବ୍ୟାପକ ପରାମର୍ଶ ଓ ସାମ୍ବିଧାନିକ ଯାଞ୍ଚ ପାଇଁ ସିଲେକ୍ଟ କମିଟିକୁ ପଠାଯିବା ଉଚିତ୍ ହେବ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି ।

### ଏହା ଏକ...

ଯେତେବେଳେ ସଂସଦ ଚାଲି ପାରୁ ନାହିଁ, ସେହି ସମୟରେ ରାଜ୍ୟମାନଙ୍କର ସ୍ୱାର୍ଥ ବିରୋଧୀ ବିଲ୍‌କୁ ଧ୍ୱନିମତରେ ପାସ୍ କରାଯାଇଛି । ଏହାକୁ ଦେଶବାସୀ କେବେ ଗ୍ରହଣ କରିବେ ନାହିଁ । ସଂଘୀୟ ବ୍ୟବସ୍ଥାରେ ଦେଶ ଓ ରାଜ୍ୟ ଭିତରେ ଯେଉଁ ବ୍ୟବସ୍ଥା ରହିଥିଲା, ତାହାକୁ ବଳି ଦିଆଯାଇଛି । ଜଣେ ଖଣିପ୍ରବଣ ଜିଲ୍ଲାର ବାସିନ୍ଦା ଭାବେ ସେ ଏହି ବିଲ୍‌କୁ ସମ୍ପୂର୍ଣ୍ଣ ବିରୋଧ କରୁଥିବା କହିଛନ୍ତି ।

ଶ୍ରୀ ଜେନା କହିଛନ୍ତି, କେନ୍ଦୁଝର ଭଳି ଜିଲ୍ଲା ଖଣିଜ ସମ୍ପଦରେ ଭରପୁର ଥିବା ସତ୍ତ୍ୱେ ଏହି ଜିଲ୍ଲା ବହୁ କ୍ଷେତ୍ରରେ ପଛୁଆ ରହିଛି । ଖଣି ରୟାଲ୍ଟି ବୃଦ୍ଧି ଦ୍ୱାରା ଏହି ଜିଲ୍ଲାବାସୀ କିଛି ଉପକୃତ ହୋଇପାରିବେ ବୋଲି ଆଶା ଥିଲା । କିନ୍ତୁ ଏ ସରକାର ସବୁ ଦିନ ପାଇଁ ଏହି ଆଶାକୁ ବୁଡ଼ାଇ ଦେଇଛି । ଓଡ଼ିଶା ଏବେ ୫୦ ହଜାର କୋଟି ଟଙ୍କା କ୍ଷତି ସହିବ । ଏତେ ପରିମାଣରେ ଅର୍ଥ କ୍ଷତି ସହିବା ଦ୍ୱାରା କିପରି ଓଡ଼ିଶା ଭଳି ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଆଗକୁ ବଢ଼ିବ ଏବେ ପ୍ରଶ୍ନ ଉଠିଛି । ଓଡ଼ିଶାର ଖଣିଖାଦାନକୁ କମ୍ପାନୀ ହାତରେ ଟେକିଦେବା ପାଇଁ କେନ୍ଦ୍ର ସରକାର ଏଭଳି ବିଲ୍ ପାସ୍ କରିଛି । ଏହାଦ୍ୱାରା କେନ୍ଦୁଝର ଜିଲ୍ଲା ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେବ । ଏହି ବିଲ୍ ଦ୍ୱାରା ରାଜ୍ୟଗୁଡ଼ିକ ନିଜର ଅଧିକାର ହରାଇଛନ୍ତି ।

ଏହି କଳା ବିରୋଧରେ ଯେଉଁ ସାଂସଦମାନେ ବିରୋଧ କରିଛନ୍ତି, ସେମାନଙ୍କୁ ଶ୍ରୀ ଜେନା ଧନ୍ୟବାଦ୍ ଜଣାଇଛନ୍ତି । ଏହାସହିତ ସାଂସଦ ମାନସ ମଙ୍ଗରାଜ ଏହି ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବାକୁ ଦାବି କରିଥିବାରୁ ବ୍ୟକ୍ତିଗତ ଭାବେ ଶ୍ରୀ ମଙ୍ଗରାଜଙ୍କୁ ଶ୍ରୀ ଜେନା ଧନ୍ୟବାଦ ଜଣାଇଛନ୍ତି । ସେ ଏହି ବିଲ୍ ପାଇଁ ଲଢ଼ିବା ସହ ଓଡ଼ିଶା ରାଜ୍ୟର ସ୍ୱାର୍ଥ ପାଇଁ ଲଢ଼େଇ କରିଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି । ରାଜ୍ୟର ଏତେବଡ଼ କ୍ଷତି ବିରୋଧରେ ଯଦି ଓଡ଼ିଶା ବିଜେପି ସରକାର ପାଟି ନ ଖୋଲେ ତେବେ ଲୋକେ ସେମାନଙ୍କୁ ଯବାବ ଦେବେ । କେନ୍ଦୁଝର ଭଳି କେବଳ ଖଣି ଅଞ୍ଚଳ ନୁହେଁ; ରାଜ୍ୟର ଏହା ବଡ଼ କ୍ଷତି । ସବୁ ରାଜ୍ୟ ଏହା ବିରୋଧରେ ରହିବେ । କେନ୍ଦ୍ର ବାଧ ହୋଇ ଚାଷୀ ଆଇନ୍ ଭଳି ଏହି ବିଲ୍‌କୁ ସେମାନେ ଫେରାଇବାକୁ ବାଧ ହେବେ ।

### ଧୋଇଗଲା ମୌସୁମୀ...

ନାରାବାଜି କରି ହଙ୍ଗାମା କରିଥିଲେ । ଛାତ୍ର ଆନ୍ଦୋଳନ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମେତ ସମଗ୍ର ବିରୋଧୀ ଦଳ ସ୍ଲୋଗାନ ଦେଇଥିଲେ । ପ୍ରଧାନମନ୍ତ୍ରୀ ପହଞ୍ଚିବା ପରେ ବନ୍ଦେ ମାତରମ ଗାନ କରାଯାଇଥିଲା । ଏହି ସମୟରେ ଗୃହ ତିନି ମିନିଟ ଦଶ ସେକଣ୍ଡ ପାଇଁ ନିରବ ରହିଥିଲା । ଏହାପରେ ବାଚସ୍ପତି ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ । ରାଜ୍ୟସଭାରେ ମଧ କିଛି ସମୟ ପାଇଁ ହଟ୍ଟଗୋଳ ହୋଇଥିଲା । ତେବେ ଖଣି ଓ ଖଣିଜ ବିଲ୍ ପାସ୍ ହେବାପରେ ଗୃହକୁ ଅଧ୍ୟକ୍ଷ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ ।

**ମାତ୍ର କେତେ ମିନିଟ୍‌ରେ ପାରିତ ବିଲ୍‌ଗୁଡ଼ିକ ହେଲା-**

- ଜାତୀୟ ସମ୍ମାନ ଅପମାନ ନିରୋଧୀ (ସଂଶୋଧନ) ବିଲ୍: ୧୪ ମିନିଟ୍
- ଟ୍ରିବ୍ୟୁନାଲ୍ ସଂସ୍କାର ବିଲ୍: ୧୨ ମିନିଟ୍
- ଜାତୀୟ ସମବାୟ ବିକାଶ ନିଗମ (ସଂଶୋଧନ) ବିଲ୍: ୧୦ ମିନିଟ୍
- ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍: ୫ ମିନିଟ୍
- ବ୍ୟାଙ୍କର୍ସ ବୁକ୍ସ ପ୍ରମାଣ ବିଲ୍: ୫ ମିନିଟ୍
- ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍: ୪ ମିନିଟ୍
- ଉଚ୍ଚତମ ନ୍ୟାୟାଳୟ (ବିଚାରପତି ସଂଖ୍ୟା) ସଂଶୋଧନ ବିଲ୍: ୪ ମିନିଟ୍
- କେରଳ (ନାମ ପରିବର୍ତ୍ତନ) ବିଲ୍: ୪ ମିନିଟ୍
- କ୍ଷୁଦ୍ର, ସୂକ୍ଷ୍ମ ଓ ମଧ୍ୟମ ଉଦ୍ୟୋଗ ବିକାଶ (ସଂଶୋଧନ) ବିଲ୍: ୩ ମିନିଟ୍
- କରପାତ ଓ ଅନ୍ୟାନ୍ୟ ନିୟମ (ସଂଶୋଧନ) ବିଲ୍: ୩ ମିନିଟ୍

ଏହି ଅଧିବେଶନରେ ପ୍ରଶ୍ନପତ୍ର ଲିକ୍ ନିରୋଧୀ ଆଇନକୁ ଛାଡ଼ିଦେଲେ ଅନ୍ୟ କୌଣସି ବିଲ୍ ଉପରେ ବିସ୍ତୃତ ଆଲୋଚନା ହୋଇପାରିନାହିଁ । ପ୍ରଶ୍ନପତ୍ର ଲିକ୍ ଆଇନ ଉପରେ ପ୍ରାୟ ୧୧ ଘଣ୍ଟା ଆଲୋଚନା ହୋଇଥିବା ବେଳେ, ଅନ୍ୟ ୧୦ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ମାତ୍ର କେଇ ମିନିଟ୍ ମଧ୍ୟରେ ଗୃହର ହଟଗୋଳ ଭିତରେ ଧ୍ୱନିମତରେ ପାରିତ ହୋଇଛି । ସଂସଦ ଭବନ ପରିସରରେ ମଧ ବିଜେପି ଓ କଂଗ୍ରେସ ପରସ୍ପର ବିରୋଧରେ ପ୍ରତିବାଦ ପ୍ରଦର୍ଶନ କରିବା ସହ ଅଧିବେଶନର ଅନ୍ତ ଘଟାଇଛନ୍ତି ।

### ୨୦୩୦ ସୁଦ୍ଧା...

କାର୍ଯ୍ୟକ୍ଷମ ଥିବା ବେଳେ ଗୋପାଳପୁର ଓ ପାରାଦୀପରେ ୨ଟି ୭୬୫/୪୦୦ କେଭି ବିଶିଷ୍ଟ ଗ୍ରୀଡ୍ ଷ୍ଟେସନ୍ ନିର୍ମାଣ କରାଯାଉଛି । ଏହା ସହିତ କୋଲାବିରା, ଡୁବୁରି ଓ ଆଠଗଡ ନିକଟସ୍ଥ ବେତଖୋଲି ଠାରେ ଆଉ ୩ଟି ୭୬୫/୪୦୦ କେଭି ସବ୍‌ଷ୍ଟେସନ୍ ନିର୍ମାଣ କରିବା ପାଇଁ ଯୋଜନା କରାଯାଇଛି । ରାଜ୍ୟରେ ୪୦୦ କେଭି ବିଶିଷ୍ଟ ୫ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ ଥିବା ବେଳେ ଆଉ ୪ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣାଧୀନ ରହିଛି ଏବଂ ୨ଟି ଟେଣ୍ଡର ଷ୍ଟେଜ୍‌ରେ ଅଛି । ଆଗକୁ ଆହୁରି ୯ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣ କରିବାର ଯୋଜନା ରହିଛି । ଏସବୁ ସବ୍‌ଷ୍ଟେସନ୍ ଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାରେ ବିଦ୍ୟୁତ୍ ସମସ୍ୟା ରହିବ ନାହିଁ । ସେହିପରି ବିଭିନ୍ନ ଗ୍ରୀଡ୍ ଗୁଡ଼ିକର ଆଧୁନିକୀକରଣ କାର୍ଯ୍ୟ ମଧ ହାତକୁ ନିଆଯାଇଛି । ୨୦୩୦-୩୧ ସୁଦ୍ଧା ରାଜ୍ୟରେ ପ୍ରାୟ ୫୯୦ଟି ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବାକୁ ଯାଉଛି । ଏହି ଶିଳ୍ପ ସଂସ୍ଥା ତଥା ଉପଭୋକ୍ତା ମାନଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ଦୃଷ୍ଟିରେ ରଖି ରାଜ୍ୟରେ ୧୬ ହଜାର କୋଟି ଟଙ୍କାର ଶକ୍ତି ପ୍ରକଳ୍ପ ନିର୍ମାଣ କରାଯିବ । ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ ଦେବ, ଓପିଟିସିଏଲର ସିଏମଡି ଭାସ୍କରଜ୍ୟୋତି ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ପଛ ଦ୍ୱାରରେ...

ଅତଏବ ଏହି ୭ ଦିନ ମଧ୍ୟରେ ଯିଏ ଆବେଦନ କରିଥିବେ, ସେମାନଙ୍କ ମଧ୍ୟରୁ ଜଣେ ଓଇଆରସି ଅଧ୍ୟକ୍ଷ ହେବା ଏକପ୍ରକାର ନିଶ୍ଚିତ ବୋଲି ଆଲୋଚନା ହେଉଛି । ଅପରପକ୍ଷେ ଯିଏବି ଅଧ୍ୟକ୍ଷ ହୁଅନ୍ତୁ ପଛେ, ଶକ୍ତି ତଥା ଏ ସମ୍ବନ୍ଧିତ କ୍ଷେତ୍ରରେ ତାଙ୍କର ଲମ୍ବା ଅନୁଭବ ରହିବା ଆବଶ୍ୟକ । ଏପରି ହେଲେ ରାଜ୍ୟର ଶକ୍ତି ଚାହିଦା ତଥା ସ୍ୱାର୍ଥ ପୂର୍ତ୍ତି ସହଜରେ ହୋଇପାରିବ ବୋଲି ମତପ୍ରକାଶ ପାଇଛି । ତେଣୁ ନିଜେ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ରଖିବାକୁ ସାଧାରଣରେ ଦାବି ହେଉଛି ।

### ଡିଜିପି ନିଯୁକ୍ତି...

ଦେବା ପରେ ସର୍ବୋଚ୍ଚ ନ୍ୟାୟାଳୟ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ଡିଜି ନିଯୁକ୍ତି ଉପରେ ଅଙ୍କୁଶ ଲଗାଇଛନ୍ତି ।

ଏପଟେ ଅଗଷ୍ଟ ୧୬ରେ ବର୍ତ୍ତମାନର ପୁଲିସ ଡିଜି ୱାଇବି ଖୁରାନିଆଙ୍କ ଅବସର ନେବେ ଓ ରାଜ୍ୟ ସରକାର ତାଙ୍କର ଅବସରକୁ ଅନୁମୋଦନ ଦେଇ ସାରିଛନ୍ତି । ଏହି ସମୟ ମଧ୍ୟରେ ଡିଜିପି ନିଯୁକ୍ତି ନ ହେଲେ ରାଜ୍ୟରେ ଡିଜିପି ପଦଟି ଖାଲି ପଡ଼ିବ । ଏଣୁ କାର୍ଯ୍ୟକାରୀ ଡିଜିପି ନିଯୁକ୍ତି ହିଁ ଏକମାତ୍ର ବିକଳ୍ପ ହୋଇପାରେ ବୋଲି କୁହାଯାଉଛି । ପୂର୍ବରୁ ସୁପ୍ରିମକୋର୍ଟ ଅନେକ ରାଜ୍ୟରେ କାର୍ଯ୍ୟକାରୀ ଡିଜିପି ନିଯୁକ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ୮ଟି ରାଜ୍ୟକୁ ଅବମାନନା ନୋଟିସ ମଧ ଜାରି କରିଥିଲେ । ଓଡ଼ିଶା ମଧ ସେହି ତାଲିକାରେ ଥିଲା, କିନ୍ତୁ ପରେ ଖୁରାନିଆଙ୍କୁ ସ୍ଥାୟୀ ଡିଜିପି ଭାବେ ନିଯୁକ୍ତି ଦେଇ ରାଜ୍ୟ ସରକାର ସେ ବିବାଦରୁ ମୁକୁଳିଥିଲେ । ଏବେ ପୁନର୍ବାର ଅନୁରୂପ ସ୍ଥିତି ଉପୁଜିଛି । ଏହି ପରିପ୍ରେକ୍ଷୀରେ ସରକାର ସମ୍ଭବତଃ ଜଣେ କାମଚଳା ଡ଼ିଜି ନିଯୁକ୍ତି ଦେଇ ପାରନ୍ତି । ବରିଷ୍ଠ ଆଇପିଏସ୍ ତଥା କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କ ନାମ କାମଚଳା ଡ଼ିଜି ପାଇଁ ଚର୍ଚ୍ଚାର ପରିଧିରେ ରହିଛି । ଏହି ପରିପ୍ରେକ୍ଷୀରେ ଅଗଷ୍ଟ ୧୮ ତାରିଖର ଶୁଣାଣି ଉପରେ ଏବେ ସମସ୍ତଙ୍କ ନଜର ରହିଛି । ସେଦିନ ଆମିକସ୍ କ୍ୟୁରୀଙ୍କ ଚୂଡ଼ାନ୍ତ ରିପୋର୍ଟ ଏବଂ ରାଜ୍ୟ ସରକାରଙ୍କ ପକ୍ଷ ଶୁଣିବା ପରେ ସୁପ୍ରିମକୋର୍ଟ ଏହି ମାମଲାରେ ସ୍ପଷ୍ଟ ନିର୍ଦ୍ଦେଶ ଦେଇପାରନ୍ତି ବୋଲି କୁହାଯାଉଛି ।


**DHAMNAGAR COLLEGE**
DHAMNAGAR, BHADRAK, ODISHA-756117
Website: dhamnagarcollege.org.in
Ref. No. 310 / 2026 Date: 12.08.2026

Applications are invited from eligible retired Guest Lecturers in the subjects of English, History, Chemistry, Logic & Philosophy, and Urdu, who are below 69 years of age and possess the requisite qualifications for the respective subjects. Interested and eligible candidates may apply online through the provided links in the HIMS Portal (https://hims.odisha.gov.in) within 15 days from 16.08.2026 to 30.08.2026. The remuneration for the above posts shall be as per the Notification of the Department of Higher Education (DHE), Odisha.

Sd/- Principal-cum-Secretary
Dhamnagar College, Dhamnagar

13001/1530/2627
**WATCO**
**OFFICE OF THE GENERAL MANAGER, WATCO DIVISION-II, BHUBANESWAR,**
Near Rajiv Bhawan, Unit-V, Bhubaneswar-751001, Odisha, India
Telefax: - +91-674-2390322 E-mail – gmdivtwowatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
Dtd.13.08.2026

| | | |
|---|---|---|
| 01 | Nos of the work | 03 Nos (Three nos works) |
| 02 | Estimate cost | Rs.59.30 Lakhs to 99.84 Lakhs |
| 03 | Period of completion | 02 (Two) Years |
| 04 | Class of contractor | B Class |
| 05 | Date & Time of availability of bid document In the portal | From 11.00 AM of Dt.17.08.26 to 5.00 PM of 31.08.2026 |
| 06 | Last date / time of receipt of bids in the portal | 5.00 PM of 31.08.2026 |
| 07 | Last date & time of seeking clarification | 5.00 PM of 21.08.2026 |
| 08 | Date & Time of opening of bids | At 12.30 PM of 01.09.2026 |
| 09 | Name and Address of the Officer Inviting Bid | General Manager WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in"

GENERAL MANAGER (SEPH), WATCO DIVISION-II, BHUBANESWAR
OIPR-13001/13089/1/26-27/0007

VEHICLE FOR SALE
MARUTI ERTIGA SMART HYBRID LXI Regn No. OD-02-CX-7545 in as is where is condition. Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689, within 7 days.

VEHICLE FOR SALE
MARUTI DZIRE CAR 2023 Regn No. OD-33-AH-6469 in as is where is condition. Contact: M/S Sundaram Finance Limited, PARADIP BRANCH, Ph:0672-2295252, within 7 days

FOR SALE
1 Number of MARUTI ALTO K10 VXI CAR, Registration No.- OD-22-CU-6010, Model- 2024, ENGINE NO – K10CN1263398, CHASSIS NO - MA3SFM61S RD283330, For Details, contact - 8895995989, 9437355692, Second floor, Plot No-353/2585, Building No-723/1793,At-Bypass Chhaka, Above Punjab National Bank, Po-Salandi Bypass, Via-Kuansa, BHADRAK-756100, PH. NO- 06784-250703

25001/924/2627
GOVERNMENT OF ODISHA
E-Mail ID: eerw_blgr@yahoo.co.in
OFFICE OF THE SUPERINTENDING ENGINEER
RURAL WORKS DIVISION: BOLANGIR
e Procurement Notice
IFB IDENTIFICATION NO. EEBLGR-Online-04-2026-27

| | | | |
|---|---|---|---|
| 1. | Name of work | : | Building Works |
| 2. | Total no of works | : | 17 (Seventeen) nos |
| 3. | Approximate Estimated Cost | : | Rs. 2.52 to 6.72 Lakh |
| 4. | Time for completion | : | 2 (Two) calendar months |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | : | As per TCN No. EEBLGR-Online-04/2026-27 |

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 6 | 7 |
| Executive Engineer, R.W. Division, Bolangir | EEBLGR-online-04/2026-27 | 20.08.2026 at 11.00 A.M | 10.09.2026 upto 5.00PM | 09.09.2026 upto 1.00PM | 11.09.2026 at 11.00A.M |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Executive Engineer
R.W. Division, Bolangir.
OIPR-25001/25068/1/26-27/2007

25001/916/2627
e-mail : rwdmohana@gmail.com
GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISON, MOHANA
NATIONAL COMPETITIVE BIDDING THROUGH e-Procurement
Identification No. Online Tender 09/MOHANA/2026-27

1. Name of the work : Road work
2. Total No. Work : 01 (One) Nos
3. Estimated Cost : Rs 83.05 lakhs
4. Class of Contractor : As per annexure
5. Period of Completion : As per annexure
6. Other Details:-

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|---|
| | | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Executive Engineer, Rural Works Division, Mohana | Online Tender 09/MOHANA /2026-27 | 01 (One) No. of Road work | 17.08.2026 from 10.00 AM | 24.08.2026 upto 5.00 PM | 21.08.2026 upto 5.00 PM | 25.08.2026 at 11.00 AM | Will be Intimated later |

Executive Engineer
R.W. Division, Mohana
OIPR-25001/25148/1/26-27/0012

19001/188/2627
GOVERNMENT OF ODISHA
DEPARTMENT OF PANCHYATIRAJ & DRINKING WATER
Office of the Block Development Officer, Panchayat Samiti Boden, Nuapada-766111
e - Procurement Notice No. (PSBDN) 02/2026-27
e-mail address: ori-boden@nic.in
No. 2437 PERCENTAGE RATE TENDER Date 06.08.2026

The Block Development Officer, Panchayat Samiti Boden, Dist-Nuapada, Pin-766111, Odisha on behalf of Governor of Odisha invites "PERCENTAGE RATE Bids" IN SINGLE COVER SYSTEM, in electronic tendering system for the construction work detailed in the table below, which are eventually to be draw on P1 agreement.

| | |
|---|---|
| Package No | Notice ID No. (PSBDN) 02/2026-27 |
| Nature of Work | i-2 Nos of Crematorium. ii-8 Nos of building. |
| Approximate value of work | i. Construction of Crematorium in self located cluster village Bandhpada Gp Karlakote-Rs 9.62 lakh(Excluding GST). ii. Construction of crematorium in self located cluster village Kanakpur Gp karlakote-Rs 9.85 lakh(Excluding GST). iii. Construction of Panchayat samiti conference Hall Building-Rs 16.21 lakh(Excluding GST). iv. Construction of Addl. Class room at Upper primary school litisargi Under Litisargi GP Rs 10.08 lakh(Excluding GST) v. Construction of AEE Quarter-RS-11.76 lakh(Excluding GST) vi. Construction of Addl. Class Room at Govt PS Bandhapada,Karlakot GP-Rs 14.95 lakh(Excluding GST) vii. Construction of Addl. Class Room at Govt PS Bhoipada,Litisargi GP Rs 14.95 (Excluding GST) viii. Construction of Addl. Class Room at Boden SSD High School unit 1,Boden GP Rs -14.94 (Excluding GST) ix. Construction of Library-cum-Reading Room at Boden,Boden GP,Rs-13.08(Excluding GST) x. Construction of Addl. Class Room at Boden SSD High School unit 2,Boden GP Rs-14.94(Excluding GST) |
| Period of Completion | 06 (Six) Calendar Months |
| Classification of Bidder | "D" & "C" Class only |
| Bid documents available Date and Time. | 07.08.2026 10.00 AM to 20.08.2026 up to 5.30 P.M |
| Bid clarification start date & Closing date. | 07.08.2026 10.00 AM to 20.08.2026 up to 5.30 P.M |
| Date, Time and Venue of opening of bid online. | 21.08.2026 at 11.00 AM at office of the Block Development Officer, Panchayat Samiti Boden, Dist-Nuapada |
| If stipulation arises the Tender will be decided through Lottery System. | 28.08.2026 at 03.00 P.M After evaluation at office of the Block Development Officer, Panchayat Samiti Boden, Dist-Nuapada |

Further details can be seen any addendum / corrigendum / cancellation to the above notice will be published in the Govt. website www.tendersodisha.gov.in only.

Block Development Officer
Boden
OIPR-19001/19525/1/26-27/0001

AFFIDAVIT
I, Swati Biswal, aged about 39 years, W/o- Ghanashyam Biswal, Resident of AT/PO-Sindurpan k, PS-Sadar, Dist-Sambalpur, PIN-768005, ODISHA, declared by this Affidavit No. 437/2026, Dated 10.08.2026, That now onwards I shall Be Known as **JOLLEY BISWAL** for all future Purposes.

AFFIDAVIT
I, RABINDRA SETHI, age about 54 years, S/o- Bhikari Sethi, At/Po- Resident of AT/PO-Ward No-9, Tala Sahi, Near Budhi Maa Mandir, Dhabalei Maa Mandir, Dhabalei, Lenkudipada, Nayagarh-752070, ODISHA, declared by this Affidavit No. 935, Dated 13.08.2026, That now onwards I shall Be Known as **RABINDRA KUMAR SETHI** for all future Purposes.

AFFIDAVIT
I, Sheikh Rahul Amin, aged about 65 years, S/o- Belal Sheikh, Resident of Chadeibhol, PO-Ghosada, PS-Karanjia, Dist-Mayurbhanj, PIN-757037, ODISHA, declared by this Affidavit, No. 3579, Dtd. 07.08.2026, That now onwards I shall Be Known as **SHAIKH RUHUL AMIN** for all future Purposes.

AFFIDAVIT
By virtue of an affidavit before the Executive Magistrate, Tangi, Khordha, No 1653, dtd:11.08.2026, **I, SUNITA DASH,** W/o.: ANANDA CHANDRA DASH, resident of Vill- Bhatasahi, Dia, P.O./P.S.– Nirakarpur, Dist- Khordha, hereby declare that I have changed my name from **SUNITA DASH to BASANTI DASH.** Henceforth, I shall be known as **BASANTI DASH** for all purposes.
Sd/- BASANTI DASH

AFFIDAVIT
By virtue of an affidavit (SI No.03, dtd-12/08/2026) sworn before the Executive Magistrate, Sohela, Bargarh. I, Keshaba Sahu, S/o- Suryabali Sahu, Permanent & current resident of At: Mangalpali , PO- Rengali, PS: Sohela, Dist: Bargarh, Pin-768033, Odisha declare that I have changed my minor son's name from Mukshyajit Sahu (old name) to Meyar Sahu (new name). Henceforth, he shall be known as **Meyar Sahu** (new name) for all purpose.

AFFIDAVIT
By virtue of an affidavit sworn before Notary Public, Bhubaneswar, dated 06/08/2026 I, Tuni Sanseth, Address At- Srirampur, Po- Srirampur, Ps- Kotagarh, Dist- Kandhamal, Odisha, Pin-762105, declare that I have changed my name from Kinu Sanaset to Tuni Sanseth. Henceforth, I shall be known as **TUNI SANSETH.**
Tuni Sanseth

AFFIDAVIT
By virtue of an affidavit sworn before The Notary Public, Titilagarh, on dated- 13/08/2026. I, **Baishnaba Rana** (new name), S/o Bhima Rana, permanent & current resident of AT: Dumerpada, PO: Muribahal, PS: Muribahal, Dist: Balangir, State: Odisha, PIN: 767037 declare that I have changed my name from **Bastam Rana** (old name) to **Baishnaba Rana** (new name). Henceforth, I shall be known as **Baishnaba Rana** (new name) for all future purposes.
Baishnaba Rana

AFFIDAVIT
By Virtue of an affidavit sworn before Executive Magistrate Kanas. No-3244, dated 10/08/2026 I, Smt. Suryakanti Jena W/O- Dhaneswar Jena resident of At- Paikamara, Po- Kalapadar, Ps- Gadisagoda, Block- Kanas, Dist- Puri, Odisha, Pin- 752017 declare that I have changed the name of my Son from **Rudraskhay Jena** to **Rudrakshya Jena**. Henceforth, He shall be known as **RUDRAKSHYA JENA** for all purpose.
Suryakanti Jena

AFFIDAVIT
By virtue of an affidavit (CF No. 840, dtd- 11/08/2026) sworn before The Executive Magistrate, Jamankira, Sambalpur. I, **Rukmani Kerketta,** W/o- Bhima Kerketa, resident of Vill: Sanbhaluchuan, PO: Katangapani, PS: Jamankira, Dist: Sambalpur, Odisha declare that I have changed my name from **Rupan Kerketa** to **Rukmani Kerketta** in my SBI Saving Account, vide **Account No. 35122902070** under SBI Jamankira Branch. Henceforth, I shall be known as **Rukmani Kerketta,** W/o- **Bhima Kerketa** for all official and non-official purposes.
Rukmani Kerketta

### ପାଲ ପାଇଁ ଉଠୁଛି ପଡୁଛି ଆରଡ଼ି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ

# ୧୫ ଦିନ ହେଲା ଭାଙ୍ଗିଛି ଘର; ଏଯାଏଁ ମିଳିଲାନି ଖଣ୍ଡେ ପାଲ

ଆରଡ଼ି,୧୩।୮ (ସମିସ): ବୈତରଣୀ ଓ ସାଳନ୍ଦୀ ନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ଫଳରେ ଚାନ୍ଦବାଲି ବ୍ଲକ୍ ଅଧୀନସ୍ଥ ଆରଡ଼ି, ନାନ୍ଦପୁର, ଓଳଗ ଓ ସୁନ୍ଦରପୁର ପଞ୍ଚାୟତରେ ଥିବା ୨୪ଟି ରାଜସ୍ୱ ଗ୍ରାମରେ ବ୍ୟାପକ କ୍ଷତି ଘଟିବା ସହିତ ବହୁ ଘର ଭାଙ୍ଗିଯାଇଛି । ବନ୍ୟା ସମୟରେ ସରକାରଙ୍କ ପକ୍ଷରୁ ଶୁଖିଲା ଖାଦ୍ୟ ଓ ଗୋ-ଖାଦ୍ୟ ସହିତ ଭିନ୍ନ ଭିନ୍ନ ସଂସ୍ଥାମାନେ ଆସି ଏ ଅଞ୍ଚଳର ଲୋକଙ୍କୁ ରିଲିଫ୍ ବଣ୍ଟନ କରିଥିଲେ । ପରବର୍ତ୍ତୀ ସମୟରେ ଆରଡ଼ି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ୨ଟି ଟିମ୍ ଗଠନ ହୋଇ ବନ୍ୟାରେ ଭାଙ୍ଗିଥିବା ଘରଗୁଡ଼ିକର ସର୍ଭେ କରାଯାଇଛି । ଯେଉଁମାନଙ୍କର ଘର ଭାଙ୍ଗିଛି ସରକାରଙ୍କ ପକ୍ଷରୁ ସେମାନଙ୍କୁ ପାଲ ଗୋଟେ ଲେଖାଏଁ ଦିଆଯାଉଛି । କିନ୍ତୁ ଏହି ପାଲ ଦେବାରେ ବ୍ୟାପକ ଅନିୟମିତତା ଦେଖାଦେଇଛି । ଶାସକ ଦଳର କର୍ମକର୍ତ୍ତାମାନେ ସରକାରୀ ଅଧିକାରୀଙ୍କ ଉପରେ ଚାପ ପକାଇ ତାଙ୍କ ଦଳର କର୍ମୀ ଯାହାଙ୍କର ଘର ଭାଙ୍ଗି ନାହିଁ ତାଙ୍କୁ ପାଲ ଦେବାରେ ସହଯୋଗ କରୁଥିବାସ୍ଥଳେ ବିରୋଧୀ ଦଳର ଲୋକମାନେ ପାଲ ପାଇପାରୁ ନାହାନ୍ତି । ନାନ୍ଦପୁର ପଞ୍ଚାୟତ ପହଣା ଗ୍ରାମର ପ୍ରଭାକର ବାରିକ ଓ ଗୌରାଙ୍ଗ ବାରିକଙ୍କ ଘର ଭାଙ୍ଗିଥିଲେ ବି ସେ ଏପର୍ଯ୍ୟନ୍ତ ପାଲ ଖଣ୍ଡେ ପାଇଲେନାହିଁ । ଆର୍‌ଆଇ ଆସି ତଦନ୍ତ କରିଥିଲେ ବି ତାଙ୍କୁ ଏ ପର୍ଯ୍ୟନ୍ତ ପାଲ ଖଣ୍ଡେ ଦେଲେ ନାହିଁ । ସେହିପରି ପହଣା ଗ୍ରାମର ଖୁଲଣା ସାହୁ, ଅଭିରାମ ଦାସ, ବୃନ୍ଦାବନ ବାରିକ ମଧ୍ୟ ପାଲ ପାଇବାରୁ ବଞ୍ଚିତ ଅଛନ୍ତି ।

ଅପରନ୍ତୁ ଗତ ୫ଦିନ ହେଲାଣି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପାଲ ପାଇଁ ନାହିଁ ନ ଥିବା ଭିଡ଼ ଲାଗି ରହିଛି । ଲୋକମାନେ ଦିନ ତମାମ ପାଲ ଖଣ୍ଡେ ପାଇଁ ଅଖିଆଅପିଆ ପଡ଼ି ରହୁଛନ୍ତି । ସରକାରୀସ୍ତରରେ ତଦନ୍ତ ଉଚିତ୍ ମାର୍ଗରେ ନ ଯାଇ ବାଟବଣା ହେଉଛି । ସରକାରଙ୍କ ପକ୍ଷରୁ ପ୍ରତିଦିନ ଗୋଟେ ଦୁଇଟି ଗାଁରେ ଯେଉଁମାନେ ପାଲ ପାଇବେ ସେମାନଙ୍କୁ ଡାକି ଦେବା ବ୍ୟବସ୍ଥା କରିବା ଦରକାର । ଗୁରୁବାର ପରିସ୍ଥିତି ଏପରି ହୋଇଥିଲା ଯେ, ପୁଲିସ ଆସି ରହିବାକୁ ପଡ଼ିଥିଲା । ତେଣୁ ବ୍ୟବସ୍ଥାକୁ ସରଳୀକରଣ କରାଯିବା ଦରକାର । ଯାହାର ପ୍ରକୃତରେ ଘର ଭାଙ୍ଗିଛି ସେ ପାଉନାହିଁ କିନ୍ତୁ ଯାହାର ଘର ଭାଙ୍ଗିନାହିଁ ସେ ପାଉଛି । ତେଣୁ ଘଟଣା ସମ୍ପର୍କରେ ଚାନ୍ଦବାଲି ତହସିଲ୍‌ଦାର ଅବଗତ ହୋଇ ବ୍ୟବସ୍ଥିତ ଭାବରେ ଯୋଗ୍ୟ ହିତାଧିକାରୀଙ୍କୁ ପାଲ ଦେବା ପାଇଁ ଦାବି ହେଉଛି ।





### ବାହାଘର ବେଳେ ବାଇଗଣ ରୁଆ

## ସାନବନସ୍ତାରେ ପୁଣି ବନ୍ଧ ମରାମତି କାର୍ଯ୍ୟ ଆରମ୍ଭ

ବାରିକପୁର,୧୩।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ତେସିଙ୍ଗା ପଞ୍ଚାୟତ ସାନବନସ୍ତାଠାରେ ପୁଣି ବୈତରଣୀ ନଦୀ ବନ୍ଧର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରଥମ ବନ୍ୟାର ୧୫ ଦିନ ପୂର୍ବରୁ ଅଧିକାରୀଗୋଡ଼ାଠାରେ ପାଖାପାଖି ୧୦୦ ମିଟର ବନ୍ଧ ବୈତରଣୀ ଶାଖା ନାଳକୁ ସମ୍ପୂର୍ଣ୍ଣ ଖସି ଯାଇଥିଲା । ମାତ୍ର ୩/୪ମାସ ପୂର୍ବରୁ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇ ବନ୍ଧ ସୁରକ୍ଷା ପାଇଁ ଏଠାରେ ପଥର କାର୍ଯ୍ୟ ହୋଇଥିବାବେଳେ ବର୍ଷା ଦିନେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଗ୍ରାମବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ବନ୍ୟା ବେଳେ ଏଠାରେ ଅସ୍ଥାୟୀ ମରାମତି କରାଯାଇଥିଲା । ବନ୍ଧ ତଳକୁ ୨ ଲାଇନ୍ କାଠ ବହ୍ଲା ପୋତାଯାଇ ବାଲିବସ୍ତା ପକାଯାଇଥିଲା । ଇତିମଧ୍ୟରେ ବର୍ଷା ଲାଗି ରହିଥିବାବେଳେ ନଦୀରେ ପୁଣି ବନ୍ୟା ଆଶଙ୍କା କରାଯାଉଥିବାରୁ ଜଳସମ୍ପଦ ବିଭାଗ ପକ୍ଷରୁ ପୁଣି ଗୁରୁବାର ବହ୍ଲା ପୋତାଯାଇ ଅସ୍ଥାୟୀ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ସ୍ଥାନଠାରୁ ୨୦୦ ମିଟର ଦୂରରେ ମଧ୍ୟ ନଦୀ ବନ୍ଧ ଧସି ଯାଇଥିବାବେଳେ ସେଠାରେ ଆଜି ଯାଏଁ କୌଣସି ମରାମତି କାର୍ଯ୍ୟ ଆରମ୍ଭ ହୋଇନାହିଁ । ବନ୍ୟା ପରେ ଦ୍ୱିତୀୟ ଥର ବନ୍ଧରୁ ମାଟି ଅତଡ଼ା ଖସିଥିବା ବେଳେ ଏହା ଉପରେ କେବଳ ପଲିଥିନ୍ ବିଛାଯାଇଛି । ନଦୀରେ ଅଧିକ ପାଣି ହେଲେ ନାଳ ପୂର୍ଣ୍ଣ ହେବା ସହିତ ଯେଉଁ ସ୍ଥାନରେ ବନ୍ଧ ଦୁର୍ବଳ ଅଛି ସେଠି ବିପଦ ଦେଖାଦେଇପାରେ ବୋଲି କୁହାଯାଇଛି । ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ଜରୁରୀ ହୋଇଛି । ସମ୍ପ୍ରତି ନଦୀରେ ଦ୍ୱିତୀୟ ବନ୍ୟା ଆଶଙ୍କା ଥିବାରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି । ଯାହାକି ବାହାଘର ବେଳେ ବାଇଗଣ ରୁଆ ଭଳି କାମ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି ।



## ଦୁର୍ଘଟଣାଗ୍ରସ୍ତ ମାଙ୍କଡ଼ର ଚିକିତ୍ସା

ବାରିକପୁର,୧୩।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦାଠାରେ ଗୋଟିଏ ମାଙ୍କଡ଼ ଗାଡ଼ି ଧକ୍କାରେ ଗୁରୁତର ଆହତ ହୋଇଥିଲା । ସ୍ଥାନୀୟବାସିନ୍ଦାମାନେ ଜାତୀୟ ରାଜପଥ ଉପରୁ ମାଙ୍କଡ଼ଟିକୁ ଉଦ୍ଧାର କରି ଫରେଷ୍ଟର ସୂର୍ଯ୍ୟକାନ୍ତ ପଣ୍ଡାଙ୍କୁ ଖବର ଦେଇଥିଲେ । ଖବର ପାଇ ଫରେଷ୍ଟର ଓ କର୍ମଚାରୀମାନେ ପଶୁ ସୁରକ୍ଷା ଯାନ ସହିତ ଘଟଣାସ୍ଥଳରେ ପହଞ୍ଚି ପଶୁ ଚିକିତ୍ସା କେନ୍ଦ୍ରଠାରେ ମାଙ୍କଡ଼କୁ ଆଣି ଚିକିତ୍ସା କରିଛନ୍ତି ।

## ହିନ୍ଦୀ ପୁସ୍ତକ ଲୋକାର୍ପଣ ସମାରୋହ



ଭଦ୍ରକ,୧୩।୮ (ସମିସ): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍‌ର ଜଗନ୍ନାଥପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ ହିନ୍ଦୀ ଶିକ୍ଷକ ସରୋଜ କୁମାର ପଣ୍ଡା ଓ ଭଦ୍ରକ ବ୍ଲକ୍ କାଉପୁର ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପ୍ରଦୀପ କୁମାର ଜେନାଙ୍କ ପୁସ୍ତକ କେନ୍ଦ୍ରୀୟ ହିନ୍ଦୀ ସଂସ୍ଥାନ ଭୁବନେଶ୍ୱର କେନ୍ଦ୍ରର ନିର୍ଦ୍ଦେଶକ ଡ. ରଞ୍ଜନ ସାର୍‌ଙ୍କ କରକମଳରେ ଲୋକାର୍ପିତ ହୋଇଯାଇଛି । ଏହି ଲୋକାର୍ପଣ ଉତ୍ସବ ଅବସରରେ ସି.ପି. ସିଂ, ଦେବ କିଶୋର ଦାସ, ପ୍ରକାଶ ଖଟୁଆ, ପଲ୍ଲବୀ ପ୍ରଧାନ, ସୁଶାନ୍ତ, ନବକିଶୋରଙ୍କ ସହିତ ବିଭିନ୍ନ ବିଦ୍ୟାଳୟରୁ ୫୦ଜଣ ହିନ୍ଦୀ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

## ଧାମରା ଥାନା ଓଆଇସି ଓ ୨ କନେଷ୍ଟବଳଙ୍କୁ ଡିଜିପି ଡିସ୍କ ସମ୍ମାନ





ଭଦ୍ରକ,୧୩।୮ (ସମିସ): ଭଦ୍ରକ ଜିଲ୍ଲା ଧାମରା ଥାନାରେ ଓଆଇସି ଭାବେ କାର୍ଯ୍ୟରତ ପୁଲିସ ସବ୍ ଇନ୍ସପେକ୍ଟର ଶୋଭନ କୁମାର ସ୍ୱାଇଁଙ୍କ ସହ ଭଦ୍ରକ ସାଇବର ସେଲ କନେଷ୍ଟବଳ ପ୍ରସନ୍ନ କୁମାର ଶତପଥୀ ଓ ଡିଏଫ୍‌ଏସ୍‌ଏଲ୍(ଡାଇରେକ୍ଟର ଅଫ୍ ଫରେନ୍ସିକ୍ ସାଇନ୍ସ ଲାବୋରେଟୋରୀ) କନେଷ୍ଟବଳ ଭାବେ କାର୍ଯ୍ୟରତ ପ୍ରଶାନ୍ତ କୁମାର ଖୁଣ୍ଟିଆଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ।



ଭୁବନେଶ୍ୱରସ୍ଥିତ ପୁଲିସ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଏହି ୩ ଜଣଙ୍କୁ ସମ୍ମାନିତ କରିଛନ୍ତି । ଏହି ସମାରୋହରେ ରାଜ୍ୟର ମୋଟ୍ ୫୫ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କର ଉତ୍କୃଷ୍ଟ ଓ ପ୍ରଶଂସନୀୟ ସେବା ପାଇଁ ଡିଜିପି ଡିସ୍କ ସମ୍ମାନ ପ୍ରଦାନ କରାଯାଇଥିଲା ।

## ଉନ୍ନୟନମୂଳକ ପ୍ରକଳ୍ପର ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ



ଭଦ୍ରକ,୧୩।୮ (ସମିସ): ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଗୁରୁବାର ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମ ପଞ୍ଚାୟତ ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ବିଷ୍ଣୁପୁରସ୍ଥିତ କଲ୍ୟାଣୀ ମଣ୍ଡପ, ପଞ୍ଚାୟତ ଲର୍ଣ୍ଣିଂ ସେଣ୍ଟର, ନିର୍ମାଣାଧୀନ ମାର୍କେଟ୍ କମ୍ପ୍ଲେକ୍ସ ଏବଂ ବିଷ୍ଣୁପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ଜିଲ୍ଲାପାଳ ବିଭିନ୍ନ ପ୍ରକଳ୍ପର ନିର୍ମାଣ ଅଗ୍ରଗତି, ଗୁଣବତ୍ତା ଓ ଉପଯୋଗିତା ସମ୍ପର୍କରେ ଅଧିକାରୀ ଓ ସମ୍ପୃକ୍ତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ସମାପ୍ତ କରିବା ସହିତ ନିର୍ମାଣ କାର୍ଯ୍ୟରେ ଗୁଣବତ୍ତା ନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଜନସାଧାରଣଙ୍କ ସୁବିଧା ଓ ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇ ପ୍ରକଳ୍ପଗୁଡ଼ିକର ସଠିକ୍ ଓ ସମୟୋଚିତ କାର୍ଯ୍ୟାନ୍ୱୟନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ ।

## ବୁଲା ଗୋରୁଙ୍କୁ ରିଫ୍ଲେକ୍ଟିଭ୍ ରେଡିୟମ୍ ବେଲ୍ଟ

ଚାନ୍ଦବାଲି,୧୩।୮ (ସମିସ): ବୁଲା ଗୋରୁଙ୍କ ସୁରକ୍ଷା ସହ ରାସ୍ତାରେ ଦୁର୍ଘଟଣା ରୋକିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଗୋ-ମାତା ସୁରକ୍ଷା ଯୋଜନା ଅଧୀନରେ ଚାନ୍ଦବାଲି ବ୍ଲକ୍‌ରେ ଏକ ଅଭିନବ ପଦକ୍ଷେପ ନିଆଯାଇଛି । ବ୍ଲକ୍ ଅଞ୍ଚଳରେ ରାସ୍ତାରେ ବୁଲୁଥିବା ଗାଈ ଓ ଷଣ୍ଢଙ୍କ ବେକରେ ରିଫ୍ଲେକ୍ଟିଭ୍ ରେଡିୟମ୍ ବେଲ୍ଟ ପରିଧାନ କରାଯାଇଛି । ରାତି ସମୟରେ ରାସ୍ତାରେ ବୁଲା ଗୋରୁଙ୍କ ଯୋଗୁଁ ଅନେକ ସମୟରେ ଦୁର୍ଘଟଣାର ଆଶଙ୍କା ରହିଥାଏ । ବିଶେଷକରି ଅନ୍ଧାରରେ ଗୋରୁମାନେ ଚାଳକଙ୍କୁ ଦୂରରୁ ସ୍ପଷ୍ଟ ଦେଖାଯାଇ ନ ଥା'ନ୍ତି । ଏହି ସମସ୍ୟାର ସମାଧାନ ସହ ଗୋରୁ ଏବଂ ଯାନବାହନ ଚାଳକଙ୍କ ସୁରକ୍ଷା ପାଇଁ ଏହି ରିଫ୍ଲେକ୍ଟିଭ୍ ବେଲ୍ଟ ବେଶ୍ ଉପଯୋଗୀ ହେବ ବୋଲି କୁହାଯାଇଛି । ଯାନବାହନର ହେଡ୍‌ଲାଇଟ୍‌ର ଆଲୋକ ଏହି ବେଲ୍ଟ ଉପରେ ପଡ଼ିଲେ ଏହା ଦୂରରୁ ଚମକି ଦେଖାଯିବ । ଫଳରେ ଚାଳକମାନେ ରାସ୍ତାରେ ଥିବା ଗୋରୁଙ୍କୁ ଆଗୁଆ ଚିହ୍ନଟ କରି ସତର୍କ ହୋଇପାରିବେ । ଏହା ଦ୍ୱାରା ଗୋରୁଙ୍କ ଜୀବନ ସୁରକ୍ଷିତ ହେବା ସହ ଗାଡ଼ି ଚାଳକ ଓ ଯାତ୍ରୀମାନେ ମଧ୍ୟ ଦୁର୍ଘଟଣାଜନିତ କ୍ଷତିରୁ ସୁରକ୍ଷା ପାଇପାରିବେ । ଏହି କାର୍ଯ୍ୟକ୍ରମ ଚାନ୍ଦବାଲି ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଖାନ୍ ମୋଦାସର୍ ନଜରଙ୍ଗ୍, ଅତିରିକ୍ତ ଡିଭିଏସ୍ ଡା. ସତ୍ୟଜିତ୍ ସାହୁ, ଡା. ବିଶ୍ୱଜିତ୍ ମିତ୍ର ଓ ଡା. ଭବାନୀଶଙ୍କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା । ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଯାନ ମାଧ୍ୟମରେ ବିଭାଗୀୟ କର୍ମଚାରୀମାନେ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ । ଗୁରୁବାର ଚାନ୍ଦବାଲି ଅଞ୍ଚଳରେ ପ୍ରାୟ ୫୦ଟି ବୁଲା ଗାଈ ଓ ଷଣ୍ଢଙ୍କ ବେକରେ ରିଫ୍ଲେକ୍ଟିଭ୍ ରେଡିୟମ୍ ବେଲ୍ଟ ଲଗାଯାଇଛି । ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି ବ୍ୟାପକ କରାଯାଇ ଚାନ୍ଦବାଲି ବ୍ଲକ୍‌ରେ ମୋଟ୍ ୧୦୦୦ଟି ବୁଲା ଗାଈ ଓ ଷଣ୍ଢଙ୍କୁ ଏହି ବେଲ୍ଟ ପରିଧାନ କରାଇବାର ଯୋଜନା ରହିଛି । ଗୋରୁଙ୍କ ସୁରକ୍ଷା ସହ ରାସ୍ତାରେ ଦୁର୍ଘଟଣା ହ୍ରାସ କରିବା ପାଇଁ ନିଆଯାଇଥିବା ଏହି ପଦକ୍ଷେପକୁ ଚାନ୍ଦବାଲି ଅଞ୍ଚଳର ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି । ଏଭଳି ବ୍ୟବସ୍ଥା ନିୟମିତ ଭାବେ ଜାରି ରହିଲେ ରାତ୍ରି ସମୟରେ ବୁଲା ଗୋରୁଙ୍କ ଯୋଗୁଁ ଘଟୁଥିବା ସଡ଼କ ଦୁର୍ଘଟଣାକୁ ଅନେକାଂଶରେ ରୋକାଯାଇପାରିବ ବୋଲି ଆଶା ପ୍ରକାଶ ପାଇଛି ।



## ୮୫୬୫ ହେକ୍ଟର ରୁଆଧାନ ଜମି କ୍ଷତିଗ୍ରସ୍ତ

ଦୋଲସାହି,୧୩।୮ (ସମିସ): ତିହିଡ଼ି ତହସିଲ୍ ଅଞ୍ଚଳ ଅଧୀନ ବିଭିନ୍ନ ପଞ୍ଚାୟତରେ ଲଗାଣ ବର୍ଷା ଓ ବନ୍ୟା ପାଇଁ ଧାନ ଚାଷୀ ରୁଆ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବାବେଳେ ଏହି ଧାନ ଗଛ ପାଣିରେ ବୁଡ଼ି ରହିଥିବା ଯୋଗୁଁ ୮୫୬୫ ହେକ୍ଟର ଜମି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ୭୪୯୩ ହେକ୍ଟର ଜମିରେ ୩୩ ପ୍ରତିଶତରୁ ଅଧିକ କ୍ଷତି ହୋଇଥିବାବେଳେ ୧୦୭୨ ହେକ୍ଟର ଜମିରେ ଆଂଶିକ କ୍ଷତି ହୋଇଛି । ଏହି ଧାନ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ହେକ୍ଟର ପ୍ରତି ୧୭ ହଜାର ୫୦୦ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି ତହସିଲ୍‌ଦାର ସୁଭାଶିଷ ସାହୁ । ସେହିପରି ଏହି ବନ୍ୟା ଓ ଲଗାଣ ବର୍ଷା ଯୋଗୁଁ ତିହିଡ଼ି ତହସିଲ୍ ଅଧୀନରେ ୬୮୫ କଚ୍ଚା ମାଟି ଘରେ ବସବାସ କରୁଥିବା ବ୍ୟକ୍ତିଙ୍କୁ ଆଂଶିକ କ୍ଷତି ହୋଇଥିବା ଜଣାପଡ଼ିଥିଲା ବେଳେ ୧୬୮୫ ଗୁହାଳ ଘର ଆଂଶିକ କ୍ଷତି ହୋଇଥିବା ଜଣାପଡ଼ିଥିଲା । ୩ ହଜାରରୁ ଅଧିକ ପଲିଥିନ୍ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ଏହି ତହସିଲ୍ ପକ୍ଷରୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ତିହିଡ଼ି ତହସିଲ୍ ପକ୍ଷରୁ ଗୋବିନ୍ଦପୁର ରାଜସ୍ୱ ବିଭାଗ ଅଞ୍ଚଳରେ ୫ଶହରୁ ଅଧିକ, ଶ୍ୟାମସୁନ୍ଦରପୁର ରାଜସ୍ୱ ବିଭାଗ ଅଞ୍ଚଳରେ ୧୦୦ରୁ ଅଧିକ, ବାରସର ରାଜସ୍ୱ ବିଭାଗ ଅଞ୍ଚଳରେ ୫ଶହ, ଗଦି ରାଜସ୍ୱ ବିଭାଗ ଅଞ୍ଚଳରେ ୨୨୫, ବିଲଣା ରାଜସ୍ୱ ବିଭାଗ ଅଞ୍ଚଳରେ ୪୫୦, କୋହ୍ଲ ରାଜସ୍ୱ ବିଭାଗ ଅଞ୍ଚଳରେ ୭୫୦, ଦୋଲସାହି ରାଜସ୍ୱ ବିଭାଗ ଅଞ୍ଚଳରେ ୬୦ ଓ ପାଳିଆ ରାଜସ୍ୱ ବିଭାଗ ଅଞ୍ଚଳରେ ୧୩ ଜଣଙ୍କୁ ଏହି ତହସିଲ୍ ପକ୍ଷରୁ ବୁଧବାର ପର୍ଯ୍ୟନ୍ତ ଏହି ଆଂଶିକ କ୍ଷତି ହୋଇଥିବା ବ୍ୟକ୍ତିଙ୍କୁ ପଲିଥିନ୍ ପ୍ରଦାନ କରାଯାଇଥିବା ଜଣାଯାଇଛି ।



## ଜିଲ୍ଲାପାଳଙ୍କ ନିର୍ଗୁଣ୍ଡି ପଞ୍ଚାୟତ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ

ଭଦ୍ରକ,୧୩।୮ (ସମିସ): ଭଦ୍ରକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଗୁରୁବାର ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ନିର୍ଗୁଣ୍ଡି ପଞ୍ଚାୟତ ପରିଦର୍ଶନ କରି ପଞ୍ଚାୟତ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ଓ ଉନ୍ନୟନମୂଳକ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଥିଲେ । ଏହାପରେ ଜିଲ୍ଲାପାଳ ନିର୍ଗୁଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ମଧ୍ୟାହ୍ନ ଭୋଜନ, ବିଦ୍ୟାଳୟର ଭିତ୍ତିଭୂମି ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ଜିଲ୍ଲାପାଳ ସେମାନଙ୍କ ପାଠପଢ଼ା ଓ ବିଦ୍ୟାଳୟର ବିଭିନ୍ନ ସୁବିଧା ସମ୍ପର୍କରେ ମତାମତ ନେଇଥିଲେ । ବିଦ୍ୟାଳୟର ଶିକ୍ଷା ପରିବେଶକୁ ଆହୁରି ସୁଦୃଢ଼ କରିବା ସହ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ସୁଯୋଗ ପ୍ରଦାନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ ।



## ଧୂଷୁରୀ ଥାନାରେ ସାଇବର କ୍ରାଇମ୍ ସଚେତନତା

ଅସୁରାଳି,୧୩।୮ (ସମିସ): ଧୂଷୁରୀ ଥାନା ପରିସରରେ ଗୁରୁବାର ଅପରାହ୍ଣ ୪ଟା ୩୦ରେ ଏକ "ସାଇବର କ୍ରାଇମ୍ ସଚେତନତା ଶିବିର' ଅନୁଷ୍ଠିତ ହୋଇଯାଇଛି । ଏସ୍‌ପିଙ୍କ ନିର୍ଦ୍ଦେଶନାରେ ଏହି କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଧାମନଗର ଏସ୍‌ଡିପିଓ ବିଷ୍ଣୁ ଚରଣ ବାରିକ, ଧୂଷୁରୀ ଥାନା ଏସ୍‌ଆଇ ସୁଜାତା ସାହୁ, ବୈଷ୍ଣବ ଚରଣ ତ୍ରିପାଠୀ, ଚିନ୍ମୟ ପାତ୍ର ପ୍ରମୁଖ ଯୋଗଦେଇଥିଲେ । ଅତିଥିଗଣ ସାଇବର କ୍ରାଇମ୍ ସଚେତନତାର ଉପଯୋଗିତା ଏବଂ ନିୟମାବଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଲୋକମାନେ କିଭଳି ସାଇବର ଅପରାଧରୁ ବଞ୍ଚିବା ପାଇଁ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନଙ୍କୁ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଧୂଷୁରୀ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦୁର୍ଯ୍ୟୋଧନ ତରାଇ, ସଦସ୍ୟ ତଥା ସ୍ୱାଧୀନତା ସଂଗ୍ରାମୀ ଯୁଧିଷ୍ଠିର ନାୟକ ସ୍ମୃତି ସଂସଦର ଉପଦେଷ୍ଟା ଭୂପେନ୍ଦ୍ର ନାୟକ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଉପସ୍ଥିତ ରହି ସାଇବର କ୍ରାଇମ୍ ସଚେତନତାର ସୁଫଳ ଓ ବର୍ତ୍ତମାନ ସମାଜରେ ଏହାର ଆବଶ୍ୟକତା ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ ।



## ଧାମନଗରର ଗୌରବ ଆଣିଲେ ଶତାବ୍ଦୀ କେଶରୀ



ଧାମନଗର,୧୩।୮ (ସମିସ): ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଷଦ ଦ୍ୱାରା ଶିକ୍ଷାବର୍ଷ ୨୦୨୪-୨୫ରେ କରାଯାଇଥିବା ବ୍ଲକ୍ ଓ ବିଦ୍ୟାଳୟସ୍ତରରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ ପାଇଛି । ଧାମନଗର ଏନ୍‌ଏସି ଅନ୍ତର୍ଗତ ଶ୍ୟାମପୁର ଗ୍ରାମର ମେଧାବୀ ଛାତ୍ର ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ଧାମନଗର ମାଟିର ଗୌରବ ଆଣିଛନ୍ତି ଶତାବ୍ଦୀ କେଶରୀ ନାୟକ । ଏହି ସଫଳତା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଶ୍ରୀ ନାୟକ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର । ଏଥିପୂର୍ବରୁ ସେ ବ୍ଲକ୍ ଓ ଜିଲ୍ଲାସ୍ତରରେ ଆୟୋଜନ କରାଯାଇଥିବା ବିଭିନ୍ନ ପରୀକ୍ଷାରେ ଭାଗ ନେଇ ଅନେକଥର କୃତିତ୍ୱ ଅର୍ଜନ କରିଛନ୍ତି । ପ୍ରତିଭା ଛାତ୍ର ଶତାବ୍ଦୀ କେଶରୀ ନାୟକଙ୍କ ମାଆ ସନ୍ଧ୍ୟାରାଣୀ ମହାପାତ୍ର ଧାମନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବାବେଳେ ବାପା ସୁଧୀର ନାୟକ ଉଦଳା ଗୋପବନ୍ଧୁନଗର ମୟୂରଭଞ୍ଜରେ କୃଷି ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ତାଙ୍କର ମୂଳ ଗ୍ରାମ ସଇଲୋ ପଧାନୀ ହୋଇଥିବାବେଳେ ସେ ଧାମନଗର ଏନ୍‌ଏସି ଅନ୍ତର୍ଗତ ଶ୍ୟାମପୁରରେ ବର୍ତ୍ତମାନ ସ୍ଥାୟୀ ବାସିନ୍ଦା ଭାବରେ ବସବାସ କରୁଛନ୍ତି ।

## ଜିଲ୍ଲାପାଳଙ୍କ ପିଏମ୍‌ଏୱାଇ ଓ ଏଜିୱାଇ ଗୃହ ନିର୍ମାଣ କାର୍ଯ୍ୟର ସମୀକ୍ଷା

ଭଦ୍ରକ,୧୩।୮ (ସମିସ): ଭଦ୍ରକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମ ପଞ୍ଚାୟତ ପରିଦର୍ଶନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନା (ଏଜିୱାଇ) ଅଧୀନରେ ଚାଲୁଥିବା ଗୃହ ନିର୍ମାଣ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ହିତାଧିକାରୀମାନଙ୍କ ସହ ଆଲୋଚନା କରି ଗୃହ ନିର୍ମାଣର ଅଗ୍ରଗତି, ଆବଶ୍ୟକ ସହାୟତା ଓ ସରକାରୀ ଯୋଜନାର ସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଯୋଗ୍ୟ ହିତାଧିକାରୀଙ୍କୁ ସୁରକ୍ଷିତ ଓ ସ୍ଥାୟୀ ଆବାସ ଯୋଗାଇଦେବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଗୃହ ନିର୍ମାଣ କାର୍ଯ୍ୟର ନିୟମିତ ତଦାରଖ କରିବା ସହ ହିତାଧିକାରୀମାନଙ୍କୁ ଆବଶ୍ୟକ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।



### ମହାପୁରୁଷ ମହମ୍ମଦଙ୍କ ଜନ୍ମବାର୍ଷିକୀ ନିମନ୍ତେ ପ୍ରସ୍ତୁତି

# ୨୬ରେ ମାଦକ ଦ୍ରବ୍ୟ ବିକ୍ରୟ କେନ୍ଦ୍ର ବନ୍ଦ ଓ ଡିଜେକୁ ନା





ଭଦ୍ରକ,୧୩।୮ (ସମିସ)

ଭଦ୍ରକ ସହରରେ ମହାପୁରୁଷ ମହମ୍ମଦଙ୍କ ଜନ୍ମବାର୍ଷିକ ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରିବା ନିମନ୍ତେ ଗୁରୁବାର ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଉତ୍ସବର ସଫଳ ଆୟୋଜନ ସମ୍ପର୍କରେ ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ମହମ୍ମଦଙ୍କ ଜୟନ୍ତୀ ଅଗଷ୍ଟ ୧୪ରୁ ୨୬ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ । ଆସନ୍ତା ୨୬ ତାରିଖରେ ଶୋଭାଯାତ୍ରାର ଆୟୋଜନ କରାଯିବ । ଏହି ବୈଠକରେ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଡିଆଇବି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଉପସ୍ଥିତ ଥିଲେ । ମୁସ୍‌ଲିମ ଜମତ୍ ଓ ହିନ୍ଦୁ ସୁରକ୍ଷା ସମିତିର ସଭାପତି ଉତ୍ସବ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ ସହ ପ୍ରଶାସନର ସହଯୋଗ କାମନା କରିଥିଲେ । ମହମ୍ମଦଙ୍କ ଜୟନ୍ତୀ ଅବସରରେ ସହରର ସଫେଇ ବ୍ୟବସ୍ଥା, ଆଲୋକୀକରଣ, ଟ୍ରାଫିକ୍ ଓ ଯାତାୟାତ ନିୟନ୍ତ୍ରଣ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟସେବା, ଆଇନଶୃଙ୍ଖଳା ଏବଂ ଅଗ୍ନିଶମ ସୁରକ୍ଷା, ମାଦକଦ୍ରବ୍ୟ ବିକ୍ରୟ ଉପରେ ନିୟମିତ ଯାଞ୍ଚ ଓ ଗୋଟିଏ ଦିନ ମାଦକ ଦ୍ରବ୍ୟ ବିକ୍ରୟ କେନ୍ଦ୍ର ବନ୍ଦ ରଖିବା, ଡିଜେ ବ୍ୟବହାରକୁ ରୋକିବା, ସାମାଜିକ ଗଣମାଧ୍ୟମରେ ଗୁଜବ ପ୍ରଚାରର ନିଷେଧ ଭଳି ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ଏଥିସହ ଉତ୍ସବ ସମୟରେ ଆବଶ୍ୟକୀୟ ସୁବିଧା ସୁନିଶ୍ଚିତ କରିବା, ଜନସାଧାରଣଙ୍କ ଯାତାୟାତରେ ଯେପରି କୌଣସି ଅସୁବିଧା ନ ହୁଏ ସେଥିପାଇଁ ପ୍ରସ୍ତୁତି ନେବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ ସମ୍ପାଦନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ଆୟୋଜକ ଏବଂ ବିଭିନ୍ନ ସମ୍ପୃକ୍ତ ପକ୍ଷଙ୍କୁ ନିଜ ନିଜ ଦାୟିତ୍ୱ ସମୟୋପଯୋଗୀ ଭାବେ ସମ୍ପନ୍ନ କରିବାକୁ ପରାମର୍ଶ ଦିଆଯାଇଥିଲା । ଉତ୍ସବକୁ ଶାନ୍ତିଶୃଙ୍ଖଳା ଓ ସୌହାର୍ଦ୍ଦ୍ୟର ସହିତ ସଫଳତାର ସହ ଆୟୋଜନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି ।

### ସାମାଜିକ ଗଣମାଧ୍ୟମରେ ଗୁଜବ ପ୍ରଚାରର ନିଷେଧ

● ପୁଲିସ ଆଖିରେ ଧୂଳି ଦେଇ ଖସିଯିବା ଚେଷ୍ଟା ବିଫଳ

# ଘାଇରେ ଫସିଯାଇଥିବା ୨ ବାଇକ୍ ଜବତ

ବନ୍ତ/ଆଗରପଡ଼ା,୧୩।୮ (ସମିସ): ବନ୍ତ ଥାନା ଅଞ୍ଚଳର କିଛି ଯୁବକ ୨ଟି ବାଇକ୍‌ରେ କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅଞ୍ଚଳରୁ ବେଆଇନ ଭାବେ ମଦ ବୋଝେଇ କରି ଆଣୁଥିଲେ। ଏହି ସମୟରେ ନନ୍ଦିପଦା ପୁଲିସ ପାଟ୍ରୋଲିଂ କରୁଥିବାବେଳେ ସେମାନଙ୍କୁ ଦେଖି ପିଛା କରିଥିଲା। ପୁଲିସ ଆଖିରେ ଧୂଳି ଦେଇ ଦ୍ରୁତ ଗତିରେ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ବନ୍ତ ଥାନା ବସନ୍ତିଆ କେନାଲ ନିକଟ ରାସ୍ତା ମଝିରେ ଥିବା ଏକ ବିରାଟ ଘାଇରେ ଚାଳକ ଜଣକ ବାଇକ୍‌ଟିକୁ ପୂରେଇ ନେବାକୁ ଚେଷ୍ଟା କରିଥିଲେ। ମାତ୍ର ପ୍ରବଳ ପାଣି ଓ କାଦୁଅ ଯୋଗୁଁ ବାଇକ୍‌ଟି ସେହି ଘାଇ ଭିତରେ ସମ୍ପୂର୍ଣ୍ଣ ଫସି ଯାଇଥିଲା।



ଗାଡ଼ିଟି ବାହାରି ନ ପାରିବାରୁ ବାଧ ହୋଇ ଅନ୍ୟ ବାଇକ୍‌ଟିକୁ ମଧ୍ୟ ସେଠାରେ ରଖି ଯୁବକମାନେ ଅନ୍ଧାରର ସୁଯୋଗ ନେଇ ଫେରାର୍ ହୋଇଯାଇଥିଲେ। ତେବେ ସକାଳୁ ସ୍ଥାନୀୟ ଲୋକମାନେ ଉଭୟ ବାଇକ୍‌କୁ ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବନ୍ତ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ୨ଟି ଯାକ ବାଇକ୍‌କୁ ଜବତ କରି ଥାନାକୁ ଆଣିବା ସହ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ



ଧାମନଗର,୧୩।୮ (ସମିସ): ଓଡ଼ିଶା ଫଲୋଫ୍ ସଂସ୍ଥା ବାଲେଶ୍ୱର ପକ୍ଷରୁ ଧାମନଗର ଅଞ୍ଚଳର ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ଚଳିତ ବର୍ଷ ବନ୍ୟା ଯୋଗୁଁ ସହରାଞ୍ଚଳରେ ବିଭିନ୍ନ ଅଞ୍ଚଳର ଅନେକ ଗାଁ ପ୍ରଭାବିତ ହୋଇଥିବାବେଳେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ଅନେକ ପରିବାରଙ୍କ ଘରେ ପାଣି ପଶିବା ସହ ରାସ୍ତାଘାଟ ଜଳମଗ୍ନ ହୋଇପଡ଼ିଛି। ଫଳରେ ଦୈନନ୍ଦିନ ଜୀବନଯାପନ ସହ ଖାଦ୍ୟ, ପାନୀୟ ଜଳ ଓ ରହିବା ପାଇଁ ଆଶ୍ରୟକୁ ନେଇ ଲୋକେ ସମସ୍ୟାରେ ପଡ଼ିଛନ୍ତି। ଏଭଳି ସ୍ଥିତିରେ ବିପନ୍ନ ପରିବାରଙ୍କ ନିକଟରେ ସହାୟତା ପହଞ୍ଚାଇବା ପାଇଁ ଓଡ଼ିଶା ଫଲୋଫ୍ ସଂସ୍ଥା ବାଲେଶ୍ୱର ପକ୍ଷରୁ ଶ୍ୟାମପୁରସ୍ଥିତ ହାଟ ନିକଟରେ ନାରାୟଣ ପୋଥାଳଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଅନୁଷ୍ଠାନର ମୁଖ୍ୟ ତଥା ଓଡ଼ିଶା ଫଲୋଫ ସଂସ୍ଥା ବାଲେଶ୍ୱରର ନିର୍ଦ୍ଦେଶକ ଡି.ବି ହୃଦୟ, ସଂସ୍ଥା ମୁଖ୍ୟ କର୍ମକର୍ତ୍ତା ଦୀପକ କୁମାର ଦାସ, ପାର୍ବତୀ ଦାସ, ସ୍ଥାନୀୟ ସମାଜସେବୀ ସେକ୍ ଅଜଗର ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ୧୦୦ରୁ ଊର୍ଦ୍ଧ୍ୱ ବନ୍ୟାବିପନ୍ନ ପରିବାରଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରିଥିଲେ। ଶେଷରେ ଯୁବ ସମାଜସେବୀ ସେକ୍ ସନାଉଲ୍ଲା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ପରଲୋକ



ଭଦ୍ରକ,୧୩।୮ (ସମିସ): ଭଦ୍ରକ କୁଆଁସ ବାସିନ୍ଦା ତଥା ଅବସରପ୍ରାପ୍ତ ଆଦର୍ଶ ଶିକ୍ଷୟିତ୍ରୀ ଶାନ୍ତିଲତା ମହାପାତ୍ରଙ୍କର ଗୁରୁବାର ମଧ୍ୟାହ୍ନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ଗୁରୁବାର ଗୁରୁତର ହେବାରୁ ତାଙ୍କୁ ପରିବାର ଲୋକେ ଭୁବନେଶ୍ୱରସ୍ଥ ଏକ ଘରୋଇ ଡାକ୍ତରଖାନାକୁ ନେବା ବେଳେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ଭଦ୍ରକ ବାଳିକା ହାଇସ୍କୁଲ ଓ ଭଦ୍ରକ ହାଇସ୍କୁଲରେ ଜଣେ ଆଦର୍ଶ ତଥା ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଭାବେ ସେ ପ୍ରତିଷ୍ଠିତ ଥିଲେ ଓ ସେ ଶାନ୍ତି ଦିଦି ଭାବେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ଅବସରପ୍ରାପ୍ତ ସ୍କୁଲ ଇନ୍ସପେକ୍ଟର ଉଦୟନାଥ ମହାପାତ୍ରଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ କୁଆଁସ ବାସଭବନରେ ରଖାଯାଇଥିବାବେଳେ ପ୍ରାକ୍ତନ କାଉନ୍‌ସିଲର ଶୁଭଙ୍କର ମହାପାତ୍ର, ଡ. ଗୋଲକବିହାରୀ ସାହୁ, ହରମୋହନ କୁଅଁର, ଅଜିତ ନାୟକ, ପଣ୍ଡିତ ଦୈତାରୀ ଦୀକ୍ଷିତ ଓ ରୂପକବିହାରୀ ରାୟ ପ୍ରମୁଖ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଶୁକ୍ରବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାଯାଇଛି।

# ଚାନ୍ଦବାଲିରେ ସାଇବର ସୁରକ୍ଷା ଆଲୋଚନାଚକ୍ର

ଚାନ୍ଦବାଲି,୧୩।୮ (ସମିସ): ଡିଜିଟାଲ ଯୁଗରେ ବଢୁଥିବା ସାଇବର ଠକେଇ ଓ ଅନ୍‌ଲାଇନ୍ ଅପରାଧକୁ ନେଇ ଚାନ୍ଦବାଲି ସହର ଉପକଣ୍ଠ ପାଞ୍ଚପଡ଼ାସ୍ଥିତ ଶିବଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାନ୍ଦବାଲି ପୁଲିସ ପକ୍ଷରୁ ଏକ ସାଇବର ସୁରକ୍ଷା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ଥାନାଧିକାରୀ ପରେଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ବାଂଶଡ଼ା ଥାନାଧିକାରୀ ମହମ୍ମଦ ହପିଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାଇବର ଅପରାଧର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନ ସମୟରେ ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ଓ ଅନ୍‌ଲାଇନ୍ ଆର୍ଥିକ କାରବାରର ବ୍ୟବହାର ବଢ଼ିବା ସହିତ ସାଇବର ଅପରାଧର ନୂଆ ନୂଆ ରୂପ ସାମ୍ନାକୁ ଆସୁଛି। ଏଭଳି ପରିସ୍ଥିତିରେ ଅଜଣା ବ୍ୟକ୍ତିଙ୍କ ଫୋନ୍, ମେସେଜ୍ କିମ୍ବା ସନ୍ଦେହଜନକ ଲିଙ୍କ୍ ପ୍ରତି ସତର୍କ ରହିବା ସହ ନିଜର ବ୍ୟକ୍ତିଗତ ଓ ଆର୍ଥିକ ତଥ୍ୟର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାସହ ଆଗାମୀ ଦିନରେ ସାଇବର ଅପରାଧ ଯୋଗୁଁ ସୃଷ୍ଟି ହୋଇପାରୁଥିବା ବିଭିନ୍ନ ସମସ୍ୟା, ଛାତ୍ରଛାତ୍ରୀଙ୍କ ସାଇବର ସୁରକ୍ଷା ଏବଂ ସଚେତନତାର ଆବଶ୍ୟକତା ଉପରେ ମଧ୍ୟ ବକ୍ତାମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ମଞ୍ଜରୀ ମଲ୍ଲିକଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ସାଇବର ସୁରକ୍ଷା ସମ୍ପର୍କରେ ଆବଶ୍ୟକୀୟ ତଥ୍ୟ ହାସଲ କରିଥିଲେ। ସାଇବର ଅପରାଧକୁ ରୋକିବା ପାଇଁ ପୁଲିସ ସହିତ ସାଧାରଣ ଲୋକଙ୍କ ସଚେତନତା ଓ ସତର୍କତା ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା।

# ବର ଆ ସେବା ସମବାୟ ସମିତି ସ ଖରେ ଚା ୀଙ୍କ ବିକ୍ଷୋଭ

ବାସୁଦେବପୁର,୧୩।୮ (ସମିସ)

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ବରଣ୍ଡୁଆ ସେବା ସମବାୟ ସମିତିରେ ନରସିଂହପୁର ଚାଷୀଙ୍କର ପଞ୍ଜୀକରଣ କରିବାକୁ ମନା କରିବାରୁ ଏହାର ପ୍ରତିବାଦରେ କାର୍ଯ୍ୟାଳୟ ଆଗରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୀର୍ଘ ଦିନ ଧରି ବରଣ୍ଡୁଆ ସମବାୟ ସମିତିରେ ବରଣ୍ଡୁଆ ପଞ୍ଚାୟତ, ନରସିଂହପୁର ପଞ୍ଚାୟତ, ଆରୁହା ପଞ୍ଚାୟତ ସହିତ ପୌରପାଳିକାର କେତୋଟି ୱାର୍ଡର ଚାଷୀମାନେ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥା'ନ୍ତି। ହେଲେ ସରକାରଙ୍କ ପକ୍ଷରୁ ଚଳିତ ବର୍ଷ ନୂତନ ସେବା ସମବାୟ ସମିତି ଗଠନ ପରେ ଚାଷୀମାନଙ୍କ ଦୁଃଖ କହିଲେ ନ ସରେ।

ନରସିଂହପୁର ପଞ୍ଚାୟତରେ ନୂତନ ସେବା ସମବାୟ ସମିତି ସରକାରଙ୍କ ପକ୍ଷରୁ ଘୋଷଣା ହୋଇଛି। ବର୍ତ୍ତମାନ ଧାନ ବିକ୍ରି ପାଇଁ ଚାଷୀମାନେ ବରଣ୍ଡୁଆ ସେବା ସମବାୟ ସମିତି କାର୍ଯ୍ୟାଳୟରେ




ପହଞ୍ଚି ନାମ ପଞ୍ଜୀକରଣ କରିବାକୁ ଚାହିଁଥିଲେ। ହେଲେ ବରଣ୍ଡୁଆ ସେବା ସମବାୟ ସମିତିର ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ ଓ ସଭାପତି ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଚାଷୀମାନଙ୍କୁ ପଞ୍ଜୀକରଣ କରିବାକୁ ମନା କରିଥିଲେ। ଏଠାରେ ବରଣ୍ଡୁଆ ସେବା ସମବାୟ ସମିତି ଅଧୀନରେ ଥିବା ଚାଷୀମାନଙ୍କ ପାଇଁ ନାମ ପଞ୍ଜୀକରଣ କରିବେ ବୋଲି କହିଥିଲେ। ଏଥିସହିତ ନରସିଂହପୁର ସେବା ସମବାୟ ସମିତିର କାର୍ଯ୍ୟାଳୟ ନିର୍ମାଣ ପରେ ଚାଷୀମାନଙ୍କର ପଞ୍ଜୀକରଣ ହେବ ସେଥିପାଇଁ ତୁମମାନଙ୍କୁ ଅପେକ୍ଷା କରିବାକୁ ପଡ଼ିବ ବୋଲି କହିଥିଲେ। ନିଜ ପଞ୍ଚାୟତରେ ଥିବା ସେବା ସମବାୟ ସମିତି କାର୍ଯ୍ୟାଳୟରେ ଅନ୍ୟ ପଞ୍ଚାୟତର ଚାଷୀ ପଞ୍ଜୀକରଣ କରିବେ ଆମେ କାହିଁକି କରିପାରିବୁ ନାହିଁ ବୋଲି ନରସିଂହପୁର ସେବା ସମବାୟ ସମିତିର ଚାଷୀ ପ୍ରଶ୍ନ କରିଥିଲେ। ଏହି ଘଟଣାକୁ ନେଇ ଗୁରୁବାର ସକାଳେ ଶତାଧିକ ଚାଷୀ ବରଣ୍ଡୁଆ ସେବା ସମବାୟ ସମିତି ସମ୍ମୁଖରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବର ପାଇ ସେବା ସମବାୟ ସମିତିର ସଭାପତି ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା କରିଥିଲେ। ସେଠାରେ ନରସିଂହପୁର ପଞ୍ଚାୟତର ସରପଞ୍ଚ ମଧ୍ୟ ପହଞ୍ଚିଥିଲେ। ଉପସ୍ଥିତ ଚାଷୀମାନେ ଏଠାରେ କ'ଣ ପାଇଁ ଅମର ନାମ ପଞ୍ଜୀକରଣ ହୋଇପାରିବ ନାହିଁ ବୋଲି ପ୍ରଶ୍ନ କରିବା ସହିତ ସରପଞ୍ଚ ଗୌରାଙ୍ଗ ପଣ୍ଡାଙ୍କୁ ଘେରିଥିଲେ। ଯଦି ନରସିଂହପୁର ସେବା ସମବାୟ ସମିତି ଅଧୀନରେ ଥିବା ଚାଷୀଙ୍କ ନାମ ପଞ୍ଜୀକରଣ ସମସ୍ୟାର ସମାଧାନ କରା ନ ଯାଏ, ପରବର୍ତ୍ତୀ ସମୟରେ ଚାଷୀ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି ଚାଷୀ। ଚାଷୀମାନଙ୍କ ଧାନ ବିକ୍ରି ପାଇଁ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ କେବେ ହେଉଛି ତାହା ଦେଖିବାକୁ ବାକି ରହିଲା।

# ସାର କଳାବଜାରୀ ଅଭିଯୋଗ ଆଣିଲେ ଚା ୀ

ବନ୍ତ/ଆଗରପଡ଼ା,୧୩।୮ (ସମିସ): ବନ୍ତ ବ୍ଲକ୍ ଅନ୍ତର୍ଗତ ଟିଲୋ ସେବା ସମବାୟ ସମିତିରେ ହଜାର ହଜାର ବସ୍ତା ସାର କଳାବଜାରୀ ହୋଇଥିବା ଅଭିଯୋଗ ସମ୍ପର୍କରେ ସୂଚନା ପାଇ ଗୁରୁବାର ସମିତି କାର୍ଯ୍ୟାଳୟ ଓ ଗୋଦାମରେ ପହଞ୍ଚି ସ୍ଥାନୀୟ ବିଧାୟକ ପ୍ରତିନିଧି ଲାଲା ସ୍ୱାଇଁ ସ୍ଥିତି ତଦାରଖ କରିଥିବା ଜଣାପଡ଼ିଛି। ତଦାରଖ ସମୟରେ ସମିତିର ଗୋଦାମ ଗୃହରେ ଅତ୍ୟନ୍ତ କମ୍ ପରିମାଣର ସାର ଷ୍ଟକ୍ ଥିବା, ସାରକୁ ଅନ୍ୟ ସ୍ଥାନରେ ଷ୍ଟକ୍ ରଖି ବିକ୍ରି କରାଯାଉଥିବା ଅଭିଯୋଗ, ଷ୍ଟକ୍ ଓ ବିକ୍ରୟ ସମ୍ବନ୍ଧୀୟ ରେଜିଷ୍ଟର ଠିକ୍ ଭାବେ ମେଣ୍ଟେନ୍ ନ ହେବା ଏବଂ ସାର ଓ କୀଟନାଶକର ସରକାରୀ/ନିର୍ଦ୍ଧାରିତ ଦର ସମ୍ପର୍କିତ ରେଟ୍ ଚାର୍ଟ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶିତ ନ ହେବା ଭଳି ଗୁରୁତର ବିଷୟ ନଜରକୁ ଆସିଥିବା ଜଣାପଡ଼ିଛି। ଚାଷୀଙ୍କ ହକ୍‌ର ସାରରେ କୌଣସି ପ୍ରକାର ଅନିୟମିତତା କିମ୍ବା କଳାବଜାରୀକୁ ବରଦାସ୍ତ କରାଯିବନାହିଁ ସେ ପ୍ରକାଶ କରିବା ସହିତ ଏ ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଭଦ୍ରକ ଜିଲ୍ଲାପାଳଙ୍କୁ ସମଗ୍ର ଘଟଣାର ତୁରନ୍ତ ନିରପେକ୍ଷ ତଦନ୍ତ, ଷ୍ଟକ୍ ଓ ବିକ୍ରୟ ରେକର୍ଡ ଯାଞ୍ଚ ଏବଂ ଅନିୟମିତତା ପ୍ରମାଣିତ ହେଲେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ/ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବା ଜଣାପଡ଼ିଛି।

କୋର୍ଟଙ୍କ ନିର୍ଦ୍ଦେଶକୁ ଫୁ'

# ଜଳ ଜମିରେ ଗୃହ ନିର୍ମାଣ ଅଭିଯୋଗରେ ଏସ୍‌ପିଙ୍କ ଦ୍ୱାରସ୍ଥ

ଭଦ୍ରକ,୧୩।୮ (ସମିସ): ମୋ ଜେଜେବାପା ଭେରି ଡେଞ୍ଜର। ଜେଜେଙ୍କ ହାତରେ ବନ୍ଧୁକ ଧରାଇ ସୋସିଆଲ ମିଡିଆରେ ଡରାଉଛନ୍ତି ନାତି। ଯିଏ ଲାଗିବ ସିଧା ଗୁଳି କରିଦେବୁ। ଏହା ଆମର ବାମ ହାତର ଖେଳ କହି ଡରାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ଭଦ୍ରକ ଧାମନଗର ଥାନା ଅନ୍ତର୍ଗତ ଗୁଆପୋଖରୀ ଗ୍ରାମର ଗୋପାଳ ରାଉତ ଓ ସୂର୍ଯ୍ୟମଣୀ ରାଉତ। ଭଦ୍ରକ ଏସ୍‌ପିଙ୍କୁ ଭେଟି ଏହି ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବାଉରୀବନ୍ଧୁ ରାଉତ ଗତ କିଛି ଦିନ ତଳେ ଜୋର୍‌ଜବରଦସ୍ତ କରି ଧାମନଗର ଥାନା ଅନ୍ତର୍ଗତ ଅନହରପୁର ମୌଜା ସ୍ଥିତ ୨୮ ନମ୍ବର ଖାତାରେ ୫୨୭ ନମ୍ବର ପ୍ଲଟ୍‌ର ୮୦ ଡେସିମିଲ ଜଳଜମି ପ୍ଲଟ୍ ଉପରେ



ଘର କରୁଛନ୍ତି। ଯାହାକୁ ନେଇ କିଛିଦିନ ତଳେ ଗୋପାଳ ରାଉତ ଓ ସୂର୍ଯ୍ୟମଣୀ ରାଉତ କୋର୍ଟରେ ଏକ ମୋକଦ୍ଦମା ରୁଜୁ କରିଥିଲେ। କୋର୍ଟ ଉକ୍ତ ପ୍ଲଟ୍ ଉପରେ ରହିତାଦେଶ ମଧ୍ୟ ଜାରି କରିଥିଲେ। ତେବେ କୋର୍ଟ ନିର୍ଦ୍ଦେଶକୁ ବେଖାତିର୍ କରି ବାଉରୀବନ୍ଧୁ ଏମିତି ଜବରଦସ୍ତ କାମ କରିବା ଦ୍ୱାରା ଅପରପକ୍ଷ ଭଦ୍ରକ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ କରିଥିବା ୨ ଅଭିଯୋଗକାରୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି ବୋଲି ମଧ୍ୟ ଅଭିଯୋଗରେ ସେ ଦର୍ଶାଇଛନ୍ତି। ତେବେ କାହା ଇଙ୍ଗିତରେ କୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର୍ କରି ବାଉରୀବନ୍ଧୁ ଗୋଟେ ଜଳଜମି ଉପରେ ଗୃହ ନିର୍ମାଣ କରୁଛନ୍ତି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୧୦ ହୋଟେଲ ଓ ଜଳଖିଆ ଦୋକାନରେ ଚଢ଼ଉ

ଭଦ୍ରକ,୧୩।୮ (ସମିସ): ଭଦ୍ରକ ସହରାଞ୍ଚଳରେ ୧୦ଟି ହୋଟେଲ ଓ ଜଳଖିଆ ଦୋକାନ ଉପରେ ଗୁରୁବାର ଭଦ୍ରକ ପୌରପାଳିକା ପ୍ରବର୍ତ୍ତନ ଅଧିକାରୀଙ୍କ ଟିମ୍ ଓ ଖାଦ୍ୟ ସୁରକ୍ଷା ଟିମ୍ ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ବାସି ଖାଦ୍ୟ, ଅପମିଶ୍ରିତ ଖାଦ୍ୟ, ରଙ୍ଗଯୁକ୍ତ ଖାଦ୍ୟ ଓ ରନ୍ଧନ ଘର ସ୍ୱଚ୍ଛତାକୁ ଯାଞ୍ଚ କରାଯାଇଥିଲା। ଏଥିରେ ଖିଲାପ କରିଥିବା ୧୦ଟି ଦୋକାନରୁ ୧୪ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ଜଣାଯାଇଛି। ଏହି ଚଢ଼ଉବେଳେ ପୌରପାଳିକା ପ୍ରବର୍ତ୍ତନ ଅଧିକାରୀ ଶିବରଞ୍ଜନ ମହାପାତ୍ର, ଖାଦ୍ୟ ସୁରକ୍ଷା ଅଧିକାରୀ ଶଶୀକାନ୍ତ ବେହେରାଙ୍କ ସହ ଶରତ ଚନ୍ଦ୍ର ରାଉତ, ମୀନହଜ କାଦ୍ରି, ପ୍ରକାଶ ଦାସ ଓ ବସନ୍ତ ବେହେରା ପ୍ରମୁଖ ସାମିଲ୍ ଥିଲେ।

**୧୪ ହଜାର ଟଙ୍କା ଜରିମାନା ଆଦାୟ**



# ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ




ବନ୍ତ/ଆଗରପଡ଼ା,୧୩।୮ (ସମିସ): ଆଗରପଡ଼ା ଥାନା ପକ୍ଷରୁ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ରାଜେଶ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଏସ୍‌ଡିପିଓ ବିଷ୍ଣୁ ଚରଣ ବାରିକ, ଥାନା ଏସ୍‌ଆଇ ଇଭାରାଣୀ ପରିଡ଼ା ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ସାଇବର ଅପରାଧ ସମ୍ପର୍କରେ ସଚେତନତା କରିଥିଲେ। ବାଳିକା ହାଇସ୍କୁଲ ବରିଷ୍ଠ ଶିକ୍ଷକ ଅଜିତ୍ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କାଦବରାଙ୍ଗ ପିଏମ୍‌ଶ୍ରୀ ହାଇସ୍କୁଲ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଅଧିକାରୀମାନେ ଛାତ୍ରୀମାନଙ୍କୁ ସାଇବର ଅପରାଧ ସମ୍ପର୍କରେ ସଚେତନ କରିଥିଲେ। ପ୍ରଧାନଶିକ୍ଷକ ବିମଳ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇଜିଏମ୍ କଲେଜରେ ସାଇବର କ୍ରାଇମ୍ ସଚେତନତା




ଅସୁରାଳି,୧୩।୮ (ସମିସ): ଧୂଷୁରୀସ୍ଥିତ ଆଇଜିଏମ୍ କୃଷି ବିଜ୍ଞାନ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଏକ ସାଇବର କ୍ରାଇମ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପିଙ୍କ ନିର୍ଦ୍ଦେଶନାରେ ଏହି କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା। ଏହି ଶିବିରରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫୁଲ୍ଲ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଧାମନଗର ଏସ୍‌ଡିପିଓ ବିଷ୍ଣୁ ଚରଣ ବାରିକ, ଅନ୍ୟମାନଙ୍କ ମଧ୍ୟରେ ଧୂଷୁରୀ ଥାନା ଏସ୍‌ଆଇ ସୁଜାତା ସାହୁ, ଚିନ୍ମୟ ପାତ୍ର, ସାମ୍ବାଦିକ ସନ୍ତୋଷ ଦାସ, ସାମ୍ବାଦିକ ରତିକାନ୍ତ ନାୟକ, ବରିଷ୍ଠ ଅଧ୍ୟାପକ ଗୌରାଙ୍ଗ ଚରଣ ନାୟକ ଯୋଗଦେଇ କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ। ଅତିଥିଗଣ ସାଇବର କ୍ରାଇମ୍ ସଚେତନତାର ଉପଯୋଗିତା ଏବଂ ନିୟମାବଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ସାଇବର ଅପରାଧରୁ ବଞ୍ଚିବା ପାଇଁ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଏହି ସଚେତନତା ଶିବିରର ସଂଯୋଜନା ତଥା କାର୍ଯ୍ୟସୂଚୀ କମ୍ପ୍ୟୁଟର ବିଜ୍ଞାନ ବିଭାଗ ଦ୍ୱାରା ସୁଚାରୁରୂପେ ସମ୍ପାଦିତ ହୋଇଥିଲା। ପ୍ରାରମ୍ଭରେ ଅତିଥିମାନଙ୍କୁ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟାପକ କମଳଲୋଚନ ମଲ୍ଲିକ, ଅଭୟ ଚରଣ ବେହେରା, ଗୋଲକ ସେଠୀ, ଗୋପବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ରହି ସାଇବର କ୍ରାଇମ୍ ସଚେତନତାର ସୁଫଳ ଓ ବର୍ତ୍ତମାନ ସମାଜରେ ଏହାର ଆବଶ୍ୟକତା ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ନରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ନିର୍ମାଣ ଶେଷ ଅବଧିକୁ ପୂରିଲାଣି ୩ ବର୍ଷ

# କାମରେ ଲାଗୁନି ୨୬ ସ୍ୱାସ୍ଥ୍ୟ ଉପକେନ୍ଦ୍ର

ଅସୁରାଳି,୧୩।୮ (ସମିସ)

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୦୧୯-୨୦ ଓ ୨୦୨୨-୨୩ ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗକୁ ଧାମନଗର ବ୍ଲକ୍ ଅଞ୍ଚଳର ୨୬ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ପାଇଁ ପ୍ରାୟ ୧୨୧.୩୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ବିଭାଗ ପକ୍ଷରୁ ଠିକାଦାରଙ୍କୁ ଦିଆଯାଇଥିବା ଚୁକ୍ତିନାମା କାମ ସମୟ ଅଢ଼େଇ ବର୍ଷ ହେଲା ସରିଯାଇଥିଲେ ମଧ୍ୟ ଏହି ପ୍ରକଳ୍ପଗୁଡ଼ିକ ଏଯାଏଁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ। କଟସାହି, ବାମକୁରା, ଗୋବିନ୍ଦପୁର, ଅସୁରାଳି, ଖାରଙ୍ଗିଆ, ବିରୁଆଁ, ବେଦପୁର, ଦୋବଲ ଓ ଭଟସାହି ଆଦି ୯ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ହସ୍ତାନ୍ତର ହୋଇଥିଲେ ହେଁ ବିଦ୍ୟୁତ୍ ସଂଯୋଗ ଆଦି ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଅଭାବରୁ ଏଯାଏଁ କାର୍ଯ୍ୟକ୍ଷମ



ହୋଇପାରିନାହିଁ। ଭଗବାନପୁର ଓ ବେଦପୁର ଦୁଇ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ସରିଥିଲେ ମଧ୍ୟ ରାସ୍ତା ନ ଥିବାରୁ ବିଭାଗୀୟ ହସ୍ତାନ୍ତର ହୋଇପାରୁନାହିଁ। ବିରୁଆଁ, ଭଜନଗର, ଖପରପଦା, ନଦୀଗାଁ, ବେଦପୁର, ସହିଦନଗର ଦରଖଣ୍ଡିଆ ହୋଇ ପଡ଼ିଛି, ବନ୍ଧତିଆ, ହୁଡ଼ାକୁଟି, ଆନନ୍ଦପୁର, ସୋହୋଡ଼ା, ଫତେପୁର, ଫଲପୁର, ପଧାନୀ ଆଦି ୧୩ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ନିର୍ମାଣ କାର୍ଯ୍ୟ ସରି ନ ଥିବା ଜଣାଯାଇଛି। ଭଟପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ରର ନିର୍ମାଣ ଅଧାରେ ପଡ଼ିଥିବାବେଳେ ବଞ୍ଚାଟିଆ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ କେବଳ ଥ୍ରେଡ୍‌ବିମ୍ ପଡ଼ିଥିବା ଜଣାଯାଇଛି। ବ୍ଲକ୍ ପକ୍ଷରୁ ସରି ନ ଥିବା ଉପକେନ୍ଦ୍ରର ତୁରନ୍ତ ନିର୍ମାଣ ପାଇଁ ଠିକାଦାରଙ୍କୁ ତାଗିଦ୍ ଓ ନିର୍ମାଣ ହୋଇଥିବା ଉପକେନ୍ଦ୍ରକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ହୋଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କେବଳ କୋଠା ନିର୍ମାଣ କରି ସରକାରୀ କାଗଜପତ୍ରରେ କାମ ଶେଷ ହୋଇଥିବା ଦର୍ଶାଯାଇଛି। କିନ୍ତୁ ଲୋକଙ୍କୁ ସେବା ଯୋଗାଇବା ପାଇଁ ଆବଶ୍ୟକ ରାସ୍ତା, ପାଚେରି ଓ ଅନ୍ୟାନ୍ୟ ବ୍ୟବସ୍ଥା ପ୍ରତି ପ୍ରଶାସନର ନଜର ପଡୁନାହିଁ। ଫଳରେ କୋଟି କୋଟି ଟଙ୍କାର ଏହି ସରକାରୀ ପ୍ରକଳ୍ପଗୁଡ଼ିକ ଆଜି କାର୍ଯ୍ୟକ୍ଷମ ନ ହେବାରୁ ହଜାର ହଜାର ଗ୍ରାମୀଣ ରୋଗୀ ସହଜରେ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶୀଘ୍ର ରାସ୍ତା, ପାଚେରି ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଉପକେନ୍ଦ୍ରଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଶାସନ ନିକଟରେ ଦାବି ହେଉଛି।

# ରାସ୍ତା ସଙ୍କଟାପନ୍ନ; ଲୋକେ ପଡ଼ି ଉଠି ଯାଉଛନ୍ତି

ବାରିକପୁର,୧୩।୮ (ସମିସ): ଭଣ୍ଡାରିପୋଖରୀ ପାଳଦା ବାଙ୍କଠାରୁ ପଡ଼ୋଶୀ ଯାଜପୁର ଜିଲ୍ଲାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାସ୍ତାଟି ଦୀର୍ଘ ଦିନ ହେବ ସଙ୍କଟାପନ୍ନ ଅବସ୍ଥାରେ ରହିଛି। ଫଳରେ ରାସ୍ତାରେ ଦୈନିକ କିଛି ନା କିଛି ଦୁର୍ଘଟଣା ଘଟୁଛି। ଅଧିକାଂଶ ସମୟରେ ଲୋକମାନେ ରାସ୍ତାରେ ପଡ଼ି ଉଠି ଯାଉଥିବା ଦେଖାଯାଉଛି।

ଏହି ରାସ୍ତାର ସରସଦା, ବରଦା ବଜାର, ପଟାପୋଲ ଆଦି ସ୍ଥାନରେ କିଛି ମାସ ପୂର୍ବରୁ ଅଳ୍ପ କେତେ ମିଟର ମରାମତି ହୋଇଥିବାବେଳେ ପ୍ରାୟ ୬/୭ ବର୍ଷ ହେବ ରାଢୋ, ହାଜିପୁର, ଜଳହରି, ମାଳଦା, ମଣୀନାଥପୁର ଆଦି ସ୍ଥାନରେ କିଛି ବି ମରାମତି କାର୍ଯ୍ୟ ହୋଇନାହିଁ। ପାଖାପାଖି ୯ କି.ମି. ରାସ୍ତା ଏବେ ଜରାଜୀର୍ଣ୍ଣ ପାଲଟିଛି କହିଲେ ଅତ୍ୟୁକ୍ତି ହେବନାହିଁ। କେଉଁଠି କଂକ୍ରିଟ୍ ଫାଟି ଆଁ କଲାଣି ତ ପୁଣି କେଉଁଠି ସେତୁ ଉପରେ ଲୁହା ଛଡ଼ ଦେଖାଯାଉଛି। ପୁରୁଷୋତ୍ତମପୁର ଠାକୁରାଣୀ ନିକଟରେ ଅନ୍ୟୁନ ୫୦ମିଟର ରାସ୍ତା ମରଣଯନ୍ତା ପାଲଟିଛି। ପ୍ରତ୍ୟେକ ଦିନ କେହି ନା କେହି ସାଇକଲ ଓ ବାଇକ୍ ଆରୋହୀ ଏଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ମେଡିକାଲ ଯାଉଛନ୍ତି। ପ୍ରାୟ ଦୁଇ ତିନି ବର୍ଷ ହେବ ରାସ୍ତା ମଝିରେ ସୃଷ୍ଟି ହୋଇଥିବା ଛୋଟ ଫାଟ ଏବେ ବିରାଟ ନାଳରେ ପରିଣତ ହୋଇଛି। ରାସ୍ତାର ବିଭିନ୍ନ ଜାଗାରେ ଏଭଳି



ଫାଟ ଦେଖାଯାଇଛି। ଏବେ ପୂର୍ତ୍ତ ରାସ୍ତା ନାଳ ଜନସାଧାରଣଙ୍କ ପାଇଁ ଏକପ୍ରକାର କାଳ ହୋଇଛି। ରାସ୍ତା ମରାମତି ପାଇଁ ବାରମ୍ବାର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେ ଏହା ଉପରେ ଦୃଷ୍ଟି ନ ଦେବା ପରିତାପର ବିଷୟ ପାଲଟିଛି। ପୂର୍ବରୁ କାଳେ ରାସ୍ତା ମରାମତି ନାଁରେ ମିଛ କାଗଜ ହୋଇ ଅନେକ ଅର୍ଥ ବ୍ୟୟ ହୋଇଥିବାବେଳେ ଏବେ ପୁଣି ସମାନ ସ୍ଥାନରେ ଟଙ୍କା ଖର୍ଚ୍ଚ କରିବାକୁ ଆଉ ନୂତନ ଅଧୀକ୍ଷଣ ଯନ୍ତ୍ରୀ ଇଚ୍ଛାପ୍ରକାଶ କରୁ ନ ଥିବା ଜଣାପଡ଼ିଛି। ଏପଟେ ପୂର୍ତ୍ତ ରାସ୍ତାଟି ଦିନକୁ ଦିନ ପରିବହନ କ୍ଷମତା ହରାଉଥିବାବେଳେ ଧୀରେଧୀରେ ଏହା ଜରାଜୀର୍ଣ୍ଣ ପାଲଟିଯାଉଛି। ତେଣୁ ଏହା ଉପରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବିଜେପି ସରକାର ଆସିବା ପରେ ଜାତୀୟ ଦିବସରେ ମୟୂରଭଞ୍ଜକୁ ଅଣଦେଖା

## ୫ଟି କାର୍ଯ୍ୟକ୍ରମରୁ ୪ଟିରେ ଜିଲ୍ଲାପାଳ କରୁଛନ୍ତି ପତାକା ଉତ୍ତୋଳନ

ବାରିପଦା, ୧୩।୮ (ସମିସ)

ଓଡ଼ିଶାରେ ବିଜେପି ସରକାର ଗଠନ ହେବା ପରେ ଜାତୀୟ ଦିବସ (ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସ) ପାଳନରେ ମୟୂରଭଞ୍ଜ ଜିଲ୍ଲାକୁ ଅଣଦେଖା କରାଯାଉଥିବା ଅଭିଯୋଗ ଉଠିଛି। ଜିଲ୍ଲାର ରାଜନୈତିକ ଓ ସାମାଜିକ ମହଲରେ ଆଲୋଚନା ହେଉଛି ଯେ, ବିଭିନ୍ନ ଜାତୀୟ ଦିବସ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ବଦଳରେ ଜିଲ୍ଲାପାଳ ପତାକା ଉତ୍ତୋଳନ କରୁଛନ୍ତି। ଏହା ଜିଲ୍ଲାର ଗୁରୁତ୍ୱ ହ୍ରାସ ପାଇବାର ସଙ୍କେତ ବୋଲି କିଛି ମହଲରେ ଦାବି କରାଯାଉଛି।

ସୂଚନା ମୁତାବକ, ୨୦୨୪ରେ ବିଜେପି ସରକାର ଆସିବା ପରେ ଅନେକ ଜାତୀୟ ଦିବସ କାର୍ଯ୍ୟକ୍ରମରେ ମୟୂରଭଞ୍ଜରେ ମନ୍ତ୍ରୀ ବଦଳରେ ଜିଲ୍ଲାପାଳ ପତାକା ଉତ୍ତୋଳନ କରିଛନ୍ତି। କେବଳ ୨୦୨୫ ସ୍ୱାଧୀନତା ଦିବସରେ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୟୂରଭଞ୍ଜ ପାଇଁ ନିଯୁକ୍ତ ହୋଇଥିଲେ। କିନ୍ତୁ ୨୦୨୪ ଓ ୨୦୨୬ ସ୍ୱାଧୀନତା ଦିବସ, ୨୦୨୫ ଓ ୨୦୨୬ ଗଣତନ୍ତ୍ର ଦିବସ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାତୀୟ ଦିବସରେ ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଅଧିକାରୀଙ୍କୁ ବିଭିନ୍ନ ଜିଲ୍ଲାକୁ ନିଯୁକ୍ତ କରାଯାଏ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଧାରଣତଃ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନିଅନ୍ତି ବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାକୁ ଯାଆନ୍ତି। ଉପମୁଖ୍ୟମନ୍ତ୍ରୀ ଓ କ୍ୟାବିନେଟ ମନ୍ତ୍ରୀ କିଛି ଜିଲ୍ଲାରେ ପତାକା ଉତ୍ତୋଳନ କରନ୍ତି। ବାକି ଜିଲ୍ଲାରେ ଆରଡିସି ବା ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଏ। ମୟୂରଭଞ୍ଜ ପ୍ରାୟତଃ ଏହି ଦ୍ୱିତୀୟ ବର୍ଗରେ ରହିଆସିଛି। ଏକଦା ମୟୂରଭଞ୍ଜ ରାଜ୍ୟ ଥିବା ସହିତ ସ୍ୱତନ୍ତ୍ର ରାଜନୀମା ପରେ ଓଡ଼ିଶା ସହିତ ସାମିଲ ହୋଇଥିଲା। ଏହା ଏକ ବଡ଼ ଆଦିବାସୀ ବହୁଳ ଜିଲ୍ଲା। ଏଠାରେ ଶିମିଳିପାଳ ଜାତୀୟ ଉଦ୍ୟାନ, ସଂସ୍କୃତି ଓ ପର୍ଯ୍ୟଟନର ବିଶେଷ ମହତ୍ତ୍ୱ ରହିଛି। ପୂର୍ବ ସରକାର ସମୟରେ ଜାତୀୟ ଦିବସ ପାଳନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଆସୁଥିଲେ। ବର୍ତ୍ତମାନ ସରକାର ଆସିବା ପରେ ଜିଲ୍ଲାରେ ଉନ୍ନୟନ ପ୍ରକଳ୍ପ ଉଦଘାଟନ, ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହୋଇଛି। ତଥାପି ଜାତୀୟ ଦିବସରେ ମନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ସ୍ଥାନୀୟ ଲୋକ ଓ ରାଜନୈତିକ ମହଲରେ ପ୍ରଶ୍ନ ଉଠିଛି।

ସ୍ଥାନୀୟ ରାଜନୈତିକ ନେତା ଓ ସାଧାରଣ ଲୋକଙ୍କ ମତରେ ଯେହେତୁ ଏଠାରେ ବିଜେପି ସମସ୍ତ ବିଧାନସଭା ଆସନ ଓ ମୟୂରଭଞ୍ଜ ଲୋକସଭା ଆସନରେ ଦଳୀୟ ପ୍ରାର୍ଥୀ ବିଜୟୀ ହୋଇଛନ୍ତି, ତେଣୁ ମନ୍ତ୍ରୀଙ୍କ ଗସ୍ତ ଜରୁରୀ ମନେ କରୁନାହାନ୍ତି ଶାସକ ଦଳ। ଏହା ଜିଲ୍ଲାର ରାଜନୈତିକ ଗୁରୁତ୍ୱ କମିବାର ସଙ୍କେତ। ସେମାନେ କହୁଛନ୍ତି ଯେ ଜାତୀୟ ଦିବସରେ ମନ୍ତ୍ରୀଙ୍କ ଉପସ୍ଥିତି ଜିଲ୍ଲାବାସୀଙ୍କୁ ସରକାରଙ୍କ ସହିତ ସଂଯୋଗ ଅନୁଭବ କରାଏ ଓ ଉନ୍ନୟନର ପ୍ରତିଶ୍ରୁତି ଦିଏ। ଜିଲ୍ଲାପାଳ ପ୍ରଶାସନିକ ଦାୟିତ୍ୱ ନିଭାନ୍ତି, କିନ୍ତୁ ରାଜନୈତିକ ପ୍ରତିନିଧିତ୍ୱର ଅଭାବ ରହିଯାଏ। ଅନ୍ୟପକ୍ଷରେ ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ ସମସ୍ତ ଜିଲ୍ଲାକୁ ମନ୍ତ୍ରୀ ପଠାଇବା ସମ୍ଭବ ନୁହେଁ। ମନ୍ତ୍ରୀଙ୍କ ସଂଖ୍ୟା ସୀମିତ ଥିବାରୁ କିଛି ଜିଲ୍ଲାରେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଏ। ମୟୂରଭଞ୍ଜ ସହିତ ଅନେକ ଅନ୍ୟ ଜିଲ୍ଲାରେ ମଧ ଏହି ବ୍ୟବସ୍ଥା ରହିଛି। ତଥାପି ମୟୂରଭଞ୍ଜର ଆକାର, ଜନସଂଖ୍ୟା ଓ ଆଦିବାସୀ ଗୁରୁତ୍ୱକୁ ଦୃଷ୍ଟିରେ ରଖି ସ୍ଥାନୀୟ ମହଲରେ ଦାବି ଉଠିଛି ଯେ ଜାତୀୟ ଦିବସରେ ଅତି କମ୍‌ରେ ଜଣେ ମନ୍ତ୍ରୀ ଆସିବା ଉଚିତ। ଏହା ଜିଲ୍ଲାବାସୀଙ୍କ ମନୋବଳ ବଢ଼ାଇବ ଓ ସରକାରଙ୍କ ପ୍ରତି ଆସ୍ଥା ବଢ଼ାଇବ ବୋଲି ସେମାନେ କହୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ପକ୍ଷରୁ ମଧ୍ୟ ସମାଲୋଚନା ହୋଇପାରେ। ସେମାନେ କହିପାରନ୍ତି ଯେ ସରକାର ଆଦିବାସୀ ଅଞ୍ଚଳକୁ ଯଥେଷ୍ଟ ଗୁରୁତ୍ୱ ଦେଉନାହାଁନ୍ତି। ଅନ୍ୟପକ୍ଷରେ ଶାସକ ଦଳ ପକ୍ଷରୁ ଯୁକ୍ତି ଦିଆଯାଇପାରେ ଯେ ଉନ୍ନୟନ କାର୍ଯ୍ୟ ଚାଲିଛି ଓ ପତାକା ଉତ୍ତୋଳନ କେବଳ ଏକ ପ୍ରତୀକାତ୍ମକ କାର୍ଯ୍ୟ। ମୟୂରଭଞ୍ଜ ଜିଲ୍ଲାବାସୀ ଆଶା କରୁଛନ୍ତି ଯେ ଭବିଷ୍ୟତରେ ଜାତୀୟ ଦିବସରେ ମନ୍ତ୍ରୀଙ୍କ ଉପସ୍ଥିତି ସୁନିଶ୍ଚିତ ହେବ ଓ ଜିଲ୍ଲାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯିବ। ଏହି ପ୍ରସଙ୍ଗ ଏବେ ଜିଲ୍ଲାରେ ରାଜନୈତିକ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇ ରହିଛି।

## ହାଇୱା ଡାଲା ବାଜି ଛିଣ୍ଡିଲା ବିଦ୍ୟୁତ ତାର

ବାଲିବନ୍ଧ, ୧୩।୮ (ସମିସ): ୨୦ ନମ୍ବର ଜାତୀୟ ରାଜପଥ ଝୁମ୍ପୁରା ବାଇପାସରେ ହାଇୱା ଡାଲା ବାଜି ଛିଣ୍ଡିପଡିଲା ୩୩ କେଭି ବିଦ୍ୟୁତ ତାର। ଅଳ୍ପକେ ରକ୍ଷା ପାଇଲେ ହାଇୱା ଚାଳକ। ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ପ୍ରଭାବିତ ହୋଇଥିଲା। ଗୁରୁବାର ହାଇୱା ଗାଡି କେନ୍ଦୁଝର ଆଡ଼ୁ ରିମୁଲି ଅଭିମୁଖେ ଯାଉଥିଲା। ଲଗୁଚାର ଜନିତ ଲଗାଣ ବର୍ଷା ଯୋଗୁଁ ହାଇୱା ଡାଲାରେ ପାଣି ଭର୍ତ୍ତି ହୋଇଥିଲା। ପାଣି ଖାଲି କରିବା ପାଇଁ ଚାଳକ ହାଇୱା ଡାଲା ଟେକି ଦେଇଥିଲା। ଡାଲାଟି ସିଧା ଯାଇ ୩୩ କେଭି ବିଦ୍ୟୁତ ତାରରେ ଧକ୍କା ଖାଇବାରୁ ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା। ତାର ଛିଣ୍ଡିବା ମାତ୍ର ସଙ୍ଗେ ସଙ୍ଗେ ବିଦ୍ୟୁତ ସରବରାହ ବନ୍ଦ ହୋଇଯିବାରୁ ଟ୍ରକଟି ବଡ଼ ଅଘଟଣରୁ ବର୍ତ୍ତି ଯାଇଛି। ଖବର ପାଇ ବିଦ୍ୟୁତ ବିଭାଗର ସଙ୍ଗେ ସଙ୍ଗେ ଘଟଣାସ୍ଥଳ ପହଞ୍ଚିଥିଲେ।

## ଚୋରା କାଠ ଭର୍ତ୍ତି ଟ୍ରକ୍ ଜବତ

ଆନନ୍ଦପୁର, ୧୩।୮ (ସମିସ): ଚୋରା କାଠ ଭର୍ତ୍ତି ଏକ ୧୪ ଚକିଆ ଟ୍ରକ୍ ଜବତ କରିଛି ଆନନ୍ଦପୁର ବନବିଭାଗ। ଡ୍ରାଇଭର ଅଟକ ରଖି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ଗତ ରାତିରେ ବନବିଭାଗ ଟିମ୍‌ର ପାଟ୍ରୋଲିଂ ସମୟରେ ପଶ୍ଚିମବଙ୍ଗ ନମ୍ବର ଥିବା ଏହି ଟ୍ରକ୍‌ଟି ଦ୍ରୁତଗତିରେ ଯାଉଥିବା ଦେଖି ତାକୁ ଅଟକାଇଥିଲେ ବିଭାଗୀୟ କର୍ମଚାରୀ। ଗାଡିରେ କାଠ ଭର୍ତ୍ତି ହୋଇଥିବାରୁ ଗାଡିକୁ ଜବତ କରି ଡିଏଫଓଙ୍କ କାର୍ଯ୍ୟାଳୟ ନିକଟରେ ରଖାଯାଇଛି। ତେବେ କାଠ କେଉଁଠୁ ଆସୁଥିଲା ଓ କେଉଁଆଡେ ଯାଉଥିଲା ତାକୁନେଇ ଅଧିକ ଖୋଳତାଡ ଆରମ୍ଭ କରିଛି ବନବିଭାଗ।

## କୋଚିଂ ସେଣ୍ଟର ଝରକା ଗ୍ରିଲ୍ କାଟି ୪ ଛାତ୍ର ଫେରାର

### ● ପୁରୀରୁ ୩, ଭୁବନେଶ୍ୱରରୁ ଜଣେ ଉଦ୍ଧାର

ତୁରୁମୁଙ୍ଗା, ୧୩।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶିସ୍ଥିତ ବ୍ଲୁମ ଏଜୁକେସନ ନାମକ ଏକ ଘରୋଇ ରେସିଡେଣ୍ଟାଲ କୋଚିଂ ସେଣ୍ଟରରୁ ବୁଧବାର ବିଳମ୍ବିତ ରାତିରେ ୪ ଜଣ ଦଶମ ଶ୍ରେଣୀ ଛାତ୍ର କୋଚିଂ ସେଣ୍ଟରର ଝରକା ଗ୍ରୀଲ ଭାଙ୍ଗି ଫେରାର ହୋଇଯାଇଥିଲେ। ନିଖୋଜ ଛାତ୍ରମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବା ବେଳେ ୩ ଜଣ ସିଲିଦା ହାଇସ୍କୁଲ୍ ଏବଂ ଆଉ ଜଣେ କେନ୍ଦେଇପଶି ହାଇସ୍କୁଲର ଛାତ୍ର ବୋଲି ଜଣାପଡ଼ିଛି। ସମସ୍ତେ କୋଚିଂ ସେଣ୍ଟରରେ ରହି ପାଠ ପଢୁଥଲେ। ୪ଜଣ ଛାତ୍ର କୋଚିଙ୍ଗ ସେଣ୍ଟରରୁ ଚାଲି ଯାଇଥିବା ଜାଣି ପରିବାର ଲୋକେ ଚିନ୍ତିତ ହୋଇଥିଲେ। କୋଚିଙ୍ଗ ସେଣ୍ଟର୍ ମାଲିକ ଏନେଇ ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଥିଲା। କେନ୍ଦୁଝର ଏସପି ନୀତିନ କୁଶଲକର ଦାଗୁଡୁ ଓ ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ ଓଡ଼ିଶା ପୁଲିସ ଏବଂ ଜିଆରପିର ସହାୟତା ନେଇଥିଲେ। ଜିଆରପି ପୁଲିସ ୩ ଜଣ ଛାତ୍ରଙ୍କୁ ପୁରୀ ରେଲୱେ ଷ୍ଟେସନରୁ ଏବଂ ଜଣକୁ ଭୁବନେଶ୍ୱର ରେଲୱେ ଷ୍ଟେସନ୍‌ରୁ ଉଦ୍ଧାର କରିଛି। ତୁରୁମୁଙ୍ଗା ପୁଲିସ ସେମାନଙ୍କୁ ଆଣିବାକୁ ପୁରୀ ଯାଇଥିବା ଜଣାପଡ଼ିଛି। ୪ ଜଣ ଛାତ୍ର କୋଚିଂ ସେଣ୍ଟରରୁ ରାତି ବାହାରି କେନ୍ଦେଇପଶିରୁ ଚାଲି ଚାଲି ପୁଟୁଳିଆ ଯାଇ ସେଠାରୁ ଏକ ବସରେ ପାଟଣା ଯିବା ପରେ ପାଟଣାରୁ ଏକ ବସରେ ଭୁବନେଶ୍ୱର ଯାଇ ବାଙ୍ଗାଲୁରୁ ଯିବା ପାଇଁ ଚେଷ୍ଟା କରୁଥିଲେ। ବେଳେ ଭୁବନେଶ୍ୱର ଷ୍ଟେସନକୁ ଯାଇଥିଲେ ସେଠାରେ ଜଣେ ଛାତ୍ର ଯିବାକୁ ମନା କରିବାରୁ ଅନ୍ୟ ୩ ଜଣ ପୁରୀ ପଳାଇଥିବା ନେଇ ପ୍ରାଥମିକ ସୂଚନା ମିଳିଛି।

## ହତ୍ୟା ଘଟଣାରେ ଜଣେ କୋର୍ଟ ଚାଲାଣ

ବିଶୋଇ,୧୩।୮ (ସମିସ): ବିଶୋଇ ଥାନା ଅନ୍ତର୍ଗତ ବାଡୁଣିଆ ଗ୍ରାମରେ ଗତ ୧୦ ତାରିଖ ବିଳମ୍ବିତ ରାତ୍ରିରେ ଏକ ନିର୍ମାଣଧୀନ ଆବାସ ଗୃହ ମଧ୍ୟରେ ଉକ୍ତ ଗ୍ରାମର ଯୁବକ ଶିରିଷ ପଟେଲ(୪୦)ଙ୍କ ମୁଣ୍ଡକୁ ହାଣି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ପୂର୍ବରୁ ପୁଲିସ ଦ୍ୱାରା ଅଟକ ଥିବା ଉକ୍ତ ଘଟଣାର ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଉକ୍ତ ଗ୍ରାମର ଦଶରଥ ମୁର୍ମୁ(୫୦)ଙ୍କୁ ପୁଲିସ ଆଜି କୋର୍ଟଚାଲାଣ କରିଛି। ୧୦ ତାରିଖ ରାତିରେ ବାଡୁଣିଆ ଗ୍ରାମ କଲୋନୀ ସାହି ନିକଟରେ ଥିବା ଏକ ନିର୍ମାଣଧୀନ ଆବାସ ଘରେ ଶିରିଷ ଶୋଇଥିବାବେଳେ ବିଳମ୍ବିତ ରାତ୍ରି ସମୟରେ ତାଙ୍କର ମୁଣ୍ଡକୁ ଆଘାତ କରାଯାଇ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ନେଇ ବିଶୋଇ ଥାନାରେ ମାମଲା ରୁଜୁ ହେବା ସହ ସନ୍ଦେହରେ ଉକ୍ତ ଗ୍ରାମର ଦଶରଥ ମୁର୍ମୁଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିଲା। ଶିରିଷକୁ କୁରାଢ଼ୀରେ ମୁଣ୍ଡରେ ହାଣି ହତ୍ୟାକାଣ୍ଡ ଘଟାଇଥିବା ନେଇ ସ୍ୱୀକାର କରିଥିଲା। ଆଜି ଉକ୍ତ ଅଭିଯୁକ୍ତକୁ ରାଇରଙ୍ଗପୁର କୋର୍ଟକୁ ଚାଲାଣ କରିଛି।

## ବାରମାଇଲି ହାଟରୁ ବାଇକ୍ ଚୋରି

ବେତନଟୀ, ୧୩।୮ (ସମିସ): ବେତନଟୀ ଥାନା ଅନ୍ତର୍ଗତ ବାରମାଇଲି ହାଟ ଅଞ୍ଚଳରୁ ଏକ ବାଇକ୍ ଚୋରି ହୋଇଥିବା ନେଇ ବେତନଟୀ ଥାନାରେ ଅଭିଯୋଗ କରାଯାଇଛି। ମୋରଡ଼ା ଥାନା ଅଞ୍ଚଳର ଫୁଟୁକିଶୋଳ ଗ୍ରାମ ନିବାସୀ ସପ୍ନଜିତ ପଟ୍ଟବନ୍ଧା ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ବାରମାଇଲି ହାଟକୁ ଆସିଥିଲେ। ସେ ତାଙ୍କ ବାଇକ୍ ସ୍ଥାନୀୟ ଏକ ସ୍କୁଲ୍ ପାଶ୍ୱର୍ରେ ରଖି ହାଟର ଭିତରକୁ ଯାଇଥିଲେ। ହାଟ ସାରି ଫେରିବା ପରେ ବାଇକ୍ ସେଠାରେ ନ ଥିବା ଦେଖି ଖୋଜାଖୋଜି କରିବା ପରେ ନ ମିଳିବାରୁ ସେ ବେତନଟୀ ଥାନାରେ ଲିଖିତ ଏତଲା ଦେଇଥିଲେ।

■ ୧୮ ନଂ ଜାତୀୟ ରାଜପଥରେ ଗୋରୁ ବୋଝେଇ କଣ୍ଟେନର ଅଟକ

## ୩୦ରୁ ଅଧିକ ଗୋରୁ ଉଦ୍ଧାର, ୪ ଗିରଫ



ବୈଶିଙ୍ଗା, ୧୨।୮ (ସମିସ): ୧୮ ନଂ ଜାତୀୟ ରାଜପଥ ଦେଇ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ବହୁ ସଂଖ୍ୟକ ଗୋରୁ ପରିବହନ ହେଉଥିବା ସୂଚନା ଆଧାରରେ ବିଶ୍ୱ ହିନ୍ଦୁ ପରିଷଦର ଗୋସେବକ ଓ ସ୍ଥାନୀୟ ଯୁବକ ଏକ କଣ୍ଟେନରକୁ ପିଛା କରି ଅଟକାଇ ଥିଲେ। ବୈଶିଙ୍ଗା ଥାନା ଅଧୀନ ହାତୀଝୁରି ନିକଟରେ କଣ୍ଟେନରକୁ ଅଟକାଇ ପୁଲିସ ଉପସ୍ଥିତିରେ ଯାଞ୍ଚ କରାଯିବା ପରେ ଭିତରୁ ୩୦ରୁ ଅଧିକ ଗାଇ ଓ ବାଛୁରୀ ଉଦ୍ଧାର ହୋଇଛି। ଏହି ଘଟଣାରେ କଣ୍ଟେନର ଚାଳକଙ୍କ ସମେତ ୪ ଜଣଙ୍କୁ ବୈଶିଙ୍ଗା ପୁଲିସ ଗିରଫ କରିଛି। ବିହାର ନମ୍ବର ଥିବା ଏକ କଣ୍ଟେନରରେ ବହୁ ସଂଖ୍ୟକ ଗୋରୁ ପରିବହନ ହେଉଥିବା ନେଇ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତା ଖବର ପାଇଥିଲେ। ବେତନଟୀ ଅଞ୍ଚଳର ଗୋସେବକ କଣ୍ଟେନରର ଗତିବିଧି ଉପରେ ନଜର ରଖିବା ସହ ତାହାକୁ ପିଛା କରିଥିଲେ। ବେତନଟୀ ମଣ୍ଡଳ ସଭାପତିଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ୨୦ରୁ ଅଧିକ ଯୁବକ ଏଥିରେ ସାମିଲ ହୋଇ କଣ୍ଟେନରକୁ ଅଟକାଇବା ପାଇଁ ଉଦ୍ୟମ କରିଥିଲେ। ଦୀର୍ଘ ସମୟ ଧରି କଣ୍ଟେନରକୁ ପିଛା କରିବା ପରେ ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ହାତୀଝୁରି ନିକଟରେ ଅଟକାଇବାରେ ସଫଳ ହୋଇଥିଲେ। ଖବର ପାଇ ବୈଶିଙ୍ଗା ପୁଲିସ ପହଞ୍ଚିବା ପରେ କଣ୍ଟେନରର ଯାଞ୍ଚ କରାଯାଇଥିଲା। ସେଥିରେ ଠସାଠସି ହୋଇ ୩୦ରୁ ଅଧିକ ଗାଇ ଓ ବାଛୁରୀଙ୍କୁ ପରିବହନ କରାଯାଉଥିବା ଦେଖାଯାଇଥିଲା। ପୁଲିସ କଣ୍ଟେନରକୁ ଜବତ କରିବା ସହ ଭିତରେ ଥିବା ସମସ୍ତ ଗୋରୁଙ୍କୁ ଉଦ୍ଧାର କରିଥିଲା। ପରେ ସ୍ଥାନୀୟ ପ୍ରାଣୀଧନ ଚିକିତ୍ସକଙ୍କୁ ଡକାଇ ଉଦ୍ଧାର ହୋଇଥିବା ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଘଟଣାରେ କଣ୍ଟେନର ଚାଳକ ସମେତ ଅନ୍ୟ ୩ଜଣଙ୍କୁ ପୁଲିସ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ବିହାର ରାଜ୍ୟର ଲାଲ ବାବୁ, ଅଖିଳେଶ ମାଝି, ଅବଧେସ ମାଝୀ ଓ ମହମ୍ମଦ ପରବେଜ ବୋଲି ଜଣାପଡ଼ିଛି। ସେମାନଙ୍କ ବିରୋଧରେ ୪୦୧/୨୦୨୬ରେ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରାଯାଇଛି।

## ସାହାରପଡ଼ା ଲ୍ୟାମ୍ପ୍‌ସରେ ସାର ଦୁର୍ନୀତି ଅଭିଯୋଗର ତଦନ୍ତ

କେନ୍ଦୁଝର, ୧୩।୮ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ଲ୍ୟାମ୍ପସ୍‌କୁ ନେଇ ଚାଷୀ ଓ ସଦସ୍ୟମାନଙ୍କ ପକ୍ଷରୁ ଦାଖଲ ହୋଇଥିବା ବିଭିନ୍ନ ଅଭିଯୋଗ ଉପରେ ଆଜି ତଦନ୍ତ କରାଯାଇଛି। କେନ୍ଦୁଝର ସହକାରୀ ସମିତି ସହକାରୀ ନିବନ୍ଧକ, କେନ୍ଦୁଝର ସର୍କଲଙ୍କ ନିର୍ଦ୍ଦେଶ ଅନୁଯାୟୀ ସାହାରପଡ଼ା ଲ୍ୟାମ୍ପସ୍ କାର୍ଯ୍ୟାଳୟରେ ଏହି ତଦନ୍ତ ଅନୁଷ୍ଠିତ ହୋଇଥିଲା। ଗତ ୫ ଅଗଷ୍ଟ ୨୦୨୬ରେ ଜାରି ହୋଇଥିବା ନୋଟିସ ଅନୁଯାୟୀ, ଅନ୍ନଦାତା କୃଷକ ସଂଗଠନର ଜଗଦୀଶଚନ୍ଦ୍ର ମହାନ୍ତ ଓ ଅନ୍ୟାନ୍ୟ ସଦସ୍ୟଙ୍କ ପକ୍ଷରୁ ଦାଖଲ ଅଭିଯୋଗ ସହିତ କଂଗ୍ରେସ ନେତା ଇଂ ବିନୋଦ ବିହାରୀ ନାଏକଙ୍କ ଅଭିଯୋଗକୁ ନେଇ ଆଜି ତଦନ୍ତ ହୋଇଥିଲା। ଏହି ତଦନ୍ତ ସମୟରେ ଲ୍ୟାମ୍ପସ୍‌ର ସଦସ୍ୟ ଓ କିଛି ଚାଷୀ ଉପସ୍ଥିତ ରହି ନିଜ ନିଜ ଅଭିଯୋଗ ଏବଂ ଦାବି ତଦନ୍ତ ଅଧିକାରୀଙ୍କ ସମ୍ମୁଖରେ ରଖିଥିଲେ। ଲ୍ୟାମ୍ପସ୍ ପରିଚାଳନାରେ ହୋଇଥିବା କଥିତ ଅନିୟମିତତା ଓ ଦୁର୍ନୀତିର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଥିଲେ। ଉପଖଣ୍ଡ ସହକାରୀ ସମିତି ନିବନ୍ଧକ ନିହାର ରଞ୍ଜନ ମିଶ୍ର ଏହି ଘଟଣାର ତଦନ୍ତ କରି ଚାଷୀ ଓ ସଦସ୍ୟମାନଙ୍କ ଅଭିଯୋଗ ଶୁଣିବା ସହ ସମ୍ପୃକ୍ତ କାଗଜପତ୍ର ଓ ରେକର୍ଡ ଯାଞ୍ଚ କରିଥିଲେ। ଅଭିଯୋଗରେ ଦୁର୍ନୀତି କିମ୍ବା ଅନିୟମିତତା ପ୍ରମାଣିତ ହେଲେ ସାହାରପଡ଼ା ଲ୍ୟାମ୍ପସ୍‌ର ପରିଚାଳନା ନିର୍ଦ୍ଦେଶକଙ୍କ ବିରୋଧରେ ଯଥାଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତଦନ୍ତ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ଚାଷୀମାନେ କହିଛନ୍ତି। ତଦନ୍ତ ପରେ ଉପଲବ୍ଧ ଦସ୍ତାବିଜ, ରେକର୍ଡ ଓ ଅଭିଯୋଗର ଆଧାରରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଏହି ତଦନ୍ତ ସମୟରେ ପୂର୍ବତନ ରାଜ୍ୟ କଂଗ୍ରେସ କମିଟି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ପୂର୍ବତନ ବ୍ଲକ ଅଧକ୍ଷ ଦୀପକ ରାଜ, ବରିଷ୍ଠ କଂଗ୍ରେସ ନେତା କୈଳାଶଚନ୍ଦ୍ର ବାରିକ, ମୁକୁନ୍ଦଚନ୍ଦ୍ର ମହାନ୍ତ, ପୂର୍ବତନ ବ୍ଲକ ଅଧକ୍ଷ ଗୌତ୍ତମ ନାଏକ, ଗଣ୍ଡବେଡା ସରପଞ୍ଚ ଚପଳ ଚାନ୍ଦ ରଣସିଂହ, ମହେନ୍ଦ୍ର ମହାନ୍ତ, ଚକ୍ରଧର ମହାନ୍ତ, ମନରଞ୍ଜନ ଦିଗାର, ଚିତ୍ତରଞ୍ଜନ ତରେଇ, ହେମନ୍ତ ମହାନ୍ତ ଉପସ୍ଥିତ ଥିଲେ।



## ରକ୍ତଦାନ ଶିବିର: ୩୭ ୟୁନିଟ୍ ସଂଗୃହୀତ

ଉଦଳା,୧୩।୮ (ସମିସ): ଉଦଳା ଅଞ୍ଚଳର ମାଫୁଜଙ୍କ ଅକାଳ ବିୟୋଗ ପରେ ତାଙ୍କ ସ୍ମୃତିରେ ପ୍ରତି ବର୍ଷ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥାଏ। ସେ ଜଣେ ପରୋପକାରୀ ଯୁବକ ଥିବାବେଳେ ଏହି ରକ୍ତଦାନ ଶିବିର ସ୍ଥାନୀୟ ଯୁବକ ଆୟୋଜନ କରିଥା'ନ୍ତି। ଉଦଳା ମେଡିକାଲ ରକ୍ତଭଣ୍ଡାର ନିକଟରେ ରକ୍ତଦାନ ଶିବର ଅନୁଷ୍ଠିତ ହୋଇ ୩୭ ୟୁନିଟି ରକ୍ତ ସଂଗ୍ରହ ହୋଇଥିବାବେଳେ ଆଗକୁ ମଧ ଉକ୍ତ ରକ୍ତଦାନ ଶିବିର ଜାରି ରହିବ ବୋଲି ଯୁବକମାନେ କହିଥିଲେ।

## ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ

କରଞ୍ଜିଆ/ଯଶିପୁର,୧୩।୮ (ସମିସ): ଯଶିପୁର ଥାନା ଅଞ୍ଚଳର କେନ୍ଦୁମୁଣ୍ଡି ନିକଟ ଜାତୀୟ ରାଜପଥରୁ ୭ଟି ଗୋରୁ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ପୁଲିସ ଜବତ କରିଛି। ଗୋରୁଙ୍କୁ ନେଇ ପିକ୍‌ଅପ୍ ଭ୍ୟାନ୍‌ଟି ଯାଉଥିବାବେଳେ ପୁଲିସ ଏହାକୁ ଜବତ କରିଥିଲା। ତେବେ ଭ୍ୟାନ୍‌ରେ ଥିବା ଅଭିଯୁକ୍ତମାନେ ପୁଲିସକୁ ଦେଖି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଫେରାର ଅଭିଯୁକ୍ତଙ୍କୁ ଧରିବା ସହ ଘଟଣାର ସମସ୍ତ ଦିଗ ନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରଖିଛି।

## କୁଷ୍ଠରୋଗ ଚିହ୍ନଟ ସଚେତନତା ରଥର ଶୁଭାରମ୍ଭ

କେନ୍ଦୁଝର, ୧୩।୮ (ସମିସ): କୁଷ୍ଠରୋଗ ମୁକ୍ତ ଓଡିଶା ଗଠନ ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅଧୀନରେ କେନ୍ଦୁଝର ଜିଲ୍ଲାରେ ଏକ ବ୍ୟାପକ କୁଷ୍ଠରୋଗ ଚିହ୍ନଟ ଓ ସଚେତନତା ଅଭିଯାନ ଆସନ୍ତା ଅଗଷ୍ଟ ୧୭ରୁ ଆରମ୍ଭ ହୋଇ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ୧୪ ଦିନିଆ ଅଭିଯାନ ମାଧ୍ୟମରେ ଜିଲ୍ଲାରେ ୨ଟି ବ୍ଲକ (ସାହାରପଡା ଓ ପାଟଣା) ଏବଂ ଗୋଟିଏ ସହରାଞ୍ଚଳ (ବଡବିଲ)ରେ ଅନୁଷ୍ଠିତ ହେବ। ସେଥିପାଇଁ ୧୩ ତାରିଖ ଗୁରୁବାର ଜନସାଧାରଣଙ୍କ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ପାଇଁ 'ଲେପ୍ରା ସୋସାଇଟି' ରାଇରଙ୍ଗପୁର ସହଯୋଗରେ ସ୍ୱତନ୍ତ୍ର ଶିକ୍ଷା, ସ୍ୱାସ୍ଥ୍ୟ ଓ ସଂଗାର ପ୍ରଦର୍ଶନ ଗାଡି 'ଶାମ୍ବ ରଥ' କୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀଙ୍କ ଦ୍ୱାରା ଆରମ୍ଭ କରାଯାଇଛି। ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଲକ୍ଷ୍ମୀକାନ୍ତ ମହାନ୍ତ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠରୋଗ) ଡାକ୍ତର ବସନ୍ତ ପାତ୍ର, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଡାକ୍ତର ନିତ୍ୟରଞ୍ଜନ ବରାଳ, ଜିଲ୍ଲା କୁଷ୍ଠରୋଗ ପରାମର୍ଶଦାତା ଡାକ୍ତର ଶୋଭନ ସାହୁ, ଜିଲ୍ଲା ସଂଗର, ସ୍ୱାସ୍ଥ୍ୟ ଅଧିକାରୀ ଭରତ ସାହୁ ଓ ଜିଲ୍ଲା ପରିସଂଖ୍ୟାନ ସହାୟକ ବୃନ୍ଦାବନ ସାହୁଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ପୋଲ ତଳକୁ ଖସି ଅଟୋ, ବର୍ତ୍ତିଲେ ଯାତ୍ରୀ



ସାରସକଣା,୧୩।୮ (ସମିସ): ସାରସକଣାରୁ ଝାଡ଼ଖଣ୍ଡକୁ ସଂଯୋଗ କରୁଥିବା ରାସ୍ତାରେ ଏକ ପୋଲ ଉପରେ ୪ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଥିବାବେଳେ ସେହି ରାସ୍ତା ଦେଇ ଏକ ବ୍ୟାଟେରୀ ଚାଳିତ ଅଟୋ ୪ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବାବେଳେ ପାଣିର ସ୍ରୋତରେ ଭାରସାମ୍ୟ ହରାଇ ପୋଲ ତଳକୁ ଖସିଯାଇଥିଲା। ଅଟୋ ମଧ୍ୟରେ ଥିବା ଲୋକେ ପାଣିରେ ବୁଡି ରହିଥିବାବେଳେ ଲୋକେ ଉଦ୍ଧାର କରିଥିଲେ। ଅଟୋକୁ ଦଉଡ଼ି ଦ୍ୱାରା ଟାଣି ଟାଣି ବାହାର କରିଥିଲେ।

## ବନ୍ଧୁକ ଦେଖାଇ ସୁନା ବେପାରୀଙ୍କୁ ଲୁଟ୍

ସାରସକଣା,୧୩।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକସ୍ଥ ବମ୍ଫେ ଛକ ବଜାର ନିକଟ ଲୋକନାଥ ନଗର ଖଟୁଆ ମେସ ଗଳିରେ ବନ୍ଧୁକ ଦେଖାଇ ସୁନା ବ୍ୟବସାୟୀଙ୍କଠାରୁ ସୁନା ଗହଣା ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଝାରପୋଖରୀଆ ଥାନା ଅନ୍ତର୍ଗତ ବମ୍ଫେ ଛକ ବଜାରର ରଞ୍ଜିତ ପରିଡା ନାମକ ସୁନା ବ୍ୟବସାୟୀ ପ୍ରତ୍ୟେକ ଦିନ ଭଳି ବୁଧବାର ଦୋକାନ ବନ୍ଦ କରି ବ୍ୟାଗରେ ସୁନା ରୁପା ଅଳଙ୍କାର ନେଇ ଘରକୁ ଯାଉଥିବାବେଳେ ଲୋକନାଥ ନଗରର ଖାଟୁଆ ମେସ ଗଳିରେ ଦୁଇଟି ବାଇକ୍‌ରେ ଚାରିଜଣ ଯୁବକ ଆସି ବନ୍ଧୁକ ଓ ମରଣାସ୍ତ୍ର ଦେଖାଇ ବ୍ୟାଗ୍ ଛଡ଼ାଇ ନେବା ସହ ରଞ୍ଜିତଙ୍କ ବାପାଙ୍କୁ ମାଡ଼ମାରି ଖସି ପଳାଇଥିଲେ। ଖବର ପାଇ ଝାରପୋଖରୀଆ ପୁଲିସ ପହଞ୍ଚି ଲୁଟେରାଙ୍କୁ ଧରିବାକୁ ପ୍ରୟାସ କରୁଥିବା ଜଣାଯାଇଛି।

## ଠାକୁରମୁଣ୍ଡା ବ୍ଲକ୍ ଅଞ୍ଚଳରେ ଅବକାରୀ ବିଭାଗ ନିଷ୍କ୍ରିୟ

ମହୁଲଡିହା,୧୩।୮ (ସମିସ): ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ଦିନକୁ ଦିନ ବଢ଼ିଚାଲିଛି ଚୋରା ମହୁଲି ମଦ କାରବାର। ଅବକାରୀ ବିଭାଗ ସ୍ଥାଣୁ ଏବଂ ନିଷ୍କ୍ରିୟ ହୋଇ ବସିଥିବାରୁ ଚୋରାମଦ ବେପାରୀ ସେମାନଙ୍କ କାୟା ବିସ୍ତା କରି ଚାଲିଛନ୍ତି। ଅବକାରୀ ବିଭାଗ ନିର୍ଦ୍ଦିଷ୍ଟ ଲୋକଙ୍କୁ ଧରି ମାମଲା ରୁଜୁ କରି ଚୁପ୍ ବସିଯାଉଛି। ଆଖିଦୃଶିଆ ଭାବେ ବେଳେବେଳେ ଗାଁରେ କିମ୍ବା ଜଙ୍ଗଲରେ ଚଢ଼ଉ କରି ମହୁଲପୋଚ ନଷ୍ଟ କରାଯାଉଛି। ୧୦୦ କିଗ୍ରା ନଷ୍ଟ କରି ୫୦୦ କିଗ୍ରାର ହିସାବ ଦିଆଯାଉଛି। ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ଗାଁ ଗାଁରେ ମହୁଲି ମଦ ରନ୍ଧାଯାଉଥିବାବେଳେ ଅବକାରୀ ବିଭାଗ ପାଖରେ ଖବର ନାହିଁ। ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଗବେଷିକାଙ୍କ ଡକ୍ଟରେଟ୍ ଲାଭ



ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା, ଓଡ଼ିଆ ବିଭାଗର ଗବେଷିକା ସୁଶ୍ରୀ ସିମ୍ରନ୍ ରାଉତ୍ ଓଡ଼ିଆ ସାହିତ୍ୟରେ ଗବେଷଣା କରି ସମ୍ମାନଜନକ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ସେ ଉକ୍ତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ତଥା ପ୍ରଫେସର ବଭ୍ରୁବାହନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ଗବେଷଣା ନିବନ୍ଧର ଶୀର୍ଷକ ହେଉଛି "ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ପ୍ରାକୃତିକ ବିପର୍ଯ୍ୟୟର ଚିତ୍ର"। ନିବନ୍ଧଟି ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରଫେସର ମଣୀନ୍ଦ୍ର କୁମାର ମେହେର ଓ କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରଫେସର ବିଜୟାନନ୍ଦ ସିଂହଙ୍କ ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ସିମ୍ରନ୍ ରାଉତ୍ ସମ୍ପ୍ରତି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରଠାରେ ଅଧ୍ୟାପିକା ଭାବେ କାର୍ଯ୍ୟରତ। ସେ ମୟୂରଭଞ୍ଜ ଜିଲ୍ଲାର ବାରିପଦା ଅନ୍ତର୍ଭୁକ୍ତ ତୁଳସୀ ଚଉରା ନିବାସୀ ଶ୍ରୀମତୀ କୁମୁଦିନୀ ହାତୀ ଓ ଶ୍ରୀଯୁକ୍ତ ବ୍ରଜେନ୍ଦ୍ର କୁମାର ରାଉତଙ୍କ ଏକ ମାତ୍ର କନ୍ୟା ଓ ପୂର୍ବତନ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସକ ଡାକ୍ତର ନଟବର ରାଉତଙ୍କ ନାତୁଣୀ ଅଟନ୍ତି। ମହାପ୍ରଭୁ ଜଗନ୍ନାଥ ଓ ମାଆ ଅମ୍ବିକାଙ୍କ ଅପାର କୃପାରୁ ତାଙ୍କୁ ଏହି ସଫଳତା ମିଳିଥିବାରୁ ତାଙ୍କ ପାଦପଦ୍ମରେ ବିନମ୍ର ପ୍ରଣତି ଜଣାଇଛନ୍ତି। ଏହାଛଡ଼ା ସେ ଅଜା, ଆଈ, ବଡ଼ବାପା, ବଡ଼ମାଆ, ବଡ଼ ଭଉଣୀ, ସାନ ଭାଇ ଆଦର୍ଶ ତଥା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଶୁଭେଚ୍ଛୁମାନଙ୍କ ଆନ୍ତରିକ ପ୍ରେରଣା ନିମନ୍ତେ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଆଜି ଅନ୍ତେଷ୍ଟିକ୍ରିୟା ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ଗୋବିନ୍ଦ ଚନ୍ଦ୍ର ବେହେରୁକ
ଅବସରପ୍ରାପ୍ତ ଶିକ୍ଷକ
ଆବିର୍ଭାବ: ୦୫.୧୦.୧୯୪୮
ତିରୋଧାନ: ୦୫.୦୮.୨୦୨୬

ଆପଣଙ୍କ ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ସ୍ନେହ, ଭଲ ପାଇବା, ତ୍ୟାଗ ଆମ ସାରା ଜୀବନ ଅଭୁଲା ହୋଇ ରହିବ, ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଅନୁପସ୍ଥିତିକୁ ଆମେ ଅନୁଭବ କରିବୁ, ଜଗତର ନାଥ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ଶାନ୍ତି ଓ ମୁକ୍ତି ପ୍ରଦାନ କରନ୍ତୁ

ଶୋକସନ୍ତପ୍ତ: ପୁତ୍ର-ମହାଦେବ, କୃପାସିନ୍ଧୁ, ପୁତ୍ରବଧୂ-ନିର୍ମଳା, ବିଷ୍ଣୁପ୍ରିୟା, ଝିଅ-ଉର୍ମିଳା, ପ୍ରମିଳା, ଉର୍ବଶୀ, ସାଙ୍କସେନୀ, ପଙ୍କଜିନୀ ତଥା ବେହେରୁକ ପରିବାର ଓ ଆତ୍ମିୟ ସୌଜନ୍ୟ ବୃନ୍ଦ ଇଛାପୁର, କଳମପୁର କଳାହାଣ୍ଡିଇଛାପୁର, କଳମପୁର କଳାହାଣ୍ଡି।

## କେନ୍ଦୁଝର ଜିଲ୍ଲା ପ୍ରଶାସନର ଜରୁରୀ ବୈଠକ

କେନ୍ଦୁଝର, ୧୩।୮ (ସମିସ): କେନ୍ଦୁଝର ଜିଲ୍ଲା ଆପାତକାଳୀନ ବୈଠକ (ଡିସିଜି) ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିଳ୍ପ ସୁରକ୍ଷା ଏବଂ ସମନ୍ୱିତ ପ୍ରତିକ୍ରିୟା ବ୍ୟବସ୍ଥା ଉପରେ ସମୀକ୍ଷା କରାଯାଇଥିଲା। କେନ୍ଦୁଝର ଡିଭିଜନର କାରଖାନା ଓ ବାଷ୍ପିତ ସହକାରୀ ନିର୍ଦ୍ଦେଶକ କେଦାର ନାଥ ହାଁସଦା ଜିଲ୍ଲା ଆପାତକାଳୀନ ବୈଠକର ଲକ୍ଷ୍ୟ ଏବଂ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବୈଠକରେ ବିଭିନ୍ନ ଶିଳ୍ପ ସଂସ୍ଥା, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ, ଶ୍ରମ ବିଭାଗ, ବିଦ୍ୟୁତ୍ ବିଭାଗ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ପ୍ରତିନିଧିଙ୍କ ସମେତ ପ୍ରାୟ ୨୦ ଜଣ ଅଂଶଗ୍ରହଣକାରୀ ବୈଠକରେ ଯୋଗ ଦେଇଥିଲେ। ଶିଳ୍ପ ପ୍ରତିନିଧିମାନେ ବିପଦ ପରିସ୍ଥିତି, ସୁରକ୍ଷା ପଦକ୍ଷେପ, ଜରୁରିକାଳୀନ ପ୍ରସ୍ତୁତି ବ୍ୟବସ୍ଥା ଏବଂ ପ୍ରଶମନ ସୁବିଧା ଉପସ୍ଥାପନ କରିଥିଲେ। ସୁରକ୍ଷିତ ପରିବେଶରେ କାମ କରିବା ପାଇଁ ଜିଲ୍ଲା ପ୍ରଶାସନ, ଶିଳ୍ପ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ସଂସ୍ଥାଗୁଡିକର ସାମୁହିକ ପ୍ରତିବଦ୍ଧତା ଉପରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ ଦୁର୍ଘଟଣା ରୋକିବା ପାଇଁ ପର୍ଯ୍ୟାପ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା, କାରଖାନା ପରିସରରେ ନିୟମିତ ମକ ଡ୍ରିଲ କରିବା, ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଏବଂ ବିପଦପୂର୍ଣ୍ଣ କାରଖାନାର ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଗ୍ରାମବାସୀଙ୍କ ମଧ୍ୟରେ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଆପାତକାଳୀନ ଅଧିକାରୀ ଅଭିଳାଷ ପୁରୋହିତ, ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ, ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀ ଇଂ ରଶ୍ମିକାନ୍ତ ବେହେରା, ୱାଟକୋ ସାଧାରଣ ପରିଚାଳକ ରମେଶଚନ୍ଦ୍ର ସୀଠ, ଜିଲ୍ଲା ପ୍ରକଳ୍ପ ଅଧିକାରୀ (ଆପାତକାଳୀନ) ସେକ୍ ଇଜାଜ ଇକବାଲ, ଆଞ୍ଚଳିକ ପରିବହନ ଅଧିକାରୀ ଇଂ ମାନସ ରଞ୍ଜନ ସାହୁ, ଜିଲ୍ଲା ଅଗ୍ନିଶମ ଅଧିକାରୀ କୃଷ୍ଣଚନ୍ଦ୍ର ସାମଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁରୁଷୋତ୍ତମ ମହାନ୍ତ, ଯୋଡାସ୍ଥିତ ଟାଟା ଷ୍ଟିଲ ଫେରୋ ଆଲୟ ପ୍ଲାଣ୍ଟର ଆଶିଷ ପାଲ୍, ଜିଲ୍ଲା ମହାମାରୀ ବିଶେଷଜ୍ଞ ଡାକ୍ତର ବିଷ୍ଣୁଚରଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଥମୁନି ହାତୀପଲଙ୍କ ଉପଦ୍ରବ

ତୁରୁମୁଙ୍ଗା, ୧୩।୮ (ସମିସ): ପାଟଣା ରେଞ୍ଜରେ ଥମୁନି ହାତୀପଲଙ୍କ ଉପଦ୍ରବ। ଦୀର୍ଘ ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ୨୭ ଟିକିଆ ହାତୀପଲ ଅଞ୍ଚଳରେ ଆତଙ୍କ ଖେଳାଇଥିବା ବେଳେ ଏପର୍ଯ୍ୟନ୍ତ ୬୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ଅଭିଯୋଗ ହୋଇଛି। ଏଥିସହ ହାତୀପଲ ଘର ଭାଙ୍ଗୁଥିବା ଦୃଶ୍ୟର ଏକ ଭିଡିଓ ଭାଇରାଲ ହୋଇଛି। ବିଳମ୍ବିତ ରାତିରେ ୭ ଟିକିଆ ହାତୀପଲ ମଧ୍ୟରୁ ଏକ ଦନ୍ତା ହାତୀ ମଙ୍ଗଳପୁର ଗାଁରେ ପଶି ସୁରେଶ ମହାନ୍ତ, ବିଦ୍ୟାଧର ମହାନ୍ତ ଓ ଦୂର ମହାନ୍ତଙ୍କ ୪ଟି ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଦେଇ ଥିବା ବେଳେ ହାତୀ ଘର ଭାଙ୍ଗୁଥିବା ସମୟର ଦୃଶ୍ୟକୁ ଏବେ ଭାଇରାଲ ହୋଇଛି। ଏବେ ପାଟଣା ରେଞ୍ଜ ମଲ୍ଲିପୋଷି ବିଟ୍‌ର ମଙ୍ଗଳପୁର ଗ୍ରାମର ପାଟନାଳି ସାହି ବୈତରଣୀ ନଦୀକୂଳରେ ୭ ଟିକିଆ ହାତୀପଲ ଡେରା ପକାଇ ଥିବା ବେଳେ ୨୦ ଟିକିଆ ହାତୀପଲ ଅଟେଇ ସଂରକ୍ଷିତ ଜଙ୍ଗଲର ବେଙ୍ଗେଇ ହୁଡ଼ି ଅଞ୍ଚଳରେ ରହିଥିବା ଜଣାପଡ଼ିଛି। ହାତୀପଲଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିବା ସହ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି।

## ହାବିଲଦାର କାବ୍ୟକାନ୍ତ ତ୍ରିପାଠୀଙ୍କୁ ଡିଜିପି ଡିସ୍କ ସମ୍ମାନ



ବାରିପଦା, ୧୩।୮ (ସମିସ): ମୟୂରଭଞ୍ଜ ପୁଲିସରେ କାର୍ଯ୍ୟରତ ହାବିଲଦାର କବ୍ୟକାନ୍ତ ତ୍ରିପାଠୀଙ୍କୁ ୨୦୨୬ ପାଇଁ ଡିଜିପି ଡିସ୍କରେ ସମ୍ମାନିତ କରାଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଭୁବନେଶ୍ୱରସ୍ଥ ପୁଲିସ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ୫୫ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ଡିସ୍କ ଓ ମାନପତ୍ର ପ୍ରଦାନ କରିଥିଲେ। ମୟୂରଭଞ୍ଜ ପୁଲିସ ଏହି ସଫଳତା ପାଇଁ ହାଭିଲଦାର ତ୍ରିପାଠୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, କାବ୍ୟକାନ୍ତଙ୍କ ନିଷ୍ଠା ଓ ପେଶାଗତ ଦକ୍ଷତା ଯୋଗୁଁ ତାଙ୍କୁ ସମ୍ମାନ ପ୍ରଦାନ କରାଯାଇଛି। ସେ ବର୍ତ୍ତମାନ ଜିଲ୍ଲା ମୁଖ୍ୟାଳୟରେ ଥିବା ସାଇବର ଥାନାରେ କାର୍ଯ୍ୟରତ। ଏହି ସମ୍ମାନ ମୟୂରଭଞ୍ଜ ପୁଲିସ ଓ ସମଗ୍ର ଓଡ଼ିଶା ପୁଲିସ ପାଇଁ ଗର୍ବର ବିଷୟ ବୋଲି ଜିଲ୍ଲା କନେଷ୍ଟବଳ ସଂଘର ସମ୍ପାଦକ ସୂରଜ କୁମାର ରାଜ କହିଛନ୍ତି।

## ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାପକଙ୍କୁ ବିଧାୟକ ପ୍ରକାଶ ସେଠୀଙ୍କ ଦୁର୍ବ୍ୟବହାର ପ୍ରସଙ୍ଗ

# ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଘଟଣା ଚାପିଦେବାକୁ ଉଦ୍ୟମ ହୋଇଛି: ବିଜେଡି

ଭୁବନେଶ୍ୱର,୧୩।୮ (ସମିସ): କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ଦ୍ୱାରା ଦୁର୍ବ୍ୟବହାର ଅଭିଯୋଗ ଆଣି ରେଭେନ୍ସା ବିଶ୍ୱ ବିଦ୍ୟାଳୟରେ ସମୂହ ଇସ୍ତଫା ଦେଇଥିବା ୩୦ ଜଣ ୱାଡେନ ଓ ଡେପୁଟି ୱାର୍ଡେନଙ୍କ ସ୍ଥାନରେ ନୂତନ ଚିପ୍ ୱାଡେନ, ୱାଡେନ ଓ ଡେପୁଟି ୱାଡେନ ନିଯୁକ୍ତି ଦିଆଯାଇଛି। ଯାହାକୁ ନେଇ ଗୁରବାର ବିଜେଡି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ସରକାରଙ୍କ ଚାପରେ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ଉପୁଜିଥିବା ବିବାଦକୁ ଚାପି ଦେବା ପାଇଁ ଉଦ୍ୟମ କରାଯାଇଛି, ଯାହା ରେଭେନ୍ସା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ନଷ୍ଟ କରିଛି ବୋଲି ବିଜେଡି ଅଭିଯୋଗ କରିଛି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି, ରାଜ୍ୟରେ ବିଜେପି ସରକାରଙ୍କ ଶାସନରେ ଶିକ୍ଷା ଅନୁଷ୍ଠାନରେ ଗୈରୀକି କରଣ ହେବା ସହିତ ଶୈକ୍ଷିକ ବାତାବରଣ ଅବକ୍ଷୟ ହେଉଛି ବୋଲି ଅଭିଯୋଗ କରିଛନ୍ତି। ଇପ୍ସିତା ସାହୁ କହିଥିଲେ ଯେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଛାତ୍ର ମାନଙ୍କ ଦ୍ୱାରା ଆନ୍ଦୋଳନ ଚାଲିଥିଲା ବେଳେ ବିନା ନିମନ୍ତ୍ରଣରେ କଟକ ସଦର ବିଧାୟକ ସେଠାରେ ପହଞ୍ଚି ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ସେଠାରେ ଉପସ୍ଥିତ ଅଧ୍ୟାପକ ମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ବିଶ୍ୱବିଦ୍ୟାଳୟର ପ୍ରାୟ ତିରିଶ ଜଣ ୱାର୍ଡେନ ସମୂହ ଇସ୍ତଫା ଦେଇଥିଲେ। ବିଧାୟକଙ୍କ ଦୋଷକୁ ଘୋଡାଇବା ଉଦ୍ଦେଶ୍ୟରେ ଏବେ ଇସ୍ତଫା ଦେଇଥିବା ଚିପ୍ ୱାଡେନ, ୱାର୍ଡେନ ଓ ଡେପୁଟି ୱାର୍ଡେନଙ୍କ ସ୍ଥାନରେ କର୍ତ୍ତୃପକ୍ଷ ନୂତନ ଚିପ୍ ୱାର୍ଡେନ, ୱାର୍ଡେନ ଓ ଡେପୁଟି ୱାର୍ଡେନ ନିଯୁକ୍ତି ଦେଇଛନ୍ତି। ରାଜ୍ୟ ସରକାର ଚାପରେ ଏହି ପଦକ୍ଷେପ ନିଆଯାଇଛି। ବିଜେପି ସରକାରଙ୍କ ସମୟରେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ସୋମ୍ୟାଶ୍ରୀ ଆତ୍ମଦାହ କଲା, ରମାଦେବୀ ବିଶ୍ୱବିଦ୍ୟାଳୟରେ ବିଜେପିର ଗୁଣ୍ଡା ଶ୍ରେଣୀୟ ସମର୍ଥକ ମାନେ ପଶି ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର କଲେ ଓ ଏବେ ବିଧାୟକ ଅଧ୍ୟାପକ ମାନଙ୍କୁ ଦୁର୍ବ୍ୟବହାର କରିବା ଭଳି ଘଟଣା ରାଜ୍ୟର ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣକୁ ନଷ୍ଟ କରୁଛି। ପରିସ୍ଥିତି ଏପରି ରହିଲେ, ବିଜୁ ଛାତ୍ର ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ କହିଥିଲେ। ଡ.ମହାନ୍ତି କହିଥିଲେ ଯେ ରାଜ୍ୟ ସରକାରଙ୍କ ଚାପରେ ବିଧାୟକ ପ୍ରକାଶ ସେଠୀଙ୍କ ଦ୍ୱାରା ଦୁର୍ବ୍ୟବହାର ଯୋଗୁ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଉପୁଜିଥିବା ବିବାଦକୁ ଚାପି ଦେବାକୁ ଉଦ୍ୟମ କରାଯାଇଛି, ଯାହାକୁ ଆମେ ନିନ୍ଦା କରୁଛୁ। ରାଜ୍ୟର ଉଚ୍ଚଶିକ୍ଷାମନ୍ତ୍ରୀ ମଧ୍ୟ ଏହି ପ୍ରସଙ୍ଗରେ ମୁହଁ ଖୋଲିନାହାନ୍ତି, ଯାହା ଦୁର୍ଭାଗ୍ୟଜନକ। ବିଜେପି କ୍ଷମତାସୀନ ହେବା ପରଠାରୁ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଅନାବଶ୍ୟକ ହସ୍ତକ୍ଷେପ, ଶିକ୍ଷା ଅନୁଷ୍ଠାନ ଗୁଡିକରେ ଗୈରୀକ କରଣ ଯୋଗୁ ରାଜ୍ୟର ଶୈକ୍ଷିକ ବାତାବରଣ ନଷ୍ଟ ହେବାରେ ଲାଗିଛି । ପୂର୍ବତନ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ହଠାତ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ ଏକ ଅନାବଶ୍ୟକ ପ୍ରସ୍ତାବ ରଖିଥିଲେ, ଯାହାକୁ ନେଇ ପ୍ରାୟ ୬ ମାସ କାଳ ପ୍ରତିବାଦ ଲାଗି ରହିଥିଲା ଓ ଏଥିଯୋଗୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହୋଇଥିଲା । ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରସଙ୍ଗରେ ବିଜେଡି ଚୁପ ବସିବ ନାହିଁ। ସମ୍ବିଧାନର ବିଧି ବ୍ୟବସ୍ଥାରେ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଉଦ୍ୟମ ଜାରି ରଖିବ ବୋଲି ଡ. ମହାନ୍ତି କହିଥିଲେ।



- ବିଜେପି ସରକାରଙ୍କ ସମୟରେ ରାଜ୍ୟର ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି
- ବିଧାୟକଙ୍କ ଦୋଷକୁ ରାଜ୍ୟ ସରକାର ଘଣ୍ଟ ଘୋଡାଉଛନ୍ତି

# ଅଙ୍ଗଦାନ ଅନ୍ୟ ଜଣଙ୍କୁ ନୂଆ ଜୀବନ ଦେବାର ସ୍ୱର୍ଣ୍ଣିମ ସୁଯୋଗ

## ୨୪ ଜଣଙ୍କୁ 'ସୁରଜ ସମ୍ମାନ'ପ୍ରଦାନ




ଭୁବନେଶ୍ୱର,୧୩।୮ (ସମିସ): ଅଙ୍ଗଦାନ କେବଳ ଏକ ନିଷ୍ପତ୍ତି ନୁହେଁ ଏହା ଅନ୍ୟ ଜଣଙ୍କ ଆଖିରେ ନୂଆ ସ୍ୱପ୍ନ ଓ ଜୀବନ ଦେବାର ଏକ ସ୍ୱର୍ଣ୍ଣିମ ସୁଯୋଗ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମନ୍ତ୍ରୀ ଡ. ମହାଲିଙ୍ଗ ଅଙ୍ଗଦାନ କରି ଅନ୍ୟମାନଙ୍କୁ ନୂଆ ଜୀବନ ଦେଇଥିବା ଅଙ୍ଗଦାତାମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାର ସଦସ୍ୟଙ୍କୁ 'ସୂରଜ ସମ୍ମାନ'ରେ ସମ୍ମାନିତ କରିଛନ୍ତି। ଏହି ଅବସରରେ ୧୧ଟି ଜିଲ୍ଲାର ଅଙ୍ଗ ଦାନ କରିଥିବା ମୋଟ ୨୪ ଜଣ ଅଙ୍ଗଦାତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏଁ ସମ୍ମାନ ରାଶି ସହ ସମ୍ମାନପତ୍ର ପ୍ରଦାନ କରାଯାଇଛି। 'ସୁରଜ', ଯାହାଙ୍କ ନାମରେ ଏହି ସମ୍ମାନ ଦିଆଯାଉଛି ତାଙ୍କ ଅବଦାନକୁ ସାଧୁବାଦ ଏବଂ କୃତଜ୍ଞତା ଜଣାଇଥିଲେ। ଜଣେ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଦ୍ୱାରା ବୃକକ୍, ଯକୃତ, ଫୁସଫୁସ, ହୃତପିଣ୍ଡ, ଅଗ୍ନ୍ୟାଶୟ ଓ ଅନ୍ତନଳୀ ଭଳି ବିଭିନ୍ନ ଅଙ୍ଗ ଦାନ କରାଯାଇ ଏକାଧିକ ଲୋକଙ୍କ ଜୀବନ ରକ୍ଷା କରାଯାଇପାରେ। ସଚେତନତା ମାଧ୍ୟମରେ ଅଧିକରୁ ଅଧିକ ପ୍ରଚାର ପ୍ରସାର ଫଳରେ ଅଙ୍ଗଦାନ ଯେପରି ଲୋକାଦୃତ ହେବ ସେଥିପାଇଁ ପଦକ୍ଷେପ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ସଚିବ ଅଶ୍ୱତୀ ଏସ., ନଟୋ (ନ୍ୟାସନାଲ ଅର୍ଗାନ୍ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍)ର ନିର୍ଦ୍ଦେଶକ ଅନିଲ କୁମାରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ; ୨ ସରକାରୀ କର୍ମଚାରୀ ଗିରଫ





ଜଗତସିଂହପୁର,୧୩।୮ (ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍‌ରେ ନିଯୁକ୍ତି ପାଇଥିବା ଦୁଇ ସରକାରୀ କର୍ମଚାରୀ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜାଲିଆତି କରିଥିବା ଅଭିଯୋଗାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସୂଚନା ଅନୁସାରେ ଗତ ୨୦୧୧-୧୨ଠାରୁ ୨୦୨୧-୨୨ ଆର୍ଥିକ ବର୍ଷ ମଧ୍ୟରେ ତିର୍ତ୍ତୋଲ ବ୍ଲକ୍‌ରେ ପ୍ରାୟ ୩ କୋଟି ୨ ଲକ୍ଷ ୯୫ ହଜାର ଟଙ୍କା ସରକାରୀ ଅର୍ଥ ଆତ୍ମସାତ ହୋଇଥିବା ଅଡିଟ ବେଳେ ଜଣାପଡ଼ିଥିଲା। ପରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ସହିତ ଏହାର ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ପରେ ସେ ସମୟରେ ଦାୟିତ୍ୱରେ ଥିବା ବରିଷ୍ଠ ରାଜସ୍ୱ ସହାୟକ ଭଞ୍ଜ କିଶୋର ବେହେରା(ବର୍ତ୍ତମାନ ନାଉଗାଁ ତହସିଲରେ କାର୍ଯ୍ୟରତ), ଅବସରପ୍ରାପ୍ତ ପିଇଓ ପ୍ରଦୀପ୍ତ କୁମାର ମଲ୍ଲିକ ଏବଂ ତତ୍କାଳୀନ ସହକାରୀ ଯନ୍ତ୍ରୀ ରାଜଦୀପ ହାଁସଦାଙ୍କ ଏହି ମାମଲାରେ ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଥିଲା। ତେବେ ଇତି ମଧ୍ୟରେ ରାଜଦୀପ ହାଁସଦାଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଭଞ୍ଜ କିଶୋର ବେହେରା ଏବଂ ପ୍ରମୋଦ କୁମାର ମଲ୍ଲିକଙ୍କୁ ଭିଜିଲାନ୍ସ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏହି ଅର୍ଥ ଆତ୍ମସାତ ମାମଲାର ତଦନ୍ତ ଜାରି ରହିଛି ବୋଲି କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି।

**24001/395/2627**

ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଘୋଷଣା

No **RDM-LAA-MBJ-0027-2024**-20229 R&DM, Dated:14.05.2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଜାମଶୁଳ, ଥାନା- ବୈଶିଙ୍ଗା, ନଂ. ୧୭୮, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ , କୁରାଢୀକ ସବ୍-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୬୧ ତା. ୦୮.୦୧.୨୦୨୫ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ଜାମଶୁଳ, ଥାନା- ବୈଶିଙ୍ଗା, ନଂ. ୧୭୮, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ , ବାରିପଦା ସ୍ଥିତ ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜାମଶୁଳ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୭୨.୯୮ | ଏକର ୧୫.୨୨ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ମୟୂରଭଞ୍ଜ ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୨.୦୭.୨୦୨୬ ।

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୬୮ /୨୦୨୩
ଏ.୧୫.୨୨ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେଶରୀ ଡିଷ୍ଟ୍ରିବ୍ୟୁଟାରୀ, କୁରାଢୀକ ସବ-ମାଇନର ନିମନ୍ତେ**
**ମୌଜା- ଜାମଶୁଳ, ଥାନା- ବୈଶିଙ୍ଗା ନଂ -୧୭୮ , ତହସିଲ - ବେତନଟୀ, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୱାଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 1 | 204 | ଶାରଦ ଦୁଇ | 1.40 | 0.10 | ଅର୍ଜୁନ ମହାନ୍ତ ପି:ରଘୁନାଥ ମହାନ୍ତ ଜା:କୁଡୁମି ବା:,ଚନ୍ଦ୍ର ମୋହନ ମହାନ୍ତ,କନ୍ଦି ମହାନ୍ତ,ଗୁଣ୍ଡୁ ମହାନ୍ତ,ସୁଲୋଚନା ମହାନ୍ତ ପି:ରଘୁନାଥ ମହାନ୍ତ, ଗୁହିଆ ମହାନ୍ତ ସ୍ୱା:ରଘୁନାଥ ମହାନ୍ତ ଜା:କୁଡୁମି ବା:ନିଜଗାଁ,ଜଗନ୍ନାଥ ମହାନ୍ତ ପି: ପ୍ରହରାଜ ମହାନ୍ତ ଜା:କୁଡୁମି ବା:କାପୋଇ |
| | 29 | ଡାହିଏକ | 1.78 | 0.21 | |
| 3 | 5 | ଶାରଦ ଦୁଇ | 0.145 | 0.09 | ଅମୃତା ମହାନ୍ତ ସ୍ୱା:ମନବୋଧ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 4 | 109 | ଶାରଦ ଦୁଇ | 0.66 | 0.27 | ଆନନ୍ଦ ମହାନ୍ତ, ବାଙ୍ଗୁ ମହାନ୍ତ ପି: ବଲାଇ ମହାନ୍ତ, ଚନ୍ଦ୍ର ମୋହନ ମହାନ୍ତ, ହର ମୋହନ ମହାନ୍ତ ପି: ଅଘୁନ ମହାନ୍ତ, ବୁଧି ମହାନ୍ତ ସ୍ୱା: ବଲାଇ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 109/345 | ଶାରଦ ଦୁଇ | 0.13 | 0.13 | |
| | 11 | ଡାହିଏକ | 0.36 | 0.02 | |
| 7 | 121 | କ୍ଷେତହୁଡା | 0.30 | 0.15 | ଆଶୁତୋଷ ବେହେରା, ଭବତୋଷ ବେହେରା, ସର୍ବତୋଷ ବେହେରା, ମନତୋଷ ବେହେରା, ଦେବତୋଷ ବେବେରା ପି: ସଦାନନ୍ଦ ବେହେରା ଜା: ନିଆରି ବା:ବାରିପଦା |
| 13 | 288/300 | ଶାରଦ ଦୁଇ | 0.15 | 0.08 | କାଳି ପ୍ରଶାଦ ମହାନ୍ତ ପି:ଘାସିରାମ ମହାନ୍ତ ଜା: କୁଡୁମି ବା: ଫାଲଝରୀ |
| 16 | 106 | ଡାହିଏକ | 1.07 | 0.39 | କୃପାସିନ୍ଧୁ ମହାନ୍ତ ପି:ଉର୍ଦ୍ଧବ ମହାନ୍ତ ଜା: କୁଡୁମି ବା: ମଗୁଶିରିଆ |
| 18 | 23 | ଘରବାରି | 1.12 | 0.03 | ଗୋବିନ୍ଦ ମାଝୀ, ଦାର୍ଗା ମାଝୀ, ଲାଙ୍ଗ ମାଝୀ, ହିରା ମାଝୀ ପି: ଦାସ ମାଝୀ, ମିଟି ମାଝୀ ସ୍ୱା: ଦାସ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 30 | ଡାହିଏକ | 0.70 | 0.06 | |
| 19 | 12 | ଡାହିଏକ | 0.52 | 0.02 | ଗୌର ହରି ମହାନ୍ତ, ଭୋଳି ମହାନ୍ତ, କୁନ୍ତି ମହାନ୍ତ, କର୍ମୀ ମହାନ୍ତ, ଚିନ୍ତା ମହାନ୍ତ ପି: ଲୋଚନ ମହାନ୍ତ ଜା: କୁଡୁମି ବା: କୁରାଢିକ, ବିଦ୍ୟାଧର ମହାନ୍ତ, ଚଞ୍ଚଳା ମହାନ୍ତ ପି: ଚାର ମହାନ୍ତ ଜା: କୁଡୁମି ବା: ସଂସା, କେଶରୀ ମହାନ୍ତ ସ୍ୱା: ଲୋଚନ ମହାନ୍ତ ଜା: କୁଡୁମି ବା: କୁରାଢିକ, ଗୋଲାପି ମହାନ୍ତ, ଝୀଲିପି ମହାନ୍ତ ପି: ରାମ ହରି ମହାନ୍ତ, ମୁଶରୀ ମହାନ୍ତ ସ୍ୱା: ରାମ ହରି ମହାନ୍ତ ଜା: କୁଡୁମି ବା: ଚହଲାପଦା |
| 21 | 191 | ଶାରଦ ତିନି | 1.39 | 0.20 | ଜଗ ମୋହନ ମହାନ୍ତ, ପରେଶ ମହାନ୍ତ, ଉପେନ୍ଦ୍ର ମହାନ୍ତ, କାଞ୍ଚନ ମହାନ୍ତ ପି: ବିଶ୍ୱ ନାଥ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 191/349 | ଶାରଦ ତିନି | 0.38 | 0.05 | |
| 22 | 285 | ଶାରଦ ଦୁଇ | 0.60 | 0.53 | ଜୟ ରାମ ମହାନ୍ତ ପି:ବଳ ରାମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 256/308 | ଆଡି | 0.02 | 0.02 | |
| | 197/338 | ଡାହିଏକ | 0.65 | 0.04 | |
| 23 | 218 | ଶାରଦ ତିନି | 0.63 | 0.27 | ଜାସେର ମାଝୀ, ନାରାୟଣ ମାଝୀ ପି: ବାହାଦୁର ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 28 | 42 | ଶାରଦ ଦୁଇ | 0.74 | 0.15 | ତାପସ କୁମାର ମହାନ୍ତ, ଭଜ ହରି ମହାନ୍ତ, ରବିନା ମହାନ୍ତ, ଦମୟନ୍ତି ମହାନ୍ତ ପି: ଗୌର ହରି ମହାନ୍ତ, ଲତିକା ମହାନ୍ତ ସ୍ୱା: ଗୌର ହରି ମହାନ୍ତ ଜା: କୁଡୁମି ବା: କୁରାଢିକ |
| 29 | 121/304 | ଆଡି | 0.48 | 0.03 | ଦଶରଥ ମାଝୀ ପି: କନ୍ଦା ମାଝୀ, ରଘୁନାଥ ମାଝୀ, ଗଦା ମାଝୀ, ଦଶରଥ ମାଝୀ ପି: ପାଗାନ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 199 | ଡାହିଏକ | 1.06 | 0.03 | |
| 35 | 119 | ଶାରଦ ଦୁଇ | 7.62 | 1.31 | ଦୁଲଗି ମାଝୀ, ନାଛ ମାଝୀ, ଚାଟିନ ମାଝୀ ପି: ଲାଙ୍ଗ ମାଝୀ, ରାଜ ମାଝୀ ସ୍ୱା: ଲାଙ୍ଗ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 129 | ଘରବାରି | 0.22 | 0.03 | |
| | 131 | ଡାହିଏକ | 2.19 | 0.03 | |
| | 127 | ଡାହିଏକ | 1.35 | 0.03 | |
| 38 | 3 | ଶାରଦ ଦୁଇ | 0.93 | 0.10 | ଧୁଚେଇ ମାଝୀ, ଡମୁଣି ମାଝୀ ପି: ଗଙ୍ଗା ମାଝୀ, ଉଭା ମାଝୀ, ରେଙ୍ଗଟା ମାଝୀ, ମଙ୍ଗଲ ମାଝୀ ପି: ବାର୍ଷା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 4 | ଶାରଦ ଦୁଇ | 0.55 | 0.21 | |
| 39 | 197/339 | ଡାହିଏକ | 0.54 | 0.05 | ନରହରି ମହାନ୍ତ ପି:ବଳ ରାମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 42 | 255 | ଶାରଦ ଦୁଇ | 1.15 | 0.08 | ନିତ୍ୟାନନ୍ଦ ମହାନ୍ତ, ମୁକ୍ତା ମହାନ୍ତ, ଶାନ୍ତି ମହାନ୍ତ, ସାନଚନି ମହାନ୍ତ, ସରଧା ମହାନ୍ତ ପି: ନବୀନ ମହାନ୍ତ, ଭାନୁ ମହାନ୍ତ ସ୍ୱା: ନବୀନ ମହାନ୍ତ, ମନୋରଥ ମହାନ୍ତ, ସୁରଥ ମହାନ୍ତ, କମଳୀ ମହାନ୍ତ, ସମଲି ମହାନ୍ତ ପି: ଗୌରହରି ମହାନ୍ତ, ଶିଶୁ ମହାନ୍ତ ସ୍ୱା: ଗୌର ହରି ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 256/320 | ଆଡି | 0.08 | 0.02 | |
| 50 | 136 | ଡାହିଏକ | 2.60 | 0.12 | ବଂଶିଧର ମହାନ୍ତ, ଗିରିଧାରୀ ମହାନ୍ତ, ଗଙ୍ଗାଧର ମହାନ୍ତ ପି: ଦୁଲାଲ ମହାନ୍ତ, ଦଶରଥ ମହାନ୍ତ ପି: ଶିବ ମହାନ୍ତ, ଚୁକ୍ ମହାନ୍ତ ସ୍ୱା: ଦୁଲାଲ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 54 | 189 | ଶାରଦ ତିନି | 0.22 | 0.02 | ଭରତ ମହାନ୍ତ ପି:କହ୍ନେଇ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 55 | 190 | ଶାରଦ ତିନି | 0.23 | 0.02 | ଭରତ ଚନ୍ଦ୍ର ମହାନ୍ତ ପି: କହ୍ନେଇ ମହାନ୍ତ, ସୁବ୍ରୀ ମହାନ୍ତ ସ୍ୱା: କହ୍ନେଇ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 57 | 219 | ଶାରଦ ତିନି | 0.86 | 0.29 | ଭିମା ମାଝୀ ପି:ସାଉନା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 236 | ଶାରଦ ତିନି | 0.32 | 0.18 | |
| | 126 | ଡାହିଏକ | 0.95 | 0.02 | |
| | 132 | ଡାହିଏକ | 0.43 | 0.07 | |
| 59 | 286/321 | ଶାରଦ ତିନି | 0.75 | 0.25 | ମଦନ ମହାନ୍ତ, କୃର୍ତ୍ତିବାସ ମହାନ୍ତ ପି: ପାନ୍ଦୁ ମହାନ୍ତ, ଇନ୍ଦ୍ରମଣି ମହାନ୍ତ ସ୍ୱା: ପାନ୍ଦୁ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 60 | 254 | ଶାରଦ ତିନି | 0.37 | 0.17 | ମଙ୍ଗଳ ମାଝୀ, ବୈଷ୍ଣମ୍ ମାଝୀ, ବାଜିନାଥ ମାଝୀ ପି: ସାଗର ମାଝୀ, ଉଚ ମାଝୀ, ସାଗର ମାଝୀ ପି: ମୋହନ ମାଝୀ, ମୋହନ ମାଝୀ, ବିଶରାୟ ମାଝୀ, ରୋହିଆ ମାଝୀ, ବିଜୟ ମାଝୀ ପି: ବାହାଦୁର ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 62 | 284 | ଶାରଦ ଦୁଇ | 2.10 | 0.50 | ମହେଶ୍ୱର ମଳିକ ପି:ଗୁହି ମଳିକ ଜା: ସୁଣ୍ଡି ବା: ଛାତନା |
| 64 | 37 | ଶାରଦ ତିନି | 0.25 | 0.12 | ମୁସୁରୀ ମହାନ୍ତ ସ୍ୱା:ଲାଲ ମୋହନ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 46 | ଶାରଦ ତିନି | 0.10 | 0.04 | |
| | 6 | ଶାରଦ ଦୁଇ | 3.50 | 0.41 | |
| | 242 | ଶାରଦ ତିନି | 1.01 | 0.02 | |
| 68 | 107 | ଶାରଦ ଦୁଇ | 4.30 | 1.05 | ରାଇସେନ ମାଝୀ, ଲକ୍ଷ୍ମଣ ମାଝୀ ପି: ସିଂହରାଏ ମାଝୀ, ସିଂହରାଏ ମାଝୀ, ଶ୍ୟାମ ମାଝୀ, ରାଙ୍ଗ ମାଝୀ, ଲକ୍ଷ୍ମଣ ମାଝୀ, ରାଇସେନ ମାଝୀ ପି: ଲାଙ୍ଗ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| | 125 | ଘରବାରି | 0.45 | 0.04 | |
| | 134 | ଘରବାରି | 0.62 | 0.01 | |
| | 135 | ଡାହିଏକ | 1.03 | 0.01 | |
| 76 | 203 | ଶାରଦ ତିନି | 1.39 | 1.31 | ଲଛମନ ମାଝୀ, ବୁଧୁ ମାଝୀ ପି: ଫୁଲରାଏ ମାଝୀ, ସାନଲଛୁ ମାଝୀ ପି: ସାଗରାମ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 77 | 9 | ଡାହି ଏକ | 0.32 | 0.04 | ଲାଲ ମୋହନ ମହାନ୍ତ ପି:ମଙ୍ଗଲ ରାମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 78 | 288/315 | ଶାରଦ ଦୁଇ | 0.18 | 0.01 | ସହଦେବ ମହାନ୍ତ ପି:ଗୋକୁଳ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 79 | 221/301 | ଶାରଦ ଦୁଇ | 0.04 | 0.02 | ସହଦେବ ମହାନ୍ତ, ଭଗ ମହାନ୍ତ ପି: ଗୋକୁଳ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 27 | ଡାହିଏକ | 0.57 | 0.02 | |
| 82 | 110 | ଶାରଦ ଦୁଇ | 0.48 | 0.10 | ସୁକ ଚାନ୍ଦ ମହାନ୍ତ ପି:ବଡନାଲୁ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 221 | ଶାରଦ ତିନି | 0.25 | 0.09 | |
| | 222 | ଶାରଦ ତିନି | 0.20 | 0.20 | |
| 84 | 138 | ଡାହିଏକ | 0.76 | 0.01 | ସୁରାୟ ମାଝୀ ପି:ସୁନା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 87 | 41 | ଶାରଦ ଦୁଇ | 0.33 | 0.01 | ହଳଧର ମହାନ୍ତ, ଗୁରୁ ପ୍ରସାଦ ମହାନ୍ତ ପି: ଜଗନ୍ନାଥ ମହାନ୍ତ ଜା: କୁଡୁମି ବା: ନିଜଗାଁ |
| 88/12 | 137/367 | ଡାହିଏକ | 0.97 | 0.07 | ଅଭିରାମ ମହାନ୍ତ ପି:ଚୈତନ ମହାନ୍ତ ଜା: ବ୍ରାହ୍ମଣ ବା: କୁରାଢିକ |
| 88/15 | 24 | ଡାହିଦୁଇ | 0.74 | 0.02 | ଗୋବିନ୍ଦ ମାଝୀ, ବାର୍ଷା ମାଝୀ, ଲାଙ୍ଗ ମାଝୀ ପି: ଦାସ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 88/24 | 223 | ଶାରଦ ଦୁଇ | 1.50 | 0.21 | ମଙ୍ଗଲ ମାଝୀ, ବୈଷ୍ଣବ ମାଝୀ, ବାଜିନାଥ ମାଝୀ ପି: ସାଗର ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 88/34 | 284/394 | ଶାରଦ ଦୁଇ | 0.35 | 0.22 | ରାମେଶ୍ୱର ମହାନ୍ତ ପି:ଲଦୁ ମହାନ୍ତ ଜା: କୁର୍ମୀ କ୍ଷତ୍ରୀୟ ବା: କୁରାଢିକ |
| 88/35 | 241 | ଶାରଦ ତିନି | 0.62 | 0.13 | ଭାଗ ଟୁଡୁ ସ୍ୱା:କାଦୁ ଟୁଡୁ ଜା: ସାନ୍ତାଳ ବା: କୁରାଢିକ |
| 88/38 | 196 | ଡାହିଏକ | 0.44 | 0.04 | ଛିତା ଦେଇ ପି:ଭୀମା ମାଝୀ ଜା: ସାନ୍ତାଳ ବା: ନିଦଗାଁ |
| 88/40 | 217/398 | ଶାରଦ ଦୁଇ | 0.91 | 0.01 | ଚମ୍ପକ ଲତା ମହାନ୍ତ ସ୍ୱା:ଦୟାନିଧି ମହାନ୍ତ ଜା: କୁଡୁମି କ୍ଷେତ୍ରିୟ ବା: କୁରାଢିକ |
| 88/49 | 120/404 | ଶାରଦ ଦୁଇ | 0.47 | 0.31 | ସପନ କୁମାର ବେହେରା ପି:ଭବତୋଷ ବେହେରା ଜା: ନିଆରି ବା: ଡାଙ୍ଗପଦା |
| | 120 | ଶାରଦ ଦୁଇ | 0.48 | 0.30 | |
| 88/116 | 41/470 | ଶାରଦ ଦୁଇ | 0.33 | 0.04 | ପ୍ରଫୁଲ୍ଲ ମହାନ୍ତ ପି:ଲକ୍ଷ୍ମଣ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/117 | 288 | ଶାରଦ ଦୁଇ | 0.36 | 0.30 | କେଶବ ଚନ୍ଦ୍ର ସେଠୀ ପି:ଶ୍ରୀବସ ସେଠୀ ଜା: ଧୋବା ବା: ମଗୁସିରିଆ |
| 88/121 | 285/334 | ଶାରଦ ଦୁଇ | 0.24 | 0.07 | ରାଜେନ୍ଦ୍ର ମହାନ୍ତ ପି:ବିଷ୍ଣୁ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/127 | 5/475 | ଶାରଦ ଦୁଇ | 0.4350 | 0.29 | ତାପସ କୁମାର ମହାନ୍ତ, ଭଜହରି ମହାନ୍ତ, ରହିନା ମହାନ୍ତ ପି: ଗୌରହରି ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/136 | 202 | ଶାରଦ ଦୁଇ | 0.20 | 0.04 | ଭୀମସେନ ମହାନ୍ତ ପି:ଲାଲମୋହନ ମହାନ୍ତ ଜା: କୁଡୁମି ବା: କାପୋଇ |
| 88/137 | 287 | ଶାରଦ ଦୁଇ | 0.65 | 0.08 | କାଙ୍ଗାଳି ମହାନ୍ତ ପି:ଭୀମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/143 | 235 | ଶାରଦ ଦୁଇ | 2.35 | 0.53 | ନାରାୟଣ ମାରାଣ୍ଡି ପି:ବାହାଦୁର ମାରାଣ୍ଡି ଜା: ସାନ୍ତାଳ ବା: ନିଜଗାଁ |
| 88/144 | 47 | ଶାରଦ ତିନି | 0.60 | 0.06 | ପୂର୍ଣ୍ଣଚନ୍ଦ୍ର ମହାନ୍ତ ପି: ନିରଞ୍ଜନ ମହାନ୍ତ, ଶ୍ରୀମତୀ ମହାନ୍ତ ସ୍ୱା: ନିରଞ୍ଜନ ମହାନ୍ତ ଜା: କୁଡୁମି ବା: ଚହଲାପଦା |
| 88/156 | 221/495 | ଶାରଦ ତିନି | 0.12 | 0.09 | ଜାନକୀ ମହାନ୍ତ ସ୍ୱା:ଚିନିବାସ ମହାନ୍ତ ଜା: କୁଡୁମି ବା: ମଗୁସିରିଆ |
| | 222/496 | ଶାରଦ ତିନି | 0.12 | 0.12 | |
| **ସମପରିମାଣ ଗୋଚର ପ୍ରତିବଦଳ** | | | | | |
| 15 | 102 | ଡାହି ଏକ | 0.22 | 0.09 | କାହ୍ନୁ ମହାନ୍ତ ପି:ଗୋବିନ୍ଦ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 16 | 106 | ଡାହି ଏକ | | 0.15 | କୃପାସିନ୍ଧୁ ମହାନ୍ତ ପି:ଉର୍ଦ୍ଧବ ମହାନ୍ତ ଜା: କୁଡୁମି ବା: ମଗୁଶିରିଆ |
| 26 | 99 | ଶାରଦ ଦୁଇ | 0.55 | 0.06 | ଝୁନ୍ ଫୁକି ମହାନ୍ତ ସ୍ୱା:ଶଶଧର ମହାନ୍ତ ଜା: କୁଡୁମି ବା: କୁରାଢିକ |
| 27 | 116 | ଶାରଦ ଦୁଇ | 1.38 | 0.49 | ଠାକୁରା ମାଝୀ, ସଙ୍ଖାର ମାଝୀ ପି: ଗଦା ମାଝୀ ଜା: ସାନ୍ତାଳ ବା: କୁରାଢିକ |
| 36 | 116/322 | ଶାରଦ ଦୁଇ | 0.31 | 0.10 | ଧୁଜି ମାଝୀ ସ୍ୱା: ଭିମା ମାଝୀ, ଡୁମୁଣି ମାଝୀ ସ୍ୱା: ସୁନା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 61 | 87 | ଶାରଦ ତିନି | 1.09 | 0.38 | ମଝିଲା ଜାସାଇ ମାଝୀ ପି: ବାର୍ଷା ମାଝୀ, ମାନ୍ଦ ମାଝୀ ସ୍ୱା: ବାର୍ଷା ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 76 | 100 | ଶାରଦ ତିନି | 0.32 | 0.11 | ଲଛମନ ମାଝୀ, ବୁଧୁ ମାଝୀ ପି: ଫୁଲରାଏ ମାଝୀ, ସାନଲଛୁ ମାଝୀ ପି: ସାଗରାମ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| 81 | 34 | ଶାରଦ ଦୁଇ | 1.22 | 0.26 | ସାଲଖାନ ମାଝୀ, କାଲା ମାଝୀ, ସାଉନା ମାଝୀ, ଲକ୍ଷ୍ମଣ ମାଝୀ, ଡମାନ ମାଝୀ ପି: କୁଆଁର ମାଝୀ ଜା: ସାନ୍ତାଳ ବା: ସରଡିହା |
| 82 | 98 | ଶାରଦ ଦୁଇ | 1.17 | 0.30 | ସୁକ ଚାନ୍ଦ ମହାନ୍ତ ପି:ବଡନାଲୁ ମହାନ୍ତ ଜା: କୁଡୁମି ବା: କୁରାଢିକ |
| | 103 | ଡାହି ଏକ | 0.58 | 0.17 | |
| 88/118 | 97 | ଶାରଦ ଦୁଇ | 0.73 | 0.19 | କାଙ୍ଗାଳି ମହାନ୍ତ ପି:ଭୀମ ମହାନ୍ତ ଜା: କୁଡୁମି ବା: କୁରାଢିକ |
| 88/144 | 47 | ଶାରଦ ତିନି | | 0.11 | ପୂର୍ଣ୍ଣଚନ୍ଦ୍ର ମହାନ୍ତ ପି: ନିରଞ୍ଜନ ମହାନ୍ତ, ଶ୍ରୀମତୀ ମହାନ୍ତ ସ୍ୱା: ନିରଞ୍ଜନ ମହାନ୍ତ ଜା: କୁଡୁମି ବା: ଚହଲାପଦା |
| ମୋଟ | ୮୭ ପ୍ଲଟକୁ | | ଏ.୭୨.୯୮ ଡେ.ମି. | ଏ.୧୫.୨୨ ଡେ.ମି. | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0128

# ୧୭ ବର୍ଷ ପରେ ଭାରତରେ ବ୍ୟାଡ୍‌ମିଣ୍ଟନ ବିଶ୍ୱକପ୍

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି)

ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ଭାରତରେ ହେବାକୁ ଯାଉଛି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ବ୍ୟାଡମିଣ୍ଟନ ଚାମ୍ପିଅନସିପ ତଥା ବ୍ୟାଡ୍‌ମିଣ୍ଟନ ବିଶ୍ୱକପ୍। ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧି ଆରେନାରେ ଅଗଷ୍ଟ ୧୭ରୁ ୨୩ ତାରିଖଯାଏ ସମସ୍ତ ମ୍ୟାଚ୍ ଖେଳାଯିବ। ଏଥିରେ ବିଶ୍ୱର ସମସ୍ତ ଶ୍ରେଷ୍ଠ ଖେଳାଳି ଅଂଶଗ୍ରହଣ କରିବେ। ମୋଟ ୫ଟି ବିଭାଗରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ପୁରୁଷ ଓ ମହିଳା ବିଭାଗର ଏକକ ଓ ଯୁଗଳ (ସିଙ୍ଗଲ୍ସ ଓ ଡବଲ୍ସ), ମିଶ୍ରିତ ଯୁଗଳ (ମିକ୍ସଡ ଡବଲ୍ସ)ରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଭାରତରେ ଏହା ଶେଷଥର ୨୦୦୯ ହାଇଦରାବାଦ୍‌ରେ ଖେଳାଯାଇଥିଲା। ଏଥର ପ୍ରତିଯୋଗିତାକୁ ସଫଳ କରିବା ଲାଗି ଭାରତ ସରକାର ଓ ବ୍ୟାଡମିଣ୍ଟନ ଫେଡେରେସନ ଅଫ୍ ଇଣ୍ଡିଆ ସମସ୍ତ ପ୍ରକାର ଉଦ୍ୟମ କରୁଛନ୍ତି। କୋଟି କୋଟି ଟଙ୍କା ବିନିମୟରେ ଷ୍ଟାଡିୟମ୍‌ର ନବୀକରଣ କରାଯାଇଛି।

**ଫର୍ମାଟ ଓ ଟାଇମ୍**

ଏକ ସପ୍ତାହ ଧରି ଖେଳାଯିବାକୁ ଥିବା ଏହି ଉଚ୍ଚମାନର ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ନକ୍‌ଆଉଟ ଫର୍ମାଟରେ ଲଢ଼େଇ ହେବ। ଏକକରେ ରାଉଣ୍ଡ ଅଫ୍ ୬୪ ବା ୬୪ ଜଣ ଖେଳାଳିଙ୍କୁ ନେଇ ଏହା ଆରମ୍ଭ ହେବ। ଡବଲ୍ସରେ ୪୮ ଯୋଡି ଭାଗନେବେ। ପ୍ରତିଯୋଗିତାର ପ୍ରଥମ ଦୁଇ ଦିନ ଅର୍ଥାତ୍ ଅଗଷ୍ଟ ୧୭ ଓ ୧୮ରେ ପ୍ରାରମ୍ଭିକ ରାଉଣ୍ଡ ଖେଳାଯିବ। ଅଗଷ୍ଟ ୧୯ରେ ରାଉଣ୍ଡ ଅଫ୍ ୩୨, ଅଗଷ୍ଟ ୨୦ରେ ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟରଫାଇନାଲ ମୁକାବିଲା ହେବ। ଅଗଷ୍ଟ ୨୧ରେ କ୍ୱାର୍ଟର ଫାଇନାଲ, ୨୨ରେ ସେମିଫାଇନାଲ ଓ ୨୩ରେ ସମସ୍ତ ୫ଟି ବିଭାଗରେ ଫାଇନାଲ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ।

- ଅଗଷ୍ଟ ୧୭ରୁ ଆରମ୍ଭ, ୨୩ରେ ଶେଷ
- ନୂଆଦିଲ୍ଲୀରେ ହେବ ସମସ୍ତ ମ୍ୟାଚ୍
- ଭାଗନେବେ ବିଶ୍ୱର ସମସ୍ତ ଶ୍ରେଷ୍ଠ ଖେଳାଳି
- ୫ଟି ବିଭାଗରେ ହେବ ପ୍ରତିଯୋଗିତା
- ପୁରୁଷ ଓ ମହିଳା ଏକକ ଓ ଯୁଗଳ, ମିଶ୍ରିତ ଯୁଗଳ
- ସିନ୍ଧୁ, ଲକ୍ଷ୍ୟ, ସାତ୍ୱିକ-ଚିରାଗଙ୍କ ଉପରେ ଆଶା
- ଭାରତ ଶେଷଥର ୨୦୦୯ରେ ଆୟୋଜକ ଥିଲା

**ସମସ୍ତ ତାରକା ଖେଳାଳି ଉପଲବ୍ଧ**

ପୁରୁଷ ବିଭାଗ ଏକକରେ ବିଶ୍ୱର ନଂ-୧ ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିଅନ ଚୀନ୍‌ର ୩୦ ବର୍ଷୀୟ ଶି ୟୁ କି'ଙ୍କୁ ଫେବରାଇଟ ବିବେଚନା କରାଯାଉଛି। ଟାଇଟଲ ଲଢ଼େଇରେ ତାଙ୍କୁ ଟକ୍କର ଦେବେ ୨୦୨୩ର ଚାମ୍ପିଅନ ତଥା ପ୍ୟାରିସ୍ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଥାଇଲାଣ୍ଡର କୁନ୍‌ଲାଭଟ ବିଦିତସର୍ଣ୍ଣ। ୨୪ ବର୍ଷୀୟ ଭାରତର ଲକ୍ଷ୍ୟ ସେନ୍ ମଧ ପଦକ ଦୌଡ଼ରେ ରହିଛନ୍ତି। ମହିଳା ଏକକରେ ପୂର୍ବତନ ବିଶ୍ୱଚାମ୍ପିଅନ ତଥା ୫ଥରର ପଦକ ବିଜେତା ଭାରତର ପିଭି ସିନ୍ଧୁ ଟାଇଟଲ ଦୌଡ଼ରେ ରହିଛନ୍ତି। ଦକ୍ଷିଣ କୋରିଆର ଡିଫେଣ୍ଡିଂ ଅଲିମ୍ପିକ୍ ତଥା ୨୦୨୩ର ବିଶ୍ୱ ଚାମ୍ପିଅନ ଆନ୍ ସେ ୟଙ୍ଗ ମଧ ଟାଇଟଲର ଦାବିଦାର ଅଛନ୍ତି। ଏମାନଙ୍କ ବ୍ୟତୀତ ୩ଥରର ବିଶ୍ୱଚାମ୍ପିଅନ ଜାପାନର ଆକାନେ ୟାମାଗୁଚି, ଚୀନ୍‌ର ଦୁଇ ଖେଳାଳି ତଥା ପୂର୍ବତନ ନଂ-୧ ଓ ଚଳିତବର୍ଷର ଅଲ୍ ଇଂଲଣ୍ଡ ଚାମ୍ପିଅନ ୱାଙ୍ଗ ଝି ୟି ଏବଂ ଗତଥରର ରନର୍ସ ଅପ୍ ଚେନ୍ ୟୁଫେଇ ମଧ ଟାଇଟଲ ଦୌଡ଼ରେ ରହିଛନ୍ତି।

**ଭାରତରୁ ୧୬ ପ୍ରତିଯୋଗୀ**

ଏହି ପ୍ରତିଯୋଗିତାର ସମସ୍ତ ୫ଟି ବିଭାଗରେ ଭାରତର ୨ଜଣ କିମ୍ବା ୨ ଯୋଡା ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ସେମାନଙ୍କ ମଧ୍ୟରୁ ମହିଳା ଏକକରେ ପିଭି ସିନ୍ଧୁ ଓ ଉନ୍ନତି ହୁଦା, ପୁରୁଷ ଏକକରେ ଲକ୍ଷ୍ୟ ସେନ୍ ଓ ଆୟୁଷ ସେଟ୍ଟୀ ଭାଗନେଉଛନ୍ତି। ସେହିପରି ପୁରୁଷ ଯୁଗଳରେ ସାତ୍ୱିକ ସାଇରାଜ- ଚିରାଗ ସେଟ୍ଟୀ, ହରିହରନ- ଏମ୍‌ଆର ଅର୍ଜୁନ, ମହିଳା ଯୁଗଳରେ ତ୍ରିଶା ଜଲ୍ଲି- ଗାୟତ୍ରୀ ଗୋପୀଚାନ୍ଦ ଓ କେ. ସେଲଭାମ- ସିମରନ ସିଂଘି, ମିଶ୍ରିତ ଯୁଗଳରେ ଧ୍ରୁବ କପିଳା-ତନିଶା କ୍ରାଷ୍ଟୋ, ରୋହନ କପୁର- ଋତଭିକା ଶିବାନୀ ଗାଡେଙ୍କ ଯୋଡି ଭାଗନେଉଛନ୍ତି।

■ ଟରୋଣ୍ଟୋ ମାଷ୍ଟର୍ସ

## ରିବାକିନା-ସ୍ୱିଆଟେକ୍ ଫାଇନାଲ

ଟରୋଣ୍ଟୋ, ୧୩।୮ (ଏଜେନ୍ସି): ଦୁଇ କୋଟି ୩୮ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ଟରୋଣ୍ଟୋ ମାଷ୍ଟର୍ସ/କାନାଡିଆନ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ପୋଲାଣ୍ଡ ଲଳନା ଇଗା ସ୍ୱିଆଟେକ ଓ କାଜାଖସ୍ତାନର ଏଲିନା ରିବାକିନାଙ୍କ ମଧ୍ୟରେ ଶୁକ୍ରବାର ଫାଇନାଲ ମୁକାବିଲା ଖେଳାଯିବ। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ରିବାକିନା ୫-୭,





୬-୨, ୬-୨ ସେଟରେ ଚତୁର୍ଥ ସିଡ୍ ଆମେରିକାର କୋକୋ ଗଫ୍‌ଙ୍କୁ ପରାସ୍ତ କରିଥିଲେ। ସେହିଭଳି ଦ୍ୱିତୀୟ ସେମିଫାଇନାଲ ସ୍ୱିଆଟେକ ଓ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କ ମଧ୍ୟରେ ହୋଇଥିଲା। ସପ୍ତମ ସିଡ୍ ସ୍ୱିଆଟେକ୍ ଏହି ମ୍ୟାଚକୁ ୬-୩, ୧-୬, ୬-୩ ସେଟରେ ବିଜୟୀ ହୋଇ ଫାଇନାଲକୁ ଉଠିଥିଲେ। ଅପରପକ୍ଷରେ ଦୁଇ ଆମେରିକୀୟ ଖେଳାଳି ବେନ୍ ସେଲଟନ୍ ଓ ବ୍ରାଣ୍ଡନ ନାକାସିମାଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସ ଫାଇନାଲ ଖେଳାଯିବ।

ଏସିଆନ ଗେମ୍‌ସ କ୍ରିକେଟ

## ମେଡାଲ ମ୍ୟାଚ୍‌ରେ ଭାରତ-ପାକ୍ ମୁକାବିଲା

ନୂଆଦିଲ୍ଲୀ,୧୩।୮ (ଏଜେନ୍ସି)

ଜାପାନରେ ଖେଳାଯିବାକୁ ଥିବା ଏସିଆନ୍ ଗେମ୍ସ କ୍ରିକେଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ମେଡାଲ ମ୍ୟାଚ୍‌ରେ ହେବ। ଏହା ହୁଏତ ସ୍ୱର୍ଣ୍ଣ କିମ୍ବା କାଂସ୍ୟ ପଦକ ଲାଗି ହେବାକୁ ଥିବା ମୁକାବିଲାରେ ହୋଇପାରେ। ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ଯାଏ ଏସିଆନ୍ ଗେମ୍ସ ଜାପାନର ନାଗାୟୋଠାରେ ଆୟୋଜିତ ହେବ। କିନ୍ତୁ କ୍ରିକେଟ ଖେଳ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇ ଅକ୍ଟୋବର ୩ରେ ଶେଷ ହେବ। କ୍ରିକେଟରେ ଖେଳସୂଚୀ ଏପରି ସ୍ଥିର କରାଯାଇଛି ଯେ ପଦକ ଲାଗି ହେବାକୁ ଥିବା ମ୍ୟାଚ୍ ପୂର୍ବରୁ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ ନାହିଁ। ପ୍ରଥମେ ମହିଳା ବିଭାଗରେ ଖେଳ ସେପ୍ଟେମ୍ବର ୧୭ରୁ ଓ ପରେ ପୁରୁଷ ବିଭାଗରେ ମ୍ୟାଚ୍ ଖେଳାଯିବ।

ପୁରୁଷ ବିଭାଗରେ ୧୦ଟି ଦଳ ଭାଗନେଉଛନ୍ତି। ଫର୍ମାଟ ଅନୁଯାୟୀ ଭାରତ, ପାକିସ୍ତାନ, ବାଂଲାଦେଶ ଓ ଶ୍ରୀଲଙ୍କା ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବେ। ସେପ୍ଟେମ୍ବର ୨୮ରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ପାକିସ୍ତାନ ଓ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଭାରତ ଖେଳିବ। ଅକ୍ଟୋବର ୧ରେ ହେବାକୁ ଥିବା ସେମିଫାଇନାଲରେ କ୍ୱାର୍ଟର ୨ର ବିଜେତା କ୍ୱାର୍ଟର ୩ର ବିଜେତା ସହ ଏବଂ କ୍ୱାର୍ଟର ୧ର ବିଜେତା କ୍ୱାର୍ଟର ୪ର ବିଜେତା ସହ ଖେଳିବ। ଏଥିରୁ ସ୍ପଷ୍ଟ ହୋଇଛି ଯେ ଫାଇନାଲ ତଥା ସ୍ୱର୍ଣ୍ଣ ପଦକ କିମ୍ବା ତୃତୀୟ ସ୍ଥାନ (କାଂସ୍ୟ ପଦକ) ଲାଗି ହେବାକୁ ଥିବା ମୁକାବିଲା ପୂର୍ବରୁ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ ନାହିଁ। ଅକ୍ଟୋବର ୩ରେ ଦୁଇଟିଯାକ ମେଡାଲ ମ୍ୟାଚ୍ ଖେଳାଯିବ। ମହିଳା ବିଭାଗରେ ୮ଟି ଦଳ ଭାଗନେଉଥିଲାବେଳେ ସିଧାସଳଖ କ୍ୱାର୍ଟରଫାଇନାଲ ଖେଳିବେ। କ୍ୱାର୍ଟରରେ ଜାପାନ ସହ ଭାରତ ଖେଳିବ। ଖେଳସୂଚୀ ଅନୁଯାୟୀ ଭାରତ ସେମିଫାଇନାଲରେ ବାଂଲାଦେଶ କିମ୍ବା ହଂକଂ ଚାଇନା ସହ ମୁକାବିଲା କରିବ। ପୁରୁଷ ପରି ମହିଳା ବିଭାଗରେ ମଧ ପଦକ ଲାଗି ସେପ୍ଟେମ୍ବର ୨୨ରେ ହେବାକୁ ଥିବା ମ୍ୟାଚ୍ ପୂର୍ବରୁ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ ନାହିଁ।

## ଓଡ଼ିଶାର ସ୍ୱସ୍ତି ବର୍ଷର ଶ୍ରେଷ୍ଠ ସାଇକ୍ଲିଷ୍ଟ

ଭୁବନେଶ୍ୱର, ୧୩।୮ (ସମିସ): ଓଡ଼ିଶାର ସାଇକଲ ଚାଳିକା ସ୍ୱସ୍ତି ସିଂ ତାଙ୍କ କ୍ୟାରିୟରରେ ଆଉ ଏକ ବଡ଼ ସଫଳତା ପାଇଛନ୍ତି। ବର୍ଷ ୨୦୨୫



ଲାଗି ସ୍ୱସ୍ତି ଉଭୟ ଟ୍ରାକ୍ ଆଣ୍ଡ ରୋଡ୍ ଡିସିପ୍ଲିନରେ ଭାରତର ଶ୍ରେଷ୍ଠ ସାଇକ୍ଲିଷ୍ଟ ବିବେଚିତ ହୋଇଛନ୍ତି। ଭାରତୀୟ ସାଇକଲ୍ ମହାସଂଘ (ସିଏଫ୍‌ଆଇ) ପକ୍ଷରୁ ଏହି ଘୋଷଣା କରାଯାଇଛି। ୨୫ ବର୍ଷୀୟା ସ୍ୱସ୍ତିଙ୍କ ପାଇଁ ଏହା ପ୍ରମୁଖ ସଫଳତା ଓ ଜାତୀୟ ସ୍ୱୀକୃତି ବୋଲି କୁହାଯାଉଛି। ସ୍ୱସ୍ତି ଗତବର୍ଷ ଡିସେମ୍ବରରେ ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ ସିନିୟର ଟ୍ରାକ୍ ସାଇକ୍ଲିଂ ଚାମ୍ପିଅନସିପରେ ତିନୋଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ଜିତିଥିଲେ। ଯେଉଁଥି ପାଇଁ ତାଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ମହିଳା ସାଇକ୍ଲିଷ୍ଟ ଟ୍ରଫି ମିଳିଥିଲା। ସେହିଭଳି ୩୮ତମ ଜାତୀୟ କ୍ରୀଡ଼ାରେ ସେ ମୋଟ୍ ୫ଟି ପଦକ ବିଜୟୀ ହୋଇଥିଲେ। ଯେଉଁଥିରେ ଦୁଇଟି ଲେଖାଏ ରୌପ୍ୟ ଏବଂ କାଂସ୍ୟ ଓ ଗୋଟିଏ ସ୍ୱର୍ଣ୍ଣ ପଦକ ରହିଥିଲା। ଏଥିସହ ଗତ ମେ ମାସରେ ଉଜବେକିସ୍ତାନରେ ଅନୁଷ୍ଠିତ ଗ୍ରାଁପ୍ରି'ରେ ସେ ମହିଳା ୨୦ କିମି ମାଡିସନ ଇଭେଣ୍ଟରେ କାଂସ୍ୟ ପଦକ ଜିତି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଦେଶର ଶ୍ରେଷ୍ଠ ସାଇକ୍ଲିଷ୍ଟ ବିବେଚିତ ହୋଇଥିବାରୁ ସ୍ୱସ୍ତିଙ୍କ ଘରୋଇ ସହର ରାଉରକେଲାରେ ଖୁସିର ଲହରି ଖେଳିଯାଇଛି।

## ଅସ୍ମିତାଙ୍କୁ ଅଗରତାଲାରେ ମିଳିଲା ଜମି

ଅଗରତାଲା,୧୩।୮ (ଏଜେନ୍ସି): ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପ୍ରଥମ ଜୁଡୋ ଖେଳାଳିଭାବେ ପଦକ (ତାହା ପୁଣି ସ୍ୱର୍ଣ୍ଣ) ଜିତିଥିବା ତ୍ରିପୁରାର ଅସ୍ମିତା ଦେ'ଙ୍କୁ ମୁଖ୍ୟମନ୍ତ୍ରୀ ମାନିକ ସାହା ଅଗରତାଲାରେ ଘର କରିବା ଲାଗି ଏକ ଜମି ପ୍ରଦାନ କରିଛନ୍ତି। ଫଳରେ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ଏଥିଲାଗି ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ ମଧ ତାଙ୍କୁ ୧୦ ଲକ୍ଷ ଟଙ୍କାର ଏକ



ଚେକ୍ ପ୍ରଦାନ କରିଛନ୍ତି। ଭାରତର ଗୌରବ ବଢ଼ାଇବା ଲାଗି ସେ ଆହ୍ୱାନ ଦେଇଛନ୍ତି। ଦକ୍ଷିଣ ତ୍ରିପୁରାର ଏକ ଛୋଟ ଗାଁରେ ଜଣେ ସାଇକଲ ମିସ୍ତ୍ରୀର ଝିଅ ଭାବେ ଖେଳରେ ତିଷ୍ଠି ରହିବା କେତେ କଷ୍ଟକର ତାହା ଅସ୍ମିତା ବର୍ଣ୍ଣନା କରିଥିଲେ। ଝିଅ ସଫଳତା ପାଇଲାବେଳକୁ ପିତା ଆଉ ଇହଜଗତରେ ନାହାନ୍ତି। ଅସ୍ମିତା କିନ୍ତୁ ଉତ୍ତରପ୍ରଦେଶ ପୁଲିସ୍‌ରେ କନଷ୍ଟେବଲ ଭାବେ କାମ କରୁଛନ୍ତି। ତାଙ୍କୁ ସେଠାରେ ଡିଏସ୍‌ପି ପଦୋନ୍ନତି ଦିଆଯାଇଛି।

## ବ୍ରାଜିଲ ମୁକାବିଲା ଲାଗି ଆସିଆନ କପ୍‌ରୁ ଓହରିଲା ଭାରତ

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ୫ଥରର ବିଶ୍ୱଚାମ୍ପିଅନ ବ୍ରାଜିଲ ସହ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମୁକାବିଲା ଲାଗି ନୂଆକରି ଆୟୋଜିତ ହେଉଥିବା ଆସିଆନ୍ କପ୍‌ରୁ ଭାରତ ଓହରିଯାଇଛି। ସର୍ବ ଭାରତୀୟ ଫୁଟବଲ ମହାସଂଘ ଅନୁଯାୟୀ ଏକା ସାଙ୍ଗେ ଆମେ ଦୁଇଟି ମ୍ୟାଚ୍‌ରେ ଖେଳିବା ସମ୍ଭବ ନୁହେଁ। ଫିଫା ଦ୍ୱାରା ସ୍ୱୀକୃତି ପାଇଥିବା ଆସିଆନ କପ୍ ସେପ୍ଟେମ୍ବର ୨୧ରୁ ଅକ୍ଟୋବର ୬ ଯାଏ ଅନୁଷ୍ଠିତ ହେବ। ଏଥିରେ ଏସିଆର ଶ୍ରେଷ୍ଠ ଫୁଟବଲ ଟିମ୍ ମାଲେସିଆ, ଇଣ୍ଡୋନେସିଆ ଓ ସିଙ୍ଗାପୁର ସହ ଭାରତ ଗୋଟିଏ ଗ୍ରୁପ୍‌ରେ ଖେଳିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଅକ୍ଟୋବର ୩ରେ ବ୍ରାଜିଲ ସହ କୋଲକାତାର ସଲ୍ଟଲେକ୍ ଷ୍ଟାଡିୟମ୍‌ରେ ମ୍ୟାଚ୍ ଖେଳାଯିବା ସ୍ଥିର ହେବା ପରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରୁ ଓହରି ଆସିଛି। ବ୍ରାଜିଲ ବିପକ୍ଷ ଖେଳସୂଚୀ ଘୋଷଣା ହେବା ପରେ ଏକ 'ଏ' ଟିମ୍‌କୁ ମହାସଂଘ ଆସିଆନ କପ୍‌ରେ ଖେଳିବାକୁ ପଠାଇବ ବୋଲି କହିଥିଲା। କିନ୍ତୁ ଭିନ୍ନ ଭିନ୍ନ କାରଣରୁ ଏହାକୁ ପ୍ରତ୍ୟାହାର କରିନିଆଗଲା ବୋଲି କୁହାଯାଇଛି।

## ହାସନଙ୍କୁ ୬ ୱିକେଟ; ଅଷ୍ଟ୍ରେଲିଆ ୧୯୮ରେ ଆଉଟ

ଡାରୱିନ୍,୧୩।୮ (ଏଜେନ୍ସି)



୨୬ ବର୍ଷୀୟ ଡାହାଣହାତୀ ଫାଷ୍ଟ ବୋଲର ହାସନ ମାମୁଦଙ୍କ ଘାତକ ବୋଲିଂ ବଳରେ ଏଠାରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ବାଂଲାଦେଶ ଦମ୍‌ଦାର ପ୍ରଦର୍ଶନ କରିଛି। ମାମୁଦ୧୭ ଓଭରରେ ୫୫ ରନ୍ ଦେଇ ୬ଟି ୱିକେଟ ଅକ୍ତିଆର କରିବା ଫଳରେ ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୫୩ ଓଭରରେ ୧୯୮ ରନ୍ କରି ପ୍ରଥମ ଇନିଂସରେ ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ କେବଳ ଷ୍ଟିଭେନ ସ୍ମିଥ ୭୧ ରନ୍ କରି କିଛିଟା ଲଢ଼େଇ କରିଥିଲେ। ଦୁଇ ଓପନର ଜେକ୍ ୱିଥରଲାଡ୍ ୨୩ ଓ ଟ୍ରାଭିସ୍ ହେଡ ୨୨ ରନ୍ କରିଥିଲେ। ବାଂଲାପକ୍ଷରୁ ଅନ୍ୟ ଦୁଇ ଫାଷ୍ଟ ବୋଲି ତସ୍କିନ ଅହମ୍ମଦ୍ ଓ ଏବାଦତ ହୋସେନ ୨ଟି ଲେଖାଏଁ ୱିକେଟ ପାଇଥିଲେ।


ଜବାବରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ବାଂଲାଦେଶ ପ୍ରଥମ ଇନିଂସରେ ୨୪ ଓଭର ଖେଳି ସଦମାନ ଇସ୍‌ଲାମ (୨୦)ଙ୍କ ୱିକେଟ ହରାଇ ୯୬ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ତିନଜିଦ୍ ହାସନ ୩୨ ଓ ମୋମିନୁଲ ହକ୍ ୩୫ ରନ୍‌ରେ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ପ୍ରଖ୍ୟାତ ୪ଜଣ ବୋଲର ୨୧ ଓଭର ବୋଲିଂ କରି ଗୋଟିଏ ୱିକେଟ ନେବାରେ ସଫଳ ହୋଇଥିଲେ।

## ରେକର୍ଡ ରନ ସହ ଆଫଗାନିସ୍ତାନର ସିରିଜ କବ୍‌ଜା

ବେଲ୍‌ଫାଷ୍ଟ, ୧୩।୮ (ଏଜେନ୍ସି): ଆୟର୍ଲାଣ୍ଡ ଗସ୍ତରେ ଯାଇଥିବା ଆଫଗାନିସ୍ତାନ କ୍ରିକେଟ୍ ଦଳ ଗୋଟିଏ ମ୍ୟାଚ୍ ବାକିଥାଇ ଦିନିକିଆ ସିରିଜକୁ ଆଗୁଆ କବ୍‌ଜା କରିନେଇଛି। ଏଠାରେ ଗତକାଲି ରାତିରେ ଖେଳାଯାଇଥିବା ଚତୁର୍ଥ ଦିନିକିଆ ମ୍ୟାଚରେ ଆଫଗାନିସ୍ତାନ ୪୨ ରନରେ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ଏଥିସହ ୩-୦ରେ ଆଗୁଆ ସିରିଜ ହାତେଇ ନେଇଛି। ଅନ୍ତିମ ତଥା ୫ମ ଦିନିକିଆ ଶନିବାର ଖେଳାଯିବ। ପୂର୍ବରୁ ପ୍ରଥମ ଦିନିକିଆ ବର୍ଷା ଲାଗି ବାତିଲ ହୋଇଥିବାବେଳେ ପରବର୍ତ୍ତୀ ଦୁଇଟି ମ୍ୟାଚକୁ ୯୨ ରନ ଓ ୩ ୱିକେଟରେ ବିଜୟୀ ହୋଇଥିଲା। ଚତୁର୍ଥ ଦିନିକିଆରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଆଫଗାନିସ୍ତାନ ୯ ୱିକେଟ୍‌ରେ ୩୪୩ ରନର ରେକର୍ଡ ସ୍କୋର କରିଥିଲା। ଓପନର୍ ଇବ୍ରାହିମ ଜର୍ଦାନ (୧୦୭) ଓ ସେଦିକୁଲ୍ଲା ଅଟଳ (୧୪୩) ଦମ୍‌ଦାର ଶତକୀୟ ପାଳି ଖେଳିଥିଲେ। ଫଳରେ ଦିନିକିଆ କ୍ରିକେଟରେ ଆଫଗାନିସ୍ତାନର ଏହା ସର୍ବବୃହତ୍ ସ୍କୋର କରିଥିଲା। ଜବାବରେ ଓପନର୍ ଆଣ୍ଡ୍ରିଉ ବଲର୍ବିନ (୧୦୯)ଙ୍କ ଶତକ ସତ୍ତ୍ୱେ ଆୟର୍ଲାଣ୍ଡ ୪୮ ଓଭରରେ ୩୦୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଆଫଗାନିସ୍ତାନ ପକ୍ଷରୁ ୟାମିନ ଅହମ୍ମଦାଜାଇ ୪ ଓ ରଶିଦ ଖାନ ୩ଟି ୱିକେଟ୍ ନେଇଥିଲେ।

## ପିତାଙ୍କ ମୃତ୍ୟୁର ୪ ଦିନ ପରେ ଖେଳିଲେ ମେସି

ମିଆମି,୧୩।୮ (ଏଜେନ୍ସି): ପିତା, ବନ୍ଧୁ, ମ୍ୟାନେଜର ଓ ଦିଗଦର୍ଶକ ଜୋର୍ଜ ମେସିଙ୍କ ବିୟୋଗର ୪ ଦିନ ପରେ ଲିଓନେଲ ମେସି ନିଜ କ୍ଲବ୍ ଇଣ୍ଟର ମିଆମି ପକ୍ଷରୁ ଫୁଟବଲ ଖେଳିଥିଲେ। କିନ୍ତୁ ଏହି ମ୍ୟାଚରେ ପ୍ରତିପକ୍ଷ ଦଳ ଲିଅନ ୩-୨ ଗୋଲ୍‌ରେ ଜିତିବା ପରେ ଇଣ୍ଟର ମିଆମିର ନକ୍‌ଆଉଟ୍ ଖେଳିବା ଆଶା ଧୂଳିସାତ ହୋଇଯାଇଥିଲା। ଅଗଷ୍ଟ ୬ରେ ପିତା ଜୋର୍ଜଙ୍କ ପରଲୋକ ହେବାରୁ ମେସି ନିଜ ହୋମ୍ ଟାଉନ୍ ଆର୍ଜେଣ୍ଟିନାର ରୋଜାରିଓକୁ ଯାଇଥିଲେ। ସେଠାରେ ଅନ୍ତ୍ୟେଷ୍ଟି କ୍ରିଆ ଶେଷ କରିଥିଲେ ମଧ



ଫୁଟବଲ ପଡ଼ିଆକୁ କେବେ ଫେରିବେ ସେ କହିପାରିବେ ନାହିଁ ବୋଲି ପ୍ରକାଶ କରିଥିଲେ। କିନ୍ତୁ ଏହି ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଜଣେ ବଦଳ ଖେଳାଳିଭାବେ ଆସି ସେ ସମସ୍ତଙ୍କୁ ଚକିତ କରିଦେଇଥିଲେ। ମେସି ପଡ଼ିଆକୁ ପଶିବା ପରେ ଷ୍ଟାଡିୟମ୍‌ରେ ଉପସ୍ଥିତ ଉଭୟ ଦଳର ସମର୍ଥକ ଛିଡ଼ା ହୋଇ କରତାଳି ଦ୍ୱାରା ତାଙ୍କୁ ସ୍ୱାଗତ ଓ ଉତ୍ସାହିତ କରିଥିଲେ।

ଦିନକ ପରେ ହକି ବିଶ୍ୱକପ୍

## '୭୫'ର ଖୁସି ଆଶାରେ ଭାରତ

ନୂଆଦିଲ୍ଲୀ,୧୩।୮ (ଏଜେନ୍ସି)

ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ର ଷୋଡଶ ସଂସ୍କରଣ ବେଲ୍‌ଜିୟମ ଓ ନେଦରଲ୍ୟାଣ୍ଡସରେ ଅଗଷ୍ଟ ୧୫ରୁ ୩୦ ଯାଏ ଖେଳାଯିବ। ଏହା ପୂର୍ବରୁ ଖେଳାଯାଇଥିବା ବିଶ୍ୱକପ୍‌ରେ ଭାରତୀୟ ପୁରୁଷ ଦଳ ଥରେ ମାତ୍ର ଚାମ୍ପିଅନ ହୋଇଛନ୍ତି। ମାଲେସିଆରେ ୧୯୭୫ ବିଶ୍ୱକପ୍‌ରେ ଭାରତ ୩-୨ ଗୋଲରେ ପାକିସ୍ତାନକୁ ହରାଇ ଚାମ୍ପିଅନ ହୋଇଥିଲା। ଏହା ପୂର୍ବରୁ ୧୯୭୩ରେ ରୌପ୍ୟ ଓ ୧୯୭୧ର ପ୍ରଥମ ବିଶ୍ୱକପ୍‌ରେ କାଂସ୍ୟ ଜିତିଥିଲା। ୧୯୭୫ ପରେ ଭାରତ ଟାଇଟଲ ଜିତିବା ତ ଦୂରର କଥା ଶେଷ ୧୨ଟି ବିଶ୍ୱକପ୍‌ରେ ଭାରତୀୟ ପୁରୁଷ ଦଳ ଥରେ ହେଲେ ସେମିଫାଇନାଲରେ ମଧ ପ୍ରବେଶ କରିପାରି ନାହିଁ। ତେଣୁ ୫୧ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତ ଏଥର ପଦକ ଆଶାରେ ରହିଛି। ଅପରପକ୍ଷରେ ଭାରତୀୟ ମହିଳା ଦଳ ୧୯୭୪ରେ ସେମିଫାଇନାଲ ଖେଳିବା ଦଳର ଶ୍ରେଷ୍ଠ ସଫଳତା। ପୁରୁଷ ଦଳ ୧୯୭୮ରେ ଷଷ୍ଠ, ୧୯୮୨ରେ ପଞ୍ଚମ, ୧୯୮୬ରେ ଦ୍ୱାଦଶ, ୧୯୯୦ରେ ଦଶମ, ୧୯୯୪ରେ ପଞ୍ଚମ, ୧୯୯୮ରେ ନବମ, ୨୦୦୨ରେ ଦଶମ, ୨୦୦୬ରେ ଏକାଦଶ, ୨୦୧୦ରେ ଅଷ୍ଟମ, ୨୦୧୪ରେ ନବମ, ୨୦୧୮ରେ ଷଷ୍ଠ ଓ ୨୦୨୩ରେ ୯ମ ସ୍ଥାନ ଅଧିକାର କରିଥିଲା। ଭାରତୀୟ ମହିଳା ଦଳ ୧୯୭୬, ୧୯୮୧, ୧୯୮୬, ୧୯୯୦, ୧୯୯୪, ୨୦୦୨ ଓ ୨୦୧୪ରେ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିପାରି ନାହିଁ। ଅନ୍ୟ ସଂସ୍କରଣ ମଧ୍ୟରୁ ୧୯୭୮ରେ ୭ମ, ୧୯୮୩ରେ ଏକାଦଶ, ୧୯୯୮ରେ ଦ୍ୱାଦଶ, ୨୦୦୬ରେ ଏକାଦଶ, ୨୦୧୦ରେ ନବମ, ୨୦୧୮ରେ ଅଷ୍ଟମ ଓ ୨୦୨୨ରେ ଦଶମ ସ୍ଥାନ ଅଧିକାର କରିଥିଲା।

ଟେଷ୍ଟ ଲଢ଼େଇ ଲାଗି ଜୋରଦାର୍ ଅଭ୍ୟାସ

## ଗଲ୍‌ରେ ଗିଲ୍-ଗମ୍ଭୀରଙ୍କ ସ୍ପିନ୍ ଟେଷ୍ଟ

ଗଲ୍,୧୩।୮ (ଏଜେନ୍ସି): ଶ୍ରୀଲଙ୍କା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଅଗଷ୍ଟ ୧୫ରୁ ଆରମ୍ଭ ହେବାକୁଯାଉଛି। ସଂଖ୍ୟା ଦୃଷ୍ଟିରୁ ଏହା ହୁଏତ ନଗଣ୍ୟ ହୋଇପାରେ, କିନ୍ତୁ ଟେଷ୍ଟ କ୍ରିକେଟରେ ସ୍ପିନରଙ୍କୁ ମୁକାବିଲା କରିବା ଲାଗି ଯେଉଁ ଟେକନିକ୍ ଆବଶ୍ୟକ ତାହାର ପ୍ରକୃତ ପରୀକ୍ଷା ଏଠାରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଓ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ ଦେବାକୁ ହେବ। ସ୍ପିନ ପିଚ୍ ଓ ସ୍ପିନରଙ୍କ ବିପକ୍ଷରେ ଦମ୍‌ର ସହ ଖେଳିବା ଭାରତର ପରିଚୟ ଥିଲା। କିନ୍ତୁ ଗତ ଦୁଇ ବର୍ଷରେ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକାଠାରୁ ଘରୋଇ ମାଟିରେ ପରାଜିତ ହେବାପରେ ଭାରତର ସ୍ପିନ୍ ଦୁର୍ଗ ଭୁଷୁଡି ପଡ଼ିଛି। ଏଭଳି ସମୟରେ ବିରାଟ କୋହଲି, ରୋହିତ ଶର୍ମା, ଚେତେଶ୍ୱର ପୂଜାରା ଓ ଆଜିଙ୍କ୍ୟ ରାହାଣେଙ୍କୁ ନେଇ ଗତ ଏକ ଦଶନ୍ଧି ଭାରତ ଟେଷ୍ଟରେ ଯେଉଁ ଦମ୍ ଦେଖାଉଥିଲା ତାହା ଆଉ ସମ୍ଭବ ହେଉନାହିଁ। ଏହାର କାରଣ ହେଲା ଉପରୋକ୍ତ ଟେଷ୍ଟ ବିଶାରଦଙ୍କ ଅବସର। ଏବେ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଏକପ୍ରକାର ନୂଆ ଦଳ ଟେଷ୍ଟ ଖେଳୁଛି। ସାମ୍ପ୍ରତିକ ବିଶ୍ୱ କ୍ରିକେଟରେ ଏତେ ସଂଖ୍ୟାରେ ସୀମିତ ଓଭର କ୍ରିକେଟ ଖେଳାଯାଉଥିଲାବେଳେ ଭାରତର ଅନ୍ତର୍ଜାତୀୟ ଖେଳାଳିମାନେ ଘରୋଇ କ୍ରିକେଟ ଖେଳି ସେମାନଙ୍କ ସ୍ପିନ୍ ଦକ୍ଷତା ବୃଦ୍ଧି କରିବାରେ ସମର୍ଥ ହୋଇପାରୁ ନାହାନ୍ତି। ଯାହା



ଦେବଦତ୍ତ ପାଡିକଲ୍‌ଙ୍କ ଅଭ୍ୟାସ

ଫଳରେ ସେମାନେ ଗତ ଦୁଇ ବର୍ଷରେ ସ୍ପିନ୍ ଟେଷ୍ଟରେ ଫେଲ୍ ମାରିଛନ୍ତି। ଅଗଷ୍ଟ ୧୫ରୁ ଯେଉଁଠାରେ ଭାରତ ଟେଷ୍ଟ ଖେଳିବାକୁ ଯାଉଛି, ସେଠାରେ ସ୍ପିନରଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ଏବେ ଘରୋଇ ଶ୍ରୀଲଙ୍କା ଦଳରେ ବିଶ୍ୱସ୍ତରୀୟ ସ୍ପିନର ନାହାନ୍ତି ସତ, କିନ୍ତୁ ଯେଉଁମାନେ ବି ଅଛନ୍ତି ସେମାନଙ୍କୁ ମୁକାବିଲା କରିବା ଲାଗି ଭାରତୀୟ ବ୍ୟାଟରମାନେ ଟେକନିକାଲି ସମର୍ଥ ନୁହଁନ୍ତି। ଟପ୍ ଅର୍ଡରରେ ଗିଲ୍, ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲଙ୍କ ସହ ୱିକେଟ ରକ୍ଷକ ଋଷଭ ପନ୍ତ୍ ଯଦି କିଛି ପରିମାଣରେ ସଫଳ ହୁଅନ୍ତି, ତେବେ ଭାରତର ଶ୍ରୀଲଙ୍କା ଟେଷ୍ଟ ସଫଳ ହୋଇପାରେ। ସେ ଯାହା ହେଉ ଦଳକୁ ସଫଳତା ପାଇବାକୁ ହେଲେ ଉଭୟ ଧୈର୍ଯ୍ୟ ଓ ଟେକ୍‌ନିକ୍‌ର ମିଶ୍ରଣ କରିବାକୁ ହେବ ନିଶ୍ଚୟ।

### ୩ ବାମହାତୀ ସ୍ପିନର ଖେଳିପାରନ୍ତି

ଏହି ଟୁର୍ ଲାଗି ଭାରତୀୟ ଦଳରେ ୪ଜଣ ସ୍ପିନରଙ୍କ ମଧ୍ୟରୁ ୩ଜଣ ବାମହାତୀ ରହିଛନ୍ତି। କିନ୍ତୁ ଏହି ୩ ଜଣ ଭିନ୍ନ ଧରଣର ସ୍ପିନର। ଶ୍ରୀଲଙ୍କା ଇନିଂସର ୨୦ଟିଯାକ ୱିକେଟ ନେବା ଲାଗି ଏମାନେ ସମର୍ଥ ହୋଇପାରିବେ ବୋଲି ଗଲ୍‌ରେ ଆଜି ଜୋରଦାର ଅଭ୍ୟାସ ପରେ ବୋଲିଂ କୋଚ୍ ମୋର୍ଣ୍ଣ ମୋର୍କେଲ କହିଛନ୍ତି। ତାଙ୍କ କହିବା କଥା ହେଲା ଅଭିଜ୍ଞ ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ ଓ ମାନବ ସୁତାରଙ୍କ ବୋଲିଂ ଶୈଳୀ ଭିନ୍ନ। ଏଣୁ ସେମାନଙ୍କୁ ଏକ ସଙ୍ଗେ ଖେଳାଇଲେ ପ୍ରତିପକ୍ଷ ଦଳକୁ ଫାଇଦା କମ୍ ମିଳିବ। ଏଠାରେ ଭାରତର ଦୁଇଟି ସମସ୍ୟା ରହିଛି। ଗୋଟିଏ ହେଉଛି ବର୍ଷା ଏବଂ ଅନ୍ୟଟି ହେଉଛି ଅସହ୍ୟ ଗରମ। ବର୍ଷା ହେଲେ କୁକାବୁରା ବଲ ଅଳ୍ପ ସମୟ ମଧ୍ୟରେ ନରମ ହୋଇଯିବ। ସ୍ପିନରଙ୍କୁ ଏହା ସୁହାଇ ନ ପାରେ, କିନ୍ତୁ ବଲ ରିଭର୍ସ ସୁଇଂ ହେବ। ଏଭଳି ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିବା ସୁବିଧାଜନକ। କିନ୍ତୁ ବୋଲିଂ କରିବାକୁ ପଡ଼ିଲେ, ବୋଲରମାନେ ଶୃଙ୍ଖଳିତ ହୋଇ ଠିକଣା ସ୍ଥାନରେ ବଲ ପକାଇବାକୁ ପଡ଼ିବ। ଏହି ପିଚ୍‌ରେ ଖେଳର ପ୍ରଥମ ଦୁଇଦିନ ବ୍ୟାଟରଙ୍କୁ ସୁହାଇଥାଏ। ବୋଲିଂ କରିବାକୁ ସୁଯୋଗ ମିଳିଲେ ବୋଲରଙ୍କ ଦାୟିତ୍ୱ ବଢିବ। ଯାହା ଫଳରେ ମ୍ୟାଚର ଫଳାଫଳ ନିଜ ସପକ୍ଷରେ ଯାଇପାରିବ ବୋଲି ମୋର୍କେଲ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS